

ସବୁଜ ଇସ୍ପାତ ଉତ୍ପାଦନ ଉପରେ ଗୁରୁତ୍ୱ |୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ଟ୍ରୋଲରସ୍‌ଙ୍କୁ ଜରୀନଙ୍କ କଡ଼ା ଜବାବ |୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୧୯ Vol. 22 No-119 29 JULY 2025 TUESDAY, BHUBANESWAR ମଙ୍ଗଳବାର, ୨୯ ଜୁଲାଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଲୋକସଭାରେ ଅପରେସନ ସିନ୍ଦୂର ନେଇ ମହାବିତର୍କ

# ଆତଙ୍କୀଙ୍କୁ ଧୂଳି ଚଟାଇଛି ସେନା



- ଆଲୋଚନା ଆରମ୍ଭ କଲେ ରାଜନାଥ
- ବିରୋଧୀଙ୍କୁ ନିଶାନା କରି ବର୍ଷିଲେ
- ଟ୍ରମ୍ପଙ୍କ ଦାବିକୁ କଲେ ଅସ୍ୱୀକାର
- ଆଜି ବକ୍ତବ୍ୟ ରଖିବେ ପ୍ରଧାନମନ୍ତ୍ରୀ
- ରାଜ୍ୟସଭାରେ ବି ହେବ ୧୬ ଘଣ୍ଟିଆ ବିତର୍କ

ନୂଆଦିଲ୍ଲୀ, ୨୮।୭: ଜାମ୍ମୁକାଶ୍ମୀରର ପହଲଗାମ ନରସଂହାର ବଦଳା ନେବାପାଇଁ ଭାରତୀୟ ସେନା ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀଙ୍କ ବିରୋଧରେ କରିଥିବା ଅପରେସନ ସିନ୍ଦୂରକୁ ନେଇ ସୋମବାର ଲୋକସଭାରେ ମହାବିତର୍କ ଆରମ୍ଭ ହୋଇଛି। ବିରୋଧୀଙ୍କ ହୋହଲ୍ଲା, ହଙ୍ଗାମା ଓ ନାରାବାଜୀ ମଧ୍ୟରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ସରକାରଙ୍କ ପକ୍ଷରୁ ଅପରେସନ ସିନ୍ଦୂରର ସଫଳତା ନେଇ ମନ୍ତବ୍ୟ ରଖିଛନ୍ତି। ଆଲୋଚନା ଆରମ୍ଭ କରି ରାଜନାଥ ସେନାର ସାହସିକତାକୁ ପ୍ରଶଂସା କରିବା ସହ କହିଥିଲେ ଯେ ମଇ ୬-୭ ତାରିଖ ରାତିରେ ଭାରତୀୟ ସେନା ଏହି ଐତିହାସିକ ଅପରେସନ କରିଥିଲା। ପହଲଗାମ ଆତଙ୍କବାଦୀ ଆକ୍ରମଣରେ ଲୋକଙ୍କୁ ସେମାନଙ୍କ ଧର୍ମ ପଚାରି ହତ୍ୟା କରାଯାଇଥିଲା। ଏହା ଅମାନବିକତାର ସବୁଠାରୁ ବଡ଼ ଉଦାହରଣ। ଏହାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୩ ସେନା ମୁଖ୍ୟଙ୍କ ସହ ବୈଠକ କରି ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁମତି ଦେଇଥିଲେ। ଆମେ ଆତଙ୍କବାଦୀଙ୍କୁ ସେମାନଙ୍କ ଘରେ ପଶି ହତ୍ୟା କରିଛୁ। ସେନା ଆମର ମା ଭଉଣୀଙ୍କ ସିନ୍ଦୂରର ପ୍ରତିଶୋଧ ଆତଙ୍କବାଦୀଙ୍କଠାରୁ ନେଇଛି। କାରଣ ● ପୃଷ୍ଠା ୫ ଦେଖନ୍ତୁ

### ଅପରେସନ୍ ମହାଦେବ

## ପହଲଗାମ ଆକ୍ରମଣ ମାଷ୍ଟରମାଇଣ୍ଡ ନିହତ

ଶ୍ରୀନଗର, ୨୮।୭: ସଫଳ ହେଲା ଭାରତୀୟ ସେନାର ଅପରେସନ ମହାଦେବ। ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହୋଇଛନ୍ତି ୩ ଆତଙ୍କବାଦୀ। ସେମାନଙ୍କ ମଧ୍ୟରେ ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଲସ୍କର-ଏ-ତୋଏବାର ଶୀର୍ଷ କମାଣ୍ଡର ହାସିମ ମୁସା ରହିଥିବା ସୂଚନା ମିଳିଛି। ତା'ର ମୁଣ୍ଡପାଇଁ ୨୦ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ହାସିମ ସହ ଆଉ ଦୁଇଜଣ ଆତଙ୍କବାଦୀ ମଧ୍ୟ ନିହତ ହୋଇଛନ୍ତି। ଶ୍ରୀନଗରର ଦାଚିଗାମ୍ ନିକଟରେ ଏହି ଏନକାଉଣ୍ଟର ହୋଇଥିଲା। ସେମାନଙ୍କଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରାଯାଇଛି। ଆଉକିଛି ଆତଙ୍କବାଦୀ ଲୁଚି ରହିଥିବା ସନ୍ଦେହରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି। ହାସିମ ପୂର୍ବରୁ ପାକିସ୍ତାନ ସେନାରେ କାର୍ଯ୍ୟ କରୁଥିଲା। ୨୦୨୨ରେ ସେ ଭାରତରେ ଅନୁପ୍ରବେଶ କରି ଲସ୍କରରେ ଯୋଗ ଦେଇଥିଲା। ପହଲଗାମ ଆକ୍ରମଣ ଷଡ଼ଯନ୍ତ୍ର କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଗତ ଏପ୍ରିଲ ୧୫ ତାରିଖରୁ ବୈଶାରଣ ଘାଟିରେ ଉପସ୍ଥିତ ରହି ୭ ଦିନ ଧରି ରେକି କରିଥିଲା।

### ଗୋପାଳପୁର ଗଣଦୁଷ୍କର୍ମ ମାମଲା

## ଚାର୍ଜସିଟ୍ ଦାଖଲ କଲା କ୍ରାଇମ୍‌ବ୍ରାଞ୍ଚ



ଗୋପାଳପୁର, ୨୮।୭(ଭାସ୍କର ନ୍ୟୁଜ): ବହୁଚର୍ଚ୍ଚିତ ଗୋପାଳପୁର ଗଣଦୁଷ୍କର୍ମ ମାମଲାର ଚାର୍ଜସିଟ୍ ସୋମବାର କ୍ରାଇମବ୍ରାଞ୍ଚ ଦାଖଲ କରିଛି। ବ୍ରହ୍ମପୁର ସ୍ଥିତ ଏସଡିଜେଏମ୍‌ଙ୍କ କୋର୍ଟରେ ୫୭୪ ପୃଷ୍ଠାର ଏହି ଚାର୍ଜସିଟ୍ ଦାଖଲ କରାଯାଇଛି। ଗତ ଜୁନ୍ ୧୭ ତାରିଖରେ କ୍ରାଇମବ୍ରାଞ୍ଚ ଏହି ମାମଲାର ତଦନ୍ତ ଦାୟିତ୍ୱ ନିଜ ହାତକୁ ନେଇଥିଲା। ଏଥିପୂର୍ବରୁ ଗୋପାଳପୁର ପୋଲିସ ଏହାର ତଦନ୍ତ କରୁଥିଲା। କ୍ରାଇମବ୍ରାଞ୍ଚ ତଦନ୍ତ ଦାୟିତ୍ୱ ନେବାପରେ ଗିରଫ ଅଭିଯୁକ୍ତଙ୍କୁ କ୍ରାଇମ ସ୍ପଟ୍‌କୁ ନେଇ ଛାନଭିନ୍ କରିଥିଲା। ସୂଚନାଯୋଗ୍ୟ ଯେ ଜୁନ୍ ୧୫ ତାରିଖ ରାତିରେ ଗୋପାଳପୁର ବେଳାଭୂମିରେ ଏହି ଅଭାବନୀୟ ଘଟଣା ଘଟିଥିଲା। ବେଳାଭୂମିରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଯୁବତୀ ଜଣକ ନିଜ ପୁରୁଷ ବନ୍ଧୁଙ୍କ ସହ ବେଳାଭୂମି ବୁଲିବାକୁ ଯାଇଥିବାବେଳେ କିଛି ଦୁର୍ବୃତ୍ତ ପୁରୁଷ ବନ୍ଧୁଙ୍କୁ କାବୁ କରି ଯୁବତୀଙ୍କୁ ଗଣଦୁଷ୍କର୍ମ କରିଥିଲେ। ପୀଡ଼ିତାଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ କରି ୧୦ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରେ ୪ଜଣ ନାବାଳକ ଥିବା ପୋଲିସ ସୂଚନା ଦେଇଥିଲା। ଚାର୍ଜସିଟ୍ ଦାଖଲ ପରେ କ୍ରାଇମବ୍ରାଞ୍ଚ ଏଡିଜି ବିନୟତୋଷ ମିଶ୍ର କହିଛନ୍ତି ଯେ ଗୋପାଳପୁର ଗଣଦୁଷ୍କର୍ମ ଘଟଣାରେ ଏସଡିଜେଏମ୍‌ଙ୍କ କୋର୍ଟରେ ଚାର୍ଜସିଟ୍ ଦାଖଲ କରାଯାଇଛି। ଚାର୍ଜସିଟ୍ ଦାଖଲ କରିବା କ୍ରାଇମବ୍ରାଞ୍ଚର ପ୍ରାଥମିକତା ରହିଥିଲା। ଅପରାଧୀମାନଙ୍କ ମନରେ ଭୟ ସୃଷ୍ଟି କରିବା ସହ ଅପରାଧୀମାନେ ● ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ସିଡିଏସ୍‌ଙ୍କୁ ଭେଟିଲେ ରାଜ୍ୟପାଳ

ନୂଆଦିଲ୍ଲୀ, ୨୮।୭: ଦିଲ୍ଲୀ ଗସ୍ତରେ ଥିବା ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ସୋମବାର ସିଡିଏସ୍ ଜେନେରାଲ ଅନୀଲ ଚୌହାନଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିବା ସୂଚନା ମିଳିଛି। ବିଶେଷକରି ପ୍ରତିରକ୍ଷା, ଜାତୀୟ ସୁରକ୍ଷା ଏବଂ ନାଗରିକ-ସାମରିକ ସମନ୍ୱୟ ଉପରେ ଆଲୋଚନା ହୋଇଥିବା ସୂଚନା ମିଳିଛି।

### ବିଷ୍ଣୁପଦ ସେଠୀଙ୍କ ଆଗୁଆ ଜାମିନ ଖାରଜ

କଟକ, ୨୮।୭(ଭାସ୍କର ନ୍ୟୁଜ): ୧୦ଲକ୍ଷ ଟଙ୍କା ଲାଞ୍ଚ ମାମଲାରେ ସିବିଆଇ ଗିରଫଦାରୀରୁ ବର୍ତ୍ତିବା ପାଇଁ ବରିଷ୍ଠ ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀ ହାଇକୋର୍ଟରେ ଯେଉଁ ଆଗୁଆ ଜାମିନ ଆବେଦନ କରିଥିଲେ ତାହା ସୋମବାର ଖାରଜ ହୋଇଯାଇଛି। ଫଳରେ ତାଙ୍କ ପାଇଁ ଅଡୁଆ ବଢ଼ିଯାଇଛି। ଏହି ମାମଲାରେ ହାଇକୋର୍ଟ ପୂର୍ବରୁ ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ।


### ଏସ୍‌ସିବିରୁ ଘରକୁ ଗଲେ ଜ୍ୟୋତିରଞ୍ଜନ

କଟକ, ୨୮।୭(ଭାସ୍କର ନ୍ୟୁଜ): ବହୁଚର୍ଚ୍ଚିତ ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ଉଦ୍ଧାର କରିବାକୁ ଯାଇ ଗୁରୁତର ହୋଇଥିବା ସହପାଠୀ ଜ୍ୟୋତିରଞ୍ଜନ ବିଶ୍ୱାଳ, ଯିଏକି ଏସ୍‌ସିବିର ବର୍ଣ୍ଣ ୱାର୍ଡରେ ଚିକିତ୍ସିତ ହେଉଥିଲେ, ସୋମବାର ସେ ସୁସ୍ଥ ହେବାପରେ ଡିସ୍‌ଚାର୍ଜ ହୋଇଛନ୍ତି। ଏଥିସହ ତାଙ୍କ ବାପା-ମାଆଙ୍କ ସହିତ ସେ ଘରକୁ ଫେରିଯାଇଥିବା ସୂଚନା ମିଳିଛି। ଏହି ଘଟଣାରେ ସୌମ୍ୟାଶ୍ରୀଙ୍କର ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା।

ସେନ୍‌ସେକ୍ସ: ୮୦,୮୯୧.୦୨
ସର୍ବାଧିକ: ୩୨ ଡିଗ୍ରୀ
ସର୍ବନିମ୍ନ: ୨୭ ଡିଗ୍ରୀ

**୨୮।୭।୨୦୨୫ ର ମତାମତ**

ମାଓବାଦୀଙ୍କ ଦବ୍‌ଦବା ସୁରକ୍ଷା କର୍ମୀ ରୋକିବା ସମ୍ଭବ କି?




**ଆଜିର ପ୍ରସଙ୍ଗ**

ପହଲଗାମ ଆକ୍ରମଣରେ ଅନ୍ୟ ଆତଙ୍କୀଙ୍କୁ ଏନ୍‌କାଉଣ୍ଟର କରାଯିବା ଉଚିତ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

### ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

## ଲୋକଙ୍କ ସୁଖଦୁଃଖରେ 'ଲୋକଙ୍କ ସରକାର'



- ଦ୍ୱାଦଶ ପାଳିସୁଦ୍ଧା ୯୧% ଅଭିଯୋଗର ସମାଧାନ
- ୫୧ଜଣଙ୍କୁ ୫୫ଲକ୍ଷ ଟଙ୍କା ସହାୟତା ପ୍ରଦାନ
- ୯ ମନ୍ତ୍ରୀ, ଶାସନ ସଚିବ ପ୍ରମୁଖ ଶୁଣିଲେ ଅଭିଯୋଗ

ଭୁବନେଶ୍ୱର, ୨୮।୭(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସୋମବାର ଥିଲା ୧୩ତମ ପାଳି। ଭୁବନେଶ୍ୱର ୟୁନିଟ-୨ ଠାରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ସମସ୍ୟା ଓ ଦୁଃଖ ଶୁଣିବା ସହିତ ଏହାର ସମାଧାନ ଓ ପ୍ରତିକାର ପାଇଁ ଆବଶ୍ୟକୀୟ ପଦକ୍ଷେପ ନେଇଛନ୍ତି। ପ୍ରତିଥର ଭଳି ମୁଖ୍ୟମନ୍ତ୍ରୀ ପୂର୍ବାହ୍ନରେ ପ୍ରଥମେ ଆସି ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ବାହାରେ ଅପେକ୍ଷା କରିଥିବା ଦିବ୍ୟାଙ୍ଗ ଅଭିଯୋଗକାରୀଙ୍କୁ ଜଣ ଜଣ କରି ଭେଟିଥିଲେ ଏବଂ ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀମାନଙ୍କ ଅଭିଯୋଗ ଶୁଣିଥିଲେ। ସମସ୍ତ ଅଭିଯୋଗ ଗୁଡିକର ପ୍ରତିବିଧାନ ପାଇଁ ଉପସ୍ଥିତ ସମ୍ପୃକ୍ତ ବିଭାଗର ସଚିବମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମଣ୍ଡଳର ● ପୃଷ୍ଠା ୫ ଦେଖନ୍ତୁ

### ବନ୍ୟା ସ୍ଥିତିରେ ଉଲ୍ଲେଖନୀୟ ସୁଧାର

## ଖସୁଛି ଜଳସ୍ତର, ବଢୁଛି ଦୁର୍ଦ୍ଦଶା

- ଭଦ୍ରକ, ବାଲେଶ୍ୱରର ବହୁ ଅଞ୍ଚଳ ପ୍ରଭାବିତ
- ରିପୋର୍ଟ ମିଳିବା ପରେ କ୍ଷତିପୂରଣ ପ୍ରଦାନ
- ଆକାଶମାର୍ଗରୁ କ୍ଷୟକ୍ଷତି ଆକଳନ କରିବେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୮।୭(ଭାସ୍କର ନ୍ୟୁଜ): ଲଘୁଚାପଜନିତ ଲଗାଣ ବର୍ଷା ପରେ ରାଜ୍ୟର ବିଭିନ୍ନ ପ୍ରମୁଖ ନଦୀରେ ଆସିଥିବା ବନ୍ୟା ସ୍ଥିତିରେ ସୁଧାର ଆସୁଛି। ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ବୈତରଣୀ, ଜଳକା ଆଦି ନଦୀଗୁଡ଼ିକର ଜଳସ୍ତର କମିବାରେ ଲାଗିଛି। ତେବେ ନଦୀଗୁଡ଼ିକରୁ ଜଳସ୍ତର କମୁଥିବାବେଳେ ଜଳବନ୍ଦୀ ଥିବା ଲୋକମାନଙ୍କର ଦୁର୍ଦ୍ଦଶା ବୃଦ୍ଧି ପାଇବାରେ ଲାଗିଛି। ଦୀର୍ଘ ୩ ଦିନ ହେବ ହଜାର ହଜାର ଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ବାଲେଶ୍ୱରର ଭୋଗରାଇ, ବସ୍ତା, ବାଲିଆପାଳ ଇତ୍ୟାଦି ଅଞ୍ଚଳ ବନ୍ୟାଘେରରେ ରହିଥିବାବେଳେ ଭଦ୍ରକର ଚାନ୍ଦବାଲି ଓ ଧାମନଗରରେ ସ୍ଥିତି ବେହାଲ ହୋଇପଡ଼ିଛି। ● ପୃଷ୍ଠା ୫ ଦେଖନ୍ତୁ

### ହୀରାକୁଦର ୨୦ ଗେଟ୍ ଦେଇ ଜଳ ନିଷ୍କାସନ

ସମ୍ବଲପୁର, ୨୮।୭(ଭାସ୍କର ନ୍ୟୁଜ): ମହାନଦୀର ଉପରମୁଣ୍ଡରେ ବର୍ଷା ଲାଗି ରହିଥିବାରୁ ହୀରାକୁଦ ଡ୍ୟାମର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ସୋମବାର ହୀରାକୁଦ ଡ୍ୟାମର ଜଳସ୍ତର ୬୧୫.୩୧ ଫୁଟ ରହିଥିଲା। ଏବେ ୨୦ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି। ଡ୍ୟାମର ବାମପଟରେ ୧୩ଟି ଗେଟ୍ ଖୋଲାଯାଇଥିବାବେଳେ ଡାହାଣପଟରେ ୭ଟି ଗେଟ୍ ଖୋଲାଯାଇଛି। ଡ୍ୟାମ ଭିତରକୁ ପ୍ରତି ସେକେଣ୍ଡରେ ୩ଲକ୍ଷ ୬୫୧ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ପ୍ରତି ସେକେଣ୍ଡରେ ୩ଲକ୍ଷ ୪୬୦ କ୍ୟୁସେକ ଜଳ ନିଷ୍କାସନ କରାଯାଉଥିବା ନେଇ ଡ୍ୟାମର ମୁଖ୍ୟଯନ୍ତ୍ରୀ ସୂଚନା ଦେଇଛନ୍ତି।

### ବିକ୍ରି ଶିଶୁକନ୍ୟା ଉଦ୍ଧାର

## ୪ଜଣଙ୍କ ନାମରେ ମାମଲା ରୁଜୁ

ବଲାଙ୍ଗୀର, ୨୮।୭(ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ରେ ଏକ ଦମ୍ପତି ୨୦ ହଜାର ଟଙ୍କାରେ ବିକିଥିବା ଶିଶୁକନ୍ୟାକୁ ସୋମବାର ଉଦ୍ଧାର କରାଯାଇଛି। ପାଇକମାଳ ବସ୍ତନପଡ଼ାରୁ ଏକ ଦମ୍ପତିଙ୍କ ଘରୁ ଏହି ଶିଶୁକନ୍ୟାକୁ ଉଦ୍ଧାର କରାଯାଇଛି।

**ଦାରିଦ୍ର୍ୟ ପାଇଁ ବିକିଥିବା ସ୍ୱୀକାର**

ଟିଟିଲାଗଡ଼ ଓ ପାଇକମାଳ ପୋଲିସ ସହ ଶିଶୁସୁରକ୍ଷା ଅଧିକାରୀଙ୍କ ଉଦ୍ୟମରେ ଏହି ଶିଶୁକନ୍ୟାକୁ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ଅତି ଦାରିଦ୍ର୍ୟ ଯୋଗୁ ଏହି ଦମ୍ପତି ଶିଶୁକନ୍ୟାଟିକୁ ବିକ୍ରି କରିଥିବାବେଳେ ଏ ନେଇ ଉଦ୍ଧାରପରେ ୪ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ବିକିଥିବା ଦମ୍ପତି ଓ କିଣିଥିବା ଦମ୍ପତିଙ୍କ ନାମରେ ଟିଟିଲାଗଡ଼ ସିଡିପିଓଙ୍କ ରିପୋର୍ଟ ଆଧାରରେ ଏହି ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ ଟିଟିଲାଗଡ଼ ବ୍ଲକ ବାଗଡେର ଗାଁରେ ଏହି ଶିଶୁକନ୍ୟାକୁ ଏକ ଦମ୍ପତି ବିକ୍ରି କରିଥିଲେ। ବରଗଡ଼ ଜିଲ୍ଲା ପାଇକମାଳରୁ ଉଦ୍ଧାର ହେବାପରେ ସାମ୍ନାକୁ ଆସିଛି ଶିଶୁବିକ୍ରି ପଛର କରୁଣ କାହାଣୀ। ବାଗଡେର ଗାଁର ନୀଳ ରଣାଙ୍କ ପୂର୍ବରୁ ୪ଟି ଝିଅ ରହିଛନ୍ତି। ୫ମ ସନ୍ତାନଟି ପୁଣି ଝିଅ ଜନ୍ମ ହେବାପରେ ତା'ର ଭରଣପୋଷଣ ଦାୟିତ୍ୱ ନେବାକୁ ଦମ୍ପତି ଦାରିଦ୍ର୍ୟ ଯୋଗୁ ରାଜି ହୋଇନଥିଲେ। ତେଣୁ ଶିଶୁକନ୍ୟାଟିକୁ ସେମାନେ ବିକିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ଦମ୍ପତି କହିଛନ୍ତି ଯେ ଆମେ ଝାଟିମାଟି ଘରେ ଦୁଇଓଳି ଦୁଇମୁଠା ଦାନାପାଇଁ ସଂଘର୍ଷ କରୁଛୁ। ଏଭଳି ସ୍ଥିତିରେ ପରିବାର ନାଁରେ ଥିବା ରାସନ କାର୍ଡ ବି କଟିଯାଇଛି। ଅଭାବ, ଅନାଟନ ପରିବାରକୁ ନାକେଦମ କରିଛି। ତେଣୁ ଆମେ ଏହି ଚରମ ● ପୃଷ୍ଠା ୫ ଦେଖନ୍ତୁ

### ବଳଙ୍ଗା ନାବାଳିକା ପୋଡ଼ି ଘଟଣା

## ଏମ୍ସରେ ବୟାନ ରେକର୍ଡ ହୋଇପାରିଲାନି



- ତୃତୀୟ ଥରପାଇଁ ପୀଡ଼ିତାଙ୍କ ଅସ୍ତ୍ରୋପଚାର
- ପୀଡ଼ିତାଙ୍କ ଘର ସମ୍ମୁଖରେ ପୋଲିସ ପହରା
- ୧୦ ଦିନ ପରେ ବି ମିଳୁନି ସୁରାକ

ନୂଆଦିଲ୍ଲୀ/ନିମାପଡ଼ା, ୨୮।୭ (ବ୍ୟୁରୋ): ପୁରୀ ଜିଲ୍ଲା ନିମାପଡ଼ା ନାବାଳିକା ପୋଡ଼ି ଘଟଣାରେ ପୁରୀ ଓ ବଳଙ୍ଗା ଥାନା ପୋଲିସ ଏମ୍ସରେ ତାଙ୍କ ବୟାନ ରେକର୍ଡ କରିପାରି ନାହିଁ। ପୀଡ଼ିତା ଓଟିରେ ଥିବାରୁ ଏହା ସମ୍ଭବପର ହୋଇପାରିନଥିବା ଯାଇଥିବା ପୋଲିସ ଟିମ୍ ସୂଚନା ଦେଇଛନ୍ତି। ତେବେ ସୋମବାର ପୀଡ଼ିତାଙ୍କର ତୃତୀୟ ଥରପାଇଁ ଶରୀରରେ ଅସ୍ତ୍ରୋପଚାର କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଥିବାବେଳେ ପ୍ରଶାସନ ନାବାଳିକାଙ୍କ ଉପରେ କଡ଼ା ନଜର ରଖିଛି। ସୋମବାର ଏମ୍ସର ଏକ ୮ଜଣିଆ ଡାକ୍ତରୀଟିମ୍ ଏହି ଅସ୍ତ୍ରୋପଚାର କରିଥିଲେ। ଅନ୍ୟପକ୍ଷରେ ପୀଡ଼ିତାଙ୍କ ଘରେ ସମ୍ମୁଖରେ ପୋଲିସ ପହରା ଦେଉଥିବା ଦେଖିବାକୁ ମିଳିଛି। ୨୪ ଘଣ୍ଟା ପୋଲିସ ତାଙ୍କ ଘର ସମ୍ମୁଖରେ ବହୁଥିବାବେଳେ ଏହାର କାରଣ ସ୍ପଷ୍ଟ ହୋଇନାହିଁ। କୁହାଯାଉଛି, ପୀଡ଼ିତାଙ୍କ ପରିବାରକୁ ସୁରକ୍ଷା ଯୋଗାଇ ଦିଆଯାଇଛି। ତେବେ ପୀଡ଼ିତାଙ୍କ ପରିବାର ଲୋକ ଘରୁ ବାହାରକୁ ବାହାରୁନଥିବା, ବାହାରୁଥିଲେ ବି କୌଣସି ପ୍ରଶ୍ନ ପଚାରିଲେ ଉତ୍ତର ଦେଉନାହାନ୍ତି। ଯାହାକୁ ନେଇ ଘଟଣା ଉପରେ ସସ୍‌ପେନ୍ସ ଲାଗି ରହିଛି। ପୋଲିସ ମଧ୍ୟ ଏହି ଘଟଣାରେ ମୁହଁ ଖୋଲୁନଥିବାରୁ ଘଟଣାଟି ଦିନକୁ ଦିନ ଜଟିଳ ହେବାରେ ● ପୃଷ୍ଠା ୫ ଦେଖନ୍ତୁ

### ମୁଖ୍ୟମନ୍ତ୍ରୀଙ୍କୁ ଉପବାଚସ୍ପତିଙ୍କ ପ୍ରସ୍ତାବ

## ଓଡ଼ିଶାରେ ଆସୁ ୟୁପି ଷ୍ଟାଇଲ ଆଇନ୍



ଭୁବନେଶ୍ୱର, ୨୮।୭(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀଙ୍କୁ ଉପବାଚସ୍ପତି ଭବାନୀଶଙ୍କର ଭୋଇଙ୍କ ପ୍ରସ୍ତାବ। ଓଡ଼ିଶାରେ ଆସୁ ଉତ୍ତରପ୍ରଦେଶ ଷ୍ଟାଇଲ ଆଇନ। ସେ କହିଛନ୍ତି, ଅପରାଧୀମାନଙ୍କୁ ଦମନ ପାଇଁ ସରକାର ଏବେ ଅଣ୍ଟା ଭିଡନ୍ତୁ। ରାଜ୍ୟରେ ଅପରାଧର ମାତ୍ରା ବଢ଼ିବଢ଼ି ଚାଲିଛି। ଚୋରି, ହତ୍ୟା, ନାରୀ ନିର୍ଯାତନା ମାମଲା ପ୍ରତିଦିନ ସାମ୍ନାକୁ ଆସୁଛି। ଅପରାଧପ୍ରବଣର ଅପବାଦ ମୁଣ୍ଡାଇଲାଣି ଓଡ଼ିଶା। ଓଡ଼ିଶା ପାଇଁ ଆସୁ ଓଡ଼ିଶା ଗ୍ୟାଙ୍ଗଷ୍ଟର୍ସ ଓ ଅସାମାଜିକ ଗତିବିଧି ଆଇନ। ଉପବାଚସ୍ପତି ଆହୁରି କହିଛନ୍ତି ଯେ ଅପରାଧ ଦମନ ପ୍ରସ୍ତାବରେ କଡ଼ା ଦଣ୍ଡବିଧାନ ସହ ସମ୍ପତ୍ତି ଜବତର ଭୟ ରଖାଯାଉ। ବଡ଼ ବଡ଼ ନେତା, ଅର୍ଥ ଲଗାଉଥିବା ବ୍ୟକ୍ତିବିଶେଷଙ୍କୁ ଦମନ କରାଯାଉ। ଅପରାଧଶ୍ରେଣୀ ଗୋଷ୍ଠୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୁର୍ବଳ କରିବା ପାଇଁ ନିୟମ ଆସୁ। ଏହାସହ ସାଧାରଣ ଜନତାଙ୍କ ସୁରକ୍ଷା ପାଇଁ କଡ଼ା ଆଇନ ଲାଗୁ ହେଉ। ସେ ଆହୁରି କହିଥିଲେ ଯେ ସଂଗଠିତ ଅପରାଧୀ ଗୋଷ୍ଠୀର ଗଠନ ଓ ଅପରାଧୀର ଗତିବିଧି ଉପରେ ଲଗାମ ଲାଗିବା ଉଚିତ୍। ସେହିପରି ଗ୍ୟାଙ୍ଗଷ୍ଟର ଓ ଗୁଣ୍ଡାଙ୍କ ପ୍ରଭାବଶାଳୀ ମୋକଦ୍ଦମା ଏବଂ ନିବାରଣ ସୁନିଶ୍ଚିତ କରିବା ଜରୁରି। ଏଥିସହ ଏକ କେନ୍ଦ୍ରୀଭୂତ ଆଇନଗତ ଢାଞ୍ଚା ମାଧ୍ୟମରେ ଜନତାଙ୍କ ଶାନ୍ତି, ସୁରକ୍ଷା ଓ ସମ୍ପତ୍ତିକୁ ସୁନିଶ୍ଚିତ କରିବା ପାଇଁ ସରକାର ଆଇନ ପ୍ରଣୟନ କରନ୍ତୁ। ସମ୍ପ୍ରତି ● ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ଧଙ୍କଡ ସାହେବ ମାଙ୍କଡ ପରାୟେ
ଚାଲିଥିଲେ ଡେଇଁ, ଖେପି
କେନ୍ଦ୍ର ସରକାର ତାଙ୍କ ଅଜାଣତେ
ତାଙ୍କୁ ଚାଲିଥିଲେ ମାପି ।
ହଠାତ ବଟନ ଟିପି,
ସବୁ ମିସିନିକୁ ଅକାମୀ କଲେ ଯେ
ଭାଳୁଛନ୍ତି ଲୁଚି ଛପି ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



କେନ୍ଦୁଝର (ଭାସ୍କର ନ୍ୟୁଜ): ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଏକ ବୈଠକ କେନ୍ଦୁଝର ଶିକ୍ଷକ ଭବନ ଠାରେ ଜିଲ୍ଲା ଓଷ୍ଟା ସଂଗଠନର ସମ୍ପାଦକ ରଞ୍ଜନ କୁମାର ଘଡେଇଙ୍କ ଆହ୍ୱାନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଓଷ୍ଟା ସଭାପତି ମନୁଥନାଥ ମହାନ୍ତ ଅଧ୍ୟକ୍ଷତା କରିଥିଲେ। ଉକ୍ତ ବୈଠକରେ ଅଗଷ୍ଟ ୯ କ୍ରାନ୍ତି ଦିବସରେ ଜିଲ୍ଲାପାଳ ତଥା ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଶିକ୍ଷକ କର୍ମଚାରୀଙ୍କ ବିଭିନ୍ନ ଦାବୀ ସମ୍ବନ୍ଧରେ ଏକ ଦାବୀପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଗଲା। ଏଥିରେ କେନ୍ଦୁଝର ଜିଲ୍ଲାର ସମସ୍ତ ବ୍ଲକର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ବିପୁଳ ସଂଖ୍ୟାରେ ଯୋଗ ଦେବା ପାଇଁ ଆହ୍ୱାନ କରାଯାଇଥିଲା। ଆଗାମୀ ଅଗଷ୍ଟ ୧୬ ତାରିଖ ଦାବି ଦିବସରେ ଶିକ୍ଷକମାନଙ୍କର ବିଭିନ୍ନ ଦାବି ଓ ମୌଳିକ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ଭୁବନେଶ୍ୱରର ଲୋୟର ପିଏମଜିରେ ହେବାକୁ ଥିବା ମହା ସମାବେଶରେ ବିପୁଳ ସଂଖ୍ୟାରେ ଯୋଗ ଦେବା ପାଇଁ ମତ ପ୍ରକାଶ ପାଇଥିଲା। ଏଥିରେ ଅଲ୍ ଓଷ୍ଟା କେନ୍ଦୁଝର ଶାଖାର ଜିଲ୍ଲା ସଭାପତି ଅଭୟ କୁମାର ଜେନା, ମାଡ୍ରାସା ଶିକ୍ଷକ ସଂଗଠନର ସଭାପତି ମୁଦାଶିର, ଓଷ୍ଟା କେନ୍ଦୁଝରର କାର୍ଯ୍ୟକାରୀ ସଭାପତି ସୁଧାକର ପଣ୍ଡା, ଓଷ୍ଟା ରାଜ୍ୟ ନେତୃତ୍ୱ ମୃତ୍ୟୁଞ୍ଜୟ ପଲେଇ, ଭାଜାରୀ ରମେଶ ସାହୁ, ଜ୍ଞାନେନ୍ଦ୍ର କୁମାର ଦେଓ, ଓଷ୍ଟା କେନ୍ଦୁଝର ଜିଲ୍ଲାର ସମସ୍ତ ଶିକ୍ଷକ ସଂଗଠନର କର୍ମକର୍ତ୍ତା ଓ ୧୩ଟି ବ୍ଲକର ବ୍ଲକ ସମ୍ପାଦକ ଉପସ୍ଥିତ ହୋଇ ଗୁରୁତ୍ୱପୂର୍ଣ୍ଣ ମତାମତ ଦେଇଥିଲେ। ଶେଷରେ ଓଷ୍ଟା ଉପସଭାପତି ବୈକୁଣ୍ଠ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



# ଶ୍ରୀଅନ୍ନ ଅଭିଯାନ ଯୋଜନାରେ ମିଲେଟ୍ ଚାଷ




ବାରିପଦା (ଭାସ୍କର ନ୍ୟୁଜ): ମିଲେଟ ବା ମାଣ୍ଡିଆ ଚାଷକୁ ବ୍ୟାପକ କରି ଜିଲ୍ଲାର ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ରୋଜଗାର ଉଦ୍ଦେଶ୍ୟରେ ଶ୍ରୀଅନ୍ନ ଯୋଜନା ମୟୂରଭଞ୍ଜ ଜିଲ୍ଲାର ୧୬ଟି ବ୍ଲକରେ କାର୍ଯ୍ୟ କରୁଛି। ଶ୍ରୀଅନ୍ନ ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ବ୍ଲକରେ ବିଭିନ୍ନ ଗୋଷ୍ଠୀ ଦ୍ୱାରା ପରିଚାଳିତ ବିହନ କେନ୍ଦ୍ରକୁ ସଶକ୍ତ କରିବା, କୃଷି ଉତ୍ପାଦକ ସଂଗଠନର ଗଠନ, ଅଂଶଗ୍ରହଣକାରୀ ଭେରିଏଟାଲ୍ ଟ୍ରାଏଲ୍ ମାଧ୍ୟମରେ ମାଣ୍ଡିଆର ସର୍ବୋତ୍ତମ ସ୍ଥାନୀୟ କିସମର ଚୟନ, କିଓସ୍କ ଇତ୍ୟାଦି ମାଧ୍ୟମରେ ମାଣ୍ଡିଆ ବ୍ୟବହାର ଏବଂ ପଦୋନ୍ନତି ଉପରେ ରଣନୀତି, ଏସ୍‌ଏଚ୍‌ଜି ସହିତ ଆଲୋଚନା ମାଧ୍ୟମରେ ଜୈବ ସାର ପ୍ରସ୍ତୁତି ଏବଂ ଏହାର ବଣ୍ଟନକୁ ପ୍ରୋତ୍ସାହିତ କରିବା। ସ୍ଥାନୀୟ ଉଦ୍ୟୋଗୀ ମାନଙ୍କ ସହିତ ଜଡିତ ପ୍ରକ୍ରିୟାକରଣ ୟୁନିଟ୍ ଚିହ୍ନଟ ଆଦି ନୂତନ ବ୍ୟବସ୍ଥା ସମେତ ପରମ୍ପରାଗତ କୃଷି ବିକାଶ ଯୋଜନାକୁ ଗୁରୁତ୍ୱ ଦେବା ପାଇଁ ଗତ ରବି ଋତୁରେ ଜିଲ୍ଲାର ୧୬ଟି ବ୍ଲକରେ ୨୦୦୦ ହେକ୍ଟର ଜମିରେ ପାରମ୍ପରିକ ଚାଷ ଲକ୍ଷ୍ୟ ରହିଥିଲା ଓ ଧାର୍ଯ୍ୟ ଲକ୍ଷ୍ୟ ହାସଲ ପାଇଁ ୧୧ଟି ଏଜେନ୍ସି ବା ସ୍ୱେଚ୍ଛାସେବୀ ସଙ୍ଗଠନକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁବନ୍ଧିତ କରାଯାଇଥିଲା। ପରନ୍ତୁ ତା'ସତ୍ତ୍ୱେ ୪୨% ଅର୍ଥାତ ୮୪୧.୯ ହେକ୍ଟର ଜମିରେ ଫସଲ ହୋଇଥିଲା। ଦୁଲାଲ ଏଜେନ୍ସି ଅନୁବନ୍ଧିତ ବିଜାତଳା ବ୍ଲକ ୧୧୦% ସଫଳତା ଆଣିଥିବା ବେଳେ କ୍ରେପ୍ଟଡା ଅନୁବନ୍ଧିତ ଯଶିପୁର ବ୍ଲକରେ ସର୍ବନିମ୍ନ ୧୬.୮୦ ପ୍ରତିଶତ ଜମିରେ ଚାଷ ସମ୍ଭବ ହୋଇଥିଲା। ଏହି ଋତୁରେ ଟିଡିସିସି ଜରିଆରେ ୧୬ଟି ଏଫପିଓରୁ ୩୦୬୪ ଜଣ କୃଷକ ୧୮ ହଜାର ୬୭୫ କୁଇଣ୍ଟାଲ ମାଣ୍ଡିଆ ବିକ୍ରୟ କରିଛନ୍ତି। ଚଳିତ ଖରିଫ ଋତୁରେ ଯଶିପୁର ବ୍ଲକରେ ସର୍ବାଧିକ ୧୧୬୦ହେକ୍ଟର ଜମିରେ ମାଣ୍ଡିଆ ଚାଷ ଲକ୍ଷ୍ୟ ରଖାଯାଇଥିବା ବେଳେ ବହଳଦା, ଜାମଦା, ଗୋପବନ୍ଧୁନଗର ଓ ଶୁକ୍ରୁଳି ବ୍ଲକରେ ସର୍ବନିମ୍ନ ୪୮୦ହେକ୍ଟର ଲେଖାଏଁ ଜମିରେ ଚାଷ ହେବା ଲକ୍ଷ୍ୟ ଧାର୍ଯ୍ୟ ରହିଛି। ସେହିପରି ବିଶୋଇ ଓ ବାଙ୍ଗିରିପୋଷି ବ୍ଲକରେ ୧୦୪୦ହେକ୍ଟର ଲେଖାଏଁ, ରରୁଆଁ ଓ ବିଜାତଳା ବ୍ଲକରେ ୭୦୦ହେକ୍ଟର ଲେଖାଏଁ, କୁସୁମୀ, ମୋରଡା ଓ ତିରିଙ୍ଗି ବ୍ଲକରେ ୬୯୫ହେକ୍ଟର ଲେଖାଏଁ, ଶୁଳିଆପଦା, ରବିରେ ୪୨ପ୍ରତିଶତ ସଫଳତା ଖରିଫରେ ୧୧, ୪୦୦ ହେକ୍ଟର ଜମିରେ ଚାଷ ଲକ୍ଷ୍ୟ, ଠାକୁରମୁଣ୍ଡା, ରାଇରଙ୍ଗପୁର ଓ କରଞ୍ଜିଆ ବ୍ଲକରେ ୬୯୦ହେକ୍ଟର ଲେଖାଏଁ ଜମିରେ ମାଣ୍ଡିଆ ଚାଷ ଲକ୍ଷ୍ୟ ରହିଛି ବୋଲି ଜିଲ୍ଲା କୃଷି କାର୍ଯ୍ୟାଳୟ ତଥ୍ୟରୁ ଜଣାପଡ଼ିଛି। ଲକ୍ଷ୍ୟ ଧାର୍ଯ୍ୟ ଶତ ପ୍ରତିଶତ ହାସଲ ଦିଗରେ ଅନୁବନ୍ଧିତ ଏଜେନ୍ସି ବା ସ୍ୱେଚ୍ଛାସେବୀ ସଂଗଠନ ସାହାଯ୍ୟରେ ଉଦ୍ୟମ ଜରୁରି ବୋଲି ଜିଲ୍ଲାପାଳ ହେମକାନ୍ତ ସ୍ୱାଇଁ କୃଷି ନିର୍ଦ୍ଧାରଣ ବୈଠକରେ କହିଛନ୍ତି।

## ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକଙ୍କ ସପରିବାର ଧାରଣା

# ପ୍ରତିଶୃତି ପରେ ଧାରଣା ପ୍ରତ୍ୟାହୃତ



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରିଣୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜଣେ ଶିକ୍ଷକ ଓ ତାଙ୍କ ପରିବାର ଧାରଣା ଦେବା ଘଟଣାକୁ ଶିକ୍ଷକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ତେବେ ଧାରଣାସ୍ଥଳରେ ସାଲେପୁର ଏସଡିପିଓ ପହଂଚି ଘଟଣାରେ ହସ୍ତକ୍ଷେପ କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ନିଶ୍ଚିନ୍ତକୋଇଲି ବ୍ଲକ ବରାଦୋ ଗ୍ରାମ ପଂଚାୟତ ପାଟପୁର ସ୍ଥିତ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସୀତାକାନ୍ତ ସାମଲଙ୍କୁ କଟକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ କଟକ ଜିଲ୍ଲା ମଣ୍ଡଳ ଶିକ୍ଷାଧିକାରୀ ବାଙ୍କି ଡମପଡା ବ୍ଲକ ବାଉଁଶପୁଟ ସରକାରୀ ଉଚ୍ଚ ବିଦ୍ୟାଳୟକୁ ବଦଳୀ କରିଥିଲେ। ତେବେ ଏହି ବଦଳୀକୁ ବେଆଇନ ବୋଲି ସାମଲ ଦର୍ଶାଇବା ସହ ତାଙ୍କର ବଦଳୀକୁ ବାତିଲ କରା ନଗଲେ ସେ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷା ଅଧିକାରିଣୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ନିଷ୍ପତ୍ତି ନେଇଥିଲେ। ନିଷ୍ପତ୍ତି ଅନୁଯାଇ ଆଜି ସକାଳେ ସାମଲ ତାଙ୍କର ପରିବାର ବର୍ଗଙ୍କ ସହ ଶିକ୍ଷା ଅଧିକାରିଣୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ତେବେ ଏହି ଧାରଣା ସ୍ଥଳକୁ ଶିକ୍ଷାବିଭାଗର କୌଣସି ଅଧିକାରୀ ଆସିନଥିଲେ। ଖବର ପାଇ ସାଲେପୁର ଏସଡିପିଓ ବିରଞ୍ଚି ନାରାୟଣ ପତି ଘଟଣାସ୍ଥଳରେ ପହଞ୍ଚି ସାମଲଙ୍କ ସହ ଆଲୋଚନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏଠାରେ ସୂଚନା ଥାଉକି ଏହି ବ୍ଲକ ମଣିଜଙ୍ଗ ନାରାୟଣୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ତନୁପ୍ରିୟା ପୃଷ୍ଟି ଜଣେ ଦଳିତ ଛାତ୍ରକୁ ମାଡ ମାରିବା ଅଭିଯୋଗରେ ଶିକ୍ଷାଧିକାରିଣୀ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିଲେ। ସମ୍ପୃକ୍ତ ଛାତ୍ରଙ୍କ ପିତା ପ୍ରଶାନ୍ତ କୁମାର ସେଠୀ ଏ ସମ୍ପର୍କରେ କିଶନନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ କିଶନନଗର ଥାନା ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଶିକ୍ଷୟିତ୍ରୀଙ୍କୁ ବେନିୟମ ଭାବେ ନିଲମ୍ବିତ କରାଯାଇ ଥିବାର ଦର୍ଶାଇ ସାମଲ ବ୍ଲକ ଶିକ୍ଷା ଅଧିକାରିଣୀ ସଞ୍ଜୁକ୍ତା ମହାପାତ୍ରଙ୍କ ନାମରେ ସାଲେପୁର ଏସଡିପିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଏହି ଘଟଣାରେ ସାମଲ ବିବାଦୀୟ ହୋଇ ପଡିବା ସହ ସାମାଜିକ ଗଣ ମାଧ୍ୟମରେ ଆପତି ଜନକ ଶବ୍ଦ ବ୍ୟବହାର କରି ପୋଷ୍ଟ କରିଥିଲେ। ଯାହାକୁ ନେଇ ଜିଲ୍ଲା ପ୍ରଶାସନ ତାଙ୍କ ଉପରେ କ୍ଷୁବ୍ଧ ହୋଇ ପଡିଥିଲେ।

# ଗଞ୍ଜାମ ଜିଲ୍ଲାପାଳ ଭାବେ ଦାୟିତ୍ୱ ନେଲେ ଭି. କୀର୍ତ୍ତି ଭାସନ୍



ଛତ୍ରପୁର, (ଭାସ୍କର ନ୍ୟୁଜ) : ଗଞ୍ଜାମ ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଭି.କୀର୍ତ୍ତି ଭାସନ୍ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ୨୦୧୮ ବ୍ୟାଚର ଆଇଏଏସ୍ ଅଫିସର, ଏହା ପୂର୍ବରୁ ସେ କୋରାପୁଟ ଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିଲେ। ପୂର୍ବରୁ ସେ ଗଞ୍ଜାମ ଜିଲ୍ଲାରେ ଆଇଏଏସ୍ ପ୍ରୋବେସନାଲ ରହିବା ସହ ବ୍ରହ୍ମପୁର ଉପଜିଲ୍ଲାପାଳ ଓ ପରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିସାରିଛନ୍ତି। ଜିଲ୍ଲାରେ ସବଡ଼ିଭିଜନ ସ୍ତରୀୟ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଅଭିଯୋଗ ଶୁଣାଣି ହେଉଛି, ଏଣିକି ବ୍ଲକ ସ୍ତରରେ ମଧ୍ୟ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଅଭିଯୋଗ ଶୁଣାଣି ହେବ ବୋଲି ସେ ଖବରଦାତା ମାନଙ୍କୁ ସୂଚନା ଦେଇଛନ୍ତି, ଜନସାଧାରଣଙ୍କ ନିକଟରୁ ଆସୁଥିବା ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ କରିବା ପ୍ରାଥମିକତା ରହିବ ବୋଲି ସେ କହିଛନ୍ତି। ଜିଲ୍ଲାରେ ଚାଲିଥିବା ବିଭିନ୍ନ ବିକାଶ ମୂଳକ ଯୋଜନା ଗୁଡିକ ଯେପରି ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚିବ ଏବଂ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇବା ଉପରେ ଅଧିକ ଫୋକସ ରହିବ ବୋଲି ଜିଲ୍ଲାପାଳ ଶ୍ରୀ ଭାସନ୍ କହିଛନ୍ତି। ଦାୟିତ୍ୱ ଗ୍ରହଣ ପୂର୍ବରୁ ସେ ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ତାରା ତାରିଣୀଙ୍କ ଦର୍ଶନ ଓ ଆଶୀର୍ବାଦ ନେଇଥିଲେ। ନୂତନ ଜିଲ୍ଲାପାଳ ଆଜି କାର୍ଯ୍ୟାଳୟରେ ପହଞ୍ଚିବା ପରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

# ଅଧିକ୍ଷକ ଭାବେ ଯୋଗଦେଲେ ଡାକ୍ତର ନଗେନ୍ଦ୍ର ନାଥ ମହାପାତ୍ର



କରଞ୍ଜିଆ (ଭାସ୍କର ନ୍ୟୁଜ) : ଦୀର୍ଘଦିନ ବ୍ୟବଧାନ ପରେ କରଞ୍ଜିଆ ଡାକ୍ତରଖାନାର ଅଧିକ୍ଷକ ପଦବୀ ପୂରଣ ହୋଇଛି। ଅଧିକ୍ଷକ ଭାବେ କାର୍ଯ୍ୟରେ ଯୋଗ ଦେଲେ ଡାକ୍ତର ନଗେନ୍ଦ୍ର ନାଥ ମହାପାତ୍ର। ସେ ଯାଜପୁର ଜିଲ୍ଲା ଡାକ୍ତରଖାନାରୁ ପଦୋନ୍ନତି ପାଇ ଅଧୀକ୍ଷକ ଭାବେ କରଞ୍ଜିଆ ଉପଖଣ୍ଡସ୍ତରୀୟ ଡାକ୍ତରଖାନାରେ ଗତ ୨୩ ତାରିଖ ଯୋଗ ଦେଇଥିଲେ ହେଲେ ସୋମବାର ୨୮/୭ରୁ ବିଧିବଦ୍ଧ ଭାବେ କାର୍ଯ୍ୟ ଆରମ୍ଭ କରିଛନ୍ତି। ସେ ପୂର୍ବସ୍ଥାନରେ ସ୍ତ୍ରୀ ରୋଗ ବିଶେଷଜ୍ଞ ଭାବେ କାର୍ଯ୍ୟ କରୁଥିଲେ। ସେ ଆଜି କରଞ୍ଜିଆ ଡାକ୍ତରଖାନା କାର୍ଯ୍ୟାଳୟରେ ପହଞ୍ଚିବା କ୍ଷଣି ଦାୟିତ୍ୱରେ ଥିବା ଅଧୀକ୍ଷକ ଡାକ୍ତର ଅନିତା ସିଂ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ଡାକ୍ତର ସମୂହ, କାର୍ଯ୍ୟାଳୟର କର୍ମଚାରୀ ବୃନ୍ଦ ତାଙ୍କୁ ସ୍ୱାଗତ ଜଣାଇଥିଲେ। ସେ କାର୍ଯ୍ୟରେ ଯୋଗ ଦେଇ ଡାକ୍ତରଖାନାର ସର୍ବାଙ୍ଗୀନ ଉନ୍ନତି କରାଇବାକୁ ଚେଷ୍ଟା କରିବେ ବୋଲି କହିବା ସହିତ ଅଞ୍ଚଳର ସାମ୍ବାଦିକ, ବୁଦ୍ଧିଜୀବୀ ଓ ସାଧାରଣ ନାଗରିକଙ୍କ ସହଯୋଗ କାମନା କରିଥିଲେ।

# ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ କଲେ ମୁଖ୍ୟଯନ୍ତ୍ରୀ

ବୌଦ୍ଧ, (ଭାସ୍କର ନ୍ୟୁଜ): ଦିନ ୨ ଘଟିକା ସମୟରେ ନିର୍ମାଣାଧିନ ପାନୀୟ ଜଳ ପ୍ରକଳ୍ପର ପରିଦର୍ଶନ କରିଛନ୍ତି। ଉକ୍ତ ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସାରିବା ପାଇଁ ନିୟୋଜିତ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେବା ସହ ମହାନଦୀ ମଧ୍ୟରେ ନିର୍ମିତ ଇନ୍‌ଟାକ୍ଟ ଉଏଲ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ହରଭଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ସେଠୀ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ପଲ୍ଲବୀ ସାମଲ ଓ ଅନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଦୁଇବର୍ଷ ହେଲା ଖଟିଆରେ ଶୋଇ ରହିଛନ୍ତି ଅସହାୟ ବୃଦ୍ଧା

## ଆଧାର କାର୍ଡ ନଥିବାରୁ ଭତ୍ତାରୁ ବଞ୍ଚିତ



ବନ୍ଧୁଗାଁ, (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କାପୁଲୋଡା ପଞ୍ଚାୟତ ସଦର ଓ୍ୱାର୍ଡ କତାବାଲସା ଗାଁର ଜଣେ ବିଧବା ମହିଳା ଦୁଇ ବର୍ଷ ହେବ ଖଟିଆରେ ଶୋଇ ରହିଛନ୍ତି। ଦୁଇ ବର୍ଷ ତଳେ ସ୍ୱାମୀ ମୃତ୍ୟୁବରଣ କରିଥିଲେ, ପାଖରେ ବଡ ଝିଅ ଆନାଲୁ ରହୁଥିବା ବେଳେ ସାନ ଝିଅ ସିନାଲୁ ବିବାହ ହୋଇ ଅଣ୍ଟାମୋଡ଼ା ଗାଁରେ ରହୁଛନ୍ତି। ଆଜକୁ ୧୮ମାସ ତଳେ ଏକ ଅଜଣା ଗାଡ଼ି ଧକ୍କାରେ ବିଧବା ଡୁମ୍ବେ ଜିଲାକାରା (୫୮ବର୍ଷ)ଙ୍କ ଅଣ୍ଟା, ଗୋଡ଼ ଓ ହାତ ଭାଙ୍ଗି ଯାଇଥିଲା। ସେହି ଦିନରୁ ବିଧବା ମହିଳା ଜଣକ ଭଙ୍ଗା କୁଡ଼ିଆ ଘର ବାରଣ୍ଡାରେ ଏକ ଖଟିଆ ଉପରେ ଲୋଟିକି ରହିଛି। ବିଧବା ଡୁମ୍ବେ ସେହି ଖଟିଆ ଉପରୁ ଶୋଇ ରହି ଖାଇବା, ଗାଧେଇବା ଓ ଝାଡ଼ା ପରିସ୍ରା କରୁଛନ୍ତି। ଏଥିସହିତ ଅସହାୟ ଡୁମ୍ବେଙ୍କ ଆଧାର କାର୍ଡ ମଧ୍ୟ ଆଜି ପର୍ଯ୍ୟନ୍ତ ହୋଇ ପାରି ନାହିଁ। ପୁଣି ସ୍ୱାମୀ ମୃତ୍ୟୁ ପରେ ସ୍ୱାମୀର ମୃତ୍ୟୁ ପ୍ରମାଣପତ୍ର ମଧ୍ୟ ଆଜି ପର୍ଯ୍ୟନ୍ତ ପାଇ ନାହାନ୍ତି। ଘର ଭିତରୁ ଖୋଲା ଆକାଶ ଦେଖା ଯାଉଛି, ବର୍ଷା ପାଣି ଗୋଳି କାନ୍ଥ ଭୁଷୁଡି ପଡୁଛି ଓ ଏହି ଘର ଭିତରେ ଶୋଇବା ବହୁତ କଷ୍ଟ କର ରହିଛି। ଏହି ପ୍ରକାର କଷ୍ଟକର ପରିସ୍ଥିତିରେ ଅସହାୟ ମହିଳା ଜଣକ ସ୍ଥାନୀୟ ପଞ୍ଚାୟତ, ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନକୁ ଭତ୍ତା ଟଙ୍କା ଓ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିକ ଯୋଗାଇବା ପାଇଁ ଆମ ଗଣମାଧ୍ୟମ ଜରିଆରେ ସରକାରଙ୍କୁ ଗୁହାରି କରିଛନ୍ତି। ପଞ୍ଚାୟତର ଅନେକ ବୁଦ୍ଧିଜୀବୀ ଏବଂ ଜନସାଧାରଣ ଅସହାୟ ମହିଳାଙ୍କ ପାଖରେ ପହଞ୍ଚି ଉପଯୁକ୍ତ ଚିକିତ୍ସା ଯୋଗାଇ ବା ସହିତ ଭତ୍ତା ଓ ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଗାଇବା ପାଇଁ ଅନୁରୋଧ କରିଛନ୍ତି।

# ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର

ବ୍ରଜରାଜନଗର (ଭାସ୍କର ନ୍ୟୁଜ) : ଝାରସୁଗୁଡ଼ା ବ୍ଲକ ରାଜପୁର ପଞ୍ଚାୟତ ଠାରେ ସୋମବାର ଏକ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସକାଳ ୧୦.୩୦ ମି ଘଟିକା ସମୟରେ ରାଜପୁର ଗ୍ରାମ



ପଞ୍ଚାୟତ ସଭାଗୃହ ଠାରେ ସରପଞ୍ଚ ସରସ୍ୱତୀ ନାଏକଙ୍କ ଅଧ୍ୟକ୍ଷତାରେ ଏହି ପଞ୍ଚାୟତ ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଝାରସୁଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିଲ କୁମାର ଆଚାର୍ଯ୍ୟଙ୍କ ଉପସ୍ଥିତି ସହିତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ନାଏବ ସରପଞ୍ଚ ଓ ସମସ୍ତ ଓ୍ୱାର୍ଡ ସଭ୍ୟ/ସଭ୍ୟାଙ୍କ ଉପସ୍ଥିତିରେ ପଞ୍ଚାୟତ ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଜନଶୁଣାଣି ଶିବିରରେ ୮୦ ଗୋଟି ଅଭିଯୋଗ ଦାଖଲ ହୋଇଥିଲା। ଅଭିଯୋଗ ଗୁଡିକର ଯଥାଶୀଘ୍ର ସମାଧାନ କରାଯିବ ବୋଲି ଗୋଷ୍ଠି ଉନ୍ନୟନ ଅଧିକାରୀ ଲୋକମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ମହିଳାଙ୍କୁ ଦକ୍ଷ ଏବଂ ସଶକ୍ତ କରୁଛି ଟିପିସିଓଡିଏଲ୍




ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଟିପିସିଓଡିଏଲ ପକ୍ଷରୁ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବ୍ୟାପକ ପଦକ୍ଷେପଗ୍ରହଣ କରାଯାଇଛି। ଖୋର୍ଦ୍ଧା ଭୋକେସନାଲ ଟ୍ରେନିଂ ସେଣ୍ଟରରେ ଟିପିସିଓଡିଏଲ ପକ୍ଷରୁ ମହିଳାମାନଙ୍କୁ ତାଲିମ ଦିଆଯିବା ସହ ସେମାନଙ୍କୁ ନିଯୁକ୍ତି ମଧ୍ୟ ପ୍ରଦାନ କରାଯାଉଛି। ଏନଏସଡିସି ପ୍ରମାଣିତ ନିଯୁକ୍ତ ଟେଲରିଂ ପ୍ରଶିକ୍ଷାର୍ଥୀଙ୍କୁ ରୋଶନି ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମ ଅଧୀନରେ ନିଯୁକ୍ତି ପ୍ରଦାନ କରାଯାଇଛି। ଯେଉଁଥରେ ସେଡ୍ରା ଫିଲଟେରେସନ ପ୍ରାଇଭେଟ ଲିମିଟେଡ କମ୍ପାନୀ ଓ ଟିପିସିଓଡିଏଲର ମିଳିତ ଉଦ୍ୟମରେ ମହିଳାମାନଙ୍କୁ ନିଯୁକ୍ତି ଦିଆଯାଇଛି। ୨୦ଜଣ ପ୍ରଶିକ୍ଷାର୍ଥୀଙ୍କୁ ଲେଭୁଲ-୩ ପ୍ରଡକ୍ସନ ଅସିଷ୍ଟାଣ୍ଟ ଭାବରେ ମନୋନୀତ କରାଯାଇଥିଲା, ଯାହା ଅର୍ଥପୂର୍ଣ୍ଣ ନିଯୁକ୍ତି ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଟିପିସିଓଡିଏଲର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଥିଲା। ଏହି ପଦକ୍ଷେପ ଦକ୍ଷତା ତାଲିମ ଏବଂ ଶିଳ୍ପ ଆବଶ୍ୟକତା ମଧ୍ୟରେ ଥିବା ପାର୍ଥକ୍ୟକୁ ପୂରଣ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ସଂରଚିତ ନିଯୁକ୍ତି ସୁଯୋଗ ମାଧ୍ୟମରେ ସ୍ଥାୟୀ ଜୀବିକା ଏବଂ ସମ୍ପ୍ରଦାୟ ବିକାଶକୁ ପ୍ରୋତ୍ସାହିତ କରିବା ଟିପିସିଓଡିଏଲ ଲକ୍ଷ୍ୟ ରଖିଛି।

# କେନ୍ଦ୍ର ସାହିତ୍ୟ ଏକାଡ଼େମୀର ଗ୍ରାମାଲୋକ କାର୍ଯ୍ୟକ୍ରମ




କୁଜଙ୍ଗ (ଭାସ୍କର ନ୍ୟୁଜ୍) : କରତୁଠା ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସଭାଗୃହରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ କୁଜଙ୍ଗର ଅଗ୍ରଣୀ ସାହିତ୍ୟ ସଂସ୍କୃତି ଶିକ୍ଷା ଅନୁଷ୍ଠାନ 'ମେଘମହ୍ଲାର' ମିଳିତ ଆନୁକୁଲ୍ୟରେ 'ଗ୍ରାମାଲୋକ' କାର୍ଯ୍ୟକ୍ରମ ମେଘମହ୍ଲାର ସଭାପତି କେଶବଚନ୍ଦ୍ର ଦଳାଇଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି।ଏଥିରେ ଓଡିଆ ଭାଷା ସାହିତ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଛଜଣ ସାହିତ୍ୟିକ ଏକାଡେମୀ ଦ୍ୱାରା ନିମନ୍ତ୍ରିତ ହୋଇ ସ୍ୱଲିଖିତ ଗଳ୍ପ,କବିତା ଓ ଆଲୋଚନା ପାଠ କରିଥିଲେ।ଯଥାକ୍ରମେ ସନ୍ତୋଷ ସାମଲ 'ଛୋଟା ସାରଂକ ଚାହାଳୀ',ଦୀପ୍ତି ଖଣ୍ଡୁଆଳ 'ଏତଲାକାରୀ',ରଘୁନାଥ ସାହୁ 'ଆଇନା',ପୀତାମ୍ବର ତରାଇ 'ରାମଚନ୍ଦ୍ର ମହାନ୍ତିଙ୍କ ରଚନା ସମଗ୍ର' ଆଲୋଚନା, ପ୍ରଭାତୀ ମାଝୀ 'ଅଳକା ସାନ୍ୟାଲ' କବିତା ଓ କେଶବ ଚନ୍ଦ୍ର ଦଳାଇ 'ଓଡିଆ କାବ୍ୟ କବିତାରେ ମାନବବାଦ' ପ୍ରବନ୍ଧ ପାଠ କରିଥିଲେ।ଆରମ୍ଭରେ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀ ମାତୃ ବନ୍ଦନା ଗାନ କରିଥିଲେ।ବିଭୁତି ଭୂଷଣ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଜୟ କୁମାର ଖଟେଇ ଧନ୍ୟବାଦ ଅର୍ପଣ କରିଥିଲେ।ଏହି କାର୍ଯ୍ୟକ୍ରମରେ ବହୁ ଲେଖକ,କବି ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ କବି ପ୍ରକାଶ ଦାସଙ୍କ ଅଧ୍ୟକ୍ଷତା ଓ ପ୍ରଭାତୀ ମାଝୀଙ୍କ ସଂଯୋଜନାରେ ମୃତ୍ୟୁଞ୍ଜୟ ଜୟସିଂହ, ରମେଶ ବେହେରା,ଜୟନ୍ତୀ କୁମାରୀ ଦାସ,ଅଞ୍ଜନା ନାୟକ,ଗୌରହରି ବାରିକ,ଆଶିଷ ପରିଜା,ନାରାୟଣ ନାୟକ,ଜଇରାମ ସାହାଣୀ,ମାନ ଗୋବିନ୍ଦ ପ୍ରଧାନ,କନକଲତା ବାରିକ,ରବୀନ୍ଦ୍ର ନାଥ ଚୌଧୁରୀ,ସରୋଜିନୀ ମିଶ୍ର, ମମତା ସାହୁ,ଶୁଭେନ୍ଦୁ ଚୌଧୁରୀ,ଗୀତା ଦାସ,ରବୀନ୍ଦ୍ର ଦାସ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ।ଆରମ୍ଭରେ ସସ୍ମିତା ନାୟକ ଏକ ସୁଗମ ସଙ୍ଗୀତ ଗାନ କରିଥିଲେ।

# ଯୌନ ନିର୍ଯାତନା ସଚେତନତା କାର୍ଯ୍ୟକ୍ରମ

କରଞ୍ଜିଆ (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ସହର ସ୍ଥିତ ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ସୋମବାର ଦିନ ଅଧ୍ୟକ୍ଷ ଦିଲ୍ଲୀପ କୁମାର ପୃଷ୍ଟିଙ୍କ ସଭାପତିତ୍ୱରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୁଖ୍ୟଙ୍କ ଦ୍ୱାରା ଗଠିତ ହୋଇଥିବା ସରକାରଙ୍କ ନିର୍ଦ୍ଦେଶନାମା ଆସିଷ୍ଟାଣ୍ଟ ସ୍ମିତାମୟୀ ମହାନ୍ତ, କନିଷ୍ଠ କିରାଣି ନନ୍ଦିନୀ ସାହୁ , ଲାଇବ୍ରେରୀ ଆଟେଣ୍ଡାଣ୍ଟ ନନ୍ଦିନୀ ମହାନ୍ତ, ଛାତ୍ରୀ ପ୍ରତିନିଧି କଳା ବିଭାଗର ଜ୍ଞାନେଶ୍ୱରୀ ମୁଖାର୍ଜୀ, ବିଜ୍ଞାନ ବିଭାଗର ସୁଶ୍ରୀ ବିଶ୍ୱ ବନ୍ଦିତା ମୁଣ୍ଡା, ସାମାଜିକ କର୍ମୀ ଦମୟନ୍ତୀ ମହାନ୍ତଙ୍କୁ ନେଇ ଗଠିତ ହୋଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଅଭିଯୋଗ କମିଟିର ସଦସ୍ୟା ମାନେ ନିର୍ଯାତନାର ବିଭିନ୍ନ ଦିଗ ପ୍ରତି ଦୃଷ୍ଟି ଅକର୍ଷଣ କରାଇବା ଅନୁଯାୟୀ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇ ଥିଲେ।




ଛାତ୍ରୀମାନେ ଯଦି କୌଣସି କ୍ଷେତ୍ରରେ ଶାରିରୀକ ଓ ମାନସିକ ନିର୍ଯାତନାର ଶିକାର ହୁଅନ୍ତି ଏହି ଆଭ୍ୟନ୍ତରୀଣ ଅଭିଯୋଗ କମିଟିକୁ ଲିଖିତ ଭାବରେ ଜଣାଇବା ସହିତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ନମ୍ବର ମାଧ୍ୟମରେ ସରକାରଙ୍କ ନିକଟରେ ଅଭିଯୋଗ କରିପାରିବେ ବୋଲି ଏହି କମିଟିର ସଦସ୍ୟା ପଦାର୍ଥ ବିଜ୍ଞାନ ଅଧ୍ୟାପିକା ଅର୍ଚ୍ଚନା ମାଝୀ, ସଂସ୍କୃତ ପିଜିଟି ଅଧ୍ୟାପିକା ଦେବଜାନୀ ନାଏକ, ଲ୍ୟାବ୍ ସହିତ ଅନ୍ୟାୟ ଅଗରେ ମୁଣ୍ଡ ନ ନୁଆଁଇବା ପାଇଁ ଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। ଏହି ଯୌନ ନିର୍ଯାତନା ସଚେତନତା କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀମାନେ ଉପସ୍ଥିତ ରହି ଏହି ସଚେତନତା କାର୍ଯ୍ୟକ୍ରମକୁ ସଫଳ କରାଇ ଥିଲେ। କାର୍ଯ୍ୟକ୍ରମ ଶେଷରେ ପଦାର୍ଥ ବିଜ୍ଞାନ ଅଧ୍ୟାପିକା ଅର୍ଚ୍ଚନା ମାଝୀ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିନା ସୂଚନା ଫଳକରେ ଚାଲିଛି ପ୍ରକଳ୍ପ କାମ

ବାଙ୍କୀ (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦେଶ୍ୱର ଗ୍ରାମ ପଞ୍ଚାୟତରେ ମେଗା ପ୍ରୋଜେକ୍ଟ ଉଠା ଜଳ ସେଚନ ପ୍ରକଳ୍ପ ନିର୍ମାଣ କରାଯାଇଛି, ଏହି ଉଠା ଜଳ ସେଚନ ପ୍ରକଳ୍ପ ଶହଶହ କୋଟିରେ ରାଜ୍ୟ ସରକାରଙ୍କ ତହବିଲରୁ ମଞ୍ଜୁର ହୋଇ ଚାଷୀ ମାନଙ୍କ ପାଇଁ ମେଗା ଜଳ ସେଚନ ପ୍ରକଳ୍ପ କରାଯାଉଅଛି, କିନ୍ତୁ ଏହି ଜଳ ସେଚନ ପ୍ରକଳ୍ପଟି ଏବେ ଅଧାଅଧି କାମ ଚାଲୁଅଛି। ଏଥିରେ ବ୍ୟାପକ ଅନିୟମିତତା ହେଉଥିବାର ଜନ ସାଧାରଣରେ ଅଭିଯୋଗ ହେଉଅଛି। କିନ୍ତୁ ସରକାରଙ୍କ ନିୟମ ଅନୁସାରେ ସୂଚନା ଫଳକ କରାଯାଇ କାର୍ଯ୍ୟ ଆରମ୍ଭ ହେବା କଥା, ଏଠାରେ ସୂଚନା ଫଳକ ନ ଥାଇ ଠିକାଦାର ଓ ବିଭାଗୀୟ ଉଚ୍ଚ ପଦସ୍ଥ ଅଧୁକାରୀଙ୍କ ମଧୁ ଚନ୍ଦ୍ରିକାରେ ଅତି ନିମ୍ନମାନର କାର୍ଯ୍ୟ ଚାଲୁ ଅଛି। ଏହି ପ୍ରକଳ୍ପଟି ପ୍ରାୟ ଏକ ବର୍ଷେରୁ ଊର୍ଦ୍ଧ୍ୱ ହେବ କାର୍ଯ୍ୟ ଚାଲୁ ରହିଛି, ଏହା କେବେ ସମ୍ପୂର୍ଣ୍ଣ ହେବ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ! ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଯୋଗା ଯୋଗ କରିଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହେଲାନାହିଁ।

# ନବ ଉତ୍କଳ ସ୍ୱେଚ୍ଛାସେବୀ ସଂଗଠନର ହଇଜା ସଚେତନା କାର୍ଯ୍ୟକ୍ରମ



ଡେରାବିଶ (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ାର ନବଉତ୍କଳ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଆଜି କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଭାଗବତପୁର ପଂଚାୟତରେ ହଇଜା ସଚେତନତା କାର୍ଯ୍ୟକ୍ରମ ଓ ସଗଠନର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ହୋଇଯାଇଛି । ଏହି ଉପଲକ୍ଷେ ପ୍ରଥମେ ସଂଗଠନର କର୍ମକର୍ତ୍ତାମାନେ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମକୁ ବୁଲି ଲୋକମାନଙ୍କୁ ଡାକବାଜି ଯନ୍ତ୍ର ମାଧ୍ୟମରେ ହଇଜା ସମ୍ପର୍କରେ ସଚେନତତା କରାଇବା ସହ ସାମୂହିକ ଭାବରେ ବ୍ୟବହାର ହେଉଥିବା ନଳକୂପ ଓ ପାଣିଟ୍ୟାପ ସ୍ଥାନକୁ ସଫେଇ କରିବା ବ୍ଲିଚଂ ପାଉଡର ପକାଇ ବିଶୋଧିତ କରିଥିଲେ। ପରେ ଏହି ସଂଗଠନର ଏକ ନୂତନ କାର୍ଯ୍ୟାଳୟ ଗୃହକୁ ଉଦ୍‌ଘାଟନ କରଯାଇଥିଲା। ସଂଗଠନର ସଭାପତି କ୍ଷିରୋଦ କୁମାର ଘଡ଼ାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ମନୋଜ କୁମାର ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ପରିବେଶବିତ୍ ପ୍ରକୃତିବନ୍ଧୁ ଜେନାମଣୀ ବଳ ଯୋଗଦେଇ ସଂଗଠନର ନୂତନ କାର୍ଯ୍ୟାଳୟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିମାନେ ସ୍ଥାନୀୟ କୁନି ମେଧାବୀ ଛାତ୍ରୀ ସମୀକ୍ଷା ଜେନାଙ୍କ ହାତରେ କାର୍ଯ୍ୟାଳୟର ଫିତା କାଟିବା ସହ ପ୍ରଦୀପ ପ୍ରଜ୍ୱଳନ କରାଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ପାଦକ ବାଇଧର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ସଂଗଠନ ବର୍ଷତମାମ ଦୁସ୍ଥ ଓ ଅବହେଳିତ ଲୋକମାନଙ୍କର ସେବା କରିବା ସହିତ ବିଭିନ୍ନ ସାମାଜିକ କାର୍ଯ୍ୟରେ ବିଶେଷ ଭାବରେ ଅଂଶଗ୍ରହଣ କରିଥାଏ। ଶେଷରେ କୋଷାଧ୍ୟକ୍ଷ ବିଭୂତି ଭୂଷଣ ପତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବହୁ ବୁଦ୍ଧଜୀବୀ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଗଠନର ସମସ୍ତ ସଦସ୍ୟ ସଦସ୍ୟାମାନେ ପରିଚାଳନା କରିଥିଲେ।

# ଲକ୍ଷେଶ୍ୱର ଟ୍ରଷ୍ଟ ବୋର୍ଡ ସହ ଦେବୋତ୍ତର ବିଭାଗ ଆସିଷ୍ଟାଣ୍ଟ କମିଶନରଙ୍କ ଆଲୋଚନା

ଫୁଲନଖରା (ଭାସ୍କର ନ୍ୟୁଜ୍): କଟକ-ଭୁବନେଶ୍ୱର ଦୈତନଗରୀ ଫୁଲନଖରା ସ୍ଥିତ ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମହାଦେବ (ନଖରା) ଙ୍କ ପରିଚାଳନା ନିମନ୍ତେ ଏକ ଟ୍ରଷ୍ଟ ବୋର୍ଡ ଦେବୋତ୍ତର ବିଭାଗ ଅଧିନରେ କାର୍ଯ୍ୟ କରୁଅଛି। ୨୫ ତାରିଖ ଶୁକ୍ରବାର ୧୧ଟା ସମୟରେ ଭୁବନେଶ୍ୱର ଦେବୋତ୍ତର ବିଭାଗର ଆସିଷ୍ଟାଣ୍ଟ କମିଶନର ରୋହିତ ରଞ୍ଜନ ମିଶ୍ର ଓ ଇନ୍ସପେକ୍ଟର ମିତ୍ରଭାନୁ ନାୟକ ମନ୍ଦିର ଠାରେ ପହଞ୍ଚି ଟ୍ରଷ୍ଟ ବୋର୍ଡ ସଭାପତି ଗୁଣନିଧି ପଟ୍ଟନାୟକ, ସମ୍ପାଦକ ବଂଶୀଧର ଭୋଳ, ଶଶିଭୂଷଣ ମହାନ୍ତି, ମନ୍ଦିର ପୂଜକ ସରୋଜ ରଞ୍ଜନ ପାଢ଼ୀ, ଧୀରେନ୍ଦ୍ର କୁମାର ପାଢ଼ୀଙ୍କ ସହିତ ମନ୍ଦିରର ପରିଚାଳନା ସମ୍ପର୍କରେ ପଚାରି ବୁଝିଥିଲେ । ମାତ୍ର ଟ୍ରଷ୍ଟ ବୋର୍ଡରେ ୭ ଜଣ ସଭ୍ୟଥିବାରୁ ଏହାକୁ ବର୍ଦ୍ଧିତ କରାଯାଇ ୧୫ ଜଣ ସଭ୍ୟ ଭାବେ ଗ୍ରହଣ କରିବାକୁ ପ୍ରସ୍ତାବ ରଖିଥିଲେ। ମନ୍ଦିରର ସୁପରିଚାଳନା ପାଇଁ ଆବଶ୍ୟକ ଉପଲବ୍ଧି କରୁଥିବା ଟ୍ରଷ୍ଟ ବୋର୍ଡର ସଭ୍ୟମାନେ ଏବଂ ସେଠାରେ ଉପସ୍ଥିତ ଥିବା ଅଞ୍ଚଳର ବହୁ ବିଶିଷ୍ଟ ଭଦ୍ରବ୍ୟକ୍ତିଙ୍କ ସହିତ କମିଶନର ମନ୍ଦିରର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ପଦ୍ମନାଭ ପଟ୍ଟନାୟକ, ନଳୀନ ସ୍ୱାଇଁ, ପ୍ରଶାନ୍ତ କୁମାର ମହାନ୍ତି, କିଶୋର ପଟ୍ଟନାୟକ, ବଳରାମ ସାହୁ, ଲକ୍ଷ୍ମୀଧର ଭୋଳ, ପ୍ରଭାସ ଭୋଇ, ସୁଧାକର ସ୍ୱାଇଁ, ଅଜୟ କୁମାର ଜେନା, ବିଚିତ୍ରାନନ୍ଦ ଦଳାଇ ପ୍ରମୁଖ ଉପସ୍ଥିତ ରହି ମନ୍ଦିର ସମ୍ପର୍କୀୟ ବିଭିନ୍ନ ସମସ୍ୟାକୁ ଦୃଷ୍ଟିକୁ ଆଣିଥିଲେ। ଠାକୁରଙ୍କ ନିତିକାନ୍ତି ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦେବାକୁ ପୂଜକମାନଙ୍କୁ ପରାମର୍ଶ ଦେଇଥିଲେ। ସଦାସର୍ବଦା ମନ୍ଦିର ପରିସର ସଫାସୁତୁରା ରଖିବାକୁ କହିବା ସହିତ ଟ୍ରଷ୍ଟ ବୋର୍ଡର ଆବଶ୍ୟକତା ହୋଇପଡୁଥିବା ବୋର୍ଡ ମେମ୍ବର ବର୍ଦ୍ଧିତ ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ଆସିଷ୍ଟାଣ୍ଟ କମିଶନରଙ୍କୁ ବୋର୍ଡ ପକ୍ଷରୁ ଉତ୍ତରୀୟ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଜି ହେଉଛି ବିଶ୍ୱ ବାଘ ଦିବସ । ପ୍ରତିବର୍ଷ ଜୁଲାଇ ୨୯ ତାରିଖକୁ ଏହି ଦିବସ ରୂପେ ପାଳନ କରାଯାଇଥାଏ । ସଂପ୍ରତି ବିଶ୍ୱରେ ଦିନକୁଦିନ ବାଘ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ବିଶ୍ୱର ବାଘ ସଂଖ୍ୟାର ୭୦ ପ୍ରତିଶତ ଭାରତରେ ଅଛନ୍ତି । ବାଘ ସଂରକ୍ଷଣ, ସେମାନଙ୍କ ବଂଶ ବୃଦ୍ଧି, ବାସସ୍ଥଳୀର ସୁରକ୍ଷା ଓ ଶିକାରୀଙ୍କୁ ରୋକିବା ଏହି ଦିବସର ମୂଳ ଲକ୍ଷ୍ୟ । ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ଓଡ଼ିଶାରେ ଗତ ୫ବର୍ଷ ମଧ୍ୟରେ ୫୮ କଲରାପତରିଆ ଛାଲ, ୨ ମହାବଳ ବାଘ ଛାଲ ଶିକାରୀଙ୍କ ପାଖରୁ ଜବତ ହୋଇଛି । ଏଥିରୁ ପ୍ରମାଣିତ ହୁଏ ଜଙ୍ଗଲରେ ଚାଲିଛି ଶିକାରୀରାଜ ଓ ସେମାନଙ୍କ ପଛରେ ଅନ୍ତର୍ଜାତୀୟ ସିଣ୍ଡିକେଟ, ଆନ୍ତଃରାଜ୍ୟ ମାଫିଆଙ୍କ ହାତ ରହିଛି । ଯଦି ଏଭଳି ଚାଲେ ଆଗାମୀ ପିଢ଼ି ପାଇଁ ଏହି ଜାତୀୟ ପଶୁ ଇତିହାସ ପାଲଟିଯିବ । ଏହି ପରିପ୍ରେକ୍ଷୀରେ ବାଘର ସଂରକ୍ଷଣ ନିମନ୍ତେ ସମାଜକୁ ସଚେତନତାର ବାର୍ତ୍ତା ଦେବା ପାଇଁ ଭୁବନେଶ୍ୱର ପୋଖରୀପୁଟରେ କୁନି ଚିତ୍ରଶିଳ୍ପୀ ଶାଶ୍ୱତ ଶାନ୍ତିସ୍ୱରୂପ ନିଶ୍ଚଳ ରୂପେ 'ଆମ ହାତରେ ହିଁ ସୁରକ୍ଷା' ଶୀର୍ଷକ ଚିତ୍ରଟିଏ ସାରା ବିଶ୍ୱକୁ ଦେଇଛନ୍ତି କଳିଏ ବାର୍ତ୍ତା । ଏ ସମ୍ପର୍କରେ ସେ କୁହନ୍ତି ଆଜି ବିପଦରେ ଜଙ୍ଗଲର ରାଜା । ଜୈବ ବିବିଧତାର ସୁରକ୍ଷା ପାଇଁ ବାଘର ଉପସ୍ଥିତି ନିତାନ୍ତ ଜରୁରୀ ।



### ପିଜିଟି ଶିକ୍ଷକଙ୍କ ୫ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

# 'ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ ପାଇଁ ଗୁରୁଙ୍କୁ ନମ୍ର ହେବାକୁ ପଡ଼ିବ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଇତିହାସ ଓ ଇଂରାଜୀ ବିଷୟର ସ୍ନାତକୋତର ବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପାଇଁ ୫ ଦିନିଆ ପ୍ରଶିକ୍ଷଣ ଶିରିପୁରସ୍ଥିତ ଇମେଜ୍ ଠାରେ ଆୟୋଜିତ କରାଯାଇଛି । ଏହି ପ୍ରଶିକ୍ଷଣରେ ୧୦୦ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗ ଦେଇଛନ୍ତି । ଉଦଘାଟନୀ ଅଧିବେଶନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ,




ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ମାଳି, ସ୍ନିଗ୍ଧା ମିଶ୍ର, ଜୁଲି ମଙ୍ଗରାଜ ଓ ଉପ-ନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ଉପସ୍ଥିତ ଥିଲେ । ଉଦଘାଟନୀ ଅଧିବେଶନରେ ଯୋଗ ଦେଇ ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ନନ୍ଦ କହିଛନ୍ତି, ଛାତ୍ରଛାତ୍ରୀମାନଙ୍କର ସର୍ବାଙ୍ଗୀନ ଉନ୍ନତି ଓ ସେମାନଙ୍କର ଚରିତ୍ର ଗଠନ ନିମନ୍ତେ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ନମ୍ର ହେବାକୁ ପଡ଼ିବ । ଛାତ୍ରଛାତ୍ରୀଙ୍କ ମାନସିକ ଚାପକୁ ହ୍ରାସ କରିବା ପାଇଁ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଶିକ୍ଷା ପ୍ରଦାନ କରିବା ସହ ଅଭିଭାବକଙ୍କୁ ମଧ୍ୟ ସଚେତନ କରାଇବାର ଆବଶ୍ୟକତା ରହିଛି । ସେହିପରି ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ମାଳି ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ତାଲିମ୍ କାର୍ଯ୍ୟକ୍ରମରେ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଯୁଗ୍ମ ନିର୍ଦ୍ଦେଶିକା ସ୍ନିଗ୍ଧା ମିଶ୍ର ଧନ୍ୟବାଦ ଅର୍ପଣ କରିଛନ୍ତି । ପାଞ୍ଚ ଦିନିଆ ତାଲିମ୍ କାର୍ଯ୍ୟକ୍ରମରେ ପିଜିଟିଙ୍କ ଦକ୍ଷତା ବିକାଶ ଉପରେ ପ୍ରାଧାନ୍ୟ ଦିଆଯିବ । ଓଡ଼ିଶା କ୍ୟାରିୟର ପୋର୍ଟାଲ୍ ପରିଚାଳନା, ଶିକ୍ଷକଙ୍କ ବୃତିଗତ ବିକାଶ, ଶ୍ରେଣୀଗୃହ ପରିଚାଳନା ଓ ଶିକ୍ଷଣ ଦକ୍ଷତା ବିକାଶ, ଗ୍ରୁପ୍ ଆକ୍ଟିଭିଟି, ଆକାଂକ୍ଷା ବିଦ୍ୟାଳୟର ଗଠନ ଆଦି ସମ୍ପର୍କରେ ତାଲିମ୍ ଦିଆଯିବ । ଏଥିସହ ପୂର୍ବରୁ କରାଯାଇଥିବା ତାଲିମ୍ କାର୍ଯ୍ୟକ୍ରମରୁ ମତାମତ ଗ୍ରହଣ କରିବା ପରେ ଚଳିତ ତାଲିମ୍ କାର୍ଯ୍ୟକ୍ରମରେ ଆଇ-ଜିଓଟି କର୍ମଯୋଗୀ ଆପ୍‌ର ବ୍ୟବହାର, ଧନ୍ଦାମୂଳକ ଶିକ୍ଷା, ଛାତ୍ରବୃତି, ସୁସ୍ଥ ଶ୍ରେଣୀଗୃହ ପାଇଁ ବ୍ୟକ୍ତିଗତ ପୁଷ୍ଟିସାରସ୍ତର ବୃଦ୍ଧି ଓ ସ୍ୱାସ୍ଥ୍ୟର ଉନ୍ନତି, କ୍ଲାଇମେଟ୍‌ରେ ଜିଲିଏଣ୍ଟ ବିଦ୍ୟାଳୟ ଆଦି ସମ୍ପର୍କରେ ତାଲିମ୍ ଦିଆଯିବ ।




ଭୁବନେଶ୍ୱର ୟୁନିଟ୍-୨ରେ ଜଣେ ଦିବ୍ୟାଙ୍ଗଙ୍କ ଅଭିଯୋଗ ଶୁଣୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି

## ଆଲୋକ ତ୍ରିପାଠୀ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ଡିଆରଏମ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୧୯୯୮ ବ୍ୟାଚର ଭାରତୀୟ ରେଳବାଇ ଟ୍ରାଫିକ୍ ସେବାର ବରିଷ୍ଠ ଅଧିକାରୀ ଆଲୋକ ତ୍ରିପାଠୀ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ନୂତନ ମଣ୍ଡଳ ରେଳବାଇ ପ୍ରବନ୍ଧକ (ଡିଆରଏମ) ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏଚ୍.ଏସ୍. ବାଜଓ୍ୱାଙ୍କଠାରୁ ଶ୍ରୀ ତ୍ରିପାଠୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ନୂତନ ନିଯୁକ୍ତି ପୂର୍ବରୁ ଶ୍ରୀ ତ୍ରିପାଠୀ ନୂଆଦିଲ୍ଲୀର ରେଳବାଇ ବୋର୍ଡରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଫ୍ରେଟ ମାର୍କେଟିଂ) ଭାବରେ କାର୍ଯ୍ୟ କରୁଥିଲେ । ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଏକ ବଳିଷ୍ଠ କ୍ୟାରିଅର ସହିତ, ସେ ଭାରତୀୟ ରେଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ବ୍ୟାପକ ପ୍ରଶାସନିକ ଏବଂ ପରିଚାଳନାଗତ ଅଭିଜ୍ଞତା ଆଣିଛନ୍ତି ।

## ସତ୍ୟବିହାର ଲେଡ଼ିଜ ହଷ୍ଟେଲରେ ଅଗ୍ନିକାଣ୍ଡ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସୋମବାର ସକାଳ ୯.୪୫ମିନିଟରେ ସତ୍ୟବିହାରର ଏକ ଲେଡ଼ିଜ ହଷ୍ଟେଲରେ ଅଗ୍ନିକାଣ୍ଡ ଘଟିଥିଲା । ଏଠାରେ ପୂଜା ପାଇଁ ବ୍ୟବହୃତ ଦୀପ ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି । ସୌଭାଗ୍ୟବଶତଃ ସେହି ସମୟରେ ହଷ୍ଟେଲ ଭିତରେ କେହି ନଥିଲେ । କିଛି ମିନିଟ୍ ମଧ୍ୟରେ ପାହାଳ ଅଗ୍ନିଶମ କେନ୍ଦ୍ରର କର୍ମଚାରୀ, ମଞ୍ଚେଶ୍ୱର ଏବଂ ଭୁବନେଶ୍ୱରର କିଛି ୟୁନିଟ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ସେମାନେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେଇ ନିଆଁକୁ ଆୟତ୍ତ କରିବାରୁ ନିଆଁ ପାଖ ଘରଗୁଡ଼ିକକୁ ବ୍ୟାପି ନଥିଲା । ନିଆଁରେ ଏକ ଲାପଟପ୍, ଏକ ରେଫ୍ରିଜରେଟର, ଚାରୋଟି ମୋବାଇଲ୍ ଫୋନ୍ ନଷ୍ଟ ହୋଇଥିବା ଜଣାପଡିଛି । ଅଗ୍ନିଶମ କର୍ମଚାରୀମାନେ ସେମାନଙ୍କର ପ୍ରଶିକ୍ଷଣ ଓ ଦକ୍ଷତାକୁ ବ୍ୟବହାର କରି ବଡ଼ ଅଘଟଣକୁ ରୋକିପାରିଥିବା ନେଇ ସ୍ଥାନୀୟ ଜନସାଧାରଣ ଅଗ୍ନିଶମ ବିଭାଗକୁ ପ୍ରଶଂସା କରିଛନ୍ତି ।

## ଟ୍ୱିନ୍‌ସିଟିରେ ଟ୍ରାଫିକ ସମ୍ଭାଳିବେ ଛାତ୍ରଛାତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଟ୍ୱିନସିଟିରେ ଟ୍ରାଫିକ ସମ୍ଭାଳିବେ ଛାତ୍ରଛାତ୍ରୀ । ୫୩ ଷ୍ଟୁଡେଣ୍ଟ ଟ୍ରାଫିକ ଭଲ୍ୟୁଣ୍ଟିୟର ଆଜି କମିଶନରେଟ ପୋଲିସରେ ସାମିଲ ହୋଇଛନ୍ତି । ସମସ୍ତଙ୍କୁ ଏକ ନିର୍ଦ୍ଦିଷ୍ଟ ପୋଷାକ ସହ ଟୋପି ପ୍ରଦାନ କରାଯାଇଛି । ନିଜ ପାଠ ପଢା ସହ ଟ୍ରାଫିକ ଦାୟିତ୍ୱ ତୁଲାଇବେ ଏହି ଛାତ୍ରଛାତ୍ରୀ । ଏମାନଙ୍କ ଯୋଗଦାନ ଆମ ପାଇଁ ବଡ଼ ସହାୟକ ହେବ ବୋଲି କହିଛନ୍ତି ପୋଲିସ କମିଶନର ଏସ. ଦେବଦତ୍ତ ସିଂ । ଏହା ଦ୍ୱାରା ଟ୍ରାଫିକ ବ୍ୟବସ୍ଥା ଆହୁରି ମଜଭୁତ ହେବ ବୋଲି ସେ ପ୍ରତିକ୍ରିୟା ରଖିଛନ୍ତି ।

## ଜମିକିଣାକୁ ନେଇ ଠକେଇର ଶିକାର ହେଲେ ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜମିକିଣାକୁ ନେଇ ଠକେଇର ଶିକାର ହେବା ପରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ମନ୍ତ୍ରୀ ବଣଶୀଙ୍ଗ ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଜମି ପାଇଁ ଅଗ୍ରିମ ୨୫ ଲକ୍ଷ ଦେଇଥିଲେ । ମାତ୍ର ଉକ୍ତ ବ୍ୟକ୍ତି କୌଣସି କାରଣରୁ ଜମି ଦେଇ ପାରିନଥିଲେ । ତେବେ ଟଙ୍କା ଫେରାଇବାକୁ କହିବାରୁ ବ୍ଲାଙ୍କ ଚେକ୍ ଦେଇଥିଲେ । ଏନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଅନ୍ୟପକ୍ଷରେ ଯୋଗାଣ ମନ୍ତ୍ରୀ ଠକେଇର ଶିକାର ହେବାକୁ ନେଇ ତେଜିଛି ରାଜନୀତି । ଘଟଣାକୁ ନେଇ ବିରୋଧୀ ଦଳ ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ଗଣମାଧ୍ୟମରେ ଏହା ପ୍ରକାଶିତ ହୋଇଛି । ଯାହାକି ଦର୍ଶାଉଛି ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ । ନାରୀ ନିର୍ଯାତନା ବଢ଼ି ବଢ଼ି ଚାଲିଛି, ଅପରାଧ ବଢୁଛି ଆଉ ଏବେ ଯୋଗାଣ ମନ୍ତ୍ରୀ ଠକେଇର ଶିକାର । ବିଧାନସଭା ମୌସୁମୀ ଅଧିବେଶନକୁ ସେଥିପାଇଁ ବିଳମ୍ବ କରୁଛନ୍ତି ସରକାର । ମୌସୁମୀ ଅଧିବେଶନ କ'ଣ ଶୀତ ଦିନେ ଡାକିବେ କହି ସରକାରକୁ ଟାର୍ଗେଟ କରିଛନ୍ତି ବିରୋଧୀ ଦଳ ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ । ସେପଟେ ଯୋଗାଣ ମନ୍ତ୍ରୀଙ୍କ ଉତର ହେଲା ଏହା ପୁରୁଣା ଘଟଣା । ୪-୫ ବର୍ଷ ତଳର ଘଟଣା । ତା ଭିତରକୁ କାହିଁକି ଯିବା । ବ୍ୟକ୍ତିଗତ କଥା । ଜାଗା କିଣିବା ପାଇଁ ପଇସା ଦିଆଯାଇଥିଲା । ଫେରେଇବେ ଫେରେଇବେ ବୋଲି କହି ଫେରାଇ ନାହାଁନ୍ତି । ଗୋଟିଏ କମ୍ପାନୀରେ ମୁଁ ନିର୍ଦ୍ଦେଶକ ଥିବା ସମୟରେ ଜାଗା କିଣିବାକୁ ଟଙ୍କା ଦେଇଥିଲି ।

## କ୍ୟାପିଟାଲ ହାଇସ୍କୁଲରେ ୮୩ ବ୍ୟାଚ୍ ଛାତ୍ରଙ୍କ ଦ୍ୱାରା ଚାରାରୋପଣ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କ୍ୟାପିଟାଲ ହାଇସ୍କୁଲ୍‌ର ୮୩ ମସିହା ପୁରାତନ ଛାତ୍ର ମାନଙ୍କ ଦ୍ୱାରା ଗଠିତ ସିଏଚ୍‌ଏସ୍ ୮୩ ୱେଲଫେୟାର ସୋସାଇଟି ଦ୍ୱାରା ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଚାରାରୋପଣ ଅଭିଯାନ କରାଯାଇଥିଲା । ଏଥିରେ କ୍ୟାପିଟାଲ ହାଇସ୍କୁଲ୍ ସହିତ ଭୌମନଗର ପ୍ରାଥମିକ ବିଦ୍ୟାଳୟ, ଖାରବେଳ ନଗର ପ୍ରାଥମିକ ବିଦ୍ୟାଳୟ ଏବଂ ମଦନପୁର ନିକଟସ୍ଥ ଦେଉଳିଆ ପାଟଣା ଠାରେ କାମ୍ୟା ଫୁଡ୍‌ର ମିଳିତ ସହଯୋଗରେ ପ୍ରାୟ ୧୨୦ଟି ଫଳ ଚାରା ରୋପଣ କରାଯାଇଛି । ବିଶ୍ୱ ପରିବେଶ ଓ ଉତ୍ତାପ ବୃଦ୍ଧିକୁ ପ୍ରତିହତ କରି ପରିବେଶକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଆଗାମୀ ଦିନରେ ଏହା ଚାଲୁ ରଖିବା ସହିତ ବିଭିନ୍ନ ବ୍ୟକ୍ତି ବିଶେଷ, ସଂଗଠନକୁ ଏଥିରେ ସାମିଲ ହେବା ପାଇଁ ସଂଗଠନ ତରଫରୁ ନିମନ୍ତ୍ରଣ କରାଯାଉଛି ।

## କ୍ୟାପିଟାଲ ହାଉସିଂ କର୍ପୋରେସନର ପୂର୍ବତନ ଚେୟାରମ୍ୟାନଙ୍କ ନାଁରେ ଏତଲା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କ୍ୟାପିଟାଲ ହାଉସିଂ କର୍ପୋରେସନର ପୂର୍ବତନ ଚେୟାରମ୍ୟାନ ବିଶ୍ୱ ରଞ୍ଜନ ମହାନ୍ତିଙ୍କ ନାଁରେ ଏତଲା ହୋଇଛି । ପଦବୀରେ ନଥାଇ ମଧ୍ୟ ସେ ନିଜ ଗାଡିରେ ବୋର୍ଡ ଲଗାଇ ବୁଲୁଥିବା ଅଭିଯୋଗ କରିଛନ୍ତି ବର୍ତମାନର ଚେୟାରମ୍ୟାନ ବିଜୟଲକ୍ଷ୍ମୀ ମହାପାତ୍ର । ଏନେଇ ଶ୍ରୀମତୀ ମହାପାତ୍ର ସୋମବାର ଦିନ ସହିଦ ନଗର ଥାନରେ ଏତଲା ଦାୟର କରି ପୋଲିସର କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି ।

## ଯୌନ ନିର୍ଯାତନା ଅଭିଯୋଗ ଆଣିଲେ ଏମ୍ସ ମହିଳା ଆଟେଣ୍ଡାଣ୍ଟ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏମ୍ସର ଜଣେ ମହିଳା ହସ୍ପିଟାଲ ଆଟେଣ୍ଡାଣ୍ଟ ଜଣେ ପୁରୁଷ ନର୍ସିଂ ଅଧିକାରୀଙ୍କ ବିରୁଦ୍ଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି । ଖଣ୍ଡଗିରି ପୋଲିସ ଷ୍ଟେସନରେ ଦାଖଲ ହୋଇଥିବା ଏକ ଲିଖିତ ଅଭିଯୋଗ ଅନୁଯାୟୀ, ମହିଳା ହସ୍ପିଟାଲ ଆଟେଣ୍ଡାଣ୍ଟ ଅଭିଯୋଗ କରିଛନ୍ତି ଯେ, ନର୍ସିଂ ଅଫିସର ନାନୁ ରାମ ଚୌଧୁରୀ ତାଙ୍କୁ ରବିବାର ବିଳମ୍ବିତ ରାତିରେ ଡାକ୍ତରଙ୍କ କୋଠରୀକୁ ଡାକି କବାଟ ବନ୍ଦ କରିଦେଇଥିଲେ ଏବଂ ଶାରୀରିକ ନିର୍ଯାତନା ଦେଇଥିଲେ । ନର୍ସିଂ ଅଫିସର ଅଶାଳୀନ ବ୍ୟବହାର କରିଥିଲେ ଏବଂ ଅସଦାଚରଣ କରିଥିଲେ । ଅଭିଯୋଗକାରିଣୀ କହିଛନ୍ତି ଯେ, ସେ ତୁରନ୍ତ ହସ୍ପିଟାଲର ନିୟନ୍ତ୍ରଣ କକ୍ଷକୁ ଅବଗତ କରାଇଥିଲେ । ହସ୍ପିଟାଲର ନିୟନ୍ତ୍ରଣ କକ୍ଷ ତାଙ୍କୁ ଆନୁଷ୍ଠାନିକ ଭାବରେ ପୋଲିସ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲା । ତାଙ୍କ ଅଭିଯୋଗ ପରେ, ଖଣ୍ଡଗିରି ପୋଲିସ ଷ୍ଟେସନର ଇନସପେକ୍ଟର-ଇନଚାର୍ଜଙ୍କ ସମେତ ପୋଲିସ କର୍ମଚାରୀମାନେ ଘଟଣାର ତଦନ୍ତ କରିବା ଏବଂ କ୍ୟାମ୍ପସରେ ବଢୁଥିବା ଉତେଜନାକୁ ସମାଧାନ କରିବା ପାଇଁ ଏମ୍ସ ଭୁବନେଶ୍ୱରରେ ପହଁଞ୍ଚିଥିଲେ । ଏହି ଘଟଣାର ଖବର ପ୍ରସାର ହେବା ମାତ୍ରେ, ହସ୍ପିଟାଲ ପରିଚାରିକାଙ୍କ ଏକ ଗୋଷ୍ଠୀ ହସ୍ପିଟାଲ ପରିସରରେ ପ୍ରତିବାଦ ଆରମ୍ଭ କରିଥିଲେ । ଅଭିଯୁକ୍ତ ନର୍ସିଂ ଅଧିକାରୀଙ୍କୁ ତୁରନ୍ତ ନିଲମ୍ବନ ଏବଂ ଗିରଫ ଦାବି କରିଥିଲେ । ସେମାନେ ମହିଳା କର୍ମଚାରୀଙ୍କ ପାଇଁ ଦୃଢ଼ ସୁରକ୍ଷା ଏବଂ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶ ପାଇଁ ମଧ୍ୟ ଦାବି କରିଥିଲେ । ପୋଲିସ ଏମ୍ସ ଭୁବନେଶ୍ୱର ମାମଲାରେ ଏକ ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିଛି ଏବଂ ପ୍ରତିବାଦକାରୀଙ୍କୁ ପ୍ରତିଶ୍ରୁତି ଦେଇଛି ଯେ, ତଦନ୍ତ ଆଧାରରେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ବିଡାନାସୀ ବଡନାଳ କାମ ପରିଦର୍ଶନ କଲେ ସୋଫିଆ

କଟକ(ଭାସ୍କର ନ୍ୟୁଜ୍): ସୋମବାର ପୂର୍ବାହ୍ନରେ ବିଧାୟିକା ସୋଫିଆ ଫିରଦୋସ ବିଡାନାସୀରେ ଚାଲୁଥିବା ବଡନାଳ ନିର୍ମାଣ କାର୍ଯ୍ୟର ତଦାରଖ ଓ ଅଗ୍ରଗତି ସଂପର୍କରେ ନାଳ କାମ ବୁଲି ଦେଖିଥିଲେ । ଖୁବଶୀଘ୍ର ନାଳ କାମ ଶେଷ କରିବାକୁ ବିଧାୟିକା ସୋଫିଆ ଉପସ୍ଥିତ ପଦାଧିକାରୀ ଓ ଯନ୍ତ୍ରୀ ଏବଂ କଣ୍ଟ୍ରାକ୍ଟରଙ୍କୁ ପରାମର୍ଶ ଦେଇଥିଲେ । ୱାର୍ଡ ଅଞ୍ଚଳରେ ଚାଲୁରହିଥିବା ସମସ୍ତ କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ବିଧାୟିକା ସୋଫିଆ ପରାମର୍ଶ ଦେଇଥିଲେ । ଏହି ଅବସରରେ କଟକ ମହାନଗର ନିଗମ ସିଟି ଇଞ୍ଜିନିୟର ଇଂ ଅତନୁ କୁମାର ସାମନ୍ତ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଇଂ. ସୁବାଷ ଚନ୍ଦ୍ର ସାହୁ, ୱାର୍ଡ ଜେଇ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଭାନୁ ସେନାପତି, ଟୁକୁନା ସେନାପତି, ସୁବାସ ଚନ୍ଦ୍ର ସାହୁ, ସତ୍ୟଶ୍ରୀ ବେହେରା, ଶିଶିର କୁମାର ନାୟକ, ବିବେକ ସାମନ୍ତରାୟ, ଜିତେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଉଚ୍ଚଶିକ୍ଷା ବିଭାଗର ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ହ୍ୟାକ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉଚ୍ଚଶିକ୍ଷା ବିଭାଗର ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ଆଜି ସକାଳେ କିଛି ସମୟ ପାଇଁ ହ୍ୟାକ୍ ହୋଇଥିବାର ଜଣାପଡିଛି । ବିଭାଗର କାର୍ଯ୍ୟକଳାପ ସହ ସମ୍ପୃକ୍ତ ନଥିବା କିଛି ପୋଷ୍ଟ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଅପଲୋଡ୍ ହୋଇଥିଲା । ଉକ୍ତ ଘଟଣାଟି ବିଭାଗର ନଜରକୁ ଆସିବା ପରେ, ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟକୁ ରିଟ୍ରାଇଭ କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି । ଉଚ୍ଚଶିକ୍ଷା ବିଭାଗ ତରଫରୁ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟକୁ ରିଟ୍ରାଇଭ କରାଯିବା ସହିତ ବିଭାଗ ସହ ସମ୍ପୃକ୍ତ ନ ଥିବା ପୋଷ୍ଟ ଗୁଡ଼ିକୁ ହଟାଇ ଦିଆଯାଇଛି । ଉଚ୍ଚଶିକ୍ଷା ବିଭାଗ ଏହି ଘଟଣାକୁ ଗୁରୁତ୍ୱର ଭାବେ ଗ୍ରହଣ କରିବା ସହ ଏହି ସମ୍ବନ୍ଧୀୟ ଏକ ଏଫ୍‌ଆଇଆର୍ ଦାଖଲ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ଇନଷ୍ଟା ଆଇଡି ହ୍ୟାକ୍ ହେବା ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ । ସେ କହିଛନ୍ତି ଯେ ଉଚ୍ଚଶିକ୍ଷା ବିଭାଗ ଆଇଡି ହ୍ୟାକ କେତେ ଦିନ ହେଲା ହେଇଛି ସେ ନେଇ ରିପୋର୍ଟ ଆସିଲା ପରେ ଜଣାପଡ଼ିବ । କେତେ ଦିନ ହେଲା କିମ୍ବା କିଏ କରିଛି , ଏଥିକଲ କିମ୍ବା ଦେଶ ବାହାର ହାକର ହ୍ୟାକ୍ କରିଛି ସେ ବିଷୟରେ ସାଇବର ସେଲ୍ ସହ ଆମେ ଆଲୋଚନା କରୁଛୁ । ରିପୋର୍ଟ ଆସିଲେ ସବୁ ଜଣା ପଡ଼ିବ ।

## ବିଭିନ୍ନ ଚା', ପାନ ଦୋକାନରେ ରେଡ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କମିଶନରେଟ ପୋଲିସର ଆଣ୍ଟି ଡ୍ରଗ୍ସ ଅପରେସନ । ରାଜଧାନୀର ବିଭିନ୍ନ ଚାହା ଓ ପାନ ଦୋକାନରେ ସ୍ପେଶାଲ କ୍ରାଇମ ୟୁନିଟ ରେଡ୍ କରିଛି । ଖଣ୍ଡଗିରି ଅଞ୍ଚଳରେ ଚଢ଼ାଉ ଜାରି ରଖିଛି ପୋଲିସ । ଚଢ଼ାଉ ବେଳେ କିଛି ଦୋକାନରୁ ଗଞ୍ଜେଇ ମିଳିବା ପରେ ଦୋକାନୀଙ୍କୁ ଉଠେଇ ନେଇଛି ପୋଲିସ ।

## ପୌରାଞ୍ଚଳ ଶିକ୍ଷା ଅଧିକାରୀଙ୍କ ସ୍ଥାୟୀ ଅବସ୍ଥାନ ପାଇଁ ଶିକ୍ଷା ସଚିବଙ୍କୁ କୈଫିୟତ ତଲବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ମ୍ୟୁନିସିପାଲଟି ଶିକ୍ଷା ମଣ୍ଡଳ ନିମନ୍ତେ ସ୍ଥାୟୀ ଶିକ୍ଷା ଅଧିକାରୀଙ୍କ ନିଯୁକ୍ତି ନିମନ୍ତେ ୨୦୨୨ ମସିହାରୁ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଏହାକୁ ଅଣଦେଖା କରାଯାଉଥିଲା । ଏ ସମ୍ବନ୍ଧରେ ଶିକ୍ଷା ସଚିବ, ଭୁବନେଶ୍ୱର ମେୟରଙ୍କୁ ନ୍ୟାସନାଲ ପ୍ୟାରେଣ୍ଟ୍ ଫେଡେରେସନ୍ ତରଫରୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିଲା । ଫେଡେରେସନ୍ ସଭାପତି ଭୃଗୁମୋହନ ବେବର୍ତ୍ତା ପଟ୍ଟନାୟକ ଏହି ଅବ୍ୟବସ୍ଥାକୁ ନେଇ ରାଜ୍ୟ ମାନବାଧିକାର ଆୟୋଗଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲେ । ଯାହାର ପ୍ରାଥମିକ ଶୁଣାଣି କରି ଅଧକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୁଜାହାରି ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ସଚିବଙ୍କୁ ନୋଟିସ୍ ଜାରି କରିଛନ୍ତି ବୋଲି ଶ୍ରୀ ପଟ୍ଟନାୟକ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଓଡ଼ିଶାର ୩୧୪ ବ୍ଲକ୍ ରେ ୬୦୦୦ ରୁ ଉର୍ଦ୍ଧ୍ୱ ବେସରକାରୀ ବିଦ୍ୟାଳୟ ଥିବା ଭୁବନେଶ୍ୱର ମ୍ୟୁନିସିପାଲିଟି ରେ ଥିବା ବେସରକାରୀ ବିଦ୍ୟାଳୟ ସଂଖ୍ୟା ହେଉଛି ୪୦୦ରୁ ଉର୍ଦ୍ଧ୍ୱ ଯାହାକି ପରିସଂଖ୍ୟାନ ଅନୁଯାୟୀ ମାତ୍ରାଧିକ, ଏପରିକି ବହୁ ଜିଲ୍ଲା ଠାରୁ ମଧ୍ୟ ଭୁବନେଶ୍ୱର ର ବିଦ୍ୟାଳୟ ସଂଖ୍ୟା ଅଧିକ ଫଳରେ ଅଫିସ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି । ଏହାକୁ ଦୃଷ୍ଟିରେ ରଖି ୨୦୨୨ ମସିହାରେ ଗଣଶିକ୍ଷା ବିଭାଗ ତରଫରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସ୍ତରୀୟ ଜଣେ ଅଧିକାରୀଙ୍କୁ ପୌରାଞ୍ଚଳ ଶିକ୍ଷାଧିକାରୀ ରୁପେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ ଅଦ୍ୟାବଧି କୌଣସିଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇନାହିଁ ଫଳରେ ସାଧାରଣ ଜନତାଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ଏବଂ ଯେକୌଣସି କାର୍ଯ୍ୟପାଇଁ ୩୦ କିଲୋମିଟର ଦୁରରେ ଥିବା ଖୋର୍ଦ୍ଧା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡୁଛି, ତେଣୁ ତୁରନ୍ତ ସ୍ଥାୟୀ ଅଧିକାରୀଙ୍କୁ ନିଯୁକ୍ତି ଦେବାକୁ ଦାବି ରଖାଯାଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ଫେଡେରେସନ୍ ଉପସଭାପତି ସ୍ୱପ୍ନେନ୍ଦୁ ସାମନ୍ତରାୟ, ନିର୍ମଳ ରାଉତ ଉପଦେଷ୍ଟା ନାଗାର୍ଜୁନ ସେଠୀ, ସଂପାଦକ ରମେଶ ଭାରତୀ ଏବଂ ସଞ୍ଜୟ ମହାନ୍ତି ଉପସ୍ଥିତ ଥିଲେ ।

## ଜରୁରିକାଳୀନ ସହାୟତା କେନ୍ଦ୍ର କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ସମୀକ୍ଷା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୋମବାର ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମଞ୍ଚେଶ୍ୱର ସ୍ଥିତ ଜରୁରୀ କାଳୀନ ସହାୟତା କେନ୍ଦ୍ର (ଇଆର୍‌ଏସ୍‌ଏସ୍)(ଡାଏଲ-୧୧୨)କୁ ଗସ୍ତ କରି ଏହାର କାର୍ଯ୍ୟକାରିତା, ପରିଚାଳନା ଏବଂ ଆଧୁନିକୀକରଣ ସମ୍ପର୍କରେ ବିସ୍ତୃତ ଭାବେ ସମୀକ୍ଷା କରିଛନ୍ତି । ସମସ୍ୟାରେ ପଡ଼ିଥିବା ସାଧାରଣ ଲୋକଙ୍କୁ ଅଳ୍ପ ସମୟ ମଧ୍ୟରେ ତ୍ୱରିତ ସେବା ଯୋଗାଇ ଦେବା ଉପରେ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଗୁରୁତ୍ୱାରୋପ କରିଛନ୍ତି । ଏଥି ନିମନ୍ତେ ଉପଯୁକ୍ତ ମାନବ ସମ୍ବଳ, ଅଧିକ ଜରୁରୀ କାଳୀନ ସହାୟତା ଯାନ ଏବଂ ଅତ୍ୟାଧୁନିକ ଯନ୍ତ୍ରପାତିରେ ଯାନ ଗୁଡିକୁ ସୁସଜ୍ଜିତ କରାଯାଇ ରଜଝଝକୁ ଅଧିକ ସଶକ୍ତ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡିକରେ ନିୟୋଜିତ ଥିବା ଜରୁରୀ କାଳୀନ ଯାନ ଗୁଡିକୁ ମଧ୍ୟ ରଜଝଝ ସହ ସଂଯୋଗ କରିବାକୁ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଏହା ବ୍ୟତୀତ ଇଆର୍‌ଏସ୍‌ଏସ୍‌ର ଦୃଢ଼ୀକରଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଥିବା ଅର୍ଥ ରାଶିକୁ ସଠିକ ସମୟ ମଧ୍ୟରେ ଖର୍ଚ୍ଚ କରାଯିବା ଉପରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଏହା ସହ ତୁରନ୍ତ ୪୦୯ଟି ଜରୁରୀ କାଳୀନ ଯାନକୁ ଭଡା ସୂତ୍ରରେ ଆଣି ରଜଝଝ କାର୍ଯ୍ୟରେ ନିୟୋଜିତ କରିବାକୁ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ମୋବାଇଲ ଡାଟା ଟର୍ମିନାଲ, ସ୍ମାର୍ଟ ଫୋନ, ଜିପିଏସ ଭଳି ଅତ୍ୟାଧୁନିକ ଯନ୍ତ୍ରପାତିକୁ ଜରୁରୀ କାଳୀନ ଯାନରେ ଲଗାଯାଇ ଇଆର୍‌ଏସ୍‌ଏସ୍ ବ୍ୟବସ୍ଥାକୁ ସଶକ୍ତ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି । ଏହା ବ୍ୟତୀତ ଇଆର୍‌ଏସ୍‌ଏସ୍‌ରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ( ମୁଖ୍ୟାଳୟ) ତଥା ଇଆର୍‌ଏସ୍‌ଏସ୍‌ର ନୋଡାଲ ଅଫିସର ପ୍ରତୀକ ମହାନ୍ତି ସମୀକ୍ଷା ବୈଠକ ପରିଚାଳନା କରିଥିଲେ । ଉକ୍ତ ବୈଠକରେ ସ୍ୱାସ୍ଥ୍ୟ, ଅଗ୍ନିଶମ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ଜଙ୍ଗଲ ଓ ପରିବେଶ, ଓକାକ, ଓସଡମା ଆଦି ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ 'ଚରକାୟତନ' ଉଦ୍‌ଘାଟିତ

# 'ଆୟୁର୍ବେଦ ହେଉଛି ଭାରତର ଗର୍ବ ଓ ଗୌରବ'

କଟକ(ଭାସ୍କର ନ୍ୟୁଜ୍): ଆୟୁର୍ବେଦ ହେଉଛି ଭାରତର ଗର୍ବ ଓ ପରିଚୟ । ତେବେ ଯୋଗ ପରି ଏହାର ସମ୍ପୂର୍ଣ୍ଣ ସ୍ୱୀକୃତି ଆବଶ୍ୟକ । ଏଥିସହ କୃତ୍ରିମ ବୁଦ୍ଧିମତ୍ତା ସାହାଯ୍ୟରେ ବିଶ୍ୱବିଖ୍ୟାତ ଚରକ ସଂହିତାର ପ୍ରଚାର ପ୍ରସାର ସମ୍ଭବ । ସୋମବାରସ୍ଥାନୀୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଛଅ ଦିନିଆ ଆୟୁର୍ବେଦ ସମ୍ମିଳନୀ 'ଚରକାୟତନ'ର ଉଦଘାଟନୀ ଉତ୍ସବରେ କିଛି ଏହିପରି କହିଛନ୍ତି ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର । ଛଅ ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ଚରକ ସଂହିତା ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସର୍ବଭାରତୀୟ ଆୟୁର୍ବେଦ କଂଗ୍ରେସର ସଭାପତି ପଦ୍ମଭୂଷଣ ଦେବେନ୍ଦ୍ର ତ୍ରିଗୁଣା ସାରା ଦୁନିଆଁ କିଭଳି




ଆୟୁର୍ବେଦ ପ୍ରତି ଆକୃଷ୍ଟ ହେଉଛି ବୋଲି କହିଥିଲେ । ଏଥିସହ ଭାରତର, ବିଶେଷକରି ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠର ମେଧାବୀ ବିଦ୍ୟାର୍ଥୀମାନେ କିଭଳି ସାରା ବିଶ୍ୱର ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ଆୟୁର୍ବେଦର ପ୍ରସାର ପାଇଁ ଚୁକ୍ତିନାମା ସ୍ୱାକ୍ଷର (ଏମ୍‌ଓୟୁ) କରୁଛନ୍ତି, ତାହା ବର୍ଣ୍ଣନା କରିଥିଲେ । ଉଦଘାଟନୀ ଉତ୍ସବରେ ଶ୍ରୀ ଶ୍ରୀ କଲେଜ ଅଫ୍ ଆୟୁର୍ବେଦିକ ସାଇନ୍ସ ଆଣ୍ଡ ରିସର୍ଚ୍ଚ ହସ୍ପିଟାଲ କର୍ତ୍ତୃପକ୍ଷଙ୍କର ତିନିଟି ପୁସ୍ତକ ଉନ୍ମୋଚିତ ହୋଇଥିଲା । 'ଚରକାୟତନ' ସମ୍ମିଳନୀରେ ପ୍ରାୟ ଦେଢ଼ଶହରୁ ଉର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି । ଆସନ୍ତା ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ଆୟୁର୍ବେଦ ଛାତ୍ରଛାତ୍ରୀ ଓ ଏ ଦିଗରେ ଆଗ୍ରହୀ ବ୍ୟକ୍ତିବିଶେଷଙ୍କ ପାଇଁ ଗୁରୁତ୍ୱ ସହକାରେ ଚରକ ସଂହିତାର ତଥ୍ୟ ସମ୍ବଳିତ ଅଧ୍ୟୟନ ଓ ପର୍ଯ୍ୟବେକ୍ଷଣ କରାଯିବାର କାର୍ଯ୍ୟକ୍ରମ ରହିଛି । କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠ ଦ୍ୱାରା 'ଚରକାୟତନ' ଆୟୋଜିତ ହେଉଥିବା ବେଳେ ଏଥିରେ ସର୍ବଭାରତୀୟ ଆୟୁର୍ବେଦ କଂଗ୍ରେସର ସଭାପତି ପଦ୍ମଭୂଷଣ ଦେବେନ୍ଦ୍ର ତ୍ରିଗୁଣାଙ୍କ ସହ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠର ନିର୍ଦ୍ଦେଶିକା ଡ. ବନ୍ଦନା ସିରୋହା, କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରାଳୟ ଉପନିର୍ଦ୍ଦେଶକ ସତ୍ୟଜିତ ପାଲ୍, ନ୍ୟାସନାଲ କମିଶନ ଫର୍ ଇଣ୍ଡିଆନ୍ ସିଷ୍ଟମ୍ ଅଫ୍ ମେଡିସିନ୍ସ (ଏନସିଆଇଏସ୍‌ଏମ୍)ର ଅଧ୍ୟକ୍ଷ ଡ. ବି.ଏଲ୍. ମେହରା, ସେଣ୍ଟ୍ରାଲ କାଉନସିଲ୍ ଫର୍ ରିସର୍ଚ୍ଚ ଇନ୍ ଆୟୁର୍ବେଦିକ୍ ସାଇନସେସ୍ (ସିସିଆରଏସ୍)ର ଡାଇରେକ୍ଟର ଜେନେରାଲ୍ ରବିନାରାୟଣ ଆଚାର୍ଯ୍ୟ, ଶ୍ରୀ ଶ୍ରୀ ତତ୍ତ୍ୱର ପରିଚାଳନା ନିର୍ଦ୍ଦେଶକ ଅରବିନ୍ଦ ବର୍ଚ୍ଚସ୍ୱୀ, ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠର ଗଭର୍ଣ୍ଣିଂ ବଡି ସଦସ୍ୟ ଡ. ମନୋଜ ନେସାରୀ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସଭାପତି ଡ. ରଜିତା କୁଲକର୍ଣ୍ଣୀଙ୍କ ସମେତ ବହୁ ଦିଗ୍ ଗଜ ଯୋଗ ଦେଇଛନ୍ତି । ସୁରୁଖୁରୁରେ ସମ୍ମିଳନୀଟିର ସମାପନ ନିମନ୍ତେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ ଓ ଅଧ୍ୟାପକ-ଅଧ୍ୟାପିକାଙ୍କର ନିରବଚ୍ଛିନ୍ନ ପ୍ରୟାସକୁ କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ବିଭାଗୀୟ ଡିନ୍ ଡ. ପ୍ରଦୀପ ପଣ୍ଡା, ଡେପୁଟି ଡିନ୍ ଡ. ଦୁର୍ଗାପ୍ରସାଦ ଦାଶ ପ୍ରମୁଖ ସାଧୁବାଦ ଦେଇଛନ୍ତି ।



ନିଜେ ବିତରି ନ ଜାଣେ କୃପଣ,
ଖଣ୍ଡେ ନିଅନ୍ତି ବଳେ ତାର ଧନ।
ଖଣ୍ଡ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।
-ସ୍ୱଭାବକବି ଗଙ୍ଗାଧର ମେହେର



ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।
- ଉତ୍କଳମଣି ଗୋପବନ୍ଧୁ ଦାସ



# ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ପ୍ରବଣତା

## ସୁପ୍ରିମକୋର୍ଟଙ୍କ ମାର୍ଗଦର୍ଶିକାର ଗୁରୁତ୍ୱ

ଆଜିକାଲି ଖବରକାଗଜ ପୃଷ୍ଠା ଓଲଟାଇଲେ କିମ୍ବା ବୈଦ୍ୟୁତିକ ଗଣମାଧ୍ୟମର ପର୍ଦ୍ଦା ଖୋଲିବା ମାତ୍ରେ ଆତ୍ମହତ୍ୟାଜନିତ ମୃତ୍ୟୁଖବର ଅଧିକ ସଂଖ୍ୟାରେ ନଜରକୁ ଆସୁଛି। କେଉଁଠି ପ୍ରେମ ବ୍ୟାପାରରେ ବିଫଳ ହୋଇ ପ୍ରେମିକ ବା ପ୍ରେମିକା ଜୀବନ ହାରୁଛି ତ ଅନ୍ୟ କେଉଁଠି ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇ କିମ୍ବା ଭଲ ପ୍ରଦର୍ଶନ ନକରିପାରି ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ତି। ଠିକ୍ ସେହିପରି କୃଷିରେ ଶୁଝି ନପାରି ଚାଷୀ ଆତ୍ମହତ୍ୟା କରୁଛି ତ ଆଉ କେଉଁଠି ଦୁଃସାଧ୍ୟ ବ୍ୟାଧିରେ ପୀଡିତ ରୋଗୀଟିଏ ବଞ୍ଚିବାର ଆଶା ଭରସା ହରାଇ ଜୀବନ ହରାଇ ଦେଉଛି। ତେବେ ଆମ ଦେଶରେ ଆତ୍ମହତ୍ୟାର ଏହି ଊର୍ଦ୍ଧ୍ୱମୁଖୀ ଧାରାକୁ ଅନୁଧ୍ୟାନ କରାଗଲେ ନିଶ୍ଚିତ ଭାବରେ କୁହାଯାଇପାରେ ଯେ ସମସ୍ତ ବର୍ଗର ବ୍ୟକ୍ତିଙ୍କ ମଧ୍ୟରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ହାର ସର୍ବାଧିକ ଏବଂ ଏହି ହାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏଇ ନିକଟରେ ଆମ ରାଜ୍ୟର ବାଲେଶ୍ୱରର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଖୋଦ୍ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜଣେ ଛାତ୍ରୀ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମଦାହ କରିବା ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। କେବଳ ବାଲେଶ୍ୱର ନୁହେଁ, ରାଜ୍ୟ ତଥା ଦେଶର ଅନେକ ସ୍ଥାନରେ ସମ୍ପ୍ରତି ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟାର ଗୋଟିଏ ପରେ ଗୋଟିଏ ଦୁଃଖଦ ଖବର ପୋଲିସ ଓ ପ୍ରଶାସନ ପାଇଁ ମୁଣ୍ଡବଥାର କାରଣ ପାଲଟିଛି। ଭାରତରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟାର ଏଭଳି ଅବାରିତ ଧାରା ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ)କୁ ମଧ୍ୟ ବିଚଳିତ କରିଛି ଏବଂ ନ୍ୟାୟାଳୟ ଏଥିନେଇ ଗଭୀର ଚିନ୍ତା ପ୍ରକଟ କରିବା ସଙ୍ଗେ ସଙ୍ଗେ କେତେକ ମାର୍ଗଦର୍ଶିକା ଜାରି କରିଛନ୍ତି। ଯେଉଁସବୁ କାରଣରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଛି ଏବଂ ଆତ୍ମହତ୍ୟା କରିବାକୁ ଯେଉଁଭଳି ପନ୍ଥା ଅନୁସୃତ ହେଉଛି, ସେସବୁକୁ ଚିକିନିଖି ଅନୁଧ୍ୟାନ କରି ସର୍ବୋଚ୍ଚ ନ୍ୟାୟାଳୟ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି। ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ମୁଖ୍ୟତଃ ମାନସିକ ବିଷାଦ ଯୋଗୁଁ ହେଉଥିବାର ନ୍ୟାୟାଳୟ ଅନୁଭବ କରିଛନ୍ତି ଏବଂ ସେଥିପାଇଁ ସମସ୍ତ ଶିକ୍ଷାନୁଷ୍ଠାନରେ ପିଲାମାନଙ୍କର ମାନସିକ ସ୍ୱାସ୍ଥ୍ୟର ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ଆତ୍ମହତ୍ୟା ଜନିତ ନିରବଚ୍ଛିନ୍ନ ଧାରାରେ ବହୁ ସଂଖ୍ୟକ ଯୁବ-ଛାତ୍ରଙ୍କ ଜୀବନହାନିକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ବ୍ୟବସ୍ଥାଗତ ବିଫଳତା ବୋଲି ଦର୍ଶାଇବାକୁ ପଛାଇ ନାହାନ୍ତି। କେନ୍ଦ୍ର ସରକାରଙ୍କ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍.ସି.ଆର୍.ବି) ଗତ ୨୦୨୨ ମସିହାରେ ଦର୍ଶାଇଥିବା ତଥ୍ୟକୁ ନ୍ୟାୟାଳୟ 'ଚିନ୍ତାଜନକ' ଆଖ୍ୟା ଦେବା ସଙ୍ଗେ ସଙ୍ଗେ ଆତ୍ମହତ୍ୟାର ବହୁବିଧ କାରଣ ନେଇ ମତ ରଖିଛନ୍ତି। ପିଲାମାନଙ୍କ ମୁଣ୍ଡ ଉପରେ ପାଠପଢ଼ା ବୋଝ, ମାନସିକ ଅବସାଦ, ସାମାଜିକ ନିନ୍ଦାର ଭୟ ଓ ସଂସ୍ଥାଗତ ସମ୍ବେଦନହୀନତାକୁ ରୋକାଯିବା କାରଣରୁ ଜୀବନ ହରାଇବା ଭଳି ଚରମ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ପଛାଉ ନାହାନ୍ତି। କିଛିଦିନ ତଳେ ବିଶାଖାପାଟଣା ଠାରେ ଏକ ଛାତ୍ରାବାସରେ ଜଣେ ନିଟ୍ ପ୍ରାର୍ଥୀଙ୍କ ଆତ୍ମହତ୍ୟାକୁ ନେଇ ସୁପ୍ରିମକୋର୍ଟରେ ମାମଲା ରୁଜୁ ହୋଇଥିଲା ଏବଂ ଏହାର ଶୁଣାଣି ସମୟରେ ଖଣ୍ଡପୀଠ ଏହିସବୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅପରାଧ ବ୍ୟୁରୋର ତଥ୍ୟ ଅନୁଯାୟୀ ଗତ ୨୦୨୨ରେ ଗୋଟିଏ ବର୍ଷ ଭିତରେ ଦେଶରେ ସମୁଦାୟ ୧୩ ହଜାର ୪୪ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିଲେ। ସେହି ଦୃଷ୍ଟିରୁ ପ୍ରସଙ୍ଗଟିର ଗୁରୁତ୍ୱକୁ ଉପଲବ୍ଧି କରି ନ୍ୟାୟାଳୟ ୧୫ ସୂତ୍ରୀ ବାଧ୍ୟତାମୂଳକ ମାର୍ଗଦର୍ଶିକା ଜାରି କରିଛନ୍ତି। ଯେପର୍ଯ୍ୟନ୍ତ ସରକାର ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ରୋକିବାକୁ କୌଣସି ଆଇନଗତ ପ୍ରକ୍ରିୟା ଲାଗୁ କରିନାହାନ୍ତି ସେପର୍ଯ୍ୟନ୍ତ ମାର୍ଗଦର୍ଶିକାର ସମସ୍ତ ନିର୍ଦ୍ଦେଶ ପାଳନକୁ ବାଧ୍ୟତାମୂଳକ କରାଯାଇଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ମାର୍ଗଦର୍ଶିକାକୁ ତୁରନ୍ତ ଲାଗୁ କରାଯିବା ସହିତ ୯୦ଦିନ ଭିତରେ ଏ ସମ୍ପର୍କୀୟ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବା ପାଇଁ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସାମଗ୍ରିକ ଦୃଷ୍ଟିକୋଣରୁ ବିଚାର କଲେ ଏଭଳି ଏକ ସ୍ପର୍ଶକାତର ତଥା ସମ୍ବେଦନଶୀଳ ପ୍ରସଙ୍ଗରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଉଦ୍‌ବେଗ ସମସ୍ତଙ୍କ ପାଇଁ ଚେତାବନୀ ସଦୃଶ ହୋଇଛି।

# ଜିମି କୋରବେଟ ବିଖ୍ୟାତ ଶିକାରୀ ହେଉଛନ୍ତି ଜଣେ ବିଶାଳ ହୃଦୟର ଭଦ୍ରଲୋକ



ମହାମେଘବାହନ ଐର ଖାରବେଳ ସ୍ୱାଇଁ
Email: kharabelaswain(@gmail.com
ମୋ: ୯୪୩୭୦୨୦୨୯୦

ସ୍ୱାଧୀନତା ପୂର୍ବବର୍ତ୍ତୀ ଭାରତ ବର୍ଷ ଥିଲା ଜଙ୍ଗଲମୟ। ସେତେବେଳେ ଶିକାର କରିବା ଓ ବିଶେଷକରି ବାଘ ଶିକାର କରିବା ଥିଲା ଏକ ବହୁତ ବଡ଼ କଥା। ଏ କ୍ଷେତ୍ରରେ ଉତ୍ତରାଖଣ୍ଡର ଘନଜଙ୍ଗଲ ମାନଙ୍କରେ ଜିମି ପରବେଟ ବହୁ ବାଘମାନଙ୍କୁ ଶିକାର କରିଥିଲେ ଓ ସାଧାରଣ ଜନତାକୁ ବାଘ ଆକ୍ରମଣରୁ ରକ୍ଷା କରିଥିଲେ। ତେବେ ପରବର୍ତ୍ତୀ କାଳରେ ବ୍ୟାଘ୍ର ସଂରକ୍ଷଣର ସେ ଥିଲେ ଏକ ବହୁତ ବଡ଼ ସୂତ୍ରଧର। ଆଜି ତାଙ୍କର ଜନ୍ମର ୧୫୦ତମ ବର୍ଷ ପାଳନ ହେଉଛି। ଏବେ କୋରବେଟ ଯାହାଙ୍କୁ ସ୍ଥାନୀୟ ଲୋକମାନେ କାର୍ପେଟ ସାହେବ ବୋଲି କହନ୍ତି, ସେ ହେଉଛନ୍ତି ଗୋଟିଏ କାଳଜୟୀ କିମ୍ବଦନ୍ତୀ। ଜିମି କୋରବେଟ ତାଙ୍କ ଜୀବନ କାଳ ମଧ୍ୟରେ ମଣିଷ ଖାଦକ ୧୨ଟି ବାଘକୁ ମାରିଥିଲେ। ୧୯୦୭ ମସିହାରେ ସେ ଚମ୍ପାଓତ୍ର ବାଘକୁ ମାରିଥିଲେ ଯିଏ ୪୩୬ ମଣିଷକୁ ଖାଇଥିଲା। ଏହାପରେ ସେ ୧୯୨୯-୩୦ରେ ଚଉଗଡ଼ ବାଘୁଣୀକୁ ତଥା ତା'ର କିଶୋର ଶାବକକୁ ମାରିଥିଲେ। ଯେଉଁମାନେ ୬୪ଜଣ ମଣିଷଙ୍କୁ ଶିକାର କରିଥିଲେ। ଏହାଛଡ଼ା ରୁଦ୍ରପ୍ରୟାଗର ଚିତା ବାଘକୁ ସେ ୧୯୩୬ରେ ମାରିଥିଲେ ଯିଏକି ୧୨୫ରୁ ଅଧିକ ମଣିଷଙ୍କୁ ମାରିଥିଲା। ଶେଷକୁ ୧୯୩୮ରେ ଥାକ ନରଖାଦକକୁ ସେ ମାରିଥିଲେ ଯିଏକି ୪ଜଣ ଲୋକଙ୍କର ମୃତ୍ୟୁର କାରଣ ହୋଇଥିଲା। ଯେତେବେଳେ ବାଘ, ଚିତାବାଘ ଆଦି ମଣିଷମାନଙ୍କୁ ସେ ଅଞ୍ଚଳରେ ସେତେବେଳେ ଆକ୍ରମଣ କରି ମାରିଦେଉଥିଲେ ଲୋକମାନେ ଜିମି କୋରବେଟଙ୍କର ଶରଣାଗତ ହେଉଥିଲେ। ଜିମି କୋରବେଟ ଅତ୍ୟନ୍ତ ଦୁଃସାହସୀ ଥିଲେ। ଏପରିକି ଆକ୍ରମଣକାରୀ ବାଘୁଣୀ ଯେତେବେଳେ ତାଙ୍କ ଠାରୁ ମାତ୍ର ୮ଫୁଟ ଦୂରରେ ଥିଲା ସେତେବେଳେ ମଧ୍ୟ ସେ ସାହସ ନହରାଇ ଗୁଳି କରି ତାକୁ ମାରିଛନ୍ତି। ଏହି ଶିକାରି ଜଣକ ଅଣ୍ଡା ଦିଆଯାଇଥିବା ନିଡ଼ ନିକଟରେ ପହଞ୍ଚି ଥିଲେ। ସେଇଠି କୋରବେଟ ଓ ବାଘୁଣୀ ମୁହାଁମୁହିଁ ହୋଇଥିଲେ। ଯେଉଁଠି ତାଙ୍କର ହୃଦଯନ୍ତ୍ର ଏକପ୍ରକାର ବନ୍ଦ ହୋଇଯାଇଥିଲା। ବାଘୁଣୀଟି ତାଙ୍କ ଉପରକୁ ଝାମ୍ପି ପଡ଼ିବାକୁ ବସିଥିଲା ବେଳେ ଗୁଳି ଖାଇ ତଳେ ପଡ଼ି ମରିଯାଇଥିଲା। କୋରବେଟ କିଛି ପାଦ ପଛକୁ ଚାଲିଗଲେ ଏବଂ ଚଢ଼େଇ ବସାକୁ ଅକ୍ଷୁର୍ଣ୍ଣ ଭାବରେ ପାଇଥିଲେ। ଜିମି କୋରବେଟ ତାଙ୍କ ବିଖ୍ୟାତ ପୁସ୍ତକ ମେନ୍ ଇଟର୍ସ ଅଫ୍ କୁମାୟୁନରେ ଏହି କଥା ବର୍ଣ୍ଣନା କରିଛନ୍ତି। ଭାରତୀୟ ଶିକାର ଜଗତର ବୋଧହୁଏ ଏହା ହେଉଛି ସବୁଠାରୁ ଶ୍ରେଷ୍ଠ ଜଣାଶୁଣା ଘଟଣା। ଏହି ପୁସ୍ତକ ମାନଙ୍କରେ ଜଙ୍ଗଲ ବିଷୟରେ ସେ ଅତି ବିସ୍ତୃତ ଭାବରେ ଲେଖିଛନ୍ତି ଓ କେମିତି ହଠାତ୍ ବିପଦ ଆସେ ଏବଂ ତା' ଉପରେ ଚାଲିଯାଏ ସେ କଥା ବିସ୍ତୃତ ଭାବରେ ବର୍ଣ୍ଣନା କରିଛନ୍ତି। ୧୯୩୦ ଏପ୍ରିଲ ମାସରେ ଜିମି କୋରବେଟ ଥିଲେ ଜଣେ ଇଂରେଜ ଓ ଅଭିଜ୍ଞ ଶିକାରୀ। ସେ ଉତ୍ତରାଖଣ୍ଡରେ ଚଉଗଡ଼ ନରଖାଦକକୁ ପିଛା କରୁଥିଲେ ଯିଏକି ତା'ର ସାଢ଼େ ଚାରିବର୍ଷ ଆତଙ୍କ ସେ ଅଞ୍ଚଳରେ ଖେଳାଇଥିଲା ଓ ୬୦ଜଣ ଲୋକଙ୍କୁ ମାରିଦେଇଥିଲା।

ଗୋଟିଏ ନାଟକୀୟ ମୁକାବିଲାରେ ମଣିଷ ଓ ପଶୁ ମଧ୍ୟରେ ଯେଉଁ ଚିତ୍ର ଏହି ପୁସ୍ତକରେ ବର୍ଣ୍ଣିତ ହୋଇଛି ତାହା ହେଉଛି ଶିକାର କାହାଣୀ ଓ ଏହାର କିମ୍ବଦନ୍ତୀର ଶିକାରୀଙ୍କ ସମ୍ପର୍କରେ ବର୍ଣ୍ଣନା ଅଛି। ସଂଘର୍ଷ ଯାହା ଶିକାରୀ ଓ ସଂରକ୍ଷଣବାଦୀ ମଣିଷ ହେଉଛନ୍ତି ଏହି ରହସ୍ୟମୟ ବ୍ୟକ୍ତିତ୍ୱ ଏବଂ ସେ ଭଲ ପାଇଛନ୍ତି ଓ ଭୟ ମଧ୍ୟ କରିଛନ୍ତି ତାଙ୍କ ଶିକାର କାଳରେ।

### ଯେମିତି ନରଖାଦକଙ୍କୁ ମାରିଥିଲେ

ଗୋଟିଏ ନରଖାଦକ ବାଘ ହେଉଛି ଜଙ୍ଗଲର ଏକ ସବୁଠାରୁ ଭୟପ୍ରଦ ଜଙ୍ଗଲୀ ପଶୁ ଏବଂ ଜିମି ପରବେଟ ୪୯ବର୍ଷ ଧରି ସେମାନଙ୍କର ପିଛା କରିଛନ୍ତି ଏବଂ ନରଖାଦକମାନଙ୍କୁ ମାରିଦେଇଛନ୍ତି। ସେଥିପାଇଁ ସେ ଅସାଧାରଣ ସାହସ, ଶକ୍ତି ଜଙ୍ଗଲ କୌଶଳର ପ୍ରଦର୍ଶନ କରିଛନ୍ତି। ତେବେ ସେ ସମୟରେ ଦିନ ଦ୍ୱିପହରେ ମଧ୍ୟ ବାଘମାନଙ୍କର ଦେଖାଯିବା ଗୋଟିଏ ଚିନ୍ତାଜନକ ବିଷୟ ଥିଲା। ଯେଉଁଠିକି ରକ୍ତର ଧାରା ବହୁଥିଲା। ଯେତେବେଳେ ବାଘ ଗୋଟିଏ ସାଧାରଣ ପଶୁ ନୁହେଁ କିନ୍ତୁ ନରଖାଦକ ଏବଂ ରାତି ୧୦ଟା ବେଳେ ଅନ୍ଧାରରେ ସେ ବୁଲୁଥାଏ ସେତେବେଳେ ସେ ଜାଣିଥାଏ ଯେ ଶିକାରିଟି ବା ମଣିଷଟି କୁଆଡ଼େ ଯାଉଛି। ତା' ମନ ଭିତରେ ରକ୍ତର ଉତ୍ତେଜନା ସୃଷ୍ଟି ହୁଏ। ଯାହାକି ଗୋଟିଏ ଝଡ଼ରେ ପରିଣତ ହୁଏ। ତା' ପରେ ବାଘଟିର ମଣିଷ ହତ୍ୟା କରିବା ଗୋଟିଏ ନିୟମିତ ଅଭ୍ୟାସରେ ପରିଣତ ହୋଇଯାଏ ଏବଂ କୋରବେଟ ଜୀବନକୁ ବାଜି ଲଗାଇ ଏହି ବିପଦର ସାମ୍ନା କରିଛନ୍ତି। ସେ ତାଙ୍କ କାମ କରିବାରେ ସନ୍ତୋଷ ଲାଭ କରିଛନ୍ତି। ଯାହା କରିବା ଦରକାର। ସେ ତାଙ୍କ ନିଜ କୌଶଳରେ ବାଘର ବୁଦ୍ଧିକୁ ଅତିକ୍ରମ କରିଛନ୍ତି ଯିଏକି ହେଉଛି ଗୋଟିଏ ଯୋଗ୍ୟ ପ୍ରତିଦ୍ୱନ୍ଦ୍ୱୀ ଏବଂ ସବୁଠାରୁ ଆତ୍ମସନ୍ତୋଷ କଥା ହେଲା ଗୋଟିଏ ଛୋଟ ଝିଅକୁ ଚାଲି ଚାଲି ଯିବା ପାଇଁ ଗୋଟିଏ ଅଞ୍ଚଳରେ ସେ ସୁରକ୍ଷା ଦେଇଛନ୍ତି। ତେବେ ଏହା ହେଉଛି ବାଘ ଶିକାର କରିବାର ସନ୍ତୋଷ, ଦୁଃଖ ନୁହେଁ। ଜିମି ପରବେଟ କହିଛନ୍ତି, ବାଘ ହେଉଛି ଏକ ବିଶାଳ ହୃଦୟର ଭଦ୍ରଲୋକ ଯାହା ନିକଟରେ ଅଦ୍ୟମ ସାହସ ଅଛି ଏବଂ ଯେତେବେଳେ ତାକୁ ମାରି ଦିଆଯାଏ ଏବଂ ବାଘ ଯଦି ଜଙ୍ଗଲରେ ନ ରହେ, ତା ହେଲେ ଜଙ୍ଗଲର ସୌନ୍ଦର୍ଯ୍ୟ ନଷ୍ଟ ହେବ। କୋରବେଟ ମୋଟ ୧୨ଟି ବାଘ ଶିକାର କରିଛନ୍ତି ଯଦିଓ ସେ ଆହୁରି ଅନେକ ବାଘକୁ ମାରିଥିବେ। କିନ୍ତୁ ଏହି ୧୨ଟି ହେଉଛନ୍ତି ନରଖାଦକ। କୁମାୟୁନର ସ୍ଥାନୀୟ ଲୋକମାନେ କହନ୍ତି, କାର୍ପେଟ ସାହେବ ଗୋଟିଏ କିମ୍ବଦନ୍ତୀର ନାୟକ ହିସାବରେ ନିଜକୁ ଉପସ୍ଥାପିତ କରିଥିଲେ। ସେ ଥିଲେ ଗୋଟିଏ ବିରଳ ଋଷି ସ୍ୱଭାବର ମଣିଷ ଯିଏକି ହାଫ୍ ପ୍ୟାଣ୍ଟ ଓ ହଣ୍ଟିଂ ଜ୍ୟାକେଟ ପିନ୍ଧୁଥିଲେ। ସେ ନରମ ସ୍ୱଭାବରେ ବ୍ୟକ୍ତି ଥିଲେ। କିନ୍ତୁ ତାଙ୍କ ଅଞ୍ଚଳରେ ସେ ଏକପ୍ରକାର ଏକଛତ୍ରବାଦୀର ଆଚରଣ କରୁଥିଲେ। କୁମାୟୁନର ନରଖାଦକ ପୁସ୍ତକଟି ୧୯୪୪ ମସିହାରେ ପ୍ରକାଶିତ ହୋଇଥିଲା ଏବଂ ଏହାପରେ ସେ ଗୋଟିଏ ଆନ୍ତର୍ଜାତିକ ଲୋକପ୍ରିୟ ବ୍ୟକ୍ତି ହିସାବରେ ନିଜକୁ ଉପସ୍ଥାପିତ କରିଥିଲେ ଏବଂ ତାଙ୍କର ପୁସ୍ତକ ସାରା ପୃଥିବୀରେ ଲକ୍ଷ ଲକ୍ଷ ସଂଖ୍ୟାରେ ବିକ୍ରି ହୋଇଥିଲା। ବାଘମାନେ ଯେଉଁ ୧୪୫ ଜଣ ଲୋକମାନଙ୍କୁ ମାରିଥିଲେ ତାଙ୍କ ପାଇଁ ପୁସ୍ତକଟି ସମର୍ପିତ ହୋଇଥିଲା। ଦି ମେନ୍ ଇଟିଂ ଲିଓପାର୍ଡ ଅଫ୍ ରୁଦ୍ରପ୍ରୟାଗ ୧୯୪୮ ମସିହାରେ ପ୍ରକାଶିତ ହୋଇଥିଲା। ଯେତେବେଳେ କୋରବେଟ ତାଙ୍କର ଭଉଣୀ ମାଗିଙ୍କ ସହ ସ୍ୱାଧୀନ ଭାରତ ଛାଡ଼ି କେନିଆରେ ବସବାସ କରିଥିଲେ ଯାହା ସେତେବେଳେ ମଧ୍ୟ ବ୍ରିଟିଶ ସରକାରଙ୍କ ଶାସନ ଅଧୀନରେ ଥିଲା।

### ମାଇଁ ଇଣ୍ଡିଆ

ଜମି କୋରବେଟ ୧୯୫୨ ମସିହାରେ ମାଇଁ ଇଣ୍ଡିଆ ବୋଲି ଗୋଟିଏ ପୁସ୍ତକ ପ୍ରକାଶ କରିଥିଲେ ଯେଉଁଥିରେ ଶିକାର କାହାଣୀ ନଥିଲା କିନ୍ତୁ ତାଙ୍କର ୨୨ବର୍ଷର ସ୍ମୃତି କଥା ବର୍ଣ୍ଣନା ଥିଲା। ସେ ଭାରତରେ ଜଣେ ରେଲୱେ କଣ୍ଟ୍ରାକ୍ଟର ହିସାବରେ କାମ କରୁଥିଲେ ଓ ଗଙ୍ଗା ନଦୀ କୂଳରେ ମୋକାମେ ଘାଟରେ ରହୁଥିଲେ। ସେ ଦେଶପ୍ରତି ତାଙ୍କର ସମ୍ପୂର୍ଣ୍ଣ ଭଲପାଇବା ପ୍ରଦର୍ଶନ କରିଥିଲେ ଯାହା ଭାବନାତ୍ମକ ସ୍ନେହ ଥିଲା ଓ ବିଶେଷକରି ସମାଜର ନିମ୍ନଶ୍ରେଣୀର ଲୋକଙ୍କ ପ୍ରତି ତାଙ୍କର ଘୋର ଆକର୍ଷଣ ଥିଲା। ପୁସ୍ତକଟି ତାଙ୍କର ବନ୍ଧୁ ଓ ଭାରତର ଦରିଦ୍ରଲୋକଙ୍କ ପ୍ରତି ସମର୍ପିତ ଥିଲା।

### ଟ୍ରି ଟପ୍ସ ତାଙ୍କର ଶେଷ ପୁସ୍ତକ

୧୯୫୫ରେ ପ୍ରକାଶିତ ହୋଇଥିଲା ଯେତେବେଳକୁ ସେ କିଛି ମାସ ହେଲା ମୃତ୍ୟୁବରଣ କରି ସାରିଥିଲେ। ଏହାଥିଲା ଆଫ୍ରିକାରେ ଥିଲା ବେଳେ ତାଙ୍କର ଅନୁଭୂତିର କଥା। ସ୍ଥାନୀୟ ଗୋଟିଏ ବନ୍ୟପ୍ରାଣୀ ସଂରକ୍ଷଣାଳୟରେ ତାଙ୍କର ଅନୁଭୂତିକୁ ସେ ବର୍ଣ୍ଣନା କରିଛନ୍ତି। ଏଥିରେ ସେ ବର୍ଣ୍ଣନା କରିଛନ୍ତି ବ୍ରିଟେନର ତଦାନୀନ୍ତନ ରାଜକୁମାରୀ ଏଲିଜାବେଥଙ୍କର ସେଠାରେ ଗୋଟିଏ ରାତ୍ରି ରହଣୀ। ଏହାଛଡ଼ା ରାଜକୁମାର ଫିଲିପ୍‌ଙ୍କର କେନିଆ ଯାତ୍ରା କଥା ମଧ୍ୟ ସେଥିରେ ବର୍ଣ୍ଣନା ହୋଇଛି। ସେତେବେଳେ କେନିଆର ମାଉ ମାଉ ଆତଙ୍କବାଦୀମାନେ ଏ ଅଞ୍ଚଳରେ ରହୁଥିଲେ ଏବଂ ପରବେଟ ସେଠାକୁ ଯାଇଥିଲେ ରାଜ ପରିବାରକୁ ସୁରକ୍ଷା ଦେବା ପାଇଁ। ରାତିରେ ରାଜା ଜର୍ଜ ଷଷ୍ଠଙ୍କର ମୃତ୍ୟୁ ହେଲା। କୋରବେଟ ଲେଖିଛନ୍ତି, ପ୍ରଥମ ଥର ପାଇଁ ବିଶ୍ୱର ଇତିହାସରେ ଗୋଟିଏ ଯୁବତୀ ଝିଅ ଗଛ ଉପରକୁ ଚଢ଼ିଯାଇଥିଲେ ଓ ରାଜକୁମାରୀ ଜଣକ ପରଦିନ ତଳକୁ ଓହ୍ଲାଇ ଆସି ରାଣୀରେ ପରିଣତ ହୋଇଥିଲେ। ପୁରୁଣା ଶିକାରୀମାନଙ୍କ ପାଇଁ ଏହା ହେଉଛି ଏକ ଉପଯୁକ୍ତ ପୁସ୍ତକ ଯେଉଁଥିରେ ଦୁଇଟି ପରସ୍ପରକୁ ସମ୍ପୃକ୍ତ କରୁଥିବା କିନ୍ତୁ ବିରୋଧ କରୁଥିବା ପ୍ରବୃତ୍ତିର ବର୍ଣ୍ଣନା କରାଯାଇଛି। ପ୍ରଥମଟି ହେଉଛି ବ୍ରିଟିଶ ସାମ୍ରାଜ୍ୟ ତରଫରୁ ଜଙ୍ଗଲ ପ୍ରତି ତାଙ୍କର ଅନୁରାଗ ଏବଂ ଏହି ସାମ୍ରାଜ୍ୟର ଅନୁଭୂତି ଅନ୍ୟ ଦେଶକୁ ନେଇ। କୋରବେଟ ତାଙ୍କ ଜୀବନରେ ଶିକାରକୁ ଏକ ପ୍ରତୀକ ହିସାବରେ ଗ୍ରହଣ କରିଛନ୍ତି। କହିବାକୁ ଗଲେ କୋରବେଟ ତାଙ୍କ ଜୀବନରେ ଗୋଟିଏ ଦ୍ୱନ୍ଦ୍ୱର ମୁକାବିଲା କରିଛନ୍ତି ଯାହାକି ବର୍ତ୍ତମାନର ଭାରତରେ ମଧ୍ୟ ପ୍ରତିଫଳିତ ହେଉଛି। ଗୋଟିଏ ହେଉଛି ଜନସଂଖ୍ୟାର ଅତ୍ୟଧିକ ଅଭିବୃଦ୍ଧି ଏବଂ ତଦ୍‌ଜନିତ ଚାପ । ଜଙ୍ଗଲ ବର୍ତ୍ତମାନ ଭାରତର ପୂର୍ବର ୨୫ ପ୍ରତିଶତ ଅଞ୍ଚଳରୁ ୧୧ ପ୍ରତିଶତକୁ କମି ଯାଇଛି ସ୍ୱାଧୀନତା ପରେ। ପରିବେଶବିତ୍ ମାନେ ଭବିଷ୍ୟତର ପରିବେଶ ଗତ ଅବକ୍ଷୟକୁ ଲକ୍ଷ୍ୟ କରୁଛନ୍ତି ଏବଂ ଭୟ କରୁଛନ୍ତି ଯେ, ଶିକାରୀମାନେ ଗୋଟିଏ ସପ୍ତାଦୀ ଆଗରୁ ବନ୍ୟପ୍ରାଣୀମାନଙ୍କର ଲୋକ ହୋଇଯିବ ବୋଲି ଯେଉଁ ଆଶଙ୍କା କରିଥିଲେ ତାହାର ପ୍ରତିଫଳନ କରୁଛନ୍ତି।

ବର୍ତ୍ତମାନ ଓ ସେତେବେଳେ ବାଘ ହେଉଛି ଜଙ୍ଗଲ ସଂରକ୍ଷଣର ଗୋଟିଏ ମୁଖ୍ୟ ପ୍ରହରୀ କିନ୍ତୁ ସେଠାରେ ମଣିଷ ଓ ପଶୁ ମଧ୍ୟରେ ସଂଘର୍ଷ ଚାଲିଛି। ଗୋଟିଏ ଜଙ୍ଗଲରେ ବାଘ ସଂଖ୍ୟା ହେଉଛି ପରିବେଶଗତ ଅବସ୍ଥାକୁ ରକ୍ଷା କରିବାକୁ ଏକ ପ୍ରତିଶ୍ରୁତି।

୧୯୭୦ରେ ବାଘକୁ ଗୋଟିଏ ସୁରକ୍ଷିତ ପ୍ରାଣୀ ହିସାବରେ ଗ୍ରହଣ କରାଯାଇଥିଲା। ଗୋଟିଏ ସମୟ ଥିଲା ଯେତେବେଳେ ଭାରତରେ ବାଘ ସଂଖ୍ୟା ୧୮୦୦ରୁ କମି ଯାଇଥିଲା। ଯେତେବେଳେ କି ଏହାର ସଂରକ୍ଷଣ ପୁଣି ଆରମ୍ଭ ହୋଇଥିଲା।

### ପ୍ରଜେକ୍ଟ ଟାଇଗର

୧୯୭୩ରେ ପ୍ରଜେକ୍ଟ ଟାଇଗର ପ୍ରକଳ୍ପ ଆରମ୍ଭ ହେଲା। ସେବେଠାରୁ ଦେଶର ବ୍ୟାଘ୍ର ସଂଖ୍ୟା ୩୬୦୦କୁ ବଢ଼ିଛି। ୨୦୨୩ରେ ଏହି ବ୍ୟାଘ୍ର ଗଣନା କରାଯାଇଥିଲା। ଏମାନଙ୍କ ମଧ୍ୟରୁ କୋରବେଟ ରାଷ୍ଟ୍ରୀୟ ପାର୍କରେ ଅଧିକାଂଶ ବାଘ ଅଛନ୍ତି। ଏହାକୁ ୧୯୩୬ରେ ଜିମି କୋରବେଟ ସ୍ଥାପନା କରିଥିଲେ। ପ୍ରଥମେ ଏହାକୁ ହାଲେ ପାର୍କ ବୋଲି କୁହାଯାଉଥିଲା କିନ୍ତୁ ୧୯୫୭ ପରେ କୋରବେଟଙ୍କ ନାମରେ ତାହା ନାମିତ ହେଲା।

ଯେପର୍ଯ୍ୟନ୍ତ ସିଂହମାନେ କଥା କହିପାରନ୍ତି ନାହିଁ କେବଳ ଇତିହାସ ହେବ ଶିକାରୀମାନଙ୍କର ଏହା ହେଉଛି ଆଫ୍ରିକାର ଏକ କଥା। କିନ୍ତୁ ଗୋଟିଏ କାହାଣୀ ହିସାବରେ ଶିକାରୀ ଏଠାରେ ବର୍ଣ୍ଣନା କରିଛନ୍ତି ଯେ, ଏହା କେବଳ ତାଙ୍କର କାହାଣୀ ନୁହେଁ ଏହା ତାଙ୍କ ଶିକାରର ମଧ୍ୟ କାହାଣୀ।

### ଚଳଚ୍ଚିତ୍ରରେ କୋରବେଟ

ଭାରତୀୟ ଚଳଚ୍ଚିତ୍ରରେ କୋରବେଟଙ୍କୁ ନେଇ ଅନ୍ତତଃ ୩ଟି ଚଳଚ୍ଚିତ୍ର ନିର୍ମିତ ହୋଇଛି। ଗୋଟିଏ ହେଉଛି ୧୯୪୮ର ମେନ୍ ଇଟର୍ସ ଅଫ୍ କୁମାୟୁନ। ତାପରେ ମେନ୍ ଇଟର୍ସ ଅଫ୍ ଇଣ୍ଡିଆ ୧୯୮୬ ଏବଂ 'ଇଣ୍ଡିଆ କିଂଗଡନ୍ ଅଫ୍ ଟାଇଗର୍ସ ୨୦୦୧'।

# ଉତ୍ତରାୟଣ ବନାମ ଦକ୍ଷିଣାୟନ

ରାଇଚରଣ ବିଶ୍ୱାଳ
ସାମନ୍ତରାୟପୁର, ପିରହାଟ, ଭଦ୍ରକ
ମୋ: ୮୬୩୭୨୪୪୧୧୫

ବର୍ଷକ ୧୨ ମାସ ଏବଂ (ମାଘ, ଫାଲଗୁନ, ଚୈତ୍ର, ବୈଶାଖ, ଜ୍ୟେଷ୍ଠ ଓ ଆଷାଢ଼)୬ ମାସକୁ ସକଳ ଶକ୍ତିର ଆଧାର ସୂର୍ଯ୍ୟନାରାୟଣଙ୍କ ଉତ୍ତରାୟଣ ଗତି କୁହାଯାଏ। ଏହା ହେଉଛି ତାଙ୍କର ବିଷୁବ ରେଖାର ଉତ୍ତରରେ ଥିବା ମାର୍ଗ। ଏଠାରେ ଉଲ୍ଲେଖନୀୟ ଏହିକି ଧର୍ମକ୍ଷେତ୍ର କୁରୁକ୍ଷେତ୍ରରେ ଶର-ଶଯ୍ୟାରେ ଶାୟିତ ଇଚ୍ଛାମୃତ୍ୟୁ ବରପ୍ରାପ୍ତ ପିତାମହ ଭୀଷ୍ମ ଦୀର୍ଘ ୫୮ଦିନ ପରେ ମାଘମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ପରମ ପୁରୁଷ ଲୀଳାପୁରୁଷୋତ୍ତମ ଭଗବାନ ଶ୍ରୀକୃଷ୍ଣଙ୍କ ମୁଖକୁ ଚାହିଁ ଦେବଲୋକ ଗମନ କରିଥିଲେ। ଏହି ଉତ୍ତରାୟଣ ସମୟ ହେଉଛି ସମସ୍ତ ଦେବଦେବୀଙ୍କର ଦିବସ ସମୟ ଓ ଅସୁରମାନଙ୍କ ରାତ୍ର ସମୟ। ଉତ୍ତରାୟଣର ମାଘମାସ ମକର ସଂକ୍ରାନ୍ତି ଦିନ ଭାରତର ପବିତ୍ର ନଦୀମାନଙ୍କ ଜଳରେ ଶ୍ରଦ୍ଧାଳୁ ଗଣ ବୁଡ଼ ପକାଇ ସୂର୍ଯ୍ୟନାରାୟଣଙ୍କ ପୂଜାର୍ଚ୍ଚନା କରିଥାନ୍ତି। ଏହିଦିନ ମଧ୍ୟ ପଶ୍ଚିମବଙ୍ଗର ପବିତ୍ର ଗଙ୍ଗା ଓ ବଙ୍ଗୋପସାଗରର ସଙ୍ଗମ ସ୍ଥଳ, ଅର୍ଥାତ୍ ଗଙ୍ଗାସାଗର ଠାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ବୁଡ଼ ପକାଇ ସୂର୍ଯ୍ୟନାରାୟଣ ଓ କପିଳ ମୁନିଙ୍କ ପୂଜାର୍ଚ୍ଚନା କରିଥାନ୍ତି। ଏହି ସମୟରେ ସରସ୍ୱତୀ ପୂଜା, ଦୋଳ ଯାତ୍ରା, ପଣାସଂକ୍ରାନ୍ତି ଇତ୍ୟାଦି ପର୍ବପର୍ବାଣୀ ପାଳନ କରାଯାଏ। ଏହି ସମୟରେ ଆଂଶିକ ଶୀତଋତୁ କିନ୍ତୁ ସଂପୂର୍ଣ୍ଣ ବସନ୍ତ ଓ ଗ୍ରୀଷ୍ମଋତୁ ଅନୁଭୂତ ହୋଇଥାଏ। ଦିବସ ବଡ଼ ଓ ରାତ୍ରକାଳ କମ୍ ହୋଇଥାଏ। ଏହି ସମୟରେ ପରଲୋକ ଗମନ କରୁଥିବା ଜୀବାତ୍ମା କର୍ମଫଳ ଅନୁସାରେ ସ୍ୱର୍ଗ ଅଥବା ନର୍କ ଲୋକକୁ ଯାତ୍ରା କରିଥାଏ। ଏହି ସମୟରେ ଅନେକ ପ୍ରକାରର ଶୁଭକର୍ମ ଯଥା- ନୂତନ ଗୃହ ନିର୍ମାଣ, ବ୍ୟବସାୟ ଆରମ୍ଭ ଓ ଅନ୍ୟାନ୍ୟ ଆଧ୍ୟାତ୍ମିକ କାର୍ଯ୍ୟମାନ ମଧ୍ୟ ଅନୁଷ୍ଠିତ ହୋଇଥାଏ । ସେହିପରି ସୂର୍ଯ୍ୟନାରାୟଣଙ୍କ ଦକ୍ଷିଣାୟନ କାଳ ହେଉଛି ତାଙ୍କର ବିଷୁବ ରେଖାର ଦକ୍ଷିଣରେ ଥିବା ମାର୍ଗ ଏବଂ ( ଶ୍ରାବଣ ମାସ ଠାରୁ ପୌଷ ମାସ ) ପର୍ଯ୍ୟନ୍ତ ୬ମାସ ସମୟକୁ ସୂର୍ଯ୍ୟନାରାୟଣଙ୍କ ଦକ୍ଷିଣାୟନ କାଳ କୁହାଯାଏ। ଏହି କାଳରେ ଦିବସ ସମୟ କ୍ରମେ ଛୋଟ ଓ ରାତ୍ର ସମୟ କ୍ରମେ ବଡ ହୋଇଥାଏ। ଏହି ସମୟରେ ଶରତ, ହେମନ୍ତ ଓ ଶୀତ ଋତୁ ଅନୁଭୂତ ହୋଇଥାଏ। ଜନ୍ମାଷ୍ଟମୀ, ରାକ୍ଷୀ ପୂର୍ଣ୍ଣିମା, ଶ୍ରୀଗଣେଶ ପୂଜା, ଆଦ୍ୟାଶକ୍ତିଙ୍କ ପୂଜା, କୁମାର ପୂର୍ଣ୍ଣିମା ଓ ମହାକାଳୀ ମାତାଙ୍କର ପୂଜା ଅନୁଷ୍ଠିତ ହୋଇଥାଏ। ଏହା ହେଉଛି ଦେବଦେବୀଙ୍କର ରାତ୍ର ସମୟ ଓ ଅସୁରମାନଙ୍କ ଦିବସ ସମୟ।

## ନୀତିବାଣୀ

**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।
ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍,
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥**

**ଭାବାର୍ଥ :** ଯେତେବେଳେ ପୃଥିବୀ ପୃଷ୍ଠରେ ଧର୍ମର ଲୋପ ହୁଏ, ଅଧର୍ମ ବଢ଼ିଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ମୁଁ ପ୍ରକଟ ହୁଏ । ସାଧୁଙ୍କ ରକ୍ଷା, ଦୁଷ୍ଟଙ୍କ ବିନାଶ ପାଇଁ ଧର୍ମର ସ୍ଥାପନା ଉଦ୍ଦେଶ୍ୟରେ ମୁଁ ସବୁ ଯୁଗରେ ପ୍ରକଟ ହୁଏ ।

# ବିଦ୍ୟା ଅଟଇ ମହାଧନ



ପ୍ରଦୀପ୍ତ କୁମାର କର
ସୂର୍ଯ୍ୟ ନଗର, ଭୁବନେଶ୍ୱର
ମୋ : ୯୮୬୧୦୭୫୪୦୪

ଏ ପାର୍ଥିବ ଜଗତରେ ଈଶ୍ୱର ମନୁଷ୍ୟକୁ ସଂସାରରେ ତାଙ୍କ ଦ୍ୱାରା ସୃଷ୍ଟ ସମସ୍ତ ପ୍ରାଣୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ସ୍ଥାନ ଦେଇଛନ୍ତି । ମନୁଷ୍ୟ ସର୍ବଦା ଉଚ୍ଚ ଆଶା ଓ ସର୍ବୋଚ୍ଚ ଧନୀ ହେବାକୁ ଲକ୍ଷ୍ୟ ରଖିଥାଏ । ଏହି ଧନ ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ପରିବାର ଭିତରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛନ୍ତି, କେତେ ଅମୂଲ୍ୟ ଜୀବନ ଯାଉଛି, ଲୋକେ ତାଙ୍କର ମାନ ସମ୍ମାନ ହରାଉଛନ୍ତି ତା'ର ଠିକଣା ନାହିଁ। ସେଥିପାଇଁ ମନୁଷ୍ୟ ସର୍ବଦା ଧନ ସଞ୍ଚୟ କରିବା ପାଇଁ ଅତି ବ୍ୟାକୁଳ। ଯଦିଓ ଟଙ୍କା, ପଇସା, ଜମିବାଡ଼ି, ହୀରା, ନୀଳା, ସୁନା, ଘରଦ୍ୱାର ଇତ୍ୟାଦିକୁ ଧନ ର ଆଖ୍ୟା ଦେଇଛନ୍ତି କିନ୍ତୁ ପ୍ରାଚୀନ କାଳରୁ ଅଦ୍ୟାବଧି ବିଦ୍ୟାକୁ ମହାଧନ ରୂପେ ଗ୍ରହଣ କରାଯାଇଛି। ଏହା ସମସ୍ତ ଭୌତିକ ଧନ ଠାରୁ ଅନେକ ପୃଥକ୍। ଏହି ପରିପ୍ରେକ୍ଷୀରେ ଭକ୍ତ କବି ମଧୁସୂଦନ ରାଓ ବିଦ୍ୟା ଅଟଇ ମହା ଧନ, ବାଳକେ କର ଉପାର୍ଜନ। ଏହି କବିତାର ପଂକ୍ତିରେ କବି କୋମଳମତି ପିଲାମାନଙ୍କୁ ବିଦ୍ୟା ଅଧ୍ୟୟନର ମହତ୍ତ୍ୱ ବିଷୟରେ ବୁଝାଇଛନ୍ତି। ସୃଷ୍ଟିର ଆରମ୍ଭ କାଳରୁ ମନୁଷ୍ୟ ପାର୍ଥିବ ଜଗତର ଜଡ ବସ୍ତୁ କୁ ହିଁ ନିଜର ଧନ ସଂପତ୍ତି ଭାବେ ଗ୍ରହଣ କରିଛି ଯାହାକୁ କେବଳ ଆମ ଦେଶ ନୁହେଁ ବରଂ ପୃଥିବୀର ପ୍ରତି ଦେଶର ଲୋକଙ୍କ ଏହି ଚିନ୍ତାଧାରା। ଏହି ଧନ ଲାଳସାରେ ଅତୀତରେ ଅନେକ ବିଦେଶୀଙ୍କ ଆକ୍ରମଣ ବାରମ୍ବାର ଆମ ଦେଶ ଉପରେ ହୋଇଛି ଓ ଇଂରେଜ ମାନେ ମଧ ଆମ ଦେଶରୁ ବିଭିନ୍ନ ପ୍ରକାରର ଧନ ସଂପତ୍ତି ଅନେକ ଉପାୟରେ ଆମ ଦେଶରୁ ଲୁଟି ନେଇଛନ୍ତି। ମୁଖ୍ୟତଃ ଭୌତିକ ଧନର କ୍ଷୟ ଅଛି, ଚୋରି ଭୟ ରହିଥାଏ କିନ୍ତୁ ବିଦ୍ୟା ଏପରି ଏକ ମନୁଷ୍ୟର ଅଧବସାୟର ଅର୍ଜନ ଯାହାର ନା ଅଛି କ୍ଷୟ ନା ଅଛି ଚୋରି ଭୟ। ସୁତରାଂ ବିଦ୍ୟାକୁ ମହଧନ କୁହାଯାଇଛି। ବିଦ୍ୟା ହିଁ ସବୁ ସ୍ଥାନରେ ଓ ସବୁ ସମୟରେ ବ୍ୟକ୍ତିର ମାନ ସମ୍ମାନ ବୃଦ୍ଧି କରିଥାଏ। ପଣ୍ଡିତ ଚାଣକ୍ୟଙ୍କ ଉକ୍ତିରେ ରାଜା କେବଳ ନିଜ ଦେଶରେ ହିଁ ପୂଜା ପାଏ କିନ୍ତୁ ପଣ୍ଡିତ ବା ବିଦ୍ୱାନ ମାନେ ସାରା ବିଶ୍ୱରେ ପୂଜା ପାଆନ୍ତି। ଏପରିକି ରାଜା ଭୋଜ, ବିକ୍ରମାଦିତ୍ୟଙ୍କ ଦରବାରରେ ଅନେକ ପଣ୍ଡିତ ନିଜର ବିଦ୍ୟା ଚାତୁରି ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି। ସେହିପରି ଅତୀତରେ ଏହି ଭାରତ ବର୍ଷରେ ବାଲ୍ମୀକି, ବ୍ୟାସ, କାଳିଦାସ, ଚନ୍ଦ୍ରଶେଖର, ଉପେନ୍ଦ୍ରଭଞ୍ଜ ପ୍ରମୁଖ ପଣ୍ଡିତମାନେ ଭୌତିକ ଧନକୁ ତୁଚ୍ଛ ମନେ କରି ତାଙ୍କର ବିଦ୍ୟା ବଳରେ ସେମାନଙ୍କ ଯଶ ଅମ୍ଳାନ ହୋଇ ରହିଛି। ବିଦ୍ୟା ହେଉଛି ଏକ ଦିବ୍ୟ ଗୁଣର ପରିପ୍ରକାଶ । ବିଦ୍ୱାନ ବ୍ୟକ୍ତି ଜ୍ଞାନ ଆଲୋକରେ ଭୂଷିତ ହୋଇଥାଏ। ବିଦ୍ୟା ରୂପକ ଧନରେ ଧନୀ ବ୍ୟକ୍ତି ମାନଙ୍କର କୌଣସି ଭୟ ବା କ୍ଷୟର ଚିନ୍ତା ନ ଥାଏ। ସୁତରାଂ ବିଦ୍ୟାକୁ ମହାଧନ କହିବା ସମୀଚିନ ଓ ଯୁକ୍ତିଯୁକ୍ତ। ଭୌତିକ ଧନ ବିନସ୍ୱର୍ ହେବାବେଳେ ବିଦ୍ୟାଧନ ଅବିନସ୍ୱର ରୂପେ ପରିଗଣିତ। ବିଦ୍ୟା ମନୁଷ୍ୟକୁ ସତ୍ ମାର୍ଗରେ ପରିଚାଳିତ କରି ଅମୃତ ଅନୁଭବ କରିବାର ରାସ୍ତା ଦେଖାଇଥାଏ। ଏହି ଦୃଷ୍ଟିରେ ଦେଖିବାକୁ ଗଲେ ବିଦ୍ୟା ମହାଧନ ବୋଲି ବିବେଚନା କରାଯାଏ। ମନୁଷ୍ୟ ଧର୍ମ, କାମ, ଅର୍ଥ ଓ ମୋକ୍ଷ ପାଇଁ ବିଦ୍ୟା ଅପରିହାର୍ଯ୍ୟ। ଧର୍ମ ଦ୍ୱାରା ଚାରିତ୍ରିକ ସୁଖ ଲାଭ ହୋଇଥାଏ, ଅର୍ଥ ଦ୍ୱାରା ଜୀବନ ନିର୍ବାହ ସୁଖମୟ ହୋଇଥାଏ, କିନ୍ତୁ କାମନାରୁ ନିବୃତ୍ତି ଓ ମୋକ୍ଷ ପାଇଁ ବିଦ୍ୟା ଆବଶ୍ୟକତା ନିହାତି ଆବଶ୍ୟକ। ବିଦ୍ୟାଦାନ ମଧ ଏକ ଶ୍ରେଷ୍ଠ ଦାନ। ଏଥିରେ ଅର୍ଜିତ ପୁଣ୍ୟ ଜନ୍ମ ଜନ୍ମାନ୍ତର ପାଇଁ ସଞ୍ଚିତ ହୋଇଯାଏ। ବିଦ୍ୟାଧନ ଜୀବନ ଉନ୍ନତିର ଉତ୍ତମ ସହାୟକ ଓ ଏହା ଯୋଗୁଁ ମନୁଷ୍ୟର ଅଜ୍ଞାନତା ଦୂର ହୋଇ ସମାଜରେ ପ୍ରତିଷ୍ଠିତ ହୁଏ। ଅଧବସାୟ ବଳରେ ମନୁଷ୍ୟ ଜ୍ଞାନ ଅର୍ଜନ କରିଥାଏ।ତେଣୁ ଛାତ୍ରଛାତ୍ରୀ ମାନେ ଜୀବନରେ ନିଜର ଆଳସ୍ୟକୁ ତ୍ୟାଗ କରି ବିଦ୍ୟା ରୂପକ ମହାଧନକୁ ଆଦରି ନେବା ଦରକାର। ସାମ୍ପ୍ରତିକ ପରିସ୍ଥିତିରେ ବିଦ୍ୟାର ଉପାଦେୟତା ଯଥେଷ୍ଟ ପରିମାଣରେ ଅଧିକ ଅଛି। ଶିକ୍ଷକ, ଅଧାପକ, ଆଇନଜ୍ଞ, ଡାକ୍ତର, ଇଞ୍ଜିନିୟର ଓ ଅନ୍ୟ ବିଦ୍ୟାର ଅଧିକାରୀମାନେ ନିଜର ବିଦ୍ୟାର ଜ୍ଞାନ ଦ୍ୱାରା ସମାଜରେ ନିଜର ସ୍ଥିତି ବଜାୟ ରଖି ଗୌରବାନିତ୍ୱ ହୋଇ ପାରିଛନ୍ତି। ଏବେ କିଛି ବ୍ୟବସାୟୀ ନିଜର ଉପାର୍ଜନ ସଂସ୍ଥା ଖୋଲି ସେଥିରେ ବିଭିନ୍ନ ପ୍ରକାରର ସ୍କୁଲ କଲେଜ, ଖୋଲି ନିଜର ବିଦ୍ୟା ବ୍ୟବସାୟ ଖୁବ୍ ଜୋରଦାର ଭାବରେ ଚଳାଇଛନ୍ତି । ସେଠାରେ ବିଦ୍ୟାକୁ ବିକ୍ରି କରାଯାଉଛି ଯାହାଫଳରେ ସେଠାରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ମନରେ ବିଦ୍ୟା ପ୍ରତି ଆଗ୍ରହ ସୃଷ୍ଟି ନହୋଇ କେବଳ ବାଧ ବାଧକରେ ଯାହା ପାଠପଢି ଭବିଷ୍ୟତ ଉପାର୍ଜନ ପାଇଁ ଜାଗ୍ରତ ହେଉଛନ୍ତି ଓ ଅଧାପକ ଓ ଅଧାପିକା ମାନେ ମଧ ବିଦ୍ୟା ଯେ ଏକ ମହାଧନ ତାହା ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇବା ପାଇଁ ଏତେ ଟିକିଏ ଚେଷ୍ଟା ମଧ କରୁ ନାହାନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ବିଦ୍ୟା ଅର୍ଜନର କ୍ଷେତ୍ର ଅନେକ ପ୍ରଶସ୍ତ ଓ ଅନେକ ପ୍ରକାରର ବିଭାଗ ଖୋଲି ଯାଇଛି ଯାହାଦ୍ୱାରା ଛାତ୍ରଛାତ୍ରୀ ମାନେ ଅନେକ ଗବେଷଣା ଓ ଶିକ୍ଷା ଗ୍ରହଣ କରିପାରିବେ। ସର୍ବଦା ମନେରଖିବା ଦରକାର ଯେ ସଂସାରରେ ବିଦ୍ୟା ଠାରୁ ଆଉ କୌଣସି ମାର୍ଗ ଅଧିକ ନୁହେଁ ଏହାର ଆଦର ହିଁ ସର୍ବଦା ହୃଦୟରେ ରହିବା ଦରକାର।



# ବ୍ୟାଙ୍କ କାରବାର ପାଇଁ ଜରୁରି କୋଡ଼



ଡ. ତପନ କୁମାର ପାଲ
ଦେଉଳ ସାହି, ତୁଳସୀପୁର, କଟକ
ମୋ : ୯୯୩୭୬୫୮୩୬୨

ଆଜିର ସମୟରେ ଆମ ଦେଣନେଣ ଓ ଆର୍ଥିକ କାରବାରରେ ବ୍ୟାଙ୍କିଙ୍ଗ ସେବା ଦିନକୁ ଦିନ ସୁବିଧାଜନକ ଓ ଲୋକମାନଙ୍କ ଅତ୍ୟାଧୁନିକ ମୋବାଇଲ ଫୋନରେ ବେଶ ବିନା ଅସୁବିଧାରେ କାରବାର ହୋଇପାରୁଛି। ବ୍ୟାଙ୍କରେ ଖାତାଟିଏ ଖୋଲିବା ପରେ ସେଥିରୁ ଟଙ୍କା ଦେଣନେଣ କରିବା ପାଇଁ ଆମକୁ ନିଜ ଖାତା ନମ୍ବର, ବ୍ୟାଙ୍କ ଓ ଶାଖାର ନାମ ସହିତ ଭିନ୍ନ ଭିନ୍ନ ସମୟରେ ବ୍ରାଞ୍ଚ କୋଡ଼ ଓ ଆଇଏଫ୍ଏସ୍ କୋଡ଼ ଆଦି ଲେଖିବା ଦରକାର ହୋଇଥାଏ। ଆସନ୍ତୁ ଜାଣିବା ଏହି କୋଡ଼ଗୁଡ଼ିକ କ'ଣ ଏବଂ ଏହା କେଉଁଥିପାଇଁ ବ୍ୟବହାର କରାଯାଏ ?

ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ସମସ୍ତେ ଜାଣିବା ଉଚିତ ଯେ ବ୍ୟାଙ୍କ ଗୁଡ଼ିକର ବିଭିନ୍ନ ସ୍ଥାନରେ ଏକାଧିକ ଶାଖା ରହିଥିବାରୁ ପ୍ରତ୍ୟେକ ଶାଖାକୁ କୋଡ଼ ଦ୍ୱାରା ଚିହ୍ନିତ କରାଯାଏ। ଏହା ୩ରୁ ୬ଅଙ୍କ ବିଶିଷ୍ଟ ଏକ ସଂଖ୍ୟା। ଉଦାହରଣ ସ୍ୱରୂପ ଭାରତୀୟ ଷ୍ଟେଟ ବ୍ୟାଙ୍କର ଭୁବନେଶ୍ୱର ମୁଖ୍ୟ ଶାଖା ବ୍ରାଞ୍ଚ କୋଡ଼ ହେଲା ୦୦୦୪୧। ପ୍ରତ୍ୟେକ ଶାଖାର କୋଡ଼ ସ୍ୱତନ୍ତ୍ର। କୌଣସି ଦୁଇଟି ଶାଖାର ବ୍ରାଞ୍ଚ କୋଡ଼ ସମାନ ହୋଇପାରିବ ନାହିଁ।

ସେହିପରି ଆଇଏଫ୍ଏସ୍ କୋଡ଼ ଇଣ୍ଡିଆନ ଫାଇନାନ୍‌ସିଆଲ୍ ସିଷ୍ଟମ କୋଡ଼ ବା ଆଇଏଫ୍ଏସ୍‌ସି ନାମରେ ପରିଚିତ ଏହି ଏଗାର ସଂଖ୍ୟା ବିଶିଷ୍ଟ କୋଡ଼ରେ ଅକ୍ଷର ଓ ଅଙ୍କ ଉଭୟ ଥାଏ। ଏହାର ପ୍ରଥମ ଚାରଟି ସ୍ଥାନରେ ଥିବା ଚାରଟି ଅକ୍ଷର ବ୍ୟାଙ୍କର ନାମକୁ ବୁଝାଏ। ଉଦାହରଣ ସ୍ୱରୂପ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଶାଖାର ଆଇଏଫ୍ଏସ୍ କୋଡ଼ର ପ୍ରଥମ ଚାରଟି ଅକ୍ଷର ଏଚ୍‌ଡ଼ିଏଫସି ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା କ୍ଷେତ୍ରରେ ଏହା ଏସ୍‌ବିଆଇଏନ୍ ହୋଇଥାଏ। ଏହି କୋଡ଼ର ଶେଷ ଛଅଟି ଅଙ୍କରେ ବ୍ରାଞ୍ଚ କୋଡ଼ ହିଁ ଲେଖାଥାଏ। ପଞ୍ଚମ ସ୍ଥାନରେ '୦' (ଶୂନ) ଥାଏ। ଅନ୍‌ଲାଇନ୍ ଟଙ୍କା ଦେଣନେଣ ଅର୍ଥାତ୍ ଆଇଏମ୍‌ପିଏସ୍, ଏଇନଏଫଟ ବା ଆରଟିଜିଏସ୍ କରିବା ସମୟରେ ଏହି ଏଗାର ସଂଖ୍ୟା ବିଶିଷ୍ଟ ଆଇଏଫ୍ଏସ୍‌ସି ମାଧ୍ୟମରେ ବ୍ୟାଙ୍କ ଓ ତାହାର ନିର୍ଦ୍ଦିଷ୍ଟ ଶାଖାକୁ ଚିହ୍ନଟ କରାଯାଏ। ଏଣୁ ଏହି କୋଡ଼ ଠିକ ଭାବରେ ଲେଖିବା ଜରୁରୀ। ଗ୍ରାହକଙ୍କ ସୁବିଧା ଲାଗି ପାସବୁକ ଓ ଚେକ ବହିର ପ୍ରଥମ ପୃଷ୍ଠାରେ ତଥା ପ୍ରତ୍ୟେକ ଚେକ ଉପରେ ଶାଖାର ନାମ, ଠିକଣା ଓ ଆଇଏଫ୍ଏସ୍ କୋଡ଼ ଆଦି ଲେଖାଥାଏ। ସଂପୃକ୍ତ ବ୍ୟାଙ୍କର ୱେବସାଇଟରେ ମଧ ଏହି ତଥ୍ୟ ଉପଲବ୍ଧ।

ଆଜିକାଲି ଅନେକ ଠକ ଲୋକମାନଙ୍କୁ ସେମାନଙ୍କ ସରଳତାର ସୁଯୋଗ ନେଇ ଏବଂ ବ୍ୟାଙ୍କିଙ୍ଗ ସୁବିଧା ସମ୍ପର୍କରେ ନ ଜାଣିଥିବାରୁ ଅର୍ଥ ହାତ ସଫେଇ କରୁଥିବାର ଖବର ଗଣମାଧ୍ୟମରେ ପ୍ରକାଶ ପାଉଛି। ତେଣୁ କୌଣସି ପରିସ୍ଥିତିରେ ଆପଣ ଅଜଣା ବ୍ୟକ୍ତିଙ୍କୁ ଆପଣଙ୍କର ଗୁରୁତ୍ୱପୂର୍ଣ୍ଣ ବ୍ୟାଙ୍କିଙ୍ଗ ସୂଚନା ଓ ବ୍ୟାଙ୍କିଙ୍ଗ କୋର୍ଡ଼ ପ୍ରଦାନ କରନ୍ତୁନାହିଁ। ଆଜିକାଲି ବ୍ୟାଙ୍କ ଉଚ୍ଚମାନର ସୁବିଧା ପ୍ରଦାନ କରୁଛନ୍ତି। ଆପଣଙ୍କର ଯେ କୌଣସି ସମସ୍ୟା ଥିଲେ ସର୍ବପ୍ରଥମେ ଆପଣଙ୍କ ପାସବୁକ୍ ରହିଥିବା ଶାଖା ସହିତ ଯୋଗାଯୋଗ କରନ୍ତୁ। କୌଣସି ଅସୁବିଧା ହେଲେ ବ୍ୟାଙ୍କର ନିର୍ଦ୍ଦିଷ୍ଟ ଟୋଲ ଫ୍ରି ଓ ହେଲପ୍ ଲାଇନ ନମ୍ବର ରହିଛି ଯାହା ଦିନରାତି, ୩୬୫ ଦିନ କାର୍ଯ୍ୟ କରିଥାଏ। ଅନେକ ଠକ ଅନେକ ପ୍ରକାର ପ୍ରଲୋଭନ ଦେଖାଇ ଆଜିକାଲି ଅର୍ଥ ଲୁଟ୍ କରୁଛନ୍ତି। ତେଣୁ ବ୍ୟାଙ୍କିଙ୍ଗ କାରବାର ସମୟରେ ଆପଣଙ୍କର ଆଇଏଫ୍ଏସ୍‌ସି କୋଡ଼ ଜାଣିବା ସହିତ କୌଣସି ପରିସ୍ଥିତିରେ ଅଜଣା ଲୋକଙ୍କୁ ସେମାନେ ପ୍ରେରିତ କରିଥିବା ଓଟିପି ନମ୍ବର ଦିଅନ୍ତୁ ନାହିଁ। ସବୁକ୍ଷେତ୍ରରେ ବ୍ୟାଙ୍କକୁ ସହଯୋଗ କରନ୍ତୁ ଏବଂ ନିଜ ଆର୍ଥିକ କାରବାର ସୁରକ୍ଷିତ ରହିବା ସହ ବ୍ୟାଙ୍କ ସେବାର ମୂଲ୍ୟବାନ ସମୟ ଯେପରି ନଷ୍ଟ ନହୁଏ ସେ ଦିଗକୁ ଦେଖିବା ଆମ ସମସ୍ତଙ୍କର ଦାୟିତ୍ୱ।




ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ଖବରକାଗଜ ବିତରକ ସଙ୍ଘର ସଭାପତି ପ୍ରଦୀପ କୁମାର ଜେନା ରବିବାର ଅପରାହ୍ନ ରେ ଏକ ସଡ଼କ ଦୁର୍ଘଟଣାରେ ଆହତ ହୋଇଛନ୍ତି । ପାରାଦୀପ ବନ୍ଦର ସହର ଜୟଦେବ ସଦନ ଗୋଲେଇ ଛକ ନିକଟରେ ଏକ ଗାଡି ଦ୍ରୁତ ଗତିରେ ବେପାରୁଆ ଭାବେ ତାଙ୍କୁ ଧକ୍କା ଦେବାରୁ ଶ୍ରୀ ଜେନା ଗୁରୁତର ଅବସ୍ଥାରେ ବନ୍ଦର ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ । ତାଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ୪ ଟି ଷ୍ଟିଚ ହୋଇଛି । ଏବେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ରହିଛି । ତେବେ ସହରରେ ଏବେ ବେପାରୁଆ ଢଙ୍ଗ ଗାଡିଚାଳନା ଯୋଗୁଁ ସାଧାରଣରେ ଯାତାୟତ ଦୁର୍ବିସହ ହେବା ସହ ଏଭଳି ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି । ତେବେ ପୋଲିସ ପ୍ରଶାସନ ଏହି ଅମାନିଆ ଦ୍ରୁତ ଗାଡି ଚାଳକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେବା ସହ ପାରାଦୀପର ସାମ୍ବାଦିକ ଓ ବିତରକ ସଙ୍ଘର ସଦସ୍ୟମାନେ ଶ୍ରୀ ଜେନାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।



### କପିଳାସରେ ୪ଲକ୍ଷରୁ ଉର୍ଦ୍ଧ୍ୱ କାଉଡ଼ିଆଙ୍କ ସମାଗମ

# ଘୋର ଅବ୍ୟବସ୍ଥା ନେଇ ଭକ୍ତଙ୍କ ଅସନ୍ତୋଷ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବ ପୀଠ ବାବା ଚନ୍ଦ୍ରଶେଖରଙ୍କ ବିଜେ କପିଳାସ ପୀଠରେ ସୋମବାର ତୃତୀୟ ପାଳିରେ ନାହିଁନଥିବା କାଉଡିଆ ଭକ୍ତଙ୍କର ଭିଡ଼ ଏତେ ପରିମାଣରେ ବୃଦ୍ଧି ପାଇଥିଲା ଯାହାକି ପ୍ରଶାସନର ପୂର୍ବ ଆକଳନ ବାହାରେ ଥିଲା । ବିଶେଷ କରି ନିଜ ମାନସିକ ପୂରଣ ପାଇଁ କାଉଡିଆ ଭକ୍ତମାନେ ଦୀର୍ଘ ପଥ ଖାଲି ପାଦରେ ପବିତ୍ର ନଦୀ ମାନଙ୍କରୁ ଜଳ ଭାର କାନ୍ଧରେ ଧରି ହରେ ହରେ ବମ୍, ଭୋଲା ବାବା ପାର କରେଗା ଧ୍ୱନି ଦେଇ ଉକ୍ତ ପୀଠକୁ ଆସିଥାନ୍ତି । ବାବା ଚନ୍ଦ୍ରଶେଖରଙ୍କୁ ଜଳ ଢ଼ାଳିବା ଢେଙ୍କାନାଳରୁ ଆରମ୍ଭକରି ପଡୋଶୀ ଯାଜପୁର, କଟକ, କେନ୍ଦୁଝର, ଭଦ୍ରକ, ଅନୁଗୁଳ, ପୁରୀ, ଜଗତସିଂହପୁର ତଥା ରାଜଧାନୀ ଭୁବନେଶ୍ୱର ଆଦି ସ୍ଥାନରୁ ଆସୁଥିବା ଦେଖିବାକୁ ମିଳିଥିଲା । ଉକ୍ତ ପୀଠକୁ ୩ ଗୋଟି ସଂଯୋଗୀ ରାସ୍ତା ଯଥା



ଢେଙ୍କାନାଳ, ଟାଙ୍ଗୀ, ଓ ଗଁଦିଆ ପଟରୁ ଶନିବାର ଦିନ ଠାରୁ ରବିବାର ମଧ ରାତ୍ରି ପର୍ଯ୍ୟନ୍ତ କାଉଡିଆଙ୍କର ଲମ୍ବା ଧାଡି ରାସ୍ତାରେ ଲାଗିରହିଥିଲା । ରବିବାର ପାଗ କୋହଲା ଥିବା ସହିତ ସାଙ୍ଗକୁ ତୁହାକୁ ତୁହା ବର୍ଷା ଫଳରେ ବିଶେଷ କରି ଭକ୍ତ ମାନେ କଷ୍ଟ ଅନୁଭବ ନକରି ନିଜର ଲକ୍ଷ୍ୟ ପଥରେ ଆଗେଇ ଚାଲିଥଲେ । ହେଲେ ଏପରି ଭିଡ଼ ହେବ ବୋଲି ପ୍ରଶାସନର ଆକଳନ ଭୁଲ ହୋଇଥିଲା । ଦେବୋତ୍ତର ବିଭାଗ ପକ୍ଷରୁ ପୂର୍ବ ପରି କିଛି ହାତ ଗଣତି ଅସ୍ଥାୟୀ ଟେଷ୍ଟ ଓ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା । ସେହିପରି ବାରବାଙ୍କ ହେଉ କିମ୍ବା ପାହାଚ ପଥ ହେଉ ଆଖିଦୃଶିଆ ସେତେ ଆଲୋକ ବ୍ୟବସ୍ଥା ନଥିଲା । ପାନୀୟ ଜଳର ଘୋର ଅଭାବ ସ୍ପଷ୍ଟ ବାରି ହେଉଥିଲା । ଏଠାରେ ଯେତିକି ପାଣି ଟାଙ୍କି ଥିଲା ତାହା ସମୁଦ୍ରକୁ ଶଙ୍ଖେ ସଦୃଶ । ପୀଠରେ ନିୟୋଜିତ ବିଭିନ୍ନ ବିଭାଗର କର୍ମଚାରୀଙ୍କର ପରିଚୟ ପତ୍ର ନଥିବା କାରଣରୁ ଭିଡ଼କୁ ନଜରରେ ରଖି ପୋଲିସ କଟକଣା ଜାରି ରଖିଥଲା । ଏଣୁ ବ୍ୟାପକ ଭାବରେ ପାନୀୟ ଜଳ ବିଭାଗ ପକ୍ଷରୁ ଉପଲବ୍ଧ ନଥିଲା । ଏହାର ସୁଯୋଗ ନେଇ କିଛି ବ୍ୟବସାୟୀ ଚଢ଼ା ଦରରେ ପାଣି ବିକୁଥିବା ଜଣାଯାଇଛି । ଜିଲ୍ଲା ପ୍ରଶାସନର ଏପରି ବ୍ୟବସ୍ଥାକୁ ନେଇ ଅନେକ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା । ଭିଡ଼କୁ ଦେଖି ମଧ ରାତ୍ରିରୁ ଶିବ ପାର୍ବତୀ ଓ ଶ୍ରାବଣୀ ଲିଙ୍ଗରେ ପାଣିଢାଳା ଆରମ୍ଭ ହୋଇ ସୋମବାର ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିଲା । ଶାନ୍ତି ଶୃଙ୍ଖଳା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ଉପ ଜିଲ୍ଲାପାଳ ବିବୁଧ ଗଡ଼ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୂର୍ଯ୍ୟମଣି ପ୍ରଧାନ, ତହସିଲଦାର ସତ୍ୟଜିତ ମହାପାତ୍ର, ଅତିରିକ୍ତ ତହସିଲଦାର ସୌଭାଗ୍ୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ତଦାରଖ କରିଥିଲେ । ଗଁଦିଆ ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନଙ୍କ ନେତୃତ୍ୱରେ ଗଁଦିଆ ପୋଲିସ ଓ ପୋଲିସ ଫୋର୍ସ ମୁତୟନ ଶାନ୍ତି ଶୃଙ୍ଖଳା ଉପରେ କଡ଼ା ନଜର ରଖିଥିଲେ । ଗତ ରବିବାର ଓଡିଶା ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ ବିଚାରପତି ପ୍ରଭୁଙ୍କ ଦର୍ଶନ କରିଥିବା ଜଣାଯାଇଛି ।


## ବୁଦ୍ଧେଶ୍ୱର ମନ୍ଦିରରେ କାଉଡ଼ିଆଙ୍କ ଭିଡ



ଭୁବନ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭୁବନର ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିରରେ ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ଜଳଲାଗି କରିବାକୁ କାଉଡ଼ିଆଙ୍କ ପ୍ରବଳ ଭିଡ ହୋଇଥିଲା । ରବିବାର ସନ୍ଧ୍ୟାରୁ ରାଜ୍ୟର ବିଭିନ୍ନ ସ୍ଥାନରୁ ହଜାର ହଜାର ଶୈବଭକ୍ତ ନିଜର ମାନସିକ ପୂରଣ ପାଇଁ ଆସି ପହଞ୍ଚିଥିଲେ । ପୂର୍ବଦୋୟା ବ୍ରାହ୍ମଣୀ ନଦୀରୁ ଜଳଆଣି ବାବା ବୁଦ୍ଧେଶ୍ୱରଙ୍କୁ ଜଳଲାଗି କରିଥିଲେ । ହର ହର ମହାଦେବ ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା । ଦ୍ୱିତୀୟ ସୋମବାରରେ ପ୍ରାୟ ୭ ହଜାରରୁ ଉର୍ଦ୍ଧ୍ୱ କାଉଡ଼ିଆ ଶୃଙ୍ଖଳିତ ଭାବେ ଧାଡ଼ିରେ ଯାଇ ବୁଦ୍ଧେଶ୍ୱରଙ୍କୁ ଜଳ ଲାଗି କରିଥିଲେ । ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ତରଫରୁ କାଉଡ଼ିଆଙ୍କ ପାଇଁ ସେବା କେନ୍ଦ୍ର ଖୋଲାଯାଇଥିଲା । ଜଳପାନ ଓ ଭୋଜନ ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ମନ୍ଦିର ପରିଚାଳନା କମିଟି ମନ୍ଦିର କମିଟିର ସଭାପତି ନରହରି ସାହୁଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ସମୀର କୁମାର ସାହୁ, ଉପ ସଭାପତି ବିପିନ ବିହାରୀ ସେଠୀ, କୋଷାଧକ୍ଷ ସନ୍ତୋଷ ବିହାରୀ, ପରିଚାଳକ ଗୁଲଗୁଲ ସାହୁ, କମିଟି ସଦସ୍ୟ ଦୀନବନ୍ଧୁ ସାହୁ, ଖଗେଶ୍ୱର ନାୟକ, ଲକ୍ଷ୍ମଣ କୁମାର ସାହୁ ପ୍ରମୁଖ ଭକ୍ତଙ୍କୁ ସହଯୋଗ କରିଥିଲେ । ଭୁବନ ଥାନା ତରଫରୁ ମଧ ମନ୍ଦିର ପରିସରରେ ପୋଲିସ ମୁତୟନ କରାଯାଇ କାଉଡ଼ିଆଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇଥିଲା ।

## ପଣ୍ୟ ପରିଚାଳନାରେ ପାରାଦୀପ ବନ୍ଦରର ଐତିହାସିକ ମାଇଲଖୁଣ୍ଟ

ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ବନ୍ଦର ପ୍ରାଧିକରଣ ଚଳିତ ଆର୍ଥିକ ବର୍ଷରେ ଅଭୂତପୂର୍ବ ଦ୍ରୁତଗମ ୫୦ ମିଲିୟନ ମେଟ୍ରିକ ଟନ (ଏମଏମଟି) ପଣ୍ୟ ପରିଚାଳନା କରି ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିଛି । ବନ୍ଦର ଇତିହାସରେ ଏହି କୀର୍ତ୍ତିମାନ ସ୍ଥାପନ ବନ୍ଦରର କାର୍ଯ୍ୟ ଦକ୍ଷତା, ରଣନୀତି ଓ ଉତ୍ତମ ପରିଚାଳନା ଶକ୍ତିକୁ ଦର୍ଶାଉଛି । ତେବେ ପୂର୍ବବର୍ଷ କେବଳ ୪ ଦିନ ପୂର୍ବରୁ ଏହି ବିରଳ କୀର୍ତ୍ତିମାନ ସ୍ଥାପନ ହୋଇପାରିଥିଲା । ବନ୍ଦରର ଏହି ପଣ୍ୟ ଅଭିବୃଦ୍ଧି ମଧ୍ୟରେ କୋଇଲା ୨୨.୦୬ ଏମଏମଟି ପଣ୍ୟ ପରିଚାଳନା କରି ୦.୫୩ ପ୍ରତିଶତ ଅଭିବୃଦ୍ଧି ହୋଇଥିବା ବେଳେ କଣ୍ଟେନର ପଣ୍ୟ ୨୭.୮୦ ପ୍ରତିଶତ, ଅଶୋଧିତ ତୈଳ ୧୧.୩୬



ଏମଏମଟିରେ ପହଞ୍ଚି ୧୪.୯୭ ପ୍ରତିଶତ ଓ ସାରରେ ୮.୪୧ ପ୍ରତିଶତ ଅଭିବୃଦ୍ଧି ଘଟିଛି । ତେବେ ଏହି ଐତିହାସିକ ସଫଳତା ପାଇଁ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଡ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ଦୃଢ଼ ନେତୃତ୍ୱ ଓ ପାରଦର୍ଶୀ ମାର୍ଗଦର୍ଶନ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ଦର୍ଶାଇବା ସହ ତାଙ୍କୁ କୃତଜ୍ଞତା ଜଣାଇ ବନ୍ଦରର ସମସ୍ତ ଅଧିକାରୀ, କର୍ମଚାରୀ, ବ୍ୟବହାରକାରୀ, ଷ୍ଟିଭେଡୋର୍ସ, ଜାହାଜ ଏଜେଣ୍ଟ, ଟ୍ରେଡ଼ ୟୁନିୟନ ଓ ଅପରେଟରଙ୍କୁ ସଫଳତା ପାଇଁ ପ୍ରଶଂସା କରିଛନ୍ତି ।

## ଦୁର୍ଘଟଣାରେ ଦୁଇ କାଉଡ଼ିଆଙ୍କ ମୃତ୍ୟୁ

ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ପୁରୀ ଜିଲ୍ଲାର ଗୋରେଖନାଥ ପୀଠରୁ ପାଣି ଢାଳିବାକୁ ଆସିଥିବା ଦୁଇ ଜଣ କାଉଡ଼ିଆଙ୍କର ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ଏହି ମର୍ମନ୍ତୁଦ ଦୁର୍ଘଟଣା ନାଉଗାଁ ଥାନା ଅଧିନ ପାଳସାହି ନିକଟରେ ଘଟିଛି । ମିଳିଥିବା ସୂଚନା ଅନୁସାରେ ଗୋରେଖନାଥ ପୀଠରେ ପାଣି ଢାଳି ଓ ବାଇକ ଯୋଗେ ଫେରୁଥିବା ଦୁଇ ଯୁବକ ସାଇକ୍ରିଷ୍ଣା ବସ ସହିତ ଧକ୍କା ହୋଇଥିଲେ । ଘଟଣା ସ୍ଥଳରେ ପୁରୀ ବାସେଲି ସାହିର ଅମିତି ସାହାଙ୍କ ମୃତ୍ୟୁ ଘଟିଥିବା ବେଳେ ବ୍ରହ୍ମଗିରିର ଆହତ ଯୁବକ ଚିତ୍ତରଞ୍ଜନ ରାଉତରାୟଙ୍କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣା ଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତେଜନା ପ୍ରକାଶ ପାଇବା ସହ ରାସ୍ତାରୋକ କରାଯାଇଥିଲା । ନାଉଗାଁ ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହ ଅନୁସନ୍ଧାନ ଆରମ୍ଭ କରିଛି ।

## ଟେଣ୍ଡର ଆହ୍ୱାନ ଦାବିରେ ୧୯ ପାରିଷଦଙ୍କ ଧାରଣା



ବ୍ୟାସନଗର(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲାରର ବ୍ୟାସନଗର ପୌର ପରିଷଦରେ ବିକାସ କାର୍ଯ୍ୟ ଠପ୍ ହୋଇଯାଇଛି । ବୈଠକରେ ପାରିତ ପ୍ରକଳ୍ପ କାର୍ଯ୍ୟ ପାଇଁ ଶାସକ ଦଳର ଚାପରେ ପୌର ପରିଷଦର ନିର୍ବାହୀ ଅଧିକାର କାର୍ଯ୍ୟ କରୁନାହାନ୍ତି । ବୈଠକରେ ସିଦ୍ଧାନ୍ତ ନିଆଯାଇଥିବା ଟେଣ୍ଡର ମାଧ୍ୟମରେ ବିଭନ୍ନ ପ୍ରକଳ୍ପଗୁଡ଼ିକ ୨ମାସ ହେବ କାର୍ଯ୍ୟକାରୀ କରୁନାହାଁନ୍ତି । ଯାହାଫଳରେ ସହରର ବିକାସ ଠପ୍ ହୋଇଯାଇଛି । କାହା ଚାପରେ ପୌର ଅଧିକାରୀ ୪କୋଟି ଟଙ୍କାର ଟେଣ୍ଡର କରିବା ଦାବିରେ ଧାରଣା ଦେଇଛନ୍ତି ଦାବି ପୂରଣ ନ ହେବା ଯାଏ ଧାରଣା ଚାଲୁ ରହିବ ବୋଲି ପାରିଷଦ ମାନେ ବିଭନ୍ନ ଗଣମାଧମକୁ ସୁଚନା ଦେଇଛନ୍ତି କ୍ଷ ଏହି ଧାରଣାରେ ବିଜେଡି ଓ କଂଗ୍ରେସ ଦଳର ପାରିଷଦମାନେ ସାମିଲ ହୋଇଛନ୍ତି ସହର ବିକାସ ପାଇଁ ସହରବାସିଙ୍କୁ ନେଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପାରିଷଦମାନେ ସାମ୍ବାଦିକଙ୍କ ପ୍ରଶ୍ନରେ ଉତ୍ତର ରଖିଛନ୍ତି ।

## ଅରିଷଣ୍ଟରେ ଯୁବକର ଆତଙ୍କରାଜ୍, ୩ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଅରିଷଣ୍ଟ ଗ୍ରାମରେ ଆତଙ୍କ ରଚୁଛି ବୁନା । ଦିନରାତି ଆତଙ୍କ ରଚି ଏକାଧିକ ବ୍ୟକ୍ତିଙ୍କୁ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ୨ଟି ମାମଲା ରୁଜୁ କରି ଅଭିଯୁକ୍ତ ବୁନା ଓରଫ ସଦାଶିବକୁ ଗିରଫ କରି କୋର୍ଟ ଚାଲଣ କରିଥିବା ବେଳେ ସଦାଶିବର ଭାଇ ବିଷ୍ଣୁ ଓ ତା ମା'ଫେରାର ହୋଇଯାଇଛି । ସୂଚନା ଅନୁଯାୟୀ, ଅରିଷଣ୍ଟ ଗ୍ରାମରେ ବୁନା ଓରଫ ସଦାଶିବ ବିଶ୍ୱାଳ ଆତଙ୍କ ରଚୁଥିବା ବେଳେ ଘରେ ପଶି ବାଲୁଙ୍କି ବିଶ୍ୱାଳ ଓ ତାଙ୍କ ପତ୍ନୀ, ଝିଅଙ୍କୁ ଟଣାଓଟରା କରି ମାଡ଼ ମାରିବା ନେଇ ବାଲୁଙ୍କିଙ୍କ ଝିଅ କଣ୍ଟେଇ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ଭାରତୀୟ ନ୍ୟାୟ ସଂହିତା ଦଫା ୧୨୬(୨)/୨୯୬/୧୧୫(୨)/୩୨୯(୪)/ ୩୫୧(୨)ରେ ପୋଲିସ ମାମଲା ରୁଜୁ କରିଛି । ସେହି ଗ୍ରାମର ରଂଜନ ବିଶ୍ୱାଳଙ୍କ ପୁଅ ବିଶ୍ୱଜିତ ବିଶ୍ୱାଳ ଅଭିଯୋଗ କରିଛନ୍ତି, ଗତ ୨୫ ତାରିଖ ସଂଧ୍ୟାରେ ବୁନା ଓ ସଦାଶିବ ତାଙ୍କ ଘର ଆଗରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ତାଙ୍କ ଭାଇ ବାପି ବିଶ୍ୱାଳକୁ ମାଡ଼ ମାରି ଧମକ ଦେଇଥିଲା । ଗତ ୨୭ ତାରିଖ ଅପରାହ୍ନରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ, ମଙ୍ଗଳା ମନ୍ଦିରରେ ବୁନା ଛକି ରହିଥିଲା । ସେହି ସମୟରେ ବାପି ବିଶ୍ୱାଳ ଆସୁଥିବା ବେଳେ ବୁନା ଓ ତା ଭାଇ ବିଷ୍ଣୁ ଏକ କଟୁରିରେ ଆକ୍ରମଣ କରିଥିଲା । ବାପିଙ୍କ ଶରୀର ଓ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବା ବେଳେ ବାପିଙ୍କ ଭାଇ ଏ ସଂପର୍କରେ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଘଟଣାରେ ସଂପୃକ୍ତ ସଦାଶିବ ଓରଫ ବୁନାକୁ କୋର୍ଟ ଚାଲଣ କରିଛି । ଜାମିନ୍ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ଯାଇଥିବା ଜଣାପଡ଼ିଛି । ଘଟଣାରେ ଅନ୍ୟ ଦୁଇ ଅଭିଯୁକ୍ତ ଫେରାର ଅଛନ୍ତି ।

## କୁଜଙ୍ଗରେ ଲଜ୍ଜା, ନବମ ଶ୍ରେଣୀ ଛାତ୍ରୀ ଗର୍ଭବତୀ

କୁଜଙ୍ଗ(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଅନ୍ତର୍ଗତ ଏକ ନାବାଳିକା ଦୁଷ୍କର୍ମ ଓ ଗର୍ଭବତୀ ହେବା ଘଟଣା ମନରୁ ନ ଲିଭୁଣୁ କୁଜଙ୍ଗ ଥାନା ଅଞ୍ଚଳରୁ ପୁଣି ଏକ ଲୋକଲଜ୍ଜା ଘଟଣା ଅଞ୍ଚଳକୁ ଲଜ୍ଜିତ କରିଦେଇଛି । ଏଠାରେ ଜଣେ ନାବାଳିକା ନବମ ଶ୍ରେଣୀ ଛାତ୍ରୀ ୪ମାସର ଗର୍ଭବତୀ ହୋଇ ମା' ହେବା ଘଟଣା କୁଜଙ୍ଗ ଅଞ୍ଚଳକୁ ଦୋହଲାଇ ଦେଇଛି । ଘଟଣାରୁ ପ୍ରକାଶ ଯେ କୁଜଙ୍ଗ ଥାନା ଅନ୍ତର୍ଗତ ଗୋପିଆକୁଦ ଅଞ୍ଚଳର ଜଣେ ନାବାଳିକା ନବମ ଶ୍ରେଣୀ ଛାତ୍ରୀଙ୍କ ଭୀଷଣ ରକ୍ତସ୍ରାବ ହୋଇଥିଲା । ସଙ୍ଗେ ସଙ୍ଗେ ପରିବାର ଲୋକେ ନିକଟସ୍ଥ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଆଣିଥିଲେ । ଡାକ୍ତରୀ ପରୀକ୍ଷା ପରେ ନାବାଳିକା ଜଣକ ଗର୍ଭବତୀ ଥିବା ଜଣାପଡିଥିଲା । ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଜଗତସିଂହପୁର ଜିଲା ଡାକ୍ତରଖାନାକୁ ପଠାଯାଇଥିଲ । ସେଠାରେ ନାବାଳିକା ଏକ ମୃତ ଶିଶୁକୁ ଜନ୍ମ ଦେଇଥିଲେ । ଘଟଣା ସମ୍ପର୍କରେ କୁଜଙ୍ଗ ପୋଲିସ ଖବର ପାଇ ନାବାଳିକା ସହିତ ଅନୈତିକ ସମ୍ପର୍କ ରଖିଥିବା ସନ୍ଦେହରେ ୨ଜଣକୁ ଉଠାଇ ଆଣିଥିବା ଜଣାପଡ଼ିଛି । ଘଟଣାରୁ ଜଣାପଡ଼ିଛି ଏହି ଛାତ୍ରୀ ସହିତ ଦେଢ଼ ବର୍ଷ ପୂର୍ବେ ଉପର ଶ୍ରେଣୀରେ ପଢୁଥିବା ପଡୋଶୀ ଘର ଜଣେ ନାବାଳକ ଅନୈତିକ ସମ୍ପର୍କ ରଖିଥିବା ଅଭିଯୋଗରେ ଯୁଭେନାଇଲି ଏକ୍ଟରେ କେସ ହୋଇଥିଲା । ଏହି ଘଟଣାରେ ସମ୍ପୃକ୍ତ ନାବାଳକଙ୍କୁ ଅଟକ ରଖାଯାଇଥିଲା । ପରେ ଛାଡାଯାଇଥିଲା । ଅନ୍ୟପଟେ କୁଜଙ୍ଗ ଥାନା ଅନ୍ତର୍ଗତ ଦୁଆଡିଆ ବାଲି ସାହି ଅଞ୍ଚଳର ପିଣ୍ଟୁ ବେହେରାଙ୍କୁ ମଧ ଉଠାଇ ଆଣି ଥାନାରେ ଅଟକ ରଖିଥିବା ଜଣାପଡିଛି ।

# ଧରାପଡିଲେ ୫ ଆନ୍ତଃରାଜ୍ୟ ଚେନ୍ ଲୁଟେରା ଗ୍ୟାଙ୍ଗ

କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ପୋଲିସକୁ ମିଳିଛି ବଡ ସଫଳତା । କେନ୍ଦୁଝର ପୋଲିସର ନାକେଦମ୍ କରି ରଖିଥିବା ଏକ ଆନ୍ତଃରାଜ୍ୟ ଚେନ ଲୁଟେରା ଗ୍ୟାଙ୍ଗକୁ ଗିରଫ କରିବାରେ ସଫଳ ହୋଇଛି । ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ ସହ ୫ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି । ସେମାନଙ୍କଠାରୁ ୮ ସୁନା ଚେନ, ୨୧ ମୋବାଇଲ, ୧୪ ବାଇକ, ୧୧ହାଜର ଟଙ୍କା ମଧ ଜବତ କରିଛି ପୋଲିସ । ମୁଖ୍ୟ ପାଞ୍ଚ ଜଣ ହେଲେ ଚିନ୍ମୟ ପ୍ରଧାନ, ବିଜୟ ପ୍ରଧାନ, ଏ ଆସୁ, ଏମ ଅନିଲ ଓ ସୁନିଲ ଦାସ । ଏମାନଙ୍କ ସହ ଅନ୍ୟ ୧୫ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ଜିଲ୍ଲା ମୁଖ୍ୟାଳୟରେ ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର ଦଗଡୁ । ପ୍ରକାଶ ଯେ ଗତ ୧୬ ତାରିଖ ସନ୍ଧ୍ୟା ୬ ଟାରୁ ୮ ଭିତରେ ସହରର ବିଭିନ୍ନ ସ୍ଥାନରେ ଚେନ ଚୋରି



ଅଭିଯୋଗ ହୋଇଥିଲା । ସହରରେ ଏହା ଏତେ ବଡ ଧରଣର ଡକାୟତି ହୋଇଥିବା ବେଳେ ପୋଲିସର କାର୍ଯ୍ୟ ନେଇ ସାଧାରଣରେ ଆଲୋଚନାର ବିଷୟ ହୋଇଥିଲା । ଏନେଇ ଜିଲ୍ଲା ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ । ସିସିଟିଭି ଫୁଟେଜ, ସାଧାରଣ ଗୁଇନ୍ଦା ରିପୋର୍ଟ ଅନୁସାରେ ଜିଲ୍ଲା ପୋଲିସ ଏହି ଘଟଣାର ମୁଖ୍ୟ ସ୍ଥାନରେ ପହଞ୍ଚିଥିଲେ । ଏହାର ମୁଖ୍ୟସ୍ଥାନ ଭାବେ ପୋଲିସ ଯାଜପୁର ଜିଲ୍ଲାର ଦଶମାଣିଆ, ମୁଣ୍ଡମାଲ ଓ ପୂର୍ବକୋଟର ବୋଲି ଜାଣିବାକୁ ପାଇଥିଲା । ଯାଜପୁର ପୋଲିସ ସହାୟତାରେ କେନ୍ଦୁଝରର ସ୍ୱତନ୍ତ୍ର ଟିମ ରାକେଟର ଗ୍ୟାଙ୍ଗ ସଦସ୍ୟ ଙ୍କୁ ଗିରଫ କରିବାରେ ସଫଳ ହୋଇଥଲା । ଛାନଭିନରୁ ଆନ୍ତଃରାଜ୍ୟ ଗ୍ୟାଙ୍ଗ ଓଡିଶା ସହ ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗରେ ରାକେଟ ଚଳାଇଥିବା ଜଣାପଡିଥିଲା । ଏମାନେ ହଜାରରୁ ଉର୍ଦ୍ଧ୍ୱ ଚେନ୍ ଚୋରୀରେ ସାମିଲ ଥିବା ପୋଲିସ ଜାଣିବାକୁ ପାଇଥିଲା । ଟାଉନ୍ ଥାନ ପକ୍ଷରୁ ଏମାନଙ୍କ ନାମରେ ଭାରତୀୟ ନ୍ୟାୟ ସଂହିତା ଅନୁସାରେ ୮ଟି କେସ ରୁଜୁ ହୋଇଥିଲା । ଯଥାକ୍ରମେ କେସ ନମ୍ବର୍ ୪୯୧/୨୫ , ୪୯୨/୨୫, ୫୧୫/୨୫, ୫୧୬/୨୫, ୫୧୭/୨୫,୫୧୮/୨୫, ୫୧୯/୨୫,୫୨୦/୨୫ ସେକ୍ସନ ୩୦୯(୪) । ଗିରଫ ହୋଇଥିବା ସମସ୍ତ ଲୁଟେରାଙ୍କୁ ସହର ମଧ୍ୟରେ ସିନ ରିକ୍ରିଏସନ୍ କରିଥିଲା ଟାଉନ ପୋଲିସ ।

# ଅଧାପିକାଙ୍କୁ ଅଧକ୍ଷଙ୍କ ଅସଦାଚରଣ ମାମଲା: ୯ ବର୍ଷ ପରେ ପୁନଃ ତଦନ୍ତ ଆରମ୍ଭ

କୋରେଇ(ଭାସ୍କର ନ୍ୟୁଜ): ରାଜ୍ୟରେ ବାଲେଶ୍ୱର ଫକିର ମୋହନ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ପରେ ଶିକ୍ଷା ବିଭାଗ ପୂର୍ବ ୧୦ ବର୍ଷ ମଧ୍ୟରେ ହୋଇଥିବା ନାରୀ ନିର୍ଯାତନା ଓ ଅସଦାଚରଣ ଭଳି ବିଭିନ୍ନ କେସ ଗୁଡ଼ିକୁ ପୁନଃ ତଦନ୍ତ ପାଇଁ ଶିକ୍ଷା ବିଭାଗ ନିର୍ଦ୍ଦେଶ ଜାରି କରିଛନ୍ତି । ଏହି କ୍ରମରେ ଦୀର୍ଘ ୯ ବର୍ଷ ପରେ ପୁଣି ଥରେ କୋରେଇ କାହ୍ନୁଚରଣ ଉଚ୍ଚ ମାଧମିକ ବିଦ୍ୟାଳୟର ପୂର୍ବତନ ଅଧକ୍ଷଙ୍କ ଅସଦାଚରଣ ଘଟଣାର ତଦନ୍ତ ଆରମ୍ଭ ହୋଇଛି । ଏନେଇ ଆଜି କୋରେଇ କଲେଜରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ରଞ୍ଜିତ କୁମାର ପ୍ରଧାନ ପହଞ୍ଚି ତଦନ୍ତ କରିବା ଆରମ୍ଭ କରିଥିଲେ । ଏନେଇ ଘଟଣା ସହ ଜଡ଼ିତ ଉଭୟପକ୍ଷ ଓ ବର୍ତ୍ତମାନର ଅଧକ୍ଷ ମଧ ଉପସ୍ଥିତ ରହି ତଦନ୍ତରେ ସହଯୋଗ କରିଥିବା ଦେଖିବାକୁ ମିଳୁଛି । ସୂଚନା ମୁତାବକ ୨୦୧୬ ମସିହାରେ କାହ୍ନୁଚରଣ ଉଚ୍ଚ ମାଧମିକ ବିଦ୍ୟାଳୟର ତତ୍କାଳୀନ ଅଧକ୍ଷ ଅକ୍ଷୟ କୁମାର ମାହାନ୍ତି କିଛି କର୍ମଚାରୀଙ୍କ ସହିତ ପିକ୍‌ନିକ୍ ଯାଇଥିବା ବେଳେ ଜନୈକା ଅଧାପିକାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା । ପରେ ପୀଡ଼ିତା ଅଧାପିକା ଶିକ୍ଷା ବିଭାଗ ଅଧିକାରୀଙ୍କ



ସମେତ ଯାଜପୁର ଜିଲ୍ଲାପାଳ, ଏସ୍‌ପି ଏବଂ କୋରେଇ ଥାନାରେ ଅଭିଯୋଗ ପରେ କେସ ନଂ ୨୦/୧୬ ମାମଲା ରୁଜୁ ହୋଇଥିଲା । ଏବେ ମାମଲା କୋର୍ଟରେ ବିଚାରାଧୀନ ରହିଛି । ମହିଳାଙ୍କ ଅଭିଯୋଗକ୍ରମେ ସମ୍ପୃକ୍ତ ଅଧକ୍ଷଙ୍କୁ କିଛିଦିନ ପାଇଁ ନିଲମ୍ବିତ ଓ ଦଣ୍ଡ ମୁତାବକ ସୁଦୂର ବାଲେଶ୍ୱର ଜିଲ୍ଲାକୁ ବଦଳି କରାଯାଇଥିଲା । କିନ୍ତୁ ସେ କାର୍ଯ୍ୟରେ ଯୋଗ ନଦେଇ ଏକାଧିକ ବର୍ଷ ଛୁଟିରେ ରହିଥିଲେ । ପର ମୁହୂର୍ତ୍ତରେ ସୁଜନପୁର ମହାବିଦ୍ୟାଳୟ ପରେ ବ୍ୟାସନଗର ମହାବିଦ୍ୟାଳୟରେ ଅଧାପକ ଭାବେ କାର୍ଯ୍ୟ କରୁଥିଲେ । ଏବେ ଅଚାନକ ବୈତରଣୀରୋଡ୍ କଲେଜର ଅଧକ୍ଷ ଭାବେ ଅବସ୍ଥାପିତ ହୋଇଛନ୍ତି । ଅଧାପିକାଙ୍କ ଅଭିଯୋଗ କ୍ରମେ ପୂର୍ବ ନିର୍ଦ୍ଧାରିତ ତାରିଖ ଓ ସମୟ ଅନୁସାରେ ମହାବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ଗୃହରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଓ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆସିଥିବା ଅଧିକାରିଣୀ ରୂପାଲି ପ୍ରିୟଦର୍ଶିନୀଙ୍କ ଉପସ୍ଥିତିରେ ଉଭୟ ପକ୍ଷର ଅଧାପିକା ଓ ଅଧ୍ୟକ୍ଷଙ୍କୁ ଏକାନ୍ତରେ ପଚରା ଉଚୁରା କରିଥିଲେ । ଘଟଣାରେ ଜଡ଼ିତ ସମସ୍ତ ଅଧାପକ ଓ ଅଧାପିକା ଘଟଣା ବିଷୟରେ ଲିଖିତ ଭାବେ ସମସ୍ତ ତଥ୍ୟ ଅଧିକାରୀଙ୍କୁ ପ୍ରଦାନ କରିଥିଲେ । ଏ ବିଷୟରେ ଆମେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ପଚାରିବାରୁ ସେ କହିଛନ୍ତି ଘଟଣାର ସମସ୍ତ ଦିଗ ଉପରେ ପଙ୍ଖାନୁପୁଙ୍ଖ ଭାବରେ ତଦନ୍ତ କଲି, ଖୁବ୍ ଶୀଘ୍ର ସତ୍ୟ ପ୍ରକାଶ ହେବ । ଏଭଳି ପରିସ୍ଥିତିରେ ଅବିଭାବକମାନେ ଆଶା ଆଶଙ୍କାରେ ଥିବାବେଳେ କାହ୍ନୁ ଚରଣ ମହାବିଦ୍ୟାଳୟର ଅସଦାଚରଣ ମାମଲାରେ ଜଡ଼ିତ ତତ୍କାଳୀନ ଅଧକ୍ଷ ପୁନଃ ବୈତରଣୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପଦରେ ଅବସ୍ଥାପିତ ହୋଇଥିବାରୁ ତାଙ୍କୁ ପଦବୀରୁ ତୁରନ୍ତ ଅପସାରଣ ପାଇଁ ସାଧାରଣରେ ଦାବି ଯୋର ଧରିଛି ।

## ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାର ଥାନା ଅନ୍ତର୍ଗତ ମୁଣ୍ଡମାଳ ଗ୍ରାମରେ ଏକ ଘର ଭିତରେ ଫ୍ୟାନ୍‌ରେ ଝୁଲୁଥିବା ଜଣେ ଯୁବତୀଙ୍କ ମୃତଦେହ ପୋଲିସ୍ ଉଦ୍ଧାର କରିଛି । ମୃତ ଯୁବତୀ ମୁଣ୍ଡମାଳ ଗ୍ରାମ ଗଡଡ ସାହିରେ ଏକୁଟିଆ ରହୁଥିବା ବେଳେ ତାଙ୍କ ବାପା ଓ ମା' ସୁରଟରେ ରହୁଥିଲେ । ସୋମବାର ସକାଳେ ଯୁବତୀଙ୍କ ମୋବାଇଲ ଫୋନ ବାରମ୍ବାର ରିଂ ହେଉଥିବା ଶୁଣି ପଡ଼ୋଶୀ ଘରର ପଛପଟେ ଭିତରକୁ ଯାଇ ଯୁବତୀ ବେକରେ ଓଢଣୀ ବାନ୍ଧି ଫ୍ୟାନରେ ଝୁଲି ପଡିଥିବା ଦେଖି ଥାନାକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କ ମୃତଦେହ ଉଦ୍ଧାର କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି ।

## ସରକାରୀ ଜମିରେ ମାଫିଆରାଜ୍, ନିଦାବିଷ୍ଟ ତହସିଲଦାର

ମହାକାଳପଡ଼ା(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ବ୍ଲକ୍‌ରେ ଜମି ଦଲାଲ୍ ଓ ଜମି ଜବରଦଖଲକାରୀ କବ୍‌ଜାରେ ସରକାରୀ ଜମି । ଅଞ୍ଚଳରେ ଶହ ଶହ ଏକର ସରକାରୀ ଜମିକୁ ଜମିମାଫିଆ ବେଆଇନ ମାଡ଼ି ବସିଛନ୍ତ । ଏଠାରେ ଜିଲ୍ଲା ପ୍ରଶାସନ ଓ ତହସିଲଦାର ସବୁ ଜାଣି ମଧ ପାଲଟି ଯାଇଛି ନିଦାବିଷ୍ଟ । ସେ ଜଙ୍ଗଲ ଜାଗା ହେଉ କି ନଦୀ କିସମ, ଅନାବାଦୀ ହେଉ କି ଗୋଚର ଏଠାରେ ନା ରାଜ୍ୟ ନା କେନ୍ଦ୍ର ସରକାରଙ୍କ ନିୟମ କିଛି ଶୁଣିବାକୁ ପ୍ରସ୍ତୁତି ନୁହନ୍ତି ପ୍ରଶାସନ । କିଏ ଭୂମିହୀନ କହି ଜଙ୍ଗଲ ଜମିକୁ ମାଡ଼ି ବସିଲାଣି ତ କିଏ କେ:୨ ପଟା କହି ନଦୀ କିସମ ଜାଗାକୁ ମାଡି ବସିଲାଣି । ବହୁ ପ୍ରତିଷ୍ଠିତ ନିପନ୍ ଷ୍ଟିଲ୍ ପ୍ଲାଣ୍ଟ ହେବ ଆମେ କୋଟି କୋଟି ପାଇବାର ଲକ୍ଷ୍ୟ କହି ବୁଲୁଛନ୍ତି ମାଫିଆମାନେ । ଭାତ ହାଣ୍ଡିରୁ ଗୋଟିଏ ଭାତ ଚିପିଲେ ସମସ୍ତ ଭାତର ସ୍ଥିତି ଜଣାପଡ଼େ, ସେଇ ଭଳି ଘଟଣାଟିଏ କିଛି ସଚେତନ ନାଗରିକ ନିଜ ନାମ ଗୋପନ ରଖି କହିଛନ୍ତି । ରାମନଗର ମୌଜା: ପେଟଛଲା, ଖାତା ନଂ:୨୦୬, ପ୍ଲଟ ନଂ:୧୩୭୩, କିସମ: ଜଙ୍ଗଲରେ କିଛି ମାଫିଆ ଦୁଇ ମହଲା ବିଶିଷ୍ଟ ଘର ତିଆରି କରୁଛନ୍ତି । ପେଟଛେଲା ଆରଆଇ, ମହାକାଳପଡା ତହସିଲଦାର ସମସ୍ତେ ଜାଣିଲେ ଜାଗା ଦେଖିଲେ, ପଟା ଦେଖିଲେ, ସେ ଲୋକ ୧୦ଦିନ ଘର କାର୍ଯ୍ୟ ବନ୍ଦକଲା, ପୁଣି ଯୋଉ କଥାକୁ ସେଇ କଥା । ସେ ପୁଣି ଘର କାର୍ଯ ଜାରି ରଖିଛି । ତହସିଲଦାରକୁ ଜଣେଇଲେ ସେ ବି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ? ଆମ ପ୍ରତିନିଧି ସବୁ ଶୁଣି ସରିଲା ପରେ ଆରଆଇଙ୍କ ପ୍ରତିକ୍ରିୟା ନେବାରୁ ସେ କହିଲେ ଆମେ ଇନ୍‌କ୍ୱାରୀ କରି ରିପୋର୍ଟ ତହସିଲଦାରଙ୍କୁ ଦେଇଛୁ । ସେ ନିଷ୍ପତି ନେବେ । ଆପଣ ଟିକେ ସାରଙ୍କୁ ପଚାରନ୍ତୁ । ତହସିଲଦାରଙ୍କୁ ଫୋନ୍‌ରେ ଯୋଗାଯୋଗ କରିଥିଲେ ହିଁ ସେ ଫୋନ୍ ଉଠାଇ ନଥିଲେ । ଏବେ ସାରା ରାଜ୍ୟରେ ସରକାରୀ ଜମିରୁ ବେଆଇନ ଦଖଲ ହଟାଇବାକୁ ମୁଖ୍ୟମନ୍ତ୍ରୀ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବେଆଇନ ଜବରଦଖଲ ହଟାଇବାକୁ ନିର୍ଦ୍ଦେଶ ହୋଇଛି । କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ଓ ତହସିଲଦାର୍ କିଛି କାର୍ଯ୍ୟାନୁଷ୍ଠାନ ନ ନେବା ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି । ଏଥିପ୍ରତି କେନ୍ଦ୍ରାପଡ଼ାରେ ନୂତନ ଜିଲ୍ଲାପାଳ ଦୃଷ୍ଟି ଦେଇ ମହାକାଳପଡା ଅଞ୍ଚଳରେ ବେଆଇନ ଦାଖଲ କରିଥିବା ସମସ୍ତ ଯାହାକୁ ସରକାର ଅଧିନକୁ ନେବାକୁ ନିବେଦନ କରିଛନ୍ତି ।

### ସରକାରୀ କଟକଣା ବାଧକ

# ୧୦ ଦିନରେ ୩୦ ଚାଷୀଙ୍କ ନାମ ପଞ୍ଜିକରଣ !

ଭୁବନ(ଭାସ୍କର ନ୍ୟୁଜ): ଚଳିତ ବର୍ଷ ଖରିପ ଧାନ ବିକ୍ରି ପାଇଁ ସରକାର ଯେଉଁ ସବୁ ଆଇନ କରିଛନ୍ତି, ସେଥିପାଇଁ ଚାଷୀ ତ୍ରାହି ତ୍ରାହି ଡାକୁଛନ୍ତି । ଗତ ବର୍ଷ କ୍ୱିଣ୍ଟାଲ ପିଛା ୮ କେଜି ଧାନ କାଟି ଚାଷୀଙ୍କୁ ଶୋଷଣ କରି କ୍ୱିଣ୍ଟାଲ ପିଛା ୮ ଶହ ଟଙ୍କା ବୋନସ ଦେଇ ବାହା ବା ନେଇ ନିଜ ଢୋଲ ନିଜେ ପିଟି କଥା ଦେଇ କଥା ରଖିଲେ ସରକାର ବୋଲି ପ୍ରଚାର କରୁଥିଲେ । ଚଳିତ ବର୍ଷ ଖରିଫ ଧାନ ବିକିବାକୁ ପଞ୍ଜୀକରଣରେ କଟକଣା କରି ଚାଷୀଙ୍କୁ କନ୍ଦାଉଛନ୍ତି । ସରକାରୀ କଟକଣା ଚାଷୀ ପଞ୍ଜିକରଣରେ ବାଧକ ସାଜି ଥିବାରୁ ଜୁଲାଇ ୧୯ରୁ ନାମ ପଞ୍ଜିକରଣ ଆରମ୍ଭ ହୋଇଥିବା ବେଳେ ୧୦ ଦିନରେ ମାତ୍ର ୩୦ ଜଣ ଚାଷୀ ଧାନ ବିକ୍ରି କରିବାକୁ ନାମ ପଞ୍ଜିକରଣ କରିଥିବା ଜଣାପଡିଛି । ଯାହାର ଜମି ବାପା, ଜେଜେ ବାପା ନାମରେ ରହିଛି, ସେମାନେ ଲିଗାଲ ହେୟାର (ଉତ୍ତରାଧିକାରୀ ପ୍ରମାଣପତ୍ର) ଦେବେ ନହେଲେ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଜେନୋଲୋଜି କରାଇ ଦେବେ ବୋଲି ବାଧ୍ୟତାମୂଳକ କରାଯାଇଛି । ତା'ସହିତ ଇ-କେଓ୍ୱାଇସି ଓ ସବୁ ଖାତାଧାରୀଙ୍କ ମଞ୍ଜୁରି ନିଶ୍ଚିତ କରିବାକୁ କୁହାଯାଇଛି । ଧାନ ବିକିବାକୁ ପଞ୍ଜୀକରଣର ଏକାଧିକ ସମସ୍ୟା ଚାଷୀଙ୍କୁ ଏବେ ଅଡୁଆରେ ପକାଇଛି । ୧୯ରୁ ଖରିଫ ଧାନ ବକ୍ରି ପାଇଁ ସରକାର ଚାଷୀ ପଞ୍ଜୀକରଣ ଆରମ୍ଭ କରିଥିବା ବେଳେ ଅଗଷ୍ଟ ୨୦ ଯାଏ ପଞ୍ଜିକରଣ ଚାଲିବ । ଚାଷୀ ସେବା ସମବାୟ ସମିତି ନହେଲେ ସ୍ୱୟଂ ସହାୟକ ଗୋଷ୍ଠୀରେ ଆବଶ୍ୟକ କାଗଜପତ୍ର ଦେଇ ନାମ ପଞ୍ଜୀକରଣ କରିପାରିବେ । ଧାନ ବିକ୍ରି ସମୟରେ ପଞ୍ଜିକୃତ ଚାଷୀଙ୍କ ବାୟୋମେଟ୍ରିକ ନିଆଯିବ । ଆଉ ଯୁଗ୍ମ ପଟ୍ଟାଧାରୀଙ୍କ ସହମତିପତ୍ର ଅପଲୋଡ ହେବ । ମାତ୍ର ପଞ୍ଜୀକରଣରେ ସରକାରଙ୍କ ନୂଆ ନିୟମ ଏଥର ଚାଷୀଙ୍କୁ ହଇରାଣ କରୁଛି । ତଥାପି କେତେକ ଚଷୀ ଧାନ ବିକିବାକୁ ଆବେଦନ କରୁଛନ୍ତି । ଯେଉଁମାନଙ୍କ ନାମରେ ଖାତା ରହିଛି, ସେମାନଙ୍କ ପଞ୍ଜୀକରଣ କରି ଧାନ ବିକିବାରେ ଅସୁବିଧା ରହିବ ନାହିଁ । ଯେଉଁ ଖାତାରେ ଏକାଧିକ ଖାତାଧାରୀ ରହିଛନ୍ତି ଅବା ଗାଆଁ ବାହାରେ ଖାତାଧାରୀ ରହୁଛନ୍ତି ସେମାନଙ୍କ ପାଇଁ ସମସ୍ୟା ଉପୁଜୁଛି । ଖାତାଧାରୀ କାର୍ଯ୍ୟାଳୟରେ ଉପସ୍ଥିତ ରହି ମଞ୍ଜୁରି ନଦେଲେ ଧାନ ବିକିବା ସହଜ ହୋଇପାରିବନି । ଅନ୍ୟପଟେ ପଞ୍ଜୀକରଣରେ ଏକାଧିକ ସମସ୍ୟା ଦେଖାଦେଉଛି । ଆଗରୁ ଓଟିପି କରି ଚାଷୀଙ୍କୁ ଛାଡିଦେଉଥିଲୁ । ଫାଙ୍କା ସମୟରେ ବସି ସବୁ କାଗଜପତ୍ର ଅନଲାଇନ କରୁଥିଲୁ । ଏବେ ଚାଷୀ ନିଜେ ବସି ସବୁକାମ ସାରି ଯିବାକୁ ପଡୁଛି । ଯଦି କିଛି ଭୁଲ ଭଟକା ହେଲା, ଆଉ ସଂଶୋଧନ ଏଡିଟିଂ କି ଡ୍ରାଫ୍ଟ ଅପ୍ସନ୍ କରିହେଉନାହିଁ । ଏହା ବାଦ ବିନା ସ୍କାନରରେ ଅନଲାଇନ ହେଇପାରୁନି । ସୋସାଇଟି ଗୋଟିଏ ଗୋଟିଏ ସ୍କାନର । ନେଟୱାର୍କ ସିଷ୍ଟମ ବି ସ୍ଲୋ ରହୁଛି । ନିର୍ଦ୍ଦିଷ୍ଟ ସମୟରେ କାମ ସାରିବା କଷ୍ଟକର ବୋଲି ସମବାୟ ସମିତି କର୍ମଚାରୀ କହୁଛନ୍ତି । ଧାନ କିବିବାକୁ ଚାଷୀ ଯେତିକି ଦହଗଞ୍ଜ ହେଉଛନ୍ତି, ସମିତି କର୍ମଚାରୀ ବି ସେତିକି ସମସ୍ୟାରେ ପଡ଼ିଛନ୍ତି । ଚାଷୀ ପଞ୍ଜୀକରଣକୁ ସରଳୀକରଣ କରିବାକୁ ଦାବି ହୋଇଛି । ଭୁବନ ସମବାୟ ସମିତି ୧୦ ଦିନରେ ମାତ୍ର ୩୦ ଜଣ ପଞ୍ଜୀକରଣ କରିଛନ୍ତି । ଗତ ବର୍ଷ ୯୮୮ ଜଣ ଚାଷୀ ୨୫୫୦୦ କୁଇଣ୍ଟାଲ ଧାନ ବିକ୍ରି କହିଥିଲେ । ଚଳିତ ବର୍ଷ ସରକାର ଯେଉଁ ଅଜବ ନିୟମ କରିଛନ୍ତି ସେଥିପାଇଁ କେତେ ଚାଷୀ ଧାନ ବିକିବେ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ।

# 'ଆମର ସଂକଳ୍ପ ନିଶାମୁକ୍ତ ଓଡ଼ିଶା' କାର୍ଯ୍ୟକ୍ରମ

ଜଳେଶ୍ୱର(ଭାସ୍କର ନ୍ୟୁଜ): ରବିବାର ସକାଳ ୧୦ ଘଟିକା ସମୟରେ ସମ୍ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର (ମୋନା) ଜଳେଶ୍ୱର ଶାଖା ତରଫରୁ ଷ୍ଟେସନ ବଜାର କାଳି ମନ୍ଦିର ସ୍ଥିତ ହଲରେ ଦ୍ୱିତୀୟ ଥର ସାଙ୍ଗଠନିକ ବୈଠକ ମୋନାର ବରିଷ୍ଟ ସଦସ୍ୟ ରବୀନ୍ଦ୍ର ନାଥ ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ମୋନା ସହ ସଂପାଦକ ନିରୋଜ କୁମାର ବେହେରା କାର୍ଯ୍ୟକ୍ରମରେ ମଞ୍ଚ ଆହ୍ୱାନ କରିଥିଲେ । ମୁଖ୍ୟ ଅତିଥି ଭାବେ ରାଜ୍ୟ ମୋନା ସଂଗଠନର ଉପ ସଭାପତି ମନମୋହନ ମିଶ୍ର ସଭା ଯୋଗଦେଇ ବିଶେଷ କରି ସମାଜକୁ ନିଶାମୁକ୍ତ କରିବା ପାଇଁ ମହିଳାଙ୍କର ପ୍ରମୁଖ ଭୂମିକା ରହିଛି ଏବଂ ମୋନା ସଙ୍ଗଠନରେ ଅଧିକ ମହିଳା କର୍ମୀଙ୍କୁ ଯୋଗ ଦେବାକୁ ନିବେଦନ କରିଥିଲେ । ଜଳେଶ୍ୱର ଶାଖା ମୋନାର ସଭାପତି ଅଶୋକ କୁମାର ଜେନା ସଂଗଠନର ଗୃହୀତ ନିଷ୍ପତି ସମସ୍ତଙ୍କୁ ଅବଗତ କରାଇଥିଲେ । ଜଳେଶ୍ୱରରେ ବ୍ୟାପକ ନିଶା କାରବାରରେ ସଂପୃକ୍ତ ମାଫିଆ ଏବଂ ଏହି ନିଶା ମାଫିଆଙ୍କ କାରବାରକୁ ଅଧିକ ବ୍ୟାପକ ପ୍ରସାର କରିବା ଅନ୍ତରାଳେ




ସହଯୋଗ କରୁଥିବା କେତେକ ପ୍ରଶାସନିକ କର୍ମଚାରୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଜଳେଶ୍ୱର ବ୍ଲକର ଦଳିତ ଆଦିବାସୀ ବହୁଳ ରାଇବଣିଆ ଅଞ୍ଚଳରେ ନିଶାମାଫିଆଙ୍କ ନିରୀହ ସରଳ ଆଦିବାସୀଙ୍କ ପ୍ରତି ଅକଥନୀୟ ଅତ୍ୟାଚର, ଶୋଷଣ, ଜୁଲୁମକୁ ଦୃଢ଼ ଭାବେ ବିରୋଧ କରାଯିବ । ନିଶା କାରବାର ପାଇଁ ମାଫିଆ ଜଳେଶ୍ୱରକୁ ମୁଖ୍ୟ ବ୍ୟବସାୟିକ ସ୍ଥଳ ଚୟନ କରିଥିବାରୁ, ଜଳେଶ୍ୱର ଭଳି ସମ୍ବେଦନଶୀଳ ଅଞ୍ଚଳରେ ଅବକାରୀ ଥାନାରେ ଅଧିକ ସଂଖ୍ୟକ କର୍ମଚାରୀ ମୁତୟନ କରାଯାଉ । ଜଳେଶ୍ୱରରେ ଅଣାୟତ୍ତ ପରିସ୍ଥିତି ସୃଷ୍ଟି ହୋଇଥିବା ନିଶା କାରବାରକୁ ଦମନ କରିବା ପାଇଁ ମୋନା କମିଟି ଜିଲ୍ଲାପାଳ ବାଲେଶ୍ୱର, ଏସପି ବାଲେଶ୍ୱର, ଅବକାରୀ ଏସପି ବାଲେଶ୍ୱର, ଭିଜିଲାନ୍ସ ଏସପି ବାଲେଶ୍ୱର, ଅବକାରୀ କମିଶନର ଭୁବନେଶ୍ୱର ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅବଗତ କରାଯିବ । ଜଳେଶ୍ୱରରେ ବ୍ୟାପକ ଭାବେ ଚାଲିଥିବା ବିଷାକ୍ତ ଦେଶୀ ମଦ, ନକଲି ବିଦେଶୀ ମଦ, ଧଳା ଜହର, ଗଞ୍ଜା ଇତ୍ୟାଦି ନିଶା ଦ୍ରବ୍ୟ କାରବାରକୁ ବନ୍ଦ କରିବା ସହ ମୁଖ୍ୟ ନିଶା ମାଫିଆ ଏବଂ ପ୍ରଚ୍ଛଦପଟେ ରହି ସହଯୋଗ କରୁଥିବା କେତେକ ପ୍ରଶାସନିକ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ମୋନା ଓ ଆମ୍ବେଦକର ସମତା ମଞ୍ଚ ତଥା ଜଳେଶ୍ୱରରେ ବହୁ ଅଗ୍ରଣୀ ସଂଗଠନ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରି ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । କୋଷାଧକ୍ଷ ଦୁର୍ଗା ଚରଣ ଆଶ , ସମାଜସେବୀ ଦିନେଶ କିସ୍କୁ , ରାଜୀବ କୁମାର ପାତ୍ର (ବାପି), ରମେଶ ଚନ୍ଦ୍ର ହେମ୍ବ୍ରମ, ବବିତା ପାତ୍ର, ପ୍ରମୁଖ ଅଭିଭାଷଣରେ ଏକ ସୁସ୍ଥ ସମାଜ ଗଠନରେ ନିଶା ମୁଖ୍ୟ ପ୍ରତିବନ୍ଧକ ହୋଇଥାଏ ଏବଂ ନିଶାକୁ ଅଗ୍ରାହ୍ୟ କରିବାକୁ ନିବେଦନ କରିଥିଲେ । ନିଶା ନିବାରଣ ଅଭିଯାନରେ ସାମିଲ ହେବା ପାଇଁ ଅବସର ପ୍ରାପ୍ତ ବ୍ୟାଙ୍କ୍ ଅଧିକାରୀ ପ୍ରଫୁଲ୍ଲ ସିଂ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚୈତନ୍ୟ ଚରଣ ଦାସ, ଦୀପକ କୁମାର ପାତ୍ର, ବିରେନ୍ଦ୍ର ସାମଲ (କାଳୀଚରଣ), ପିଥ ମାରାଣ୍ଡି, ଗଣେଶ ଚନ୍ଦ୍ର ଗିରି, ଜହର ମାରାଣ୍ଡି ପ୍ରମୁଖ ମୋନା ସଙ୍ଗଠନରେ ସଦସ୍ୟତା ଗ୍ରହଣ କରିଥିଲେ । ପରିଶେଷରେ ଅନୁଷ୍ଠାନର ସମ୍ପାଦକ ପ୍ରଦୀପ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।



ଗୋପ, (ଭାସ୍କର ନ୍ୟୁଜ୍) : ବୃକ୍ଷ ହିଁ ଜୀବନ। ବୃକ୍ଷ ପରିବେଶ ସନ୍ତୁଳିତକୁ ରକ୍ଷା କରିଥାଏ ଆଦି ଜନସଚେତନତା କରି ଆଜି ଗୋପର ଏକ ସ୍ୱେଚ୍ଛାସେବୀ ସଂଗଠନ ନିଃସ୍ୱାର୍ଥ ପରିବାର ପକ୍ଷରୁ ଗୋପ କୁଶଭଦ୍ରା ନଦୀ ବନ୍ଧ ରେ ୨ଶହ ରୁ ଊର୍ଦ୍ଧ୍ୱ ବଉଳ ଗଛ ଲଗାଇଛନ୍ତି। ଦୀର୍ଘ ୧୪ ବର୍ଷ ହେଲା ପରିବେଶ ସନ୍ତୁଳିତକୁ ବଞ୍ଚାଇ ରଖିବା ପାଇଁ ଅଣ୍ଟା ଭିଡିଥିବା ଏହି ଅନୁଷ୍ଠାନ ବିଗତ ଦିନରେ ହଜାର ହଜାର ବର, ଅଶ୍ୱତଥ, ଆକାଶୀ,ଚାକୁଣ୍ଡା ଆଦି ବିଭିନ୍ନ ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରିଥିବା ବେଳେ ଆଗାମୀ ଦିନରେ କୁଶଭଦ୍ରା ନଦୀ ବନ୍ଧ ସମେତ ବିଭିନ୍ନ ନଦୀ ବନ୍ଧରେ ୨ ହଜାରରୁ ଊର୍ଦ୍ଧ୍ୱ ବଉଳ ଗଛ ସମେତ ବିଭିନ୍ନ ଚାରା ରୋପଣ କରିବାର ଲକ୍ଷ୍ୟ ରଖିଛନ୍ତି। ଅନୁଷ୍ଠାନର ସଭାପତି ରତ୍ନାକର ସେଠୀଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ପ୍ରାକ୍ତନ ଅଧକ୍ଷ ପ୍ରକାଶ ଚନ୍ଦ୍ର ଖଟାଇ, ସମରେନ୍ଦ୍ର ସିଂଙ୍କ ସମେତ ପରିବେଶବିତ୍ ଡଃ ପୂର୍ଣ୍ଣଚନ୍ଦ୍ର ପାଣି, ଶରତ ଚନ୍ଦ୍ର ପ୍ରଧାନ, ଭଗବାନ ସାହୁ, ପ୍ରଦୀପ୍ତ କୁମାର ପାଇକରାୟ,ଆଦିକାନ୍ତ ମହାନ୍ତି, ମହେନ୍ଦ୍ର କୁମାର ବେହେରା,ଦୁଃଖି ଶ୍ୟାମ ସେନାପତି ପ୍ରମୁଖଙ୍କ ସମେତ ଅନୁଷ୍ଠାନର ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଲିଫ୍ଟ ଦେବା ବାହାନାରେ ନାବାଳିକାଙ୍କ ସହ ଦୁଷ୍କର୍ମ ଘଟଣା

# ୨୪ ଘଣ୍ଟାରେ ଅଭିଯୁକ୍ତକୁ ଗିରଫ ସହ କୋର୍ଟଚାଲାଣ



ବାଲିମେଳା, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଓରକେଲ ଥାନା ଅନ୍ତର୍ଗତ ଜଣେ ନାବାଳିକା ଦୁଷ୍କର୍ମ ର ଶିକାର ହୋଇଥିବା ନେଇ ଶନିବାର ଏକ ମାମଲା ରୁଜୁ ହୋଇଥିବା ବେଳେ ଓରକେଲ ପୋଲିସ ୨୪ ଘଣ୍ଟା ମଧ୍ୟରେ ତତ୍ପରତା ଦେଖାଇ ଫେରାର ଥିବା ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରିଛି। ଦୁଷ୍କର୍ମକାରୀ ଜଣଙ୍କ ଗତ ଗୁରୁବାର ଠାରୁ ଫେରାର ରହିଥିବା ବେଳେ ସେ ମାଲକାନଗିରି ଥାନା ଅନ୍ତର୍ଗତ ମାଛିଆମ୍ବ ଅଞ୍ଚଳରେ ଲୁଚି ରହିଥିବା ଓରକେଲ ଥାନାଧିକାରୀ ଧୀରେନ ପଟ୍ଟନାୟକ ବିଶେଷ ସୂତ୍ରରୁ ଖବର ପାଇଥିଲେ। ଏହାପରେ ସେ ନିଜେ ସଦଳେ ଏକ ଟିମ ନେଇ ଦୁଷ୍କର୍ମକାରୀଙ୍କୁ ଉକ୍ତ ମାଛିଆମ୍ବ ଅଞ୍ଚଳରୁ ଗିରଫ କରି ସମ୍ପୂର୍ଣ୍ଣ ଜେରା କରାଯାଇ ଆଜି କୋର୍ଟଚାଲାଣ କରାଯାଇଥିବା ବେଳେ ତାଙ୍କ ନାମ ଦୟାନିଧି ମାଡ଼ି(୫୦) ଏବଂ ସେ କୁଡୁମୁଲୁଗୁମ୍ମା ଫାଣ୍ଡି ଅନ୍ତର୍ଗତ ସିରିପେଟା ଗ୍ରାମର ବୋଲି ଥାନାଧିକାରୀ ଶ୍ରୀ ପଟ୍ଟନାୟକ କହିଛନ୍ତି। ତେବେ ନାବାଳିକା ଜଣକ ଗତ ବର୍ଷ ଦଶମ ପରୀକ୍ଷା ରେ ଉତ୍ତୀର୍ଣ୍ଣ ହୋଇ ନିଜ ମାମୁଁ ଘର କୁଡୁମୁଲୁଗୁମ୍ମା ଫାଣ୍ଡି ଅଞ୍ଚଳରେ ରହୁଥିଲେ। ସୂଚନା ମୁତାବକ ନାବାଳିକା ଜଣଙ୍କ ନିଜ ଘର ତାଙ୍କ ମାମୁଁ ଘର ଠାରୁ ୨୫ କିମି ଦୂରତା ହୋଇଥିବା ବେଳେ ସେ ନିଜ ଗ୍ରାମରୁ ଫେରିବା ବାଟରେ ଜଣେ ବାଇକ ଚାଳକ ତାଙ୍କ ମାମୁଁ ଘର ଗ୍ରାମ ଅଞ୍ଚଳର ହୋଇଥିବା ଦେଖି ସେ ତାଙ୍କ ବାଇକ ରେ ବସିଥିଲେ। ତେବେ ବାଇକ ଚାଳକ ଜଣକ ତାଙ୍କ ମାମୁଁ ଘର ଗ୍ରାମ କୁ ନ ନେଇ ତାଙ୍କୁ ପ୍ରବର୍ତ୍ତାଇ ଚିତ୍ରକୋଣ୍ଡା ଡ୍ୟାମ ବୁଲିବାକୁ ଉକ୍ତ ନାବାଳିକାଙ୍କୁ ନେଇଥିଲେ। ପରେ ସନ୍ଧ୍ୟା ହେବାରୁ ସେ ଅନ୍ଧାର ର ସୁଯୋଗ ନେଇ ନାବାଳିକାଙ୍କ ସହ ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲେ। ଏହାପରେ ବାଇକ ଚାଳକ ଜଣଙ୍କ ଅତି ଚାଲାକ ର ସହ ରାତ୍ର ସମୟରେ ଉକ୍ତ ନାବାଳିକା ଙ୍କୁ ନେଇ ତାଙ୍କ ମାମୁଁ ଘର ଗ୍ରାମର ଶେଷ ମୁଣ୍ଡରେ ଛାଡି ଦେଇଥିଲେ। ପରେ ସକାଳେ ନାବାଳିକା ଜଣଙ୍କ ତାଙ୍କ ସହ ଉକ୍ତ ବାଇକ ଚାଳକ ଲିଫ୍ଟ ଦେବା ବାହାନାରେ ଗତ ୨୦ ତାରିଖରେ ଦୁଷ୍କର୍ମ କରିଥିବା ନେଇ ସବୁ ସତ୍ୟତା ବଖାଣିଥିଲେ। ଏହାପରେ ନାବାଳିକାଙ୍କ ମାମୁଁ ଘର ଗ୍ରାମର ସବୁ ଭଦ୍ର ଲୋକମାନଙ୍କୁ ନେଇ ଏକ ପ୍ରଜାକୋର୍ଟ ବସାଇବା ଖବର ଶୁଣି ଅଭିଯୁକ୍ତ ଜଣଙ୍କ ଉକ୍ତ ବୈଠକକୁ ନ ଯାଇ ଅନ୍ୟତ୍ର ଫେରାର ହୋଇ ଯାଇଥିଲେ। ପରେ ପୀଡିତା ର ମାମୁଁ ବାଧ୍ୟହୋଇ ଶନିବାର ଓରକେଲ ଥାନାର ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଏନେଇ ଥାନାରେ କେସ ନଂ ୨୦୦/୨୫ ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଦୁଷ୍କର୍ମକାରୀରୁ ଗିରଫ ନିମନ୍ତେ ଖୋଜିବା ଆରମ୍ଭ କରିଥିବା ବେଳେ ମାମଲା ରୁଜୁ ହେବାର ମାତ୍ର ୨୪ ଘଣ୍ଟା ମଧ୍ୟରେ ଓରକେଲ ପୋଲିସ ଆତ୍ମନ ମୁଦ୍ରକୁ ଆସି ନାବାଳିକାଙ୍କୁ ନ୍ୟାୟ ଦେବା ସ୍ୱରୂପ ଉକ୍ତ ଦୁଷ୍କର୍ମକାରୀଙ୍କୁ ଆଜି ଗିରଫ କରି କୋର୍ଟଚାଲାଣ କରିଛି।

# ଜୟ ଶଙ୍କର କାଉଡ଼ିଆ ସେବା ସଂଘ ପକ୍ଷରୁ ସେବା କାର୍ଯ୍ୟ

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍) : ଶ୍ରାବଣ ମାସ ତୃତୀୟ ସୋମବାରପ୍ରସିଦ୍ଧ ଶୈବ ପୀଠ ମହାବିନାୟକ କୁ ଜଳା ଭିଶେକ କହିବା କୁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା କାଉଡ଼ିଆ ଭକ୍ତ ମାନଙ୍କୁ ଚଣ୍ଡିଖୋଲ ଛକ ସ୍ଥିତ ଜୟ ଶଙ୍କର କାଉଡ଼ିଆ ସେବା ସଂଘ ପକ୍ଷରୁ ବିଭିନ୍ନ ସେବା ଯୋଗାଇ ଦିଆ ଯିବା ସହିତ ସେମାନଙ୍କ ମନୋରଞ୍ଜନ କରିବା ପାଇଁ ଭଜନ ସନ୍ଧ୍ୟା କାର୍ଯକ୍ରମ ଆୟୋଜନ କରାଯାଇ ଥିଲା।କାଉଡ଼ିଆ ଭକ୍ତ ମାନଙ୍କୁ ଆନ୍ନ ପ୍ରସାଦ ସେବନ, ଶାରିରୀକ ଅସୁବିଧା ପାଇଁ ଔଷଧ ପ୍ରଦାନ କରାଯାଇଥିଲା। ଜୟ ଶଙ୍କର କାଉଡ଼ିଆ ସେବା ସଂଘ ଦୀର୍ଘ ୩୮ବର୍ଷ ଧରି କାଉଡ଼ିଆ ଭକ୍ତ ମାନଙ୍କୁ ଏହି ସେବା ଯୋଗାଇ ଆସୁଛି। ଗତକାଲି ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟ କ୍ରମରେ ସ୍ଥାନୀୟ ଶ୍ୟାମସୁନ୍ଦର ଭଜନ ସନ୍ଧ୍ୟା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ଅଜୟ କୁମାର ସ୍ୱାଇଁ ସଭାଟିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଯୋଗଦେଇ ଦୀର୍ଘ ୩୮ବର୍ଷ ଧରି କାଉଡିଆ ଭକ୍ତ ମାନଙ୍କୁ ସେବା ଯୋଗାଇ ଆସୁଥିବା ଜୟ ଶଙ୍କର କାଉଡ଼ିଆ ସେବା ସଂଘ ର କାର୍ଯ୍ୟ କଳକ୍ଷପକୁ ପ୍ରଶଂସା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅସ୍ଥାୟୀ ବଣିକ ସଂଘ ସଭାପତି ମହେଶ୍ୱର ବଳ, ସମ୍ପାଦକ ସଞ୍ଜୟ କୁମାର ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ସମରେନ୍ଦ୍ରମାହାଲା, ଯୁବନେତା ପ୍ରିୟବ୍ରତ ଖିଲାର, ପ୍ରକାଶ ରାଉତ୍, ପ୍ରମୁଖ ଯୋଗଦେଇ ଥିଲେ। ସଂଘ ସମ୍ପାଦକ ଦିଲ୍ଲିପ କୁମାର ବିଶ୍ୱାଳ ସମସ୍ତଙ୍କୁ ଧନ୍ୟ ବାଦ ପ୍ରଦାନ କରିଥିଲେ।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର



ଗୁଣପୁର, (ଭାସ୍କର ନ୍ୟୁଜ୍): ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିସର ଏକ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୧୦୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରକୁ ହାଇଦ୍ରାବାଦ ସ୍ଥିତ ଏଣ୍ଡର ମାଇଣ୍ଡସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ଼ର ଉପସଭାପତି ( ମାନବ ସମ୍ବଳ ବିଭାଗ) ବିକ୍ରମ, ଅପରେସନ ମୁଖ୍ୟ ଏ ଭେଙ୍କେଟେସଲୁ ଏବଂ ଏ ଆଇ ପରାମର୍ଶଦାତା ମଧୁ ଭାଡଲମାଣି ଏବଂ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡଏନ୍‌ଭିଜେ ରାଓ ପ୍ରମୁଖ ଯୋଗଦେଇ ରକ୍ତଦାନ ଶିବିରର ଶୁଭ ଉଦଘାଟନ କରିଥିଲେ। ଛାତ୍ରଛାତ୍ରୀଙ୍କ ଏହି ସ୍ୱେଚ୍ଛାକୃତ ରକ୍ତଦାନ କାଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହ ସେବା ଯୋଜନାର ଅଧିକାରୀ ଓ ସ୍ୱେଚ୍ଛାସେବୀ ମାନଙ୍କୁ ସାଧୁବାଦ ଜଣାଇଲେ। ବିଶ୍ୱବିଦ୍ୟାଳୟର ଡ ପ୍ରେମାନଶୁ ଶେଖର ରଥ, ଡ ବିଭୂ ପ୍ରସାଦ, ଡ ଆଶିଷ କୁମାର ସାମଲ,ଡ. ସୌମେନ୍ଦ୍ର ଦାସ, ପ୍ରମୋଦ ରଞ୍ଜନ ପଣ୍ଡା, ଧୂମେଶ ମେହେର ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସ୍ଥାନୀୟ ଗୁଣୁପୁର ରକ୍ତ ଭଣ୍ଡାରରର ଡାକ୍ତର ଲକ୍ଷ୍ମଣ ପାତ୍ର, ଟେକ୍ନିସୀୟାନ ଚନ୍ଦ୍ର ଶେଖର ପାତ୍ର, ରାକେଶ କୁମାର ପଣ୍ଡା, ନର୍ସିଂ ଅଫିସର ସୁଭସ୍ମିତା ଚୌଧୁରୀ, ଡି ଏମ ଏ ରୋଜୀ ନାୟକ ଓ ରାଧାକାନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇ ୧୦୭ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଏହି ରକ୍ତଦାନ ଶିବିରକୁ ଜାତୀୟ ସେବା ଯୋଜନାର ଆବାହକ ତଥା କାର୍ଯ୍ୟକ୍ରମ ଅଧିକାରୀ ୟୁନିଟ- ୧ ପ୍ରଫେସର୍ ବାଣୀ ପ୍ରସାଦ ନାୟକ,କୃଷ୍ଣ ପ୍ରସାଦ ଦାସ,ଜସିଲ ପଟ୍ଟନାୟକ, ସୁନୀଲ କୁମାର ବେବର୍ତ୍ତା ପ୍ରମୁଖ ଶିବରକୁ ପରିଚାଳନା କରିଥିଲେ। ଏହି ଶିବିରରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଅଧ୍ୟାପକ, ଅଧ୍ୟାପିକା, ଯୋଗ ଦେଇ ଉତ୍ସାହର ସହ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## +୨ କଳା ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କାଳିମେଳା, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଅନ୍ତର୍ଗତ ଏମ୍‌ଭି ୭୯ ସ୍ଥିତ ଡ଼ ଶ୍ୟାମା ପ୍ରସାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଏହି ସଭାକୁ ଅଧକ୍ଷ ପ୍ରଦୀପ୍ତ କୁମାର ମିଶ୍ର ଅଧକ୍ଷତା କରି ଛାତ୍ରଛାତ୍ରୀଙ୍କୁ ନୂତନ ଶିକ୍ଷାବର୍ଷ ୨୦୨୫-୨୬ କୁ ସ୍ୱାଗତ ଜଣାଇବା ସହିତ ଶୃଙ୍ଖଳିତ, ସମୟାନୁବର୍ତ୍ତିତା ଓ କଠିନ ପରିଶ୍ରମ କରି ଭଲ ପାଠ ପଢିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମେଘନାଥ ବେହେରା, ରବି ଶଙ୍କର ବାରିକ ସ୍ୱାଗତ ଭାଷଣ ସହିତ ମଞ୍ଚ ପରିଚାଳନା କରିଥିଲେ। ସଭା ପ୍ରାରମ୍ଭରେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସମସ୍ତ ଛାତ୍ରଛାତ୍ରୀଙ୍କୁ ଚନ୍ଦନ ଓ ପୁଷ୍ପ ଦେଇ ସ୍ୱାଗତ କରାଯାଇଛି। ଏହି ଅବସରରେ ବସନ୍ତ କୁମାର ବିଶ୍ୱାଳ, ଲୋକନାଥ ମହାକୁଡ଼, ପୂର୍ଣଚନ୍ଦ୍ର ମହାପାତ୍ର ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ। ବିଦ୍ୟାଳୟ ତରଫରୁ ଓଡିଶା ସରକାର ଓ ଭାରତ ସରକାରଙ୍କୁ ଅଶେଷ ଧନ୍ୟବାଦ ଅର୍ପଣ କରାଯାଇଛି। ଇଂରାଜୀ ଅଧ୍ୟାପକ ବସନ୍ତ କୁମାର ବିଶ୍ୱାଳ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୦ଫୁଟର ଅଜଗର ଉଦ୍ଧାର



କଣିହାଁ, (ଭାସ୍କର ନ୍ୟୁଜ୍) : କଣିହାଁ ବ୍ଲକ ସାନତ୍ରୀବିଡା ଗ୍ରାମରୁ ରବିବାର ଏକ ୧୦ଫୁଟର ଅଜଗର ଉଦ୍ଧାର କରାଯାଇଛି। କଣିହାଁ ସ୍ନେକ୍ ହେଲପ୍ ଲାଇନ କର୍ମୀ ସୌରଭ ଚନ୍ଦ୍ର ପ୍ରଧାନ ଉଦ୍ଧାର କରିଛନ୍ତି। ସର୍ପକୁ ଉଦ୍ଧାର ପରେ କଣିହାଁ ବନବିଭାଗ କର୍ମଚାରୀଙ୍କ ଉପସ୍ଥିତରେ ସ୍ଥାନୀୟ ଜଙ୍ଗଲରେ ଛଡାଯାଇଛି। ମିଳିଥିବା ସୂଚନା ଅନୁସାରେ ସାନତ୍ରୀବିଡା ଗ୍ରାମର ଅଜୟ ବିଶ୍ୱାଳଙ୍କ ଘର ପଛପାଖରେ ରାତି ୧୦ଟାରେ ଅଜଗର ଦେଖି ଭୟଭୀତ ହୋଇଯାଇଥିଲେ। ଟୋଲକବେଡା ଗ୍ରାମର ସୌରଭଙ୍କୁ ଖବର ଦେବାପରେ ସର୍ପ ଥିବା ସ୍ଥାନରେ ପହଞ୍ଚି ଉଦ୍ଧାର କରିଥିଲେ।

## ରାଜନେତା ରାଜେନ୍ଦ୍ର ପ୍ରସାଦ ସିଂଙ୍କ ଶ୍ରାଦ୍ଧବାର୍ଷିକୀ

ଫୁଲନଖରା, (ଭାସ୍କର ନ୍ୟୁଜ୍): କଟକ ସଦରର ପୂର୍ବତନ ବିଧାୟକ ତଥା ଶ୍ରମିକ ନେତା ପରିବେଶବିତ୍ ରାଜେନ୍ଦ୍ର ପ୍ରସାଦ ସିଂ ତୃତୀୟ ଶ୍ରାଦ୍ଧବାର୍ଷିକ ସମାଜସେବୀ ଶେଷଦେବ ପାତ୍ରଙ୍କ ଅଧକ୍ଷତାରେ ୪୨ ମୌଜା ସ୍ଥିତ ବଳିବାମନ ପୀଠରେ ପାଳିତ ହୋଇଯାଇଛି। ସ୍ୱର୍ଗତ ସିଂଙ୍କ ଅଞ୍ଚଳ ପ୍ରତି ଅବଦାନ, ନିଃସ୍ୱାର୍ଥପର ସେବା, ଅଞ୍ଚଳକୁ ସବୁଜମୟ କରିବାର ସ୍ୱପ୍ନ ଆଜି ବି ଜୀବିତ ଅଛି ବୋଲି ମାନ୍ୟଗଣ୍ୟ ବ୍ୟକ୍ତି ମତ ପ୍ରକାଶ କରିଥିଲେ। ସମସ୍ତ ବୁଦ୍ଧିଜୀବୀ, ଶିକ୍ଷାବିତ, ରାଜନେତା ପ୍ରଥମେ ସ୍ୱର୍ଗତଃ ସିଂଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସଭା କାର୍ଯ୍ୟରେ ଯୋଗଦାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ ସିଂ, ବନମାଳୀ ବିହାରୀ, ଦିଲ୍ଲୀପ ରାଉଳ, ପ୍ରଦ୍ୟୁମ୍ନ ପତି, ଚନ୍ଦ୍ରମଣି ପ୍ରଧାନ, ବିପ୍ରଚରଣ ପ୍ରଧାନ, ସୋମନାଥ ଦାସ, ପରମାନନ୍ଦ ଚୌଧୁରୀ, ସୁକାନ୍ତ ସାହୁ, କମଳାକାନ୍ତ ଦାସ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ଏହିପରି ଭାବରେ କଟକ ସଦର ନିର୍ବାଚନ ମଣ୍ଡଳୀର ଅନେକ ସ୍ଥାନରେ ସ୍ୱର୍ଗତଃ ସିଂଙ୍କର ଶ୍ରାଦ୍ଧବାର୍ଷିକ ପାଳିତ ହୋଇଥିବା ଦେଖିବାକୁ ମିଳିଥିଲା।

# ବେଟି ବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମ

ଗୋପ, (ଭାସ୍କର ନ୍ୟୁଜ୍) : ଗୋପ ବ୍ଲକ ଅନ୍ତର୍ଗତ ଗୋପ -୧ ଅଙ୍ଗନବାଡ଼ି କେନ୍ଦ୍ର ପରିସରରେ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ବେଟୀ ବଚାଓ, ବେଟୀ ପଢାଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋପ-୧ ଅଙ୍ଗନବାଡ଼ି କେନ୍ଦ୍ର କର୍ମୀ ଗୀତାଞ୍ଜଳି ସିଂଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହିଳା ଓ କିଶୋରୀ ମାନଙ୍କୁ ଏକ ବୈଠକ କରାଯିବା ସହ ଏକ ଅଦ୍ୱୀକା କିଶୋରୀ କ୍ଲବ୍ ଗଠନ କରାଯାଇଥିଲା। ଆଜିର ସମାଜରେ ନାରୀମାନଙ୍କ ପ୍ରତି ବଢୁଥିବା ଅତ୍ୟାଚାର ଓ ନିର୍ଯ୍ୟାତନାକୁ ରୋକିବା ଏହି କାର୍ଯ୍ୟକ୍ରମରେ ମୂଳ ଉଦ୍ଦେଶ୍ୟ ରଖି ପୁଅଙ୍କ ଠାରୁ ଝିଅମାନେ କୌଣସି କ୍ଷେତ୍ରରେ କମ୍ ନୁହଁନ୍ତି। କନ୍ୟା ଭ୍ରୁଣ ହତ୍ୟା ଏକ ସାମାଜିକ କଳଙ୍କ ଆଦି ସଚେତନତା ବାର୍ତ୍ତା ଦେଇଥିଲେ କର୍ମୀ ଗୀତାଞ୍ଜଳି ସିଂ। ପରେ ଗୋପ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନରତ ଶତାଧିକ କିଶୋରୀ, ଆଶା କର୍ମୀ, ଅଙ୍ଗନୱାଡ଼ି-୨ ର ସହାୟିକା ଲକ୍ଷ୍ମୀପ୍ରିୟା ସିଂ, ଓ୍ୱାର୍ଡମେମ୍ବର ମାନଙ୍କୁ ନେଇ ଏକ ଶୋଭାଯାତ୍ରା ଗୋପ ହାପି କଲୋନୀ, ସେନାପତି ସାହି, ଉଦୟଗିରି ସାହି ଆଦି ବିଭିନ୍ନ ଗ୍ରାମ ପରିକ୍ରମା କରିବା ସହ ଜିଲ୍ଲା ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ମହିଳାଙ୍କ ସହାୟତା ନିମନ୍ତେ ଜାରି ହୋଇଥିବା ଟୋଲ ଫ୍ରି ନମ୍ବର ୧୮୧, ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନରତ ବାଳିକାଙ୍କ ସହାୟତା ନିମନ୍ତେ ୧୦୯୮ ଏବଂ ତୁରନ୍ତ ପୋଲିସ ପ୍ରଶାସନର ସହାୟତା ନିମନ୍ତେ ୧୧୨ ନମ୍ବର ଡାଏଲ୍ କରିବାକୁ ସ୍ଥାନୀୟ ଅଞ୍ଚଳର ନାରୀ ଓ କିଶୋରୀ ମାନଙ୍କୁ ସଚେତନ କରାଇଥିଲେ।




## ମହାନଦୀର ଗଜ୍ ପରିଦର୍ଶନ କଲେ ଅତିରିକ୍ତ ଜିଲ୍ଲାପାଳ

ବୌଦ୍ଧ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ଜଳସେଚନ ବିଭାଗ ପରିଦର୍ଶନ ବଙ୍ଗଳା ନିକଟରେ ମହାନଦୀ କୂଳରେ ଥିବା ଜଳ ସେଚନ ବିଭାଗ ପକ୍ଷରୁ ମହାନଦୀର ବନ୍ୟା ଜଳ ମାପକ ଗଜ୍ ପରିଦର୍ଶନ କରିଛନ୍ତି ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ। ବୌଦ୍ଧ ଠାରେ ମହାନଦୀରେ ବର୍ଷା ଜଳ ପ୍ରବାହିତ ହୋଇ ଜଳ ସ୍ତର ବୃଦ୍ଧି ପାଉଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ପଧାନ ନିଜେ ପହଞ୍ଚି ପରିଦର୍ଶନ କରିଥିଲେ। ବୌଦ୍ଧ ଠାରେ ବିପଦ ସଂକେତ ରେଖାର ବହୁ ତଳେ ମହାନଦୀ ପ୍ରବାହିତ ହେଉଥିବା ବେଳେ ଅପରାହ୍ନ ୫ ଘଣ୍ଟା ସୁଦ୍ଧା ବୌଦ୍ଧ ଠାରେ ୫୭୫୩୭୪ ଘନ ଫୁଟ୍ ଜଳ ପ୍ରବାହିତ ହେଉଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ମାଲୁଦ ବଜାରରେ ପାରିବା ଦର ଆକାଶ ଛୁଆଁ



କୃଷ୍ଣପ୍ରସାଦ, (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ପ୍ରମୁଖ ବ୍ୟବସାୟୀକ ପେଣ୍ଠସ୍ଥଳୀ ମାଲୁଦ ବଜାରରେ ପାରିବା ଦର ଆକାଶ ଛୁଆଁ। କାର୍ତ୍ତିକ ମାସରେ ପରିବା ଦର ଠାରୁ ଶ୍ରାବଣ ମାସର ପରିବା ଦର ବଳିଗଲାଣି। କେବଳ ପରିବା ବଜାରରେ ଆଳୁ, ପିଆଜ, ଟମାଟୋ ଦର ସାମାନ୍ୟ ବୃଦ୍ଧି ହୋଇଥିବା ବେଳେ ଅନ୍ୟ ପରିବା ଦର ଦ୍ୱିଗୁଣିତ ହୋଇଯାଇଛି। କିଛିଦିନ ତଳେ ଟମାଟୋ -୨୦, ପୋଟଳ-୩୦, ବାଇଗଣ-୨୦ ବିକ୍ରି ହେଉଥିଲା। ବର୍ତ୍ତମାନ ବାଇଗଣ-୮୦, ସଜନା ଛୁଇଁ -୧୨୦, କାକୁଡି-୫୦, ସାରୁ-୫୦, ଫୁଲକୋବି-୧୨୦, ଭେଣ୍ଡି-୬୦, ପୋଟଳ-୮୦ ଟଙ୍କାରେ ବିକ୍ରି କରୁଛନ୍ତି। ଆକାଶ ଛୁଆଁ ପରିବା ଦର ନିମ୍ନ ମଧ୍ୟବିତ୍ତ ଦିନ ମଜୁରିଆ କିପରି ପରିବାର ପାଇଁ ରାଶାନ ସାମଗ୍ରୀ ସାଙ୍ଗାକୁ ପରିବା କିଣି ପରିବାର ପ୍ରତିପୋଷଣ କରିବ ମୁଣ୍ଡ ବ୍ୟଥାର କାରଣ ହୋଇଛି। ଶ୍ରାବଣ ମାସର ସୁଯୋଗ ନେଇ କୃଷ୍ଣପ୍ରସାଦ ବ୍ଲକ ମାଲୁଦ ବଜାର ର ଅଧିକାଂଶ ବ୍ୟବସାଇ ମନଇଛା ସମସ୍ତ ରାଶାନ ସାମଗ୍ରୀ ଠାରୁ ଆରମ୍ଭ କରି ପରିବା ମନଇଛା ବିକୁଛନ୍ତି । ସହରାଞ୍ଚଳ ରେ ଯେପରି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ମୂଲ୍ୟଧାର୍ଯ୍ୟ ତାଲିକା ପ୍ରତ୍ୟକ ଦିନ ଦର ତାଲିକା ଦୋକାନ ପ୍ରାଙ୍ଗଣ ରେ ସରକାରୀ ନୀୟମ ଥିବାବେଳେ ବ୍ୟବସାଇ ମାନେ ଏହାକୁ ଅଣଦେଖା କରି ନୀୟମ ମାନୁ ନାହାନ୍ତି ଓ କୃଷ୍ଣପ୍ରସାଦ ଅଞ୍ଚଳରେ ଏଭଳି ଦରତାଲିକା ପ୍ରକାଶ କରାଯାଉନାହି ନିତ୍ୟବ୍ୟବହାର୍ଯ୍ୟ ଜିନିଷ ଉପରେ ନିୟନ୍ତ୍ରଣ ରହୁ ନ ଥିବାରୁ ଦୋକାନୀ ମାନେ ମନଇଛା ଜିନିଷ ବିକୁଛନ୍ତି । ଯା ଦ୍ୱାରା ଜଣେ ଗରିବ ଖଟିଖିଆ ମଧ ନିମ୍ନ ବିତ ଦିନମଜୁରିଆ ପାରିବାର ଲୋକେ ହଇରାଣ ହେଉଛନ୍ତି । ତୁରନ୍ତ ବ୍ଲକ ପ୍ରଶାସନ ନିୟନ୍ତ୍ରଣ ରକ୍ଷା କରିବା ନିମନ୍ତେ ପଦକ୍ଷପ ଗ୍ରହଣ କରିବା ନିମନ୍ତେ ସର୍ବସାଧାରଣରେ ଦାବି ହେଉଛି । ଏହାସହିତ ପ୍ରତ୍ୟକ ରାସନ ସାମଗ୍ରୀ ଦୋକାନ ଓ ପରିବା ଦୋକାନ ଆଗରେ ଦର ତାଲିକା ଲଗାଇବାକୁ ଖାଉଟି ମହଲରେ ଦୃଢମତ ପ୍ରକାଶ ପାଇଛି । ଏଣୁ ବ୍ଲକ ପ୍ରଶାସନ ଏଥିପ୍ରତି କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଦେଖିବାକୁ ବାକିରହିଲା । କୃଷ୍ଣପ୍ରସାଦ ପ୍ରତିନିଧି ପ୍ରତାପ ହରିଚନ୍ଦନ

# ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ବ୍ଲକସ୍ତରୀୟ ବୈଠକ



ସାକ୍ଷୀଗୋପାଳ, (ଭାସ୍କର ନ୍ୟୁଜ୍) : ସତ୍ୟବାଦୀ ବ୍ଲକ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ କାର୍ଯ୍ୟରତ ସମସ୍ତ ଶିକ୍ଷକ ମାନଙ୍କୁ ନେଇ ସ୍ଥାନୀୟ ମଠସାହି ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ବିଜୟ ବରାଳଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସମ୍ପାଦକ ବିଭୁଦତ୍ତ ନାୟକ, କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ଦାସ, ଉପସଭାପତି ଲକ୍ଷ୍ମୀଧର ଉପାଧ୍ୟାୟ, ରାଜ୍ୟ ଓଷ୍ଟା ମୁଖପତ୍ର ଶିକ୍ଷା ପ୍ରଦୀପର ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି, ବ୍ଲକ ସଭାପତି ବିଭୁପ୍ରସାଦ ମହାପାତ୍ର, ବ୍ଲକ ସମ୍ପାଦକ ସରୋଜ ନାୟକ ପ୍ରମୁଖ ଯୋଗ ଦେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିଭିନ୍ନ ଦାବି ସମୂହ ସମ୍ପର୍କରେ ଆଲୋଚନା କରି ସରକାରଙ୍କ ଉଦାସୀନତାକୁ ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଏହି ବୈଠକରେ ୮ ଟି ବିଦ୍ୟାଳୟର ଅବସର ପ୍ରାପ୍ତ ସମସ୍ତ ଶିକ୍ଷକ, କର୍ମଚାରୀ ମାନେ ଯୋଗଦେଇ ଥିଲେ। ବ୍ଲକଗ୍ରାଣ୍ଟ ବା ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର କର୍ମଚାରୀ ମାନଙ୍କ ପାଇଁ ପେନସନ, ଯୋଗ୍ୟ ବିବେଚିତ ଉଚ୍ଚ ନ୍ୟାୟାଳୟର ଅନୁଦାନ ଏବଂ ଅବସର ବୟସ ୬୨ ବର୍ଷ କରିବା ପାଇଁ ସରକାରଙ୍କ ନିକଟରେ ଦାବୀ ଉପସ୍ଥାପନା କରିଥିଲେ। ଦାବି ଗୁଡ଼ିକ ପୂରଣ ନହେଲେ ଅଗଷ୍ଟ ୨ ତାରିଖରେ ବିଇଓ ଅଫିସ୍ ଆଗରେ ଧାରଣା ଦେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଅଗଷ୍ଟ ୮ ତାରିଖରେ ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ମୁଖ୍ୟ ଶାସନସଚିବ, ବିଭାଗୀୟ ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଏଥିନିମନ୍ତେ ଶିକ୍ଷକ ଦାବି ଦିବସ ଅଗଷ୍ଟ ୧୬ ତାରିଖରେ ଭୁବନେଶ୍ୱରଠାରେ ଏକ ବିଶାଳ ସମାବେଶ କରାଯିବା ପାଇଁ ବ୍ଲକ ସଭାପତି ଶ୍ରୀ ମହାପାତ୍ର ଓ ସମ୍ପାଦକ ଶ୍ରୀ ନାୟକ ସୂଚନା ପ୍ରଦାନ କରିଛନ୍ତି।

# ବାହ୍ୟ ଜଗତରୁ ବିଚ୍ଛିନ୍ନ ଗୋପିସାହି



କୋଇଡା, (ଭାସ୍କର ନ୍ୟୁଜ୍) : ସୁନ୍ଦରଗଡ଼ ଜିଲ୍ଲା କୋଇଡା ବ୍ଲକ ମାଲଦା ପଞ୍ଚାୟତ ଅନ୍ତର୍ଗତ ଗୋପିସାହିରେ ବସବାସ କରନ୍ତି ପଚାଶରୁ ଊର୍ଦ୍ଧ୍ୱ ପରିବାର ଓ ବର୍ଷା ଋତୁ ଆସିଲେ ଫୁଲି ଉଠେ ନାଳ ଆଉ ତାପରେ ବାହ୍ୟଜଗତରୁ ବିଚ୍ଛିନ୍ନ ହୁଅନ୍ତି ଗୋପୀସାହିର ପଚାଷ ପରିବାର। ସେହି ଗୋପୀସାହି ନାଳ ଯେଉଁ ନାଳରେ ପୂର୍ବ ବର୍ଷ ଶିଶୁ ମାନଙ୍କୁ କୋଳରେ ଧରି ଅଙ୍ଗନବାଡି ଦିଦି ନାଳ ପାର ହେବା ଘଟଣା ପୁରା ଓଡିଶାରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ସେହି ସମୟରେ ସ୍ଥାନୀୟ ପ୍ରଶାସନ ଘଟଣା ସ୍ଥଳରେ ପହଁଚି କିଛି କଲେଜ ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଜଳବନ୍ଦୀରେ ଥିବା ପଚାଶ ପରିବାରଙ୍କୁ ଅଗ୍ନିଶମ ବିଭାଗ ସାହାଯ୍ୟରେ ଶୁଖିଲା ଖାଦ୍ୟ ପହଞ୍ଚାଇଥିଲା। ସେହି ସମୟରେ ସ୍ଥାନୀୟ ପ୍ରଶାସନ ତୁରନ୍ତ ପୋଲ ନିର୍ମାଣ ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ଏହା ଭିତରେ ଘଟଣାକୁ ବର୍ଷେ ବିତିଲାଣି କିନ୍ତୁ ଘଟଣା ସ୍ଥଳରେ ପୋଲ ନିର୍ମାଣ ତ ଦୂରର କଥା ମାଟି ମୁଠାଏ ମଧ ପଡିନାହିଁ। ପ୍ରତ୍ୟକ ବର୍ଷ ବର୍ଷା ଋତୁ ସମୟରେ ନାଳ ଫୁଲି ଉଠିବା ସହ ନାଳରେ ପ୍ରଖର ସ୍ରୋତ ଦେଖା ଦିଏ ଫଳରେ ଜଳବନ୍ଦୀ ଭାବେ ଜୀବନ କାଟନ୍ତି ପଚାଶ ପରିବାର। ସ୍କୁଲ, କଲେଜ, ହସ୍ପିଟାଲ ଓ ବିଭିନ୍ନ ଖଣି ଖାଦାନରେ କାର୍ଯ୍ୟ କରୁଥିବା ଶ୍ରମିକ ମାନେ ଗାଁ ବାହାରକୁ ଯାତାୟାତ କରିବା ପାଇଁ ବହୁ ଅସୁବିଧା ଓ ବିପଦ ସଂକୁଳ ଅବସ୍ଥାରେ ନାଳ ପାର କରୁଥିବା ଅଭିଯୋଗ କରିଛନ୍ତି ଓ ବର୍ଷା ଦିନେ ହେଉ କିମ୍ବା ଅନ୍ୟ ଦିନରେ ହେଉ ନାଳରେ ପାଣି ଆସିଲେ ବିଭିନ୍ନ ଗଣମାଧ୍ୟମ ରେ ଖବର ପ୍ରସାରିତ ହେବା ପରେ ସ୍ଥାନୀୟ ପ୍ରଶାସନ ସେହି ସମୟରେ ସାହାଯ୍ୟର ହାତ ବଢ଼ାଇ ଥାନ୍ତି ସତ କିନ୍ତୁ ପରବର୍ତ୍ତୀ ସମୟରେ ଏହି ସମସ୍ୟାର ଉସ୍ଥାୟୀ ସମାଧାନ ଦିଗରେ କେବଳ ପ୍ରତିଶୃତି ଦେବା ବଦଳରେ ଆନ୍ତରିକତା ସହକାରେ ପଦକ୍ଷେପ ଗ୍ରହଣ କରିଥିଲେ ବୋଧ ହୁଏ ଗୋପିସାହି ବାସିନ୍ଦାଙ୍କ ଏହି ଜଳବନ୍ଦୀ ଅବସ୍ଥା ଦେଖିବାକୁ ମିଳି ନଥାନ୍ତା।

# ରାସ୍ତା ଉପରେ କୁଢ଼ କୁଢ଼ ଆବର୍ଜନା



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଯୋଡ଼ା ପୌରାଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ। ସହର ସଫେଇ ବାଟ ହୁଡ଼ିଛି। ବିଭିନ୍ନ ସ୍ଥାନରେ ମନଇଚ୍ଛା ଅଳିଆ ଆବର୍ଜନା ପକାଯାଉଛି। ଅନ୍ୟପଟେ ସହରର ସ୍ୱଚ୍ଛତା ପାଇଁ ପୌର ସଂସ୍ଥା ପକ୍ଷରୁ ମାସକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ଏକଦା ସ୍ୱଚ୍ଛ ସର୍ବେକ୍ଷଣରେ ଶ୍ରେଷ୍ଠ ଆସନ ଦଖଲ କରୁଥିବା ଯୋଡ଼ା ଏବେ ଆବର୍ଜନା ଗଦାରେ ପରିଣତ ହୋଇଯାଇଛି। ଯୋଡା ୧୪ ଗୋଟି ୱାର୍ଡ଼କୁ ନେଇ ପୌରପାଳିକା। ଖଣି ଓ ଶିଳ୍ପ ପରିବେଷ୍ଟିତ ଏହି ସହରରେ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଦିନ ଥିଲା ସ୍ୱଚ୍ଛ ସହରର ମାନ୍ୟତା ପାଇ ବହୁ ପୁରସ୍କାର ହାତେଇଥିବା ଯୋଡ଼ା ପୌରପାଳିକା ବର୍ତ୍ତମାନ କୁଢ଼ କୁଢ଼ ମଇଳା ଓ ଦୁର୍ଗନ୍ଧମୟ ପରିବେଶର ସହର ପାଲଟିଛି। ୧୪ ନମ୍ବର ୱାର୍ଡ଼ ପୌରପାଳିକାରୁ ବିଚ୍ଛିନ୍ନ ହୋଇପଡ଼ିଥିବା ପରି ପରିବେଶ ସୃଷ୍ଟି ହୋଇଛି। ସଫେଇ ହେଉ ନ ଥିବାରୁ ଡ୍ରେନ ପୋତି ହୋଇ ଘର ଭିତରେ ବର୍ଷା ପାଣି ପସିଯାଉଛି। ନିକଟରେ ଥିବା ଏକ ଖଣି ଆନ୍ତଃରାଜ୍ୟ ସୀମା ଚିହ୍ନଟ କଲା ଭଳି ୱାର୍ଡ଼ବାସୀଙ୍କୁ ବ୍ୟବହାର କରୁଛି। ୱାର୍ଡବାସୀଙ୍କ ମଧ୍ୟରେ ବର୍ଷରାଣୀ ପାତ୍ର, ରାଜେଶ ଓରାମ, ନଟବର ନାଗ ପ୍ରମୁଖ ଏହି ଅଭିଯୋଗ କରିଛନ୍ତି। ସମାନ ଅବସ୍ଥା ଅନ୍ୟ ୱାର୍ଡ଼ ଗୁଡିକରେ ମଧ ଦେଖାଦେଇଛି। ଜନସାଧାରଣ ଅଭିଯୋଗ କରି କହିଛନ୍ତି ଯେ, ସହରରେ ସଫେଇ ଅଭାବରୁ ମଧ କୁଢ଼ କୁଢ଼ ମଇଳା ଆବର୍ଜନା ପଡ଼ିରହିଛି ଏବଂ ବୁଦା ଲତା, ଅନାବନା ଗଛ ସଫେଇ ହେଉନାହିଁ। ସହରରେ ମଶା ସାଉଁ ସାଉଁ ହେଉଥିବା ବେଳେ ମଶା ତେଲ, ବ୍ଲିଚିଂ ପାଉଡର, ସହର ଆବଶ୍ୟକ ମୁତାବିକ୍ ଦିଆ ଯାଉନାହିଁ। ସେହିପରି ମଶା ଧୂଆଁ ମେସିନ ପୌରପାଳିକାରେ ଥାଇ ମଧ ଏହାର ବ୍ୟବହାର ହେଉନାହିଁ। ଅନୁରୂପ ଭାବେ ବାଚୁ ହଚ୍ଚିହଟିଂ ସ୍ଥିତ ମାଇକ୍ରୋ କମ୍ପୋଷ୍ଟ କାରଖାନାରେ ପରିଚାଳନା ଗତ ସମସ୍ୟା ଯୋଗୁଁ ସେଠାରେ ପରିବେଶ ବିପର୍ଯ୍ୟସ୍ତ ହୋଇ ପଡିଛି ମାର୍ଚ୍ଚ ୨୦୨୫ ପୂର୍ବରୁ ୪୦ ଜଣ ସଫେଇ ଶ୍ରମିକ ସଫେଇ କାର୍ଯ୍ୟ କରୁଥିଲେ। ୨୦୨୫ ମାର୍ଚ୍ଚ ପରେ ମାତ୍ର ୧୭ ଜଣ ଶ୍ରମିକ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ତେଣେ କିଛି ସଫେଇ ଶ୍ରମିକ କହିଛନ୍ତି ଯେ, ସରକାର ଧାର୍ଯ୍ୟ କରିଥିବା ଦୈନିକ ମଜୁରୀ ୪୬୨ ଟଙ୍କା ପରିବର୍ତ୍ତେ ସେମାନଙ୍କୁ ୪୫୦ ଟଙ୍କା ଦିଆଯାଉଛି। ମାର୍ଚ୍ଚ ୨୦୨୫ରେ ହୋଇଥିବା ଟେଣ୍ଡରରେ ପୂର୍ବ ଅପେକ୍ଷା ବ୍ୟୟ ଅଟକଳ ଅର୍ଥ ବୃଦ୍ଧି ପାଇଥିବା ବେଳେ ବଦଳୁ ନାହିଁ ପରିମଳ ବ୍ୟବସ୍ଥା। ପରିମଳ ବ୍ୟବସ୍ଥା ସୁଧୁରିବା ପରିବର୍ତ୍ତେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡ୍ରେନ ସଫା ହେଉ ନ ଥିବାରୁ ସାପ ଘର ଭିତରେ ପଶି ଯାଉଛନ୍ତି। ନିକଟରେ ବୁଲା ସାହି ଠାରେ ଏକ ଅଜଗର ସାପ ପଶି ଆସିଥିବା ବେଳେ ୯ ନଂ ୱାର୍ଡେ ରେ ଏକ ବିଷଧର ବଡ ସାପ ପଶି ଆସିଥିଲା ।

## କାରଗିଲ ବିଜୟ ଦିବସ ପାଳିତ

ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) :ଚୌଦ୍ୱାର ମଣ୍ଡଳ ବିଜେପି ପକ୍ଷରୁ କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି । ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୧୭ନଂ. ୱାର୍ଡ଼ ସ୍ଥିତ କାରଗିଲ ସହୀଦ୍ ରାଜକିଶୋର ସାହୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ପ୍ରଶାନ୍ତ କୁମାର ହୋତା, ଜିଲ୍ଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ପ୍ରକାଶ ବଡ଼ଜେନା, ସନ୍ତୋଷ କୁମାର ବେହେରା, ଚିନ୍ମୟ ବେହେରା, ହଂସଚରଣ ସାହୁ, ପଦ୍ମଚରଣ ବେହେରା, ସୁଧିର ପ୍ରଧାନ ଓ ପ୍ରଦୀପ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।




କରଞ୍ଜିଆ (ଭାସ୍କର ନ୍ୟୁଜ) : ପାଞ୍ଚପିଢ଼ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଇନୋଭେସନ୍ ଏଣ୍ଡ ଷ୍ଟାର୍ଟ ଅପ୍ ପ୍ରତିଯୋଗିତା ୨୦୨୫ ଆରମ୍ଭ ହୋଇଯାଇଛି । ଏହି ପ୍ରତିଯୋଗିତା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମର ପ୍ରଥମ ଦିନରେ ଅଧକ୍ଷା ପ୍ରଣତି ବାରିକଙ୍କ ସଭାପତିତ୍ୱରେ ଏକ ବହୁବିଧ କାର୍ଯ୍ୟକ୍ରମର ଆୟୋଜିତ ହୋଇଯାଇଛି । ଏଥିରେ ସଭାର ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଡ଼ିଓ ପ୍ରଦ୍ୟୁମ୍ନ କୁମାର ନାଏକ ଯୋଗ ଦେଇ ଫିତା କାଟି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ଅଧକ୍ଷା ଶ୍ରୀମତୀ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସଭାରେ ସରକାରଙ୍କ ମହତ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖି ଝିଅମାନେ କିଭଳି ସ୍ୱାବଲମ୍ବୀ ହୋଇପାରିବେ ଏବଂ ନିଜର ଓ ପରିବାର ପ୍ରତିପୋଷଣରେ ସହାୟକ ହୋଇପାରିବେ ତାହା ଦର୍ଶାଇଥିଲେ । ମୁଖ୍ୟ ଅତିଥି ଖାଦ୍ୟ ପ୍ରସ୍ତୁତ ସହ ଛତୁ ଚାଷ ଓ ମାଛ ଚାଷ ଆଦି କରି ମଧ ଭଲ ରୋଜଗାର କରିପାରିବେ ବୋଲି କହିଥିଲେ । ନିଜର ଉଚ୍ଚ ଶିକ୍ଷାଲାଭ ଏଥିରେ ନିଶ୍ଚିତ ସହାୟକ ହେବ ବୋଲି କହିଥିଲେ । ଏ କାର୍ଯ୍ୟକ୍ରମର ସଂଯୋଜିକା ଅଧାପିକା ସେବତୀ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କହିଥିଲେ । ସଭାରେ ମହାବିଦ୍ୟାଳୟର ବରିଷ୍ଠ ଅଧାପକ ଅନିଲ ଚାରୁଦର୍ଶୀ, ମିଳାମଣି ମହାନ୍ତ, ପ୍ରିୟଦର୍ଶୀ ଘଣା, ବନଜା ନାଏକ, ଚିନ୍ମୟୀ ମହାନ୍ତ, କ୍ଷଣପ୍ରଭା ନାଏକ, ପାୟଲ ସାହୁ ଓ ଗୌରୀ ଶଙ୍କର ସାହୁ ଉପସ୍ଥିତ ରହି ସହଯୋଗ କରିଥିଲେ । ଶେଷରେ ଅଧାପିକା ତୃପ୍ତି ମହାପାତ୍ର ଧନ୍ୟବାଦ ଦେଇଥିଲେ ।



## ଯୌତୁକ ଜୁଇରେ ନବବଧୂ ଅଞ୍ଜନା



ଚାନ୍ଦବାଲି (ଭାସ୍କର ନ୍ୟୁଜ): ଛାଡ଼ିନି ହାତର ମେହେନ୍ଦି, ବର୍ଷ ବର୍ଷର ପ୍ରେମ ୪ ମାସରେ ନେଲା ସମାଧି ! ଏମିତି ଏକ ସାଙ୍ଘାତିକ ଅଭିଯୋଗ ଆସିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଘଟପୁର ପଞ୍ଚାୟତ ଖଟୁଆସାହିରୁ । ଖଟୁଆସାହି ଗ୍ରାମରେ ୨୨ବର୍ଷୀୟ ଅଞ୍ଜନା ଦାସଙ୍କ ମାମୁଁଘର । ଅଞ୍ଜନା ନିଜ ମାମୁଁ ଶ୍ରୀକାନ୍ତ ଦାସଙ୍କ ଘରେ ରହି ପାଠ ପଢୁଥିଲେ । ଏହି ସମୟରେ ସେହି ଗାଁର ଇନ୍ଦ୍ରମଣି ଦାସଙ୍କ ପୁଅ ବିଜୟ ଦାସଙ୍କ ସହିତ ଅଞ୍ଜନାଙ୍କର ଗଢ଼ି ଉଠିଥିଲା ପ୍ରେମ ସମ୍ପର୍କ । ଉଭୟ ପାରିବାରର ସହମତିରେ ମିଳିଥିଲା ସେମାନଙ୍କ ପ୍ରେମକୁ ମଞ୍ଜୁରୀ, ରୀତି ନୀତି ଅନୁସାରେ ହୋଇଥିଲା ଦୁହିଁଙ୍କ ବିବାହ । ମାତ୍ର ହୋମନିଆଁ ଜାଳିବା ପରେ ଜନ୍ମ ନେଇଥିଲା ଯୌତୁକ ରାକ୍ଷସ ଭଳି ଅଭିଯୋଗ । ଯୌତୁକ ଯନ୍ତ୍ରଣାରେ ହାର ମାନିଗଲା ବର୍ଷ ବର୍ଷର ପ୍ରେମ । ସୁଖର ସଂସାର ଗଢ଼ିବା ଆଗରୁ ଜୁଇ ନିଆଁରେ ଜଳିଗଲେ ନବବଧୂ ଅଞ୍ଜନା । ଗତକାଲି ଅପରାହ୍ନରେ ଶ୍ରୀକାନ୍ତଙ୍କ ଘରକୁ ଖବର ଆସିଲା ତାଙ୍କ ଝିଅ ଅଞ୍ଜନା ରଶି ଲଗାଇ ଆତ୍ମହତ୍ୟା କରିଛି । ଶ୍ରୀକାନ୍ତ ପହଞ୍ଚିଲେ ଅଞ୍ଜନାଙ୍କ ଶାଶୂଘରେ ଏବଂ ସେଠାରେ ଅଞ୍ଜନାର ମୃତଦେହ ତଳେ ପଡ଼ିଥିବାର ଦେଖିଥିଲେ । ତେବେ ମତୋ ଫାଣ୍ଡି ପୋଲିସ୍ ଖବର ପାଇ ଅଞ୍ଜନାର ମୃତଦେହ ଉଦ୍ଧାର କରି ଏକ କେସ୍ ନଂ(୨୯୩/୨୫) ରୁଜୁ କରିଛି । ପରେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ପୋଷ୍ଟ ମୋର୍ଟମ କରିଛି । ଅଞ୍ଜନାର ପାରିବାର ଆଣିଥିବା ହତ୍ୟା ଅଭିଯୋଗକୁ ଭିତ୍ତିକରି ପୋଲିସ ତନାଘନା ଆରମ୍ଭ କରିଛି ହେଲେ ଅଞ୍ଜନାର ସ୍ୱାମୀ, ଶ୍ୱଶୁର ଫେରାର ଥିବା ସୂଚନା ମିଳିଛି ।

## ସିଜିନାଲ କର୍ମଚାରୀଙ୍କ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଦିବସ ସଂଶୋଧନ ନହେଲେ ଆନ୍ଦୋଳନର ଚେତାବନୀ



ବେଲପାହାଡ (ଭାସ୍କର ନ୍ୟୁଜ୍ ): ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଝାରସୁଗୁଡ଼ା କେନ୍ଦୁପତ୍ର ଡିଭିଜନ ପକ୍ଷରୁ ଆୟୋଜିତ ଏକ ବୈଠକ ବେଲପାହାଡ଼ କେନ୍ଦୁପତ୍ର ସେଣ୍ଟ୍ରାଲ ଗୋଦାମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କନିକା ରେଞ୍ଜ ହେଡଚେକର ରମେଶ ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯିବା ସହ ଝାରସୁଗୁଡ଼ା କେନ୍ଦୁପତ୍ର ଡିଭିଜନ ଉଚ୍ଛେଦ ପ୍ରସ୍ତାବ ପ୍ରତ୍ୟାହାର ବିଷୟ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି । ଡିଭିଜନ ଉଚ୍ଛେଦ ନିଷ୍ପତି ଉପରେ ଆଗାମୀ ଦିନରେ ଯଦି ସଂଘ ପକ୍ଷରୁ ଆନ୍ଦୋଳନ ଘୋଷଣା ହୁଏ, ତେବେ କର୍ମଚାରୀ ମାନଙ୍କ ଓ ରାଜ୍ୟ କମିଟିର ଭୂମିକା କ'ଣ ହେବ – ଏହି ଉଦ୍ଦେଶ୍ୟରେ ସ୍ପଷ୍ଟ ମତ ବିନିମୟ ହୋଇଛି । ମୁନସୀ, ଫଡ଼ି ସାଥୀ, ୱାଚର ଓ ଚେକର ମାନଙ୍କ କାର୍ଯ୍ୟକାଳ କମିଯିବା, କଦମଡିହି ଓ କନିକା ରେଞ୍ଜ ଭିତରେ ଖାଲି ପଡ଼ିଥିବା ହେଡ୍ ଚେକର ପଦବୀ ସହ ବିଭିନ୍ନ ଅନ୍ୟ ରେଞ୍ଜର ଖାଲି ପଦବୀ ପୂରଣ ବିଷୟରେ ଆଲୋଚନା ହୋଇଛି । ଗତ ଜୁନ ୫ ତାରିଖରେ ଡି.ଏଫ୍.ଓଙ୍କ ସହ ସଂଘ ର ହୋଇଥିବା ଆଲୋଚନା ଅନୁଯାୟୀ ସିଜନାଲ କର୍ମଚାରୀ ମାନଙ୍କ ପାଇଁ ନିର୍ଦ୍ଧାରିତ କାର୍ଯ୍ୟଦିବସ ଅନୁଯାଇ କାର୍ଯ୍ୟ ଦିବସ ଧାର୍ଯ୍ୟ ନହେବାରୁ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ବିଶେଷ ଭାବରେ ଚଳିତ ବର୍ଷ କର୍ଯ୍ୟ ଦିବସକୁ ଅନେକ ପରିମାଣରେ ହ୍ରାସ କରାଯାଇଥିବା ଅଭିଯୋଗ ହୋଇଥିଲା । ଏହା ସିଜିନାଲ କର୍ମଚାରୀ ମାରଣ ନିୟମ ସହ କର୍ମଚାରୀ ବିରୋଧୀ ପଦକ୍ଷେପ ଦର୍ଶାଇ ତୀବ୍ର ନିନ୍ଦା କରାଯାଇଛି । ସମସ୍ତ ବିଭିନ୍ନ ରେଞ୍ଜରେ ଫଡ଼ିଘର ମରାମତି, ଡିଏସ୍ ଏବଂ ଅନ୍ୟାନ୍ୟ ବକେୟା ଅଦାୟ ସମ୍ପର୍କରେ ତଥ୍ୟ ଉପସ୍ଥାପିତ କରାଯାଇଛି । ଉଲ୍ଲେଖ ଥାଉ ଯେ ପୂର୍ବରୁ ଅଗଷ୍ଟ ୧୫ ସୁଦ୍ଧା ସମସ୍ୟାର ସମାଧାନ ନହେଲେ ସଂଘ ପକ୍ଷରୁ ତୀବ୍ର ଆନ୍ଦୋଳନ ହେବ ବୋଲି ସଂଘର ସଭାପତି ବିଜୟ କୁମାର ମହାନ୍ତି ଚିଠି ମାଧମ ଡିଏଫ୍‌ଓଙ୍କୁ ଚେତାବନୀ ଦେଇଛନ୍ତି । ଏହି ସଭାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ଉପସଭାପତି ଗୋକୁଳ ମେହେର, ରାଜ୍ୟ ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତି, ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା, ଝାରସୁଗୁଡ଼ା ଡିଭିଜନ ସମ୍ପାଦକ ପ୍ରଦୀପ ସାହୁ, ଅଶୋକ ମାଝୀ, ରମେଶ ପ୍ରଧାନ, ମିଳନ ହୋତା, ଦେବଜ୍ୟୋତି ପଟ୍ଟନାୟକ, ଶ୍ରୀବସ୍ତ ସାହୁ, ସରୋଜ ଭଣ୍ଡ, ତିଳକ ମାଝୀ, ମନବୋଧ ପଣ୍ଡା, ଅଲେଖ ସାହୁ, କିପାଲ ସାହୁ, କଳାକାହ୍ନୁ, କିଶୋର ପ୍ରଧାନ, ଗୋବର୍ଦ୍ଧନ ବଂଶୁ ଓ ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ ।

### କେବେ ବଦଳିବ ଡେରାବିଶ ରେଳଯାତ୍ରୀଙ୍କ ଭାଗ୍ୟ

## ବାଜିପଡ଼ା ଷ୍ଟେସନରେ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ନାହିଁ ସୁବିଧା



ଡେରାବିଶ (ଭାସ୍କର ନ୍ୟୁଜ): ଦୀର୍ଘ ବର୍ଷ ପରେ କେନ୍ଦ୍ରାପଡ଼ାବାସୀ ରେଳ ରାସ୍ତା ଦେଖିଲେ । ସେତେବେଳେ ଆଶା ଥିଲା ଏହି ରେଳ ରାସ୍ତାରେ ଓଡ଼ିଶାର ଅନ୍ୟ ଷ୍ଟେସନ ପରି ଯାତ୍ରୀବାହୀ ରେଳମାନ ଚାଲିବ । ହେଲେ ସରକାରଙ୍କ ପକ୍ଷରୁ ଏହି ଉଚ୍ଚତମ ରେଳ ରାସ୍ତାରେ କେବଳ ପାରାଦ୍ୱୀପକୁ ମାଲ ପରିବହନ କରାଗଲା । ହେଲେ ପରେ ଜିଲ୍ଲାବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ଏହି ରାସ୍ତାରେ ପ୍ରତ୍ୟେକ ଦିନ ଗୋଟିଏ ଯାତ୍ରୀବାହୀ ରେଳ ଚାଲୁଛି । ଏହି ଯାତ୍ରୀବାହୀ ରେଳଟି ପାରାଦ୍ୱୀପରୁ କେଉଁଝରକୁ ଯାଉଛି । ଏଥିରେ କିଛି ମାତ୍ରାରେ ଯାତ୍ରୀ ମଧ ଡେରାବିଶ ବ୍ଲକର ବାଜିପଡ଼ା ଷ୍ଟେସନରୁ ଯାଉଛନ୍ତି । କିନ୍ତୁ ବଡ଼ ଦୁଃଖର ବିଷୟ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଏକୁଟିଆ ଏହି ରେଳ ଷ୍ଟେସନକୁ ଯାଇ ରେଳରେ ବସି ତା'ର ଗନ୍ତବ୍ୟସ୍ଥଳକୁ ଯାଇପାରିବ ନାହିଁ । କାରଣ ରେଳ ଷ୍ଟେସନର ଘର ଭିତର ଦେଇ ଯିବାକୁ ହେଲେ ତିନିମହଲା ଶିଡ଼ି ପାହାଚ ଚଢ଼ିଲା ପରେ ଯାଇ ଟିକେଟ୍ କାଉଣ୍ଟର ସେଠାରୁ ଯାଇ ରେଳଗାଡ଼ିରେ ବସି ଯିବାକୁ ହେବ । ତେବେ ଜଣେ ଶାରିରୀକ ଦିବ୍ୟାଙ୍ଗ ବ୍ୟକ୍ତି ବିନା ଅନ୍ୟର ସହଯୋଗରେ ସେ ନାଁ ଟିକେଟ୍ କାଉଣ୍ଟରକୁ ଯାଇପାରିବ ନାଁ ରେଳ ଗାଡ଼ିରେ ବସିପାରିବ । ଅନ୍ୟପକ୍ଷରେ ଏହି ରେଳପଥଟିର ଉଚ୍ଚତା ପାଖାପାଖି ୨୫ ରୁ ୩୦ ଫୁଟ । ପୁଣି ଏହି ଷ୍ଟେସନକୁ ଯିବାକୁ ହେଲେ ନିର୍ମିତ ହୋଇଥିବା ରାସ୍ତାଟି ଖୁବ୍ ସଂକୀର୍ଣ୍ଣ ଓ ତୀଖ । ଯେଉଁଥିରେ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଯିବାତ ଦୂରର କଥା ସାଧାରଣ ଲୋକଟିଏ ସାମାନ୍ୟ ଅସାବଧାନ ହେଲେ ପଡ଼ି ଖଣ୍ଡିଆ ଖାବରା ହେବା ନିଶ୍ଚିତ । ଏଥିସହିତ ରେଳ ବିଭାଗ ପକ୍ଷରୁ ବାଜିପଡ଼ାର ଯେଉଁ ସ୍ଥାନରେ ଏହି ରେଳ ଷ୍ଟେସନଟି ନିର୍ମାଣ କରାଯାଇଛି ତାହା ଏକ ନିକାଂଚନ ସ୍ଥାନ । ଏଠାରୁ କୌଣସି ଅଟୋ କିମ୍ବା ବସ୍ ଯାଉନଥିବା ଜଣାଯାଇଛି । ଏପରିକି ସନ୍ଧ୍ୟାରେ କୌଣସି ଯାତ୍ରୀ ଏହି ଷ୍ଟେସନ୍‌ରୁ ଓହ୍ଲାଇଲେ ନିକଟସ୍ଥ ବସ୍‌ଷ୍ଟାଣ୍ଡକୁ ଯିବା ପାଇଁ କୌଣସି ସୁବିଧା ମଧ ନାହିଁ । ଏଥିସହ ଏଠାରୁ ନିକଟସ୍ଥ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ତିନିମୁହାଣି ବସ୍‌ଷ୍ଟାଣ୍ଡ କିମ୍ବା ଚଣ୍ଡିଖୋଲ -ପାରାଦ୍ୱୀପ ଜାତୀୟ ରାଜପଥର ଛତା ବସ୍‌ଷ୍ଟାଣ୍ଡ ପାଖାପାଖି ୪ରୁ ୫ କିଲୋମିଟର ଦୂର ହୋଇଥିବା ବେଳେ ଷ୍ଟେସନରୁ ସେଠାକୁ ଯିବା ପାଇଁ କୌଣସି ଗାଡ଼ିର ସୁବିଧା ନାହିଁ । ଅପରପକ୍ଷରେ ନିକାଞ୍ଚନ ସ୍ଥାନ ହୋଇଥିବାରୁ ସନ୍ଧ୍ୟା ପରେ ଏହି ସ୍ଥାନରେ ଅସାମାଜିକଙ୍କ ଆଡ୍ଡା ମଧ ଜମୁଥିବା ଶୁଣିବାକୁ ମିଳିଛି । ଏପରିକି ବର୍ଷା କିମ୍ବା ଝଡ଼ ତୋଫାନ ହେଲେ ଏହି ଷ୍ଟେସନ୍ ଖୋଲା ସ୍ଥାନ ହୋଇଥିବାରୁ ଯାତ୍ରୀମାନେ ମଧ ଖୁବ୍ ଅସୁବିଧାର ସମ୍ମୁଖିନ ହୋଇଥାନ୍ତି । ତେଣୁ ତୁରନ୍ତ ରେଳ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯାତ୍ରୀମାନଙ୍କ ସୁବିଧା, ଷ୍ଟେସନରେ ଯାତ୍ରୀ ରହଣୀ ସ୍ଥଳ ନିର୍ମାଣ କରିବା ସହିତ ଅଧିକ ଯାତ୍ରୀବାହୀ ରେଳ ଚଳଚଳ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## କୃତୀଛାତ୍ରଙ୍କୁ ସମ୍ମାନିତ କରିବ 'ଆମ ପ୍ରତିଭା ଆମ ପରିଚୟ'

ତାଳଚେର (ଭାସ୍କର ନ୍ୟୁଜ) : ତାଳଚେରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆମ ପ୍ରତିଭା ଆମ ପରିଚୟ' ଅନୁଷ୍ଠାନ ପକ୍ଷରୁ ଆଜି ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଇଁ. ରମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ସ୍ଥାନୀୟ ଦେଉଳବେଡ଼ା ସ୍ଥିତ ମଙ୍ଗଳମ୍ ହଲ ଠାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ପୂର୍ବତନ ସାଂସଦ ମହେଶ ସାହୁ ଯୋଗ ଦେଇଥିଲେ । ଆଜିର ଆଲୋଚନାରେ ଗତ ବର୍ଷ ଗୁରୁଦିବସ ପାଳନର ସମୀକ୍ଷା କରିବା ପରେ ଆଗମୀ ସେପ୍ଟେମ୍ବର ୫ ତାରିଖ ଗୁରୁଦିବସକୁ କିପରି ଭାବରେ ପାଳନ କରାଯିବ ସେଥିନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ପ୍ରତିଭାବାନ ବ୍ୟକ୍ତି ବିଶେଷ, ସର୍ବାଧିକ ନମ୍ବର ରଖିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଛି । ଏଥିସହ ପୂର୍ବବର୍ଷ ଠାରୁ କିପରି ଅଧିକ ଉନ୍ନତମାନର କାର୍ଯ୍ୟକ୍ରମ କରାଯିବ ସେନେଇ ଉପସ୍ଥିତ ସଦସ୍ୟମାନେ ନିଜର ମତାମତ ପ୍ରଦାନ କରିଥିଲେ । ଅନୁଷ୍ଠାନର ସାଧାରଣ ସମ୍ପାଦକ ତଥା ଅବସର ପ୍ରାପ୍ତ ଅଧାପକ ସ୍ୱର୍ଗତ ଡ଼ଃ ନିମାଇଁ ଚରଣ ପ୍ରଧାନ ଗତ କିଛିଦିନ ତଳେ ପରଲୋକ ଗମନ କରିଥିବା କାରଣରୁ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ତାଙ୍କ ସ୍ଥାନ ପୂରଣ ନିମନ୍ତେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଥିରେ ସଭାପତି ଥିବା ରମେଶ ଚନ୍ଦ୍ର ବେହେରାଙ୍କୁ ଚଳିତ ବର୍ଷ ପାଇଁ ସାଧାରଣ ସମ୍ପାଦକ ଭାବେ ଚୟନ କରାଯାଇଥିଲା ବେଳେ ତାଙ୍କ ସ୍ଥାନରେ ସଭାପତି ଭାବେ ଅବସରପ୍ରାପ୍ତ ଅଧାପକ ଡଃ ଉପେନ୍ଦ୍ର ପରିଡ଼ାଙ୍କୁ ମନୋନିତ କରାଯାଇଥିଲା । ସେହିପରି ଅବସରପ୍ରାପ୍ତ ଖମାର କଲେଜ ଅଧକ୍ଷ ସରୋଜ ପ୍ରଧାନଙ୍କୁ ସମୀକ୍ଷକ ଭାବେ ଚୟନ କରାଯାଇଥିଲା । ତେବେ କୋଷାଧକ୍ଷ ସଞ୍ଜୟ କୁମାର ସାହୁ ପୂର୍ବ ଭଳି ପୁଣି ଦାୟିତ୍ୱ ତୁଲାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । କାର୍ଯକ୍ରମର ସୁପରିଚାଳନା କରିବା ପାଇଁ ଅର୍ଥ, ଡ୍ରାଫ୍ଟିଂ କମିଟି ସହ ଭିନ୍ନ ଭିନ୍ନ କମିଟି ଗଠନ କରାଯାଇଥିଲା । ଏହିସବୁ କମିଟିରେ ଅନେକ ଅନୁଭବୀ ବ୍ୟକ୍ତିବିଶେଷଙ୍କୁ ଚୟନ କରାଯାଇଛି । ଏହି ବୈଠକରେ ତାଳଚେର କଲେଜର ପୂର୍ବତନ ଅଧକ୍ଷ ଅଶୋକ ଶର୍ମା, ଲିଗାଲ ଆଡଭାଇଜର ନିର୍ମଳ ତ୍ରୀପାଠୀଙ୍କ ସମେତ ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ଗୋପାଳ ନାଏକ, ଯୁବନେତା ଦିନେଶ ପ୍ରଧାନ, କଣିହାଁ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ପ୍ରେସ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଡ. ରଶ୍ମି ରଞ୍ଜନ ମିଶ୍ର, ବିମଳ ମିଶ୍ର, ବରିଷ୍ଠ ଓକିଲ ଅଜୟ ମିଶ୍ର, ଶୋଭଗିନି ଦେବୀ, ନିର୍ମଳ ସାହୁ, ତପନ କୁମାର ମହାରଣା, ପ୍ରକାଶ ସାହୁ, କୁଶ ବିହାରୀ ସାମଲ, ଜ୍ୟୋତି ରଞ୍ଜନ ଦାସଙ୍କ ସମେତ ଅଭିଭକ୍ତ ଢେଙ୍କାନାଳ ଅନୁଗୁଳ ଜିଲ୍ଲାର ପାଲ ଲହଡ଼ା, ଖମାର ପର୍ଜଙ୍ଗ ହିନ୍ଦୋଳ ଅନୁଗୁଳ ତାଳଚେର ଛେଣ୍ଡିପଦା ଅଞ୍ଚଳରୁ ବହୁ ଆମ ପ୍ରତିଭା ଆମ ପରିଚୟ, ଆମ ପ୍ରତିଭା ଆମ ସମ୍ମାନ, ଆମ ପ୍ରତିଭା ଆମ ଗର୍ବର ସଦସ୍ୟ ମାନେ ଯୋଗ ଦେଇଥିଲେ ।

## ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

ଫୁଲନଖରା (ଭାସ୍କର ନ୍ୟୁଜ) : ନୂଆପଡା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଜ୍ଞାନ କୁଞ୍ଜରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ବିଜ୍ଞାନ ମେଳାରେ ଆଦିକବି ସାରଳା ଦାସ ମହାବିଦ୍ୟାଳୟର ଅବସରପ୍ରାପ୍ତ ଭୂବିଜ୍ଞାନୀ ଶିବେନ ମିତ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ସମାରୋହରେ ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଭୁବନ ମୋହନ ମହାନ୍ତି ଯୋଗ ଦେଇ କୃତୀ ପ୍ରତିଭାଗୀ ମାନଙ୍କୁ ପୁରସ୍କୃତ କରିଥିଲେ । ମେଳାରେ ପ୍ରାୟ ୨୦୦ ଶିଶୁ ଭାଇଭଉଣୀ ବିଭିନ୍ନ ବିଭାଗ ଯଥା ପ୍ରକଳ୍ପ, ପ୍ରଶ୍ନମଞ୍ଚରେ ଭାଗ ନେଇଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ଶକୁନ୍ତଳା ମହାନ୍ତି ଉଦ୍ଦେଶ୍ୟ କଥନ ସହ ବିବରଣୀ ପାଠ କରିଥିବା ବେଳେ ସଭାପତି ଡ. ପ୍ରଭାତ ରାଉତରାୟ ଅତିଥି ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଓ ପରିଚାଳନା ସମିତିର କୋଷାଧକ୍ଷ ଅନିଲ ସାମଲ ଆଶୀର୍ବଚନ ପ୍ରଦାନ କରିଥିଲେ । ବିଦ୍ୟାଳୟର ସମ୍ପାଦକ ଡ. ରାକେଶ ଜେନା, ଉପ ସଭାପତି ଇଂ ଦିଲ୍ଲୀପ ଆଚାର୍ଯ୍ୟ, କୋଷାଧକ୍ଷ ଅନିଲ ସାମଲ ଓ ସଦସ୍ୟା ନିବେଦିତା ମହାପାତ୍ର ଓ ରୀନା ମାରାଣ୍ଡି, ପ୍ରାକ୍ତନ ସମ୍ପାଦକ ଅମିତାଭ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ବରିଷ୍ଠ ଅଚାର୍ଯ୍ୟା ମମତା ଦାଶ ମଞ୍ଚ ପରିଚାଳନା କରିଥିଲେ । ଆଚାର୍ଯ୍ୟ ପ୍ରତିନିଧି ଦୟାନିଧି ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାମ୍ବାଦିକ ନବୀନ ଦାଶଙ୍କ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ

### ସବୁ ମହଲରେ ଶୋକ ପ୍ରକାଶ



ସମ୍ବଲପୁର (ଭାସ୍କର ନ୍ୟୁଜ୍) : ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଭୀମସାର ହସ୍ପିଟାଲ ବୁର୍ଲାରେ ଚିକିତ୍ସିତ ହେଉଥିବା ସାମ୍ବାଦିକ ନବୀନ ଦାଶ (୪୨)ଙ୍କ ଆଜି ଦିବା ଘ. ୧୧. ୪୫ ମି. ସମୟରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଛି । ନବୀନ ତାଙ୍କ ଅନ୍ତେ ପିତା ବରିଷ୍ଠ ସାମ୍ବାଦିକ ପ୍ରହଲ୍ଲାଦ ଦାଶ, ମାତା ସୁରେଶ୍ୱରୀ ଦାଶ, ପତ୍ନୀ ନିରୁପମା ପଣ୍ଡା ଏବଂ ୧୧ ବର୍ଷ ବୟସ୍କ ଏକମାତ୍ର ପୁଅ ବିକାଶକୁ ଛାଡି ଯାଇଛନ୍ତି । ସାମ୍ବାଦିକ ନବୀନ ଦାଶ ସମ୍ବଲପୁରର ସ୍ଥାନୀୟ ନ୍ୟୁଜ୍ ଚ୍ୟାନେଲ 'ସମ୍ବଲଭୂମି'ରେ ୧୪ ବର୍ଷରୁ ଅଧିକ ସମୟ ପାଇଁ ରିପୋର୍ଟର ରହିଥିଲେ । ଏହା ସହିତ ସାପ୍ତାହିକ ଖବର କାଗଜ 'ସମ୍ବଲଭୂମି'ର ରିପୋର୍ଟର, ସ୍ୱାତିକ ଟିଭି ଓଡ଼ିଆ (ୱେବ୍ ଡିଜିଟାଲ୍ ଟିଭି ଚ୍ୟାନେଲ)ରେ ଜିଲ୍ଲା ପ୍ରତିନିଧି, ଡିଜିଟାଲ ମିଡ଼ିଆ 'ମହକ୍' ଟିଭିରେ ଜିଲ୍ଲା ବ୍ୟୁରୋ, 'ବଡ଼ ଖବର'ରେ ୧ ବର୍ଷ ପାଇଁ ଜିଲ୍ଲା ରିପୋର୍ଟର ଭାବରେ କାର୍ଯ୍ୟ କରିଥିଲେ । ଏଥିସହିତ 'ଓଡ଼ିଶା ଭାସ୍କର'ରେ ଜିଲ୍ଲା ରିପୋର୍ଟର ଭାବରେ କାର୍ଯ୍ୟ କରିଥିଲେ । ମୃତ୍ୟୁ ପୂର୍ବରୁ ସେ ଡିଜିଟାଲ ଟିଭି 'ଖବର ଓଡ଼ିଶା'ରେ ଜିଲ୍ଲା ରିପୋର୍ଟର ଭାବରେ କାର୍ଯ୍ୟ କରୁଥିଲେ । ଏହା ସହିତ କ୍ୟାମେରା, ସମ୍ପାଦନା ଏବଂ କମ୍ପ୍ୟୁଟରରେ ନବୀନଙ୍କ ବିଶେଷ ଅଭିଜ୍ଞତା ରହିଥିଲା । ଏଠାରେ ସୂଚନାଯୋଗ୍ୟ ଯେ ଗତ ୧୯ ତାରିଖ ଶନିବାର ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅନ୍ତର୍ଗତ ଏନଏଚ ୫୩ ଗୌଡ଼ପାଲି-କୁଲୁଣ୍ଡି ମଝି ପତରଫଣ୍ଡି ଛକରେ ସନ୍ଧ୍ୟା ପ୍ରାୟ ୫ ଘଣ୍ଟା ସମୟରେ ବିପରୀତ ଦିଗରୁ ଆସୁଥିବା ୨ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ଉଭୟ ବାଇକରେ ବସିଥିବା ୪ଜଣ ଗୁରୁତର ଭାବେ ଆହତ ହୋଇଥିଲେ । ଏହି ଦୁର୍ଘଟଣାରେ ଜମନକିରା ନିକଟସ୍ଥ ମୁକ୍ତେଶ୍ୱର ଶିବ ମନ୍ଦିରକୁ ସମ୍ବାଦ ସଂଗ୍ରହ ପାଇଁ ଯାଇଥିବା ସମ୍ବଲପୁରର ସାମ୍ବାଦିକ ନବୀନ ଦାଶ ଏବଂ ତାଙ୍କ ପତ୍ନୀ ନିରୁପମା ପଣ୍ଡା ଓ ବରଗଡ ଜିଲ୍ଲା ଅମ୍ବାଭୋନା ବ୍ଲକର ଉତ୍ତମ ଗାଆଁର ଭରତ ଭୁଏଙ୍କ ପୁଅ ସାନ୍ତାନୁ ଭୁଏ ଓ ଦୟାନିଧି ବୁଡେକଙ୍କ ପୁଅ ସନ୍ତୋଷ ବୁଡେକ ଆହତ ହୋଇଥିଲେ । ଏହି ଦୁର୍ଘଟଣାରେ ସାମ୍ବାଦିକ ନବୀନ ଦାଶ ଓ ସନ୍ତୋଷ ବୁଡ଼େକ ଅତ୍ୟନ୍ତ ଗୁରୁତର ହୋଇଥିଲେ । ଏନଏଚଏଆଇର ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ଚିକିତ୍ସା ପାଇଁ ବୁର୍ଲା ଡ଼ାକ୍ତରଖାନା ପଠାଯାଇଥିଲା । ଦୁର୍ଘଟଣା ରେ ଗୁରୁତର ଆହତ ଥିବା ସନ୍ତୋଷ ବୁଡ଼େକଙ୍କ ଗତ ରବିବାର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଆହତ ହୋଇ ଭୀମସାର ଆଇସିୟୁରେ ଚିକିତ୍ସିତ ହେଉଥିବା ସାମ୍ବାଦିକ ନବୀନ ଦାଶଙ୍କ ଚିକିତ୍ସାଧୀନ ଅବସ୍ଥାରେ ଆଜି ପରଲୋକ ହୋଇଛି । ନବୀନ ଦାଶଙ୍କ ପରଲୋକରେ ସାମ୍ବାଦିକ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ନବୀନଙ୍କ ମୃତ୍ୟୁଶଯ୍ୟା ନିକଟରେ ଓଡିଶା ସାମ୍ବାଦିକ ସଂଘ ପ୍ରାନ୍ତୀୟ ସମ୍ପାଦକ ରମାକାନ୍ତ ବିଶ୍ୱାଳ, ରାଜ୍ୟ ଉପ ସଭାପତି ସୁଶାନ୍ତ ମହାପାତ୍ର, ଜିଲ୍ଲା ସଭାପତି ହିମାଂଶୁ ମିଶ୍ର, କାର୍ଯ୍ୟକାରୀ ସଭାପତି ସୁକାନ୍ତ କର, ବରିଷ୍ଠ ସାମ୍ବାଦିକ ରତ୍ନାକର ଭୋଇ, ଗାର୍ଗୀ ଶତପଥି, ସରୋଜ ସାହୁ, ବିରାଜ ମିଶ୍ର, ଅମଳେନ୍ଦୁ ନାୟକ, ଡ. ରାଜାରାମ ଷଡ଼ଙ୍ଗୀ, ସୁଭମ ଖଡିରନ୍, ପ୍ରମୋଦ ବହିଦାର, ବାଦଲ ସିଦ୍ଧିରିଆ, ପ୍ରଦିପ ନାଏକ, ସତ୍ୟଜିତ ମହାପାତ୍ର, ସରୋଜ ସେଠ୍, ମଳୟ ଭୋଇ, ମାନସ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । ମର ଶରୀରକୁ କୁଲୁଥକାନି ବାସଭବନକୁ ଅଣାଯାଇଥିବା ବେଳେ ବନ୍ଧୁ ପରିଜନ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ । ସନ୍ଧ୍ୟାରେ ସ୍ଥାନୀୟ ରାଜଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ସ୍ଥାନୀୟ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ପଞ୍ଚମ ଶ୍ରେଣୀରେ ପଢୁଥିବା ଏକମାତ୍ର ପୁଅ ବିକାଶ ମୁଖାଗ୍ନି ଦେଇଥିଲେ ।

## ସରପଞ୍ଚଙ୍କ ଦ୍ୱାରା ମାରାଥନ୍ ଉଦ୍‌ଘାଟନ ଓ ଶିଳାନ୍ୟାସ



କୁଜଙ୍ଗ (ଭାସ୍କର ନ୍ୟୁଜ୍) : ରାଜ୍ୟର ଏକ ବୃହତ୍ ଗ୍ରାମ ପଞ୍ଚାୟତ ଭାବେ ଜଣାଶୁଣା ଗ୍ରାମ ପଞ୍ଚାୟତ ହେଉଛି ଜଗତସିଂହପୁର ଜିଲ୍ଲାର ପାରାଦ୍ୱୀପ ଗଡ଼ ଗ୍ରାମ ପଞ୍ଚାୟତ । ପାରାଦ୍ୱୀପ ଉପକଣ୍ଠରେ ପାରାଦ୍ୱୀପ ପୌର ପରିଷଦକୁ ଲାଗି ରହିଥିବା ଉକ୍ତ ପଞ୍ଚାୟତର ପୂର୍ଣ୍ଣ ବିକାଶ ପାଇଁ ଅଣ୍ଟା ଭିଡିଛନ୍ତି ସରପଞ୍ଚ ସସ୍ମିତା ବେହେରା । ଦ୍ୱିତୀୟ ଥର ସରପଞ୍ଚ ଭାବେ ଦାୟିତ୍ୱ ନେବା ପରେ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ଦିନ ରାତି ଲାଗି ପଡିଛନ୍ତି । ପଞ୍ଚାୟତରେ ଥିବା ୧୧ଗୋଟି ରାଜସ୍ୱ ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ, ପାନୀୟ ଜଳ, ଭାଗବତ ଟୁଙ୍ଗି, ଯୁବକ ସଂଘ, ମହିଳା ସମିତି, ଖେଳ ପଡିଆ, କୋଠଘର, ଶ୍ମଶାନ ଗୃହ, ଅମୃତ ସରୋବର ଆଦି ବିକାଶ ମୂଳକ କାର୍ଯ୍ୟକ୍ରମ ଶତକଡା ୮୦ଭାଗ ସରି ଗଲାଣି । ଏହି ପଞ୍ଚାୟତର ପୁଅ ସମ୍ପଦ ଚନ୍ଦ୍ର ସ୍ୱାଇଁ ରାଜ୍ୟ ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ହେବା ପରେ ପଞ୍ଚାୟତର ବିକାଶ ଦୁଇ ଗୁଣିତ ହୋଇଛି । ପଞ୍ଚାୟତରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନୁଦାନ, ପଞ୍ଚାୟତର ନିଜସ୍ୱ ଆୟ, କଳକାରଖାନା ପାରିପାର୍ଶିକ ଉନ୍ନୟନ ଯୋଜନା ଓ ମନ୍ତ୍ରୀଙ୍କ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ ଫଳରେ ପଞ୍ଚାୟତର ଦୃତ ବିକାଶ ହୋଇ ପାରିଛି । ଏହି ପରି ପ୍ରେକ୍ଷରେ ପାରାଦ୍ୱୀପ ଗଡ଼ ଗ୍ରାମରେ ୱାର୍ଡ ନଂ ୫ ଓ ୬ରେ ଦୀର୍ଘବର୍ଷ ହେବ ବର୍ଷାଦିନେ ଓ ଅଦିନିଆ ବର୍ଷା ହେବା ଦ୍ୱାରା ଜଳ ନିଷ୍କାସନ ପାଇଁ କୌଣସି ବାଟ କିମ୍ବା ସୁବିଧା ନଥିବାରୁ ଦୁଇ ୱାର୍ଡ଼ବାସୀ ଓ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହି ଅସୁବିଧାକୁ ଉପଲବ୍ଧି କରି ସରପଞ୍ଚ ସସ୍ମିତା ବେହେରା ଜଳ ନିଷ୍କାସନ ପାଇଁ ପାଇପ୍ ଲାଇନ୍ ଡ୍ରେନ ନିର୍ମାଣ କରିବା ଦ୍ୱାରା ବହୁ ଦିନର ସମସ୍ୟା ଦୂର ହୋଇ ପାରିଛି । ଏହି ଅବସରେ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ସସ୍ମିତା ବେହେରା ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥଲେ । ସେହିପରି ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଚୂନ ବେଲାରି ଗ୍ରାମରେ 'ମା କେନ୍ଦୁଆଣି ମନ୍ଦିର' ପୀଠରେ ଆନନ୍ଦ ବଜାର-ଭୋଗ ମଣ୍ଡପ ନିର୍ମାଣ ପାଇଁ ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ଚନ୍ଦ୍ର ଶେଖର ଚୌଧୁରୀ, ଦେବ ଦୁର୍ଲଭ କର, ଶୁକଦେବ ତରାଇ, ଲିପୁନ୍ ବେହେରା, ବାପିନା ପଣ୍ଡା, ଫୁଲ ସାହୁ, ଲୋକନାଥ ବେହେରା, ୱାର୍ଡ ସଭ୍ୟା ନଳିନୀ ପ୍ରଭା ସାହୁ, ବିଚିତ୍ର ପ୍ରଧାନ, ସତ୍ୟଭମା ସ୍ୱାଇଁ,ରେବତୀ ସ୍ୱାଇଁ, ଚନ୍ଦ୍ରକାନ୍ତ ସ୍ୱାଇଁ,ଟିକି ଜେନା, ସଚ୍ଚିଦାନନ୍ଦ ମହାପାତ୍ର, କଳ୍ପନା ଦାସ, ସଙ୍ଗୀତା ବେହେରା, ସୁଜାତା ବେହେରା, ବିକ୍ରମ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ସରପଞ୍ଚଙ୍କ ଏପରି ଜନହିତକର କାର୍ଯ୍ୟକୁ ନେଇ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି ।


## ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ




ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଆଖୁଆପାଳ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରେ ମିଳିତ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଶିବିର ନୂତନ ଭାବେ ଯୋଗଦାନ କରିଥିବା ଜିଲ୍ଲାପାଳ ଆଶୀଷ ଈଶ୍ୱର ପାଟିଲଙ୍କ ଅଧକ୍ଷତାରେ ଏସ୍‌ପି ଅଭିନବ ସୋନାକର, ପିଡି ଦୀପ୍ତି ରଞ୍ଜନ ସେଠୀ, ଉପଜିଲ୍ଲାପାଳ ଦିନମଣୀ ନାୟକ, ସମିତି ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଜିଲ୍ଲାପରିଷଦ ସଭ୍ୟା ରୁନୁ ବର୍ମା, ସରପଞ୍ଚ ସସ୍ମିତା ସାହୁଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଓ ପ୍ରତିନିଧିମାନେ ଉପସ୍ଥିତ ହୋଇ ଆପତ୍ତି ଅଭିଯୋଗ ମାନ ଗ୍ରହଣ କରିଥିଲେ । ଉକ୍ତ ଶିବିରରେ ବିଭିନ୍ନ ପଞ୍ଚାୟତ ମାନଙ୍କରୁ ସମସ୍ୟା ଭିତ୍ତିକ ମୋଟ ୯୫ରୁ ଉର୍ଦ୍ଧ୍ୱ ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସମସ୍ୟା ଗୁଡିକ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଜଣାଇଥିଲେ । ତତ୍‌ସହିତ ଜିଲ୍ଲା ସାମାଜିକ ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ଜଣଙ୍କୁ ଶିବରରେ ଏକ ମାସର ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯାଇଥିଲା । ବିଡ଼ିଓ ସୌଭାଗ୍ୟ ବେହେରାଙ୍କ ତତ୍ତ୍ୱାବଧାନରେ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିବାବେଳେ, ପରଜଙ୍ଗ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, ଥାନା ଅଧିକାରୀ ଧିରେନ କୁମାର ବେହେରା, ଗୋଷ୍ଠୀ ଚିକିତ୍ସାଧିକାରୀ ସ୍ମୃତିରଞ୍ଜନ ବିଶ୍ୱାଳ, ଗୋଷ୍ଠୀ ଶିକ୍ଷାଧିକାରିଣୀ ପ୍ରିୟଦର୍ଶନୀ ନାୟକ, ଏସ୍‌ଆଇ ଶକ୍ତି ପ୍ରସାଦ ସାହୁ, ସମିତି ସଭ୍ୟା ରେଣୁବାଳା ଭୋଇ, ସମାଜସେବୀ ଦିଲ୍ଲୀପ କୁମାର ନାଥ, ଜମ୍ବେଶ୍ୱର ବର୍ମା, ସମୀର ସାହୁ, ନାଏବ ସରପଞ୍ଚ ଲିପୁ ସିଂହ, ମିଶନ ଶକ୍ତି ମହିଳା ମାନେ ଶିବିରକୁ ସହଯୋଗ ରଖିଥିଲେ ।

## ରାଶିଫଳ


ମଙ୍ଗଳବାର, ୨୯ ଜୁଲାଇ ୨୦୨୫



**ମେଷ:** ଚାକିରି ବ୍ୟବସାୟ ଉଭୟ କ୍ଷେତ୍ରରେ ଶୁଭ ପରିବେଶ ମିଳିବ । ପିଲାମାନେ ମହିଳାମାନେ ଆଶା ଠାରୁ ଅଧିକ ଖୁସିରେ ରହିବେ । ଶିକ୍ଷାବିଭାଗ, ଠିକାଦାରି, କଳକବଜା, ପୁସ୍ତକ ମୁଦ୍ରଣ, ଆର୍ଥିକ କାରାବାର, ଜାଗାବାଡି ଗୃହନିର୍ମାଣ ଆଦି କର୍ମ ସହିତ ଜଡିତ ବ୍ୟକ୍ତିବିଶେଷ ଆଶାତିତ ଫଳ ପାଇବେ ।




**ବୃଷ:** ମାନ ସମ୍ମାନ, ଧନ କ୍ଷେତ୍ରରେ ଶୁଭଫଳ ମିଳିବ, କୌଣସି ଦିଗରୁ ରୋଜଗାର ନିମନ୍ତେ ସୁଯୋଗ ମିଳିବ । ମୋଟରଯାନ ଏବଂ କଳକାରଖାନା ସମ୍ବନ୍ଧିୟ କ୍ଷେତ୍ରରେ ରୋଜଗାରର ବାଟ ଫିଟିବ । ପିଲାମାନେ ଆଶା ଠାରୁ ଅଧିକ ଶୁଭଫଳ ପାଇବେ ।



**ମିଥୁନ:** କୌଣସି ପ୍ରକାର ଯୋଜନାରେ ସଫଳ ହେବେ । କୌଣସି ଅତିତର ଯୋଜନାରେ ସଫଳ ହେବେ । କପଡା ବ୍ୟବସାୟ, ଜଳ ଏବଂ ମୃଦୁପାନୀୟ ବ୍ୟବସାୟ, ଔଷଧ ବ୍ୟବସାୟରେ ଉନ୍ନତି ଅନୁଭୁତ ହେବ । ପିଲାମାନଙ୍କର ଭବିଷ୍ୟତର ପାଠପଢା ଚାକିଡି କ୍ଷେତ୍ରରେ ଶୁଭ ଖବର ମିଳିବ ।



**କର୍କଟ:** ଟଙ୍କା ପଇସାକୁ ନେଇ ଚିନ୍ତା କମିବ ଏବଂ କୌଣସି ଜାଗାରୁ ଅର୍ଥ ଓ କର୍ମ ପ୍ରାପ୍ତିର ସୂଚନା ମିଳିବ । ନୂଆ ଭୂମି କ୍ରୟ, ଗାଡି କ୍ରୟ, ରୋଜଗାର ପନ୍ଥା, ଔଷଧ ଏବଂ ଖେଳ ସାମଗ୍ରୀ ଜନିତ ବ୍ୟବସାୟ ଆଦି କ୍ଷେତ୍ରରେ ଶୁଭଫଳ ମିଳିବ ।



**ସିଂହ:** ଆଜି ରିଷ୍ଟ ପୂର୍ଣ୍ଣ ଦିବସ ରହିବ । ତେଣୁ ମଥାରେ ରକ୍ତ ଚନ୍ଦନ ଲଗାନ୍ତୁ ରିଷ୍ଟ ଖଣ୍ଡନ ହେବା ସହିତ ମନ ସକରାତ୍ମକ ଓ ଶାନ୍ତ ରହିବ । ମନ ଦ୍ୱନ୍ଦ ମଧରେ ରହିବ, କାହା ସହିତ ମତାନ୍ତର ହେବ । ତେଣୁ ଦିନ ଭରି ନିରବ ରହିବେ ମାତ୍ର କିଛି ସମସ୍ୟାରୁ ମୁକ୍ତି ପାଇବେ । ମାତ୍ର ସନ୍ତାନ ମାନଙ୍କୁ ନେଇ ଚିନ୍ତିତ ରହିବେ ।



**କନ୍ୟା:** ଅଚାନକ ଖୁସି ଖବର ମିଳିବ । ନୂତନ କର୍ମ ସଂସ୍ଥାନର ସୁଯୋଗ ସୃଷ୍ଟି ହେବ । ପିଲାଙ୍କର ଉଚ୍ଚଶିକ୍ଷା ପ୍ରତି ଆଗ୍ରହ ବଢିବ ମାତ୍ର ଚାକିରି ବ୍ୟବସାୟରେ ସତର୍କ ରହିଥିବେ । ନଚେତ କ୍ଷୟକ୍ଷତି ହେବ । ମହିଳାମାନେ ଦୁର୍ବଳତା ଅନୁଭବ କରିବେ ।




**ତୁଳା:** ଜାଗାବାଡି ଏବଂ ଗୃହନିର୍ମାଣ ବ୍ୟବସାୟରେ ଲାଭ ହେବ । ଦୁରଯାତ୍ରା ସଫଳ ରହିବ । ଅର୍ଥ ଚିନ୍ତା ଦୂର ହେବ ଏବଂ ମାନସିକ ଶାନ୍ତି ବଢିବ । ଯାନ୍ତ୍ରିକ ବିଭାଗ ଜନିତ ଚାକିରି ବା ଆୟର ବାଟ ମିଳିବ, ମନ ଉଗ୍ରସ୍ୱଭାବ ଭରା ରହିବ । ତେଣୁ ଦିନର ଅଧିକାଂଶ ସମୟ ନିରବ ରହିବା ଶୁଭ ।



**ବିଛା:** ମନର ଆଶା ପୁରଣ ହେବ । ଚେଷ୍ଟା କରୁଥିବା କାମ ଗୁଡିକରେ ସଫଳ ହେବେ ତେଣୁ ମାନସିକ ଶାନ୍ତି ପ୍ରାପ୍ତ ହେବ । ଚାକିରିରେ ଶୁଭତ୍ୱ ଏବଂ ବ୍ୟବସାୟରେ ଲାଭ ବଢିବ । ପୁରୁଣା ରୋଗରୁ ଉପସମ ମିଳିବ । ଶତୃଭୟ ଥିଲେ ପରିବର୍ତ୍ତନ ହେବ । ପିଲାମନଙ୍କର ଭବିଷ୍ୟତର ପାଠପଢା ଏବଂ କର୍ମ ନିଯୁକ୍ତିକୁ ନେଇ ନିଷ୍ପତି ନେବାରେ ମନ ବିଚଳିତ ରହିବ ।



**ଧନୁ:** ପାରିବାରିକ ପରିବେଷରେ ଖୁସି ମିଳିବ । ପିଲାଙ୍କର ଚାକିରିର ସୁଯୋଗ ଆସିବ । କର୍ମ କ୍ଷେତ୍ର ସ୍ଥିତିରେ ସୁଧାର ଆସିବ । ସରକାରୀ ସହାୟତା ମିଳିବ । ପରିବାରରେ ଦାୟିତ୍ୱ ବୃଦ୍ଧି ହେବ । ପାରିବାରିକ ସମ୍ପର୍କରେ ଆନନ୍ଦ ମିଳିବ । ବିଷ୍ଣୁ ସହସ୍ରନାମ ଶୁଣନ୍ତୁ କଲ୍ୟାଣ ହେବ ।



**ମକର:** କୌଣସି ପ୍ରକାରର ଧୋକା ମିଳିବ । ଚେଷ୍ଟା କରୁଥିବା କାର୍ଯ୍ୟ ବିଗିଡି ଯିବ । ଗଚ୍ଛିତ ଅର୍ଥବ୍ୟୟ ବଢିବା ଫଳରେ ମନ ଅଶାନ୍ତ ରହି ସଠିକ ନିଷ୍ପତି ନେଇ ନପାରି ମନ ଦୁଃଖ ହେବ । ହଳଦି ଅକ୍ଷତ ଓ ଚନ୍ଦନ ମଥାରେ ଟିକା ଲଗାନ୍ତୁ । ଗୁରୁଜନଙ୍କର ଆଶିର୍ବାଦ ନିଅନ୍ତୁ ।



**କୁମ୍ଭ:** ଆଜି ଦିନଟି ଶୁଭରେ ଶୁଭରେ କଟିବ । ଆଶା ଜନକ ସମସ୍ତ ପରିବେଶ ପରିସ୍ଥିତି ରହିବ । ଆଜି ବାଧାବିଘ୍ନ ରହିବ ତେଣୁ କିଛି ଚାଉଳ ଏବଂ ଗହମ ପାରାଙ୍କୁ ଦିଅନ୍ତୁ ଅଟକିଥିବା କାମ ପୁରଣ ହେବ ।



**ମୀନ:** ଚାକିରି ବ୍ୟବସାୟ ଉଭୟ କ୍ଷେତ୍ରରେ ଶୁଭ ପରିବେଶ ମିଳିବ । ପିଲାମାନେ ମହିଳାମାନେ ଆଶା ଠାରୁ ଅଧିକ ଖୁସିରେ ରହିବେ । ମନ ମୁତାବକ ଆୟ କରିବାର ସୁଯୋଗ ସୃଷ୍ଟି ହେବ । ଶିକ୍ଷାବିଭାଗ, ଠିକାଦାରି, କଳକବଜା, ପୁସ୍ତକ ମୁଦ୍ରଣ, ଆର୍ଥିକ କାରାବାର, ଜାଗାବାଡି ଗୃହନିର୍ମାଣ ଆଦି କର୍ମ ସହିତ ଜଡିତ ବ୍ୟକ୍ତିବିଶେଷ ଆଶାତିତ ଫଳ ପାଇବେ ।



ଶ୍ରୀ ଜ୍ୟୋତିଷ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କୁଚିଣ୍ଡା, (ଭାସ୍କର ନ୍ୟୁଜ୍ ): ଜାତୀୟ ସେବା ଯୋଜନା କୁଚିଣ୍ଡା ମହାବିଦ୍ୟାଳୟ ତରଫରୁ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପୃଥିବୀ ତାପମାତ୍ରାକୁ ଆଖି ଆଗରେ ରଖି ତଥା ଏକ ସବୁଜ ପରିବେଶ ସୃଷ୍ଟି କରିବା ପାଇଁ ନୂତନ ରୂପରେ ତିଆରି ହେଇଥିବା ଆଇଡିପି ବିଲ୍ଡିଂ ପରିସରରେ ୧୦୦ ଟି ଚାରା ରୋପଣ କରାଯାଇଥିଲା। +୩ ବିଭାଗ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର୍ ଅଧ୍ୟାପିକା ବେଲମତି କୁମୁରାଙ୍କ ତତ୍ତ୍ୱାବଧାନରେ ୩୦ ଜଣ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅଧକ୍ଷ ସୁଚିତ୍ରା ମିଶ୍ର ମୁଖ୍ୟ ଅତିଥି ରୂପେ ପଦାର୍ଥ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ମଞ୍ଜୁଶ୍ରୀ ସାବ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସତ୍ୟ ଶାଇ ସେବା ସଂଗଠନ ସମ୍ବଲପୁରର ସଦସ୍ୟ ମାନେ ଯୋଗ ଦେଇ ପୂର୍ଣ୍ଣ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଇଂରାଜୀ ଅଧ୍ୟାପକ କାହ୍ନୁ ଚରଣ ମୁନ୍ନା ରୂପରେଖ ପ୍ରସ୍ତୁତ କରିଥିଲେ। ବଉଳ, ଦେବଦାରୁ, ବାମ୍ବୁ, ବାହାଡା, କୃଷ୍ଣଚୂଡ଼ା ଆଦି ଚାରା ରୋପଣ କରାଯାଇଥିଲା। ସତ୍ୟ ସାଇଁ ସେବା ସଂଗଠନର ଜିଲ୍ଲା ପ୍ରେମ ତରୁ ଅଧିକାରୀ ପ୍ରଦୀପ କୁମାର ମହାଣ, ଆବାହକ ଦିଲ୍ଲୀପ ପାର୍ମାର, ଦେବରାଜ ସ୍ୱାଇଁ, ଜିଲ୍ଲା ଯୁବ ସଂଯୋଜକ ମାନସ ରଞ୍ଜନ ପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚାରାରୋପଣ କରିଥିଲେ। ଏହା ପରେ ଏକ ସଭାର ଆୟୋଜନ ହୋଇଥିଲା, ସ୍ୱେଚ୍ଛାସେବୀମାନଙ୍କୁ ଚାରାରୋପଣ ଏବଂ ପରିବେଶ ସୁରକ୍ଷାର ମହାତ୍ମ୍ୟ ଏବଂ ସେମାନଙ୍କର ଭୂମିକା ଉପରେ ମାନସ ରଞ୍ଜନ ପତି ଉଦବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରୀ କାହ୍ନୁ ଚରଣ ମୁନ୍ନା ପରିଚାଳନା କରିଥିବା ବେଳେ ଅଧ୍ୟାପିକା ବେଲମତି କୁମୁରା ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଷକର ରିପୋର୍ଟ କାର୍ଡ଼ ଉପସ୍ଥାପନ କଲେ ବିଧାୟକ



ରାଉରକେଲା, (ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଜନତା ପାର୍ଟି ସରକାରର ଏକ ବର୍ଷ ପୂର୍ତ୍ତି ହୋଇଯାଇଛି। ଇତିମଧ୍ୟରେ ପ୍ରଥମ ଥର ପାଇଁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କର ମଧ୍ୟ ବିଧାନସଭାରେ କାର୍ଯ୍ୟକାଳର ଏକ ବର୍ଷ ପୂର୍ତ୍ତି ଅବସରରେ ନିଜ ନିର୍ବାଚନ ମଣ୍ଡଳୀରେ ବସବାସ କରୁଥିବା ଆବାଳବୃଦ୍ଧବନିତା ମାନଙ୍କର ସର୍ବାଙ୍ଗୀନ ବିକାଶ ନିମିତ୍ତ ହୋଇଥିବା କାର୍ଯ୍ୟର ଏକ ବାର୍ଷିକ ରିପୋର୍ଟ କାର୍ଡ଼ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ବିଧାୟକ ଶ୍ରୀ ଦୁର୍ଗା ଜନତାଙ୍କ ସମ୍ମୁଖରେ ଉପସ୍ଥାପନ କରିଛନ୍ତି। ସେକ୍ଟର-୭ ସ୍ଥିତ ପ୍ରଜାପତି ମଣ୍ଡପରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ବିଧାୟକ ଦୁର୍ଗା ତନ୍ତୀ ନିଜ କାର୍ଯ୍ୟକାଳର ଏକ ବର୍ଷର ରିପୋର୍ଟ କାର୍ଡ଼ ପ୍ରଦାନ କରିବା ସହ ନିଜ ବକ୍ତବ୍ୟରେ ରଘୁନାଥପାଲ୍ଲୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲାଠିକଟା ବ୍ଲକ ଅଧୀନରେ ଥିବା ମୁଣ୍ଡାଜୋର, ଗମାରଜୋଡ଼ି, ସୁରୁଡ଼ିହି, ଯଲଦା, କଲାଣି, ହାତିବନ୍ଧ ଏବଂ ଲାଠିକଟା ସମେତ ୭ଟି ଗ୍ରାମ ପଞ୍ଚାୟତରେ ବିଭିନ୍ନ ଗ୍ରାମରେ ୨୦ କୋଟି ଟଙ୍କା ବ୍ୟୟରେ ଏକାଧିକ ରାସ୍ତା ନିର୍ମାଣ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଅନେକ ଗ୍ରାମରେ ଆଲୋକର ବ୍ୟବସ୍ଥା ନିମିତ୍ତ ହାଇମାକ୍ସ ଲାଇଟ ଏବଂ ଅନେକ ଜାଗାରେ ଷ୍ଟ୍ରିଟ ଲାଇଟ ଲଗାଇବା ଏବଂ କେତେକ ଗ୍ରାମରେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିବାବେଳେ ଇସ୍ପାତ ସହରାଞ୍ଚଳର ସେକ୍ଟର-୫ ସ୍ଥିତ କବ ସମ୍ରାଟପାଲ୍ଲୀରେ,ସେକ୍ଟର-୧୩ ବସ୍ତି ଏବଂ ସେକ୍ଟର-୧୫ ମଲ୍ଲିକ ବସ୍ତିରେ ପାଇପ ଯୋଗେ ଶୁଦ୍ଧ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିବା ବେଳେ ଇସ୍ପାତ ସହରାଞ୍ଚଳ ଏବଂ ଦକ୍ଷିଣ ରାଉରକେଲାର ଅନେକ ସ୍ଥାନରେ ଶୋଚନୀୟ ହୋଇଯାଇଥିବା ରାସ୍ତା ଗୁଡ଼ିକର ଆବଶ୍ୟକତା ଅନୁସାରେ ମରାମତି/ନିର୍ମାଣ ଆଦି କରାଯାଉଛି ବୋଲି ପ୍ରକାଶ କରିଥିଲେ। ସ୍ଥାନୀୟ ଅଞ୍ଚଳର ବେକାର ଯୁବକ ଓ ଯୁବତୀ ମାନଙ୍କୁ ବିଭିନ୍ନ କମ୍ପାନୀ ମାନଙ୍କରେ ନିଯୁକ୍ତିକୁ ନେଇ ସାମ୍ବାଦିକ ମାନଙ୍କ ଏକ ପ୍ରଶ୍ନର ଉତ୍ତରରେ ବିଧାୟକ ଶ୍ରୀ ଦୁର୍ଗା ନିକଟ ଅତୀତରେ ସେ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କୁ ସାକ୍ଷାତ କରି ସ୍ଥାନୀୟ ଅଞ୍ଚଳ ବେକାର ଯୁବକଯୁବତୀଙ୍କୁ ବିଭିନ୍ନ କମ୍ପାନୀରେ ନିଯୁକ୍ତିରେ ପ୍ରାଥମିକତା ଦେବା ସହିତ ମାତୃଭାଷା କାର୍ଯ୍ୟ ସ୍ଥାନୀୟ ଠିକାଦାରଙ୍କ ମାଧ୍ୟମରେ କରାଇବା ପାଇଁ ଲିଖିତ ଭାବେ ପ୍ରଦାନ କରିଛନ୍ତି ବୋଲି କହିଥିଲେ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ କହିବା ସହ ଅଞ୍ଚଳର ସର୍ବାଙ୍ଗୀନ ବିକାଶକୁ ପ୍ରାଥମିକତା ଦେଇ ମୁଁ ନିରନ୍ତର ପ୍ରୟାସ କରିଚାଲିଛି ଆଗକୁ ମଧ୍ୟ କରିଚାଲିଥିବା ବୋଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ପ୍ରକାଶ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ବରିଷ୍ଠବିଜେପି ନେତା ତଥା ରାଜ୍ୟ ମୁଖପାତ୍ର ଧ୍ରୁବେନ ଜେନାପତି ମଧ୍ୟ ସାମ୍ବାଦିକମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିବା ବେଳେ ଭାରତୀୟ ଜନତା ପାର୍ଟି ରାଉରକେଲା ସାଙ୍ଗଠନିକ ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟା, ପୂର୍ବତନ ସଭାନେତ୍ରୀ ଲତିକା ପଟ୍ଟନାୟକ ଏବଂ ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାସ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ।

## ନଦୀରେ ବୁଡ଼ି କାଉଡ଼ିଆଙ୍କ ମୃତ୍ୟୁ


ଗୁଣପୁର, (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ପୁତାସିଂ ଥାନା ଅନ୍ତର୍ଗତ ଭୀମପୁର ପଞ୍ଚାୟତ ଦୀନବନ୍ଧୁପୁର ମହେନ୍ଦ୍ର ତନୟା ନଦୀରେ ବୁଡ଼ି ଜଣେ ବୋଲବମ ଭକ୍ତଙ୍କ ମୃତ୍ୟୁ ଘଟିଛି। ମୃତ ବୋଲବମ ଭକ୍ତ ଜଣକ ହେଉଛନ୍ତି ଗଜପତି ଜିଲ୍ଲା ନୂଆଗଡ ବ୍ଲକ ଅନ୍ତର୍ଗତ କେ ଖଲର ସିଂ ଗ୍ରାମର ଦେବଦତ୍ତ ବେହେରା ବଲେ ବୋଲି ଜଣାପଡିଛି। ସୂଚନାଯୋଗ୍ୟ ଯେ ମୃତ ଭକ୍ତ ଜଣକ ଗ୍ରାମର ୩୦ ଜଣ ଭକ୍ତଙ୍କ ସହ ଶ୍ରାବଣ ସମବାର ରେ ଭୀମପୁର ଶୈବ ପୀଠକୁ ଜଳ ଲାଗି ଆସିଥିଲେ। ତେବେ ଶୌଚ ହେବା ପାଇଁ ନଦୀକୁ ଯାଇ ଫେରି ନଥିଲେ। ଫଳରେ ବିଳମ୍ବ ହେବାରୁ ସାଥିରେ ଥିବା ଅନ୍ୟ କାଉଡ଼ିଆ ଭକ୍ତ ମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ ଖୋଜା ଖୋଜି କରିଥିଲେ। ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚିବା ବେଳେକୁ ସ୍ଥାନୀୟ ଲୋକ ମୃତ ଶରୀରକୁ ଉଦ୍ଧାର କରିଥିଲେ। ପୁତାସିଂ ପୋଲିସ ଶବକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

# ପ୍ରେରଣାଦାୟକ କାର୍ଯ୍ୟ ପାଇଁ ଜିଲ୍ଲାପାଳ ପୁରସ୍କୃତ



ନୂଆପଡ଼ା, (ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲାପାଳ ମଧୁସୂଧନ ଦାସ ପ୍ରେରଣାଦାୟକ କାର୍ଯ୍ୟ ପାଇଁ ପୁରସ୍କୃତ ହୋଇଛନ୍ତି। ଇଣ୍ଡଷ୍ଟ୍ରି ଟାଇମ୍ସ ଇଂରାଜୀ ମାସିକ ପତ୍ରିକା ପକ୍ଷରୁ ଜିଲ୍ଲାପାଳ ଶ୍ରୀ ଦାସଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଚଳିତ ବର୍ଷ ନୂଆପଡ଼ା ଜିଲ୍ଲା ବିକାଶ ଏବଂ ବିକଶିତ ଜିଲ୍ଲା ଗଠନରେ ମୁଖ୍ୟ ଭିତ୍ତିଭୂମି, ଏକ ନମ୍ବର ଜିଲ୍ଲା ପାଇଁ ସଫଳତା ଦେଇଥିବା ନୂଆପଡ଼ା ଜିଲ୍ଲାପାଳ ମଧୁସୂଧନ ଦାଶ ଭୁବନେଶ୍ୱର ଠାରେ ସମ୍ମାନ ଗ୍ରହଣ କରିଛନ୍ତି। ତାଙ୍କର କାର୍ଯ୍ୟଶୈଳୀ, ଦରଦୀ ମଣିଷ ଭଳି ସମସ୍ତଙ୍କୁ ଉତ୍ସାହ ପ୍ରଦାନ କରିଆସୁଛନ୍ତି। ଶ୍ରମିକ ଠାରୁ ଆରମ୍ଭ କରି ସମାଜର ଅନ୍ତିମ ସ୍ତରରେ ଥିବା ମଣିଷଙ୍କ ହୃଦୟରେ ନିଜ ସ୍ୱତନ୍ତ୍ର ସ୍ଥାନ କରିପାରିଛନ୍ତି। ସଭିଙ୍କୁ ଆପଣାର କରିବାର ନିଖୁଣ କଳା, ସାଧାରଣ ଆହ୍ୱାନ ଏକ ଅଭିଯାନ,ଜନ୍ ଜାଗରଣରେ ପରିଣତ ବ୍ୟକ୍ତିତ୍ୱ। ରଫା ଧରି ମାଟି ତୋଳି ଶ୍ରମିକଙ୍କୁ ଉତ୍ସାହ ପ୍ରଦାନ, ଲୋହରା ଶାଳରେ ଗରମ ଲୁହାକୁ ଶକ୍ତ ପାହାର, ପ୍ରକୃତି ସୁରକ୍ଷା ପାଇଁ ଲକ୍ଷାଧିକ ଚାରା ରୋପଣ, ଏକକ ବ୍ୟବହାର ପ୍ଲାଷ୍ଟିକ ମୁକ୍ତ ଜିଲ୍ଲାର ସଂକଳ୍ପ ଅନନ୍ୟ ଉଦାହରଣ ଅଟେ।

## ସାମ୍ବାଦିକଙ୍କ ମାତୃ ବିୟୋଗ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ଦୀର୍ଘ ଦିନ ଧରି ସାମ୍ବାଦିକ ଭାବେ କାର୍ଯ୍ୟ କରି ଆସୁଥିବା ଦିଲୀପ ପଟ୍ଟନାୟକଙ୍କ ମାତା ଶାନ୍ତି କୁମାରୀଙ୍କ ୫୬ ବର୍ଷ ବୟସରେ ବିୟୋଗ ଘଟିଛି। ସେ ୨୦୧୭ ମସିହାରୁ ପକ୍ଷାଘାତ ଏବଂ ମସ୍ତିଷ୍କାଘାତ ରୋଗରେ ପୀଡିତ ଥିଲେ। ସେ ଜିଲ୍ଲା ସଦର ବ୍ଲକ ଗଙ୍ଗଲା ପଞ୍ଚାୟତ ଅନ୍ତର୍ଗତ କଟାମେଟା ସ୍ଥିତ ନିଜ ବାସଭବନରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ଦେହାନ୍ତ ହୋଇଯାଇଛି। ଏହି ଖବର ପାଇ ଶ୍ରୀ ପଟ୍ଟନାୟକଙ୍କ ବାସ ଭବନରେ ଆତ୍ମୀୟସ୍ୱଜଙ୍କ ସହ ମାଲକାନଗିରି ସହରର ବିଶିଷ୍ଟ ବ୍ୟକ୍ତି ମାନେ ଉପସ୍ଥିତ ରହି ସୋକ ସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

# ମେଡିକାଲ ପଛରୁ ମୃତଦେହ ଉଦ୍ଧାର, ତଦନ୍ତ ଜାରି

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର କୁଡୁମୁଲୁ ଗୁମ୍ମା ମେଡିକାଲ ପାଖରେ ଥିବା ପଛପଟ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କର ମୃତଦେହ ଉଦ୍ଧାର କରାଯାଇଛି। ମୃତ ବ୍ୟକ୍ତି ଜଣକ ମହାଦେବ ମୁର୍ମୁ ବୋଲି ଜଣାପଡିଛି। ସେ ମାଲକାନଗିରି ଏମ.ଭି.୬ ଅଞ୍ଚଳର ନିବାସୀ ବୋଲି ଜଣାପଡ଼ିଛି । ତିନିଦିନ ପୂର୍ବରୁ, ଅର୍ଥାତ ୨୪ ତାରିଖରେ ସେ ତାଙ୍କ ଭଉଣୀଙ୍କ ଘରକୁ ବୁଲିବା ପାଇଁ ଯାଇଥିଲେ। ତେବେ, ରବିବାର ସନ୍ଧ୍ୟା ପରେ ସେ ଘରକୁ ଫେରିନଥିଲେ, ଯାହା ନେଇ ପରିବାର ଲୋକେ ଚିନ୍ତିତ ହୋଇଥିଲେ । ସକାଳେ ତାଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ସ୍ଥାନୀୟ ଫାଣ୍ଡି ଅଧିକାରୀ ଘଟଣା ସ୍ଥଳକୁ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ । ପୋଷ୍ଟମର୍ଟମ ପାଇଁ ଜିଲ୍ଲା ଚିକିତ୍ସାଳୟକୁ ପଠାଇଥିଲେ। ଏହି ସମ୍ବନ୍ଧରେ ଥାନାରେ କେସ୍ ରେଜିଷ୍ଟର୍ କରାଯାଇଛି । ( ମାଲକାନଗିରି ଥାନା କେସ୍ ନମ୍ବର ୨୧/୨୦୨୫) ଏବଂ ବିସ୍ତୃତ ତଦନ୍ତ ଚାଲିଛି। ଥାନା ଅଧିକାରୀ ଶ୍ରୀ କୃଷ୍ଣଚନ୍ଦ୍ର ହିଆଲ ଜଣାଇଛନ୍ତି, " ଏହି ଘଟଣାର ସ୍ପଷ୍ଟ କାରଣ ଏପର୍ଯ୍ୟନ୍ତ ଜଣାଯାଇନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁ କାରଣ ସ୍ପଷ୍ଟ ହେବାର ସମ୍ଭାବନା ଅଛି । ଯଦି କୌଣସି ଅସାଧାରଣ କିମ୍ବା ଅପରାଧିକ ଘଟଣା ନିମିତ୍ତରେ ମୃତ୍ୟୁ ଘଟିଥିଲେ, ତେବେ ତଦନ୍ତ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।" ଘଟଣା ସ୍ଥଳ ଚାରିପାଖ ରେ ସିସିଟିଭି ଫୁଟେଜ ଖୋଜାଯାଉଛି, ଆଖପାଖର ଲୋକଙ୍କୁ ପଚାରାଉଛନ୍ତି, ଯାହା ଆଗାମୀ ତଦନ୍ତ ପାଇଁ ସହାୟକ ହେବ । ମୃତକଙ୍କ ପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି। ସେମାନେ ସରକାର ଓ ପୋଲିସ ପ୍ରଶାସନଙ୍କୁ ଏହି ଘଟଣା ପଛର ସତ୍ୟ ଆଉ ଦୋଷୀଙ୍କୁ ଖୋଜି ବାହାର କରିବା ଦାବି କରିଛନ୍ତି।

# ଚମ୍ପିରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି




ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍‌ର ଚମ୍ପି ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଆଜି ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି। ସରପଞ୍ଚ ମଞ୍ଜି ପ୍ରାସ୍କାଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶିବିରରେ ବହୁ ସଂଖ୍ୟାରେ ଗ୍ରାମବାସୀ ଯୋଗ ଦେଇଥିଲେ ହେଲେ ମାତ୍ର ତିନଟି ଅଭିଯୋଗ ହୋଇଥିବା ଜଣା ପଡିଛି। ଏହି ଶିବିରରେ ଭାରପ୍ରାପ୍ତ ଜିପିଓ ପ୍ରଫୁଲ୍ଲ ସାହୁ ଓ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭବତୋଷ ସ୍ୱାଇଁ ଯୋଗ ଦେଇ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ଆସିଥିବା ଅଭିଯୋଗ ମଧ୍ୟରୁ ଯାହା ବ୍ଲକ ସ୍ତରରେ ହେଇ ପାରିବ ତାହା ତୁରନ୍ତ ସମାଧାନ ହେବ ବାକି ଜିଲ୍ଲା ସ୍ତରକୁ ପଠାଯିବ ବୋଲି କହିଥିଲେ।ଏହି ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ଉପଲକ୍ଷେ ଶିଶୁ କଲ୍ୟାଣ ବିଭାଗ,ଶିକ୍ଷା, ସ୍ୱାସ୍ଥ୍ୟ ଓ କ୍ଷୁଦ୍ର ଜଳ ସେଚନ ବିଭାଗକୁ ଛାଡି ଦେଲେ ଅନ୍ୟ କୌଣସି ବିଭାଗର ଦେଖା ନଥିଲା।ଲକ୍ଷ୍ମୀପୁର ବ୍ଲକରେ ଥିବା ଗୋଟିଏ ଲେଖାଏଁ ପଞ୍ଚାୟତରେ ମାସର ପ୍ରତ୍ୟେକ ସୋମବାର ଦିନ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ଅନୁଷ୍ଠିତ ହେଉଛି। ହେଲେ ଗୋଟିଏରୁ ଦୁଇଟି ବିଭାଗ କୁ ଛାଡିଦେଲେ ଅନ୍ୟ କୌଣସି ବିଭାଗର ଅଧିକାରୀ ଯୋଗଦେଉନାହାନ୍ତି।ଫଳରେ ଲୋକେ ବି ଯାହା ଅଭିଯୋଗ ଥିଲେ ଅଭିଯୋଗ କରିବାକୁ ଆସୁ ନଥିବାରୁ ହାତ ଗଣତି ଅଭିଯୋଗ ହେଉଛି। ଯେଉଥି ପାଇଁ ପଞ୍ଚାୟତ ଗୁଡିକରେ ଲାଗି ରହୁଥିବା ସମସ୍ୟା ସମାଧାନ ନହୋଇ ରହି ଯାଉଛି। ଏଇ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ରେ ପ୍ରତ୍ୟେକ ବିଭାଗର ଅଧିକାରୀ ଯୋଗ ଦେବା ନିୟମ ଥାଇବି କଣ ପାଇଁ ସେମାନେ ଯୋଗ ଦେଉ ନାହାନ୍ତି।ସେମାନଙ୍କ ପ୍ରତି ବ୍ଲକ ପ୍ରଶାସନ କଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏହି ଶିବିରରେ ଅଙ୍ଗନବାଡି କର୍ମୀ,ଏମ୍ପିକେ ଓ ସିଆରପି ମହିଳା ମହିଳା, ୱାର୍ଡ ସଭ୍ୟ,ସଭ୍ୟା ମାନେ ଉପସ୍ଥିତ ଥିବା ବେଳେ ଦୁଇଟି ଭଡା ଓ ଚମ୍ପି ଏକ ନମ୍ବର ଅଙ୍ଗନବାଡି କେନ୍ଦ୍ର ବିପଦ ସଂକୁଳ ଅବସ୍ଥାରେ ଥିବା ଭଳି ମାତ୍ର ତିନଟି ଅଭିଯୋଗ ହୋଇଥିଲା।ପଞ୍ଚାୟତ ନିର୍ବାହୀ ଅଧିକାରୀ ସଞ୍ଜୀବ ବିଡିକା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏଡିଓ କୃପାଳିନି ମହାନନ୍ଦିଆ,ବିପିନ ଚେଟି ଦାମଦର ଖଣ୍ଡପାଣି ସହଯୋଗ କରିଥିଲେ।

## ଘରୋଇ ବସ୍ କର୍ମଚାରୀଙ୍କ ମଧ୍ୟରେ ବିବାଦ

# ଅଟକିଲା ବସ୍, ଯାତ୍ରୀ ହନ୍ତସନ୍ତ

କୋରାପୁଟ, (ଭାସ୍କର ନ୍ୟୁଜ) କୋରାପୁଟ ଘରୋଇ ବସ୍ କର୍ମଚାରୀଙ୍କ ମଧ୍ୟରେ ବିବାଦ ଦେଖା ଦେବାରୁ ଅପରାହ୍ନ ସମୟରେ ବସ୍‌ଷ୍ଟାଣ୍ଡରେ ଅଟକି ରହିଥିଲା ଘରୋଇ ବସ୍ । ଅନ୍ୟପଟେ ସ୍ଥାନ ଅଭାବରୁ ବସ୍‌ଷ୍ଟାଣ୍ଡ ଭିତରକୁ ପଶି ପାରିଲାନି ସରକାରୀ ବସ୍ । ଫଳରେ ସରକାରୀ ବସ୍‌କୁ ଅପେକ୍ଷା କରିଥିବା ଯାତ୍ରୀମାନେ ହନ୍ତସନ୍ତ ହୋଇଥିଲେ। ସୂଚନା ଅନୁଯାଇ, ହନୁମାନ ନାମକ ଏକ ଘରୋଇ ବସ୍‌ର କଣ୍ଡକ୍ଟର ନୀଳାଦ୍ରୀ କଟାପଲ୍ଲୀଙ୍କ ସହିତ ବସ୍‌ଷ୍ଟାଣ୍ଡରୁ ବସ୍ ଛାଡିବାକୁ ନେଇ ଅନ୍ୟ ଏକ ବସ୍‌ର କଣ୍ଡକ୍ଟରଙ୍କ ମଧ୍ୟରେ ବିବାଦ ହୋଇଥିଲା । ଏପିରିକି କଣ୍ଡକ୍ଟର ଜଣଙ୍କ ମାଡ ମାରିଥିବା ନୀଳାଦ୍ରୀ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅନ୍ୟପକ୍ଷ ଏହାର ପ୍ରତିବାଦରେ ଘରୋଇ ବସ୍‌ର କର୍ମଚାରୀମାନେ ଘରୋଇ ବସ୍ ଗୁଡିକୁ ବସ୍‌ଷ୍ଟାଣ୍ଡରେ ଅଟକାଇ ରଖିଥିଲେ। ଫଳରେ ବସ୍‌ଷ୍ଟାଣ୍ଡରେ ବସ୍ ପ୍ରବେଶ ଓ ବୁଲାଇବା ପାଇଁ ସ୍ଥାନ ଅଭାବ ଯୋଗୁଁ ଦୂର ଦୂରରୁ ଆସୁଥିବା ସରକାରୀ ବସ୍ ଗୁଡିକ ବସ୍‌ଷ୍ଟାଣ୍ଡ ଭିତରକୁ ପ୍ରବେଶ କରିପାରିନଥିଲା। ଏଥିରେ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏସଂପର୍କରେ ଟାଉନ ଥାନ ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କୁ କହିଛନ୍ତି କଣ୍ଡକ୍ଟର ଦେଇଥିବା ଏତଲାକୁ ଆଧାର କରି ତଦନ୍ତ ଜାରି ରହିଛି । ବସ୍ ମାଲିକ ସଂଘ ସମ୍ପାଦକ ଫିରୋଜ କୁମାର ତୁରୁକଙ୍କୁ ଯୋଗାଯୋଗ କରିବାରୁ ସମାଧାନ ପାଇଁ ବସ୍ କର୍ମଚାରୀମାନଙ୍କୁ ବୁଝାସୁଝା କରିବା ସହ ଆଲୋଚନା ଜାରି ରହିଛି ବୋଲି କହିଛନ୍ତି ।

# ୯ରେ ମୁଖ୍ୟମନ୍ତ୍ରୀଙ୍କ ଜୟପୁର ଗସ୍ତ

କୋରାପୁଟ, (ଭାସ୍କର ନ୍ୟୁଜ): ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ସହାୟତା ବଣ୍ଟନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୋରାପୁଟ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଛି । ଅଗଷ୍ଟ ୯ ତାରିଖରେ ମୁଖ୍ୟମନ୍ତ୍ରୀ ଜୟପୁର ଠାରେ ପହଂଚି ସୁଭାଦ୍ରା ହିତାଧିକାରୀଙ୍କୁ ସହାୟତା ବଣ୍ଟନ କରିବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସୂଚନା ମିଳିଛି । ଜୟପୁରର ସଭା କାର୍ଯ୍ୟରେ ମୁଖ୍ୟମନ୍ତ୍ରୀ ସେହିଦିନ ୧୧ଟା ୩୦ମିନିଟରେ ପଂହଚିବାର କାର୍ଯ୍ୟକ୍ରମ ରହିଛି । ୧୨.୫୯ରେ ପୁଣି ଜୟପୁର ସଭାରୁ ବାହାରିବା କାର୍ଯ୍ୟସୂଚୀ ରହିଥିବା ବିଜେପି ନେତା ଗୌତମ ସାମନ୍ତରାୟ ସୂଚନା ଦେଇଛନ୍ତି । ଜିଲ୍ଲା ପ୍ରଶାସନ ତରଫରୁ କେଉଁ ସ୍ଥାନରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ତାହା ଘୋଷଣା କରାଯାଇ ନାହିଁ ।

## ପୂର୍ବଶତ୍ରୁତାକୁ ନେଇ ସାମ୍ବାଦିକଙ୍କୁ ମାଡ

# ୨ ଗିରଫ ଓ ଜଣେ ଫେରାର



ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ସହରର ଶ୍ୟାମକୁଞ୍ଜ ଲଜ ନିକଟରେ ଦୋକାନ ଦେଇଥିବା ବଲାଙ୍ଗୀର ଜିଲ୍ଲା, ଟିଟିଲାଗଡ଼ ସହରର ସାମ୍ବାଦିକ ସତ୍ୟ ବ୍ରତ ଷଡଙ୍ଗୀଙ୍କୁ ପୂର୍ବ ଶତ୍ରୁତାକୁ ନେଇ ଗତ ଜୁନ ୨୯ ତାରିଖରେ ଦୋକାନ ଭିତରକୁ ପଶି ତିନି ଜଣ ଯୁବକ ଖଡ଼ିଆଳ ସହରର ଆଲୋକ ସାହୁ (୩୮) ସୁମନ୍ତ ସଗରିଆ (୩୪) ଓ ମୁଖ୍ୟ ଅଭିଯୁକ୍ତ ଆଲୋକ ସାହୁ (୪୦) ଲୁହାରଡ଼ ମରଣାନ୍ତକ ଆକ୍ରମଣ କରି ମୃତ ଭାବି ଛାଡି ଫେରାର ହୋଇ ଯାଇଥିଲେ। ଏନେଇ ଶ୍ରୀ ଷଡଙ୍ଗୀ ସେହି ଦିନ ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାଡ ମାରିବା ପରେ ତିନି ଜଣ ଫେରାର ହୋଇ ବିଭିନ୍ନ ସ୍ଥାନରେ ଲୁଚି ରହିଥିବା ବେଳେ ରବିବାର ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ପଲସଦା ଗ୍ରାମରେ ଲୁଚିଥିବା ଖବର ପାଇ ଖଡ଼ିଆଳ ପୋଲିସ ପକ୍ଷରୁ ଗୋଡେଇ ଗୋଡେଇ ଧରିଥିବା ପୋଲିସ ସୂତ୍ରରୁ ପ୍ରକାଶ। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଆଲୋକ ସାହୁ (୪୦) ଫେରାର ଥିବାବେଳେ ତାର ଦୁଇ ସହଯୋଗୀ ଆଲୋକ ସାହୁ ଓ ସୁମନ୍ତ ସଗରିଆଙ୍କୁ ଗିରଫ କରି ୧୯୬/୨୫ ମାମଲା ରୁଜୁ କରି ସୋମବାର କୋର୍ଟ ଚାଲାଣ କରିଥିବା ବେଳେ ଫେରାର ଥିବା ଅନ୍ୟ ଅଭିଯୁକ୍ତକୁ ତୁରନ୍ତ ଧରା ଯିବା ବୋଲି ଖଡ଼ିଆଳ ଥାନା ଅଧିକାରୀ ଦିଲିପ କୁମାର ସାହୁ ପ୍ରକାଶ କରିଛନ୍ତି। ତଦନ୍ତ ଅଧିକାରୀ ଏସ, ଆଇ ଅଶୋକ ବିହାରୀ ଥିବା ବେଳେ ଏସ,ଆ ଇ, ମିନତୀ ବଡ ନାୟକ ମଧ୍ୟ ସହଯୋଗ କରିଥିଲେ।

## ନଦୀକୁ ନଯିବାକୁ ସତର୍କ କଲା ପ୍ରଶାସନ

ବୌଦ୍ଧ , (ଭାସ୍କର ନ୍ୟୁଜ୍): ବୌଦ୍ଧ ତହସିଲ ବାଉଁଶୁଣୀ ରାଜସ୍ୱ ସର୍କଲ ଅନ୍ତର୍ଗତ ବହିରା ଗ୍ରାମ ପଞ୍ଚାୟତର ତେନ୍ତୁଳିପାଲି ଗ୍ରାମ ଠାରେ ନଦୀ କୂଳିଆ ଗ୍ରାମବାସୀଙ୍କୁ ମହାନଦୀ ମଧ୍ୟକୁ ନଯିବା ପାଇଁ ସତର୍କ କରିଛି ପ୍ରଶାସନ । ବୌଦ୍ଧ ତହସିଲର ଅତିରିକ୍ତ ତହସିଲଦାର କୁମୁଦ ଚନ୍ଦ୍ର ଦଳ ବେହେରା, ଭାରପ୍ରାପ୍ତ ତହସିଲଦାର ମହମ୍ମଦ୍ ରୋଜାଏ ରସୁଲ, ରାଜସ୍ୱ ସୁପରଭାଇଜର ହମିଦ୍ ମଲ୍ଲିକ ପ୍ରମୁଖ ମହାନଦୀର ଖାଲୁଆ ଅଂଚଳରେ ରହୁଥିବା ତେନ୍ତୁଳି ପାଲି ଓ ଅନ୍ୟାନ୍ୟ ଗ୍ରାମ ପରିଦର୍ଶନ କରି ଲୋକଙ୍କୁ ସଚେତନ କରାଇ ଥିଲେ । ନଦୀ ମଧ୍ୟକୁ ମାଛ ମାରିବା ପାଇଁ କିମ୍ବା ଅନ୍ୟ କୌଣସି କାର୍ଯ୍ୟରେ ନଯିବାକୁ ସଚେତନ କରାଇ ଥିଲେ ।

# ‘ମା’ ପାଇଁ ଗଛଟିଏ’ କାର୍ଯ୍ୟକ୍ରମ



ଉମରକୋଟ, (ଭାସ୍କର ନ୍ୟୁଜ୍): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉମରକୋଟରେ ରାତ୍ର ରହଣି କରିଥିଲେ । ଉମରକୋଟ ପହଞ୍ଚିବା ସମୟରେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାମାନେ ଭବ୍ୟ ସମ୍ବର୍ଦ୍ଧନା କରିଥିଲେ। ଏହାପରେ ଦଳର କର୍ମକର୍ତ୍ତା ସହ ସୌଜନ୍ୟ ମୂଳକ ସାକ୍ଷାତ କରି ଦଳୀୟ ସଂଗଠନ ଓ ଲୋକଙ୍କ ବିଭିନ୍ନ ସମସ୍ୟା ସହିତ ଜଡିତ ରହିବାକୁ ପରାମର୍ଶ ଦେଇଥିଲେ। ଏହାପରେ ସକାଳେ ରାଇଘର ବ୍ଲକ ଗସ୍ତ ସମୟରେ ଉମରକୋଟ ପେଣ୍ଡ୍ରାଣୀ ମନ୍ଦିରରକୁ ଯାଇ ମା’ଙ୍କୁ ଦର୍ଶନ କରି ମନ୍ଦିର ପରିସରରେ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଚାରା ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗଣଶିକ୍ଷାମନ୍ତ୍ରୀ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତରା ,ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ଭାରତୀୟ ଜନତା ପାର୍ଟିର ରାଜ୍ୟ ସମ୍ପାଦକ ଶ୍ରୀ ରମେଶ ଚନ୍ଦ୍ର ସାହୁ, ସାଂସଦଙ୍କ ପ୍ରତିନିଧି ରାମ ନାୟକ, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢୀ, ନଗର ସଭାପତି ସନ୍ତୋଷ ଶର୍ମା, ସହ ନଗର କାର୍ଯ୍ୟ କର୍ତ୍ତା ମାନେ ଉପସ୍ଥିତ ଥିଲେ ।

# ସାର କଳାବଜାରୀ ପାଇଁ ଚିନ୍ତାରେ ଚାଷୀ



ଉମରକୋଟ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାରେ ଦିନକୁ ଦିନ ରାସାୟନିକ ସାରର କଳାବଜାର ଯୋଗୁଁ ଚାଷୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଜିଲ୍ଲାର ଉମରକୋଟ ସହରକୁ ବ୍ୟବସାୟର ପେଣ୍ଠସ୍ଥଳୀ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଠାରେ କିଛି ବ୍ୟବସାୟୀ ସାର ଗଚ୍ଛିତ ରଖି ଚାଷୀ ମାନଙ୍କୁ ଚଢ଼ା ଦରରେ ବିକ୍ରୟ କରି ମାଲାମାଲ ହେଉଛନ୍ତି। ଏବଂ ସେହି ବ୍ୟବସାୟୀଙ୍କୁ କିଛି କୃଷି ବିଭାଗ ର ସରକାରୀ ବାବୁ ମାନେ ସହଯୋଗ କରୁଛନ୍ତି। ସରକାରୀ ନିୟମ ଅନୁଯାଇ ଲ୍ୟାମ୍ପସରେ ୟୁରିଆ ବସ୍ତା ପ୍ରତି ଟ୨୬୬.୫୦ପଇସା ବିକ୍ରୟ ହେଉଥିବା ବେଳେ କଳାବଜାର କରୁଥିବା ବ୍ୟବସାୟୀ ମାନେ ବସ୍ତା ପ୍ରତି ୪୦୦ ରୁ ୪୫୦ଟଙ୍କା ଲେଖାଏଁ ବିକ୍ରୟ କରି ଚାଷୀ ମାନଙ୍କୁ ଲୁଟୁଛନ୍ତି। କିନ୍ତୁ ଚାଷୀ ଠିକ ପରିମାଣରେ ସାର ନ ପାଇବାରୁ ସେମାନେ ବାଧ ହୋଇ ଚଢ଼ା ଦର ରେ ସାର କ୍ରୟ କରୁଛନ୍ତି। ଏଭଳି ମୁର୍ଗୁମା ୟୁ ଭି ୬ ନଂ ଗ୍ରାମ ର ଦେବର୍ତ୍ତ ମଜୁମଦାର ନାମକ ବ୍ୟବସାୟୀ ଚାଷୀଙ୍କ କହିବାନୁଯାଇ ୟୁରିଆ ବସ୍ତା ପ୍ରତି ୪୦୦ ଟଙ୍କା ରେ ବିକ୍ରୟ କରୁଥିବା ସୂଚନା ମିଳିଛି,ଯଦି କୌଣସି ଗଣମାଧ୍ୟମ ପ୍ରଶ୍ନ କଲେ କହନ୍ତି ୨୭୦ଟଙ୍କାରେ ବିକ୍ରୟ କରୁଛି ଏବଂ ବିଲ ମଧ୍ୟ ସଠିକ ଦିଅନ୍ତି ନାହିଁ। ସେପଟେ ଏଭଳି ବ୍ୟବସାୟୀଙ୍କ ଉପରେ କୃଷି ବିଭାଗୀୟ ଅଧିକାରୀ ମାନଙ୍କ ହାତ ରହିଛି, ଯାହାଫଳରେ ଉକ୍ତ ବ୍ୟବସାୟୀ ଜଣକ ନିର୍ଭୟ ରେ ଚାଷୀ ମାନଙ୍କୁ ଚଢ଼ା ଦର ରେ ସାର ବିକ୍ରୟ କରୁଛନ୍ତି କିଛି କୃଷି ବିଭାଗୀୟ ଅଧିକାରୀ ନିଜ ନିଜ ପକେଟ ଗରମ କରି ଏଭଳି ବ୍ୟବସାୟୀଙ୍କୁ ଛୁଟି ଦେଇଛନ୍ତି।

## ଉତ୍କଳ ସମ୍ମିଳନୀ କର୍ମକର୍ତ୍ତା ମନୋନୀତ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବସନ୍ତ ବିହାର ଠାରେ ଉତ୍କଳ ସମ୍ମିଳନୀର ଏକ ପ୍ରସ୍ତୁତି ବୈଠକ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନବ ନିର୍ବାଚିତ ଏହି କମିଟିରେ ଉପଦେଷ୍ଟା ଭାବେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅନାଦି ପାଣିଗ୍ରାହୀ ଏବଂ ରାଜେଶ ପାତ୍ର, ସଭପତି ଭାରତ ଭୂଷଣ ମହାନ୍ତି ଉପସଭାପତି ଆଶାଲତା ପାଣିଗ୍ରାହୀ ଏବଂ ଗୌରହରି କରସୁଧା ପଟ୍ଟନାୟକ ସମ୍ପାଦକ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା, ଯୁଗ୍ମ ସମ୍ପାଦକ ବିଚିତ୍ରାନନ୍ଦ ବେବର୍ତ୍ତା, ସଂଗଠନ ସମ୍ପାଦକ ଶ୍ୟାମସୁନ୍ଦର ଗନ୍ତାୟତ, କୋଷାଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ପାଢୀଙ୍କ ସହ ୧୫ ଜଣ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ଏବଂ ୧୦ ଜଣ ରାଜ୍ୟ ସ୍ତରୀୟ ପରିଷଦ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଏହି ବୈଠକରେ ଗଜପତି ଜିଲ୍ଲାର ସୀମାନ୍ତ ଅଞ୍ଚଳ ରାୟଗଡ଼ ବ୍ଲକ୍ ଅଧିନସ୍ତ ଗଙ୍ଗାବାଡ ପଂଚାୟତ ମାଣିକ ପାଟଣା, ଗୁଡୁଖୁଡ଼ି ଅଞ୍ଚଳର ଲୋକଙ୍କ ଦୈନନ୍ଦିନ ଜୀବନର ଆନ୍ଧ୍ର ପ୍ରଦେଶ ସରକାରଙ୍କ ପ୍ରଭାବ ଯେପରି ନପଡ଼େ ସେଇ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶେଷରେ ତ୍ରିପତି ପ୍ରସାଦ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

# ଗୋବିନ୍ଦପାଲ୍ଲୀ ହାଇସ୍କୁଲ ରାସ୍ତା ଅଧପନ୍ତରିଆ



### ଠିକାଦାରଙ୍କ ଦର୍ଶନ ନାହିଁ

### ଗ୍ରାମବାସୀ ହନ୍ତସନ୍ତ

ମାଲକାନାଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ଅଧୀନ ଗୋବିନ୍ଦପାଲ୍ଲୀ ଗ୍ରାମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣାଧୀନ ହାଇସ୍କୁଲ ରାସ୍ତା କାମ ଦୀର୍ଘ ଚାରି ମାସ ହେଲେ ଶେଷ ହୋଇପାରୁନାହିଁ । ୪୦ ଲକ୍ଷ ଟଙ୍କା ଅଟକଳ ଖର୍ଚ୍ଚରେ ନିର୍ମାଣାଧୀନ ରାସ୍ତା ଉନ୍ନତିକରଣ କାମରେ ଠିକାଦାରଙ୍କ ପକ୍ଷରୁ ଅବହେଳା କରାଯାଉଛି । ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ପ୍ରଥମେ କିଛି ଦିନ କାମ ତ୍ୱରାନ୍ୱିତ ହେଲେ ମଧ୍ୟ ମାତ୍ର ଅଧା ରାସ୍ତା ନିର୍ମାଣ କରିବା ପରେ ଠିକାଦାର ଦୀର୍ଘ ସମୟ ଧରି କାମକୁ ସାରିବାକୁ ନାରାଜ। ଏହାର ପରିଣତିରେ ଗ୍ରାମବାସୀ ବର୍ଷା ଋତୁରେ କଷ୍ଟ ଭୋଗ କରୁଛନ୍ତି । କିଛି କଂକ୍ରିଟ କାମ ସାରି ବଳକା ଫେବର ବ୍ଲକ କାମ ରହିଥିବା ବେଳେ ଅଳ୍ପ କିଛି କାମ କରି ବଳକା ବାଲି ପକାଇ ଛାଡ଼ି ଦେଇଛନ୍ତି ଠିକାଦାର । ରାସ୍ତାରୁ ପ୍ରତିଦିନ ଶିକ୍ଷାର୍ଥୀ ଓ ସାଧାରଣ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପ୍ରଶାସନ ପକ୍ଷରୁ କାମ ତ୍ୱରାନ୍ୱିତ କରିବାକୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରୁଛନ୍ତି । ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବା ପାଇଁ ଦାବି ହେଉଛି । ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି ।

# ନାବାଳିକା ଗର୍ଭବତୀ, ଜଣେ ଗିରଫ

ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକରେ ପୁଣି ଲଜ୍ଜା। ନାବାଳିକାଙ୍କୁ ଦୁଷ୍କର୍ମ କରି ଗର୍ଭବତୀ କରିଥିବା ଅଭିଯାଗରେ ଜଣେ ଗିରଫ। ସୂଚନା ଅନୁଯାୟୀ ଜିଲ୍ଲାର ମୁଦୁଲିପଡା ଥାନା ଅଞ୍ଚଳରେ ଜଣେ ନାବାଳିକା ଗର୍ଭବତୀ ଥିବା ତାଙ୍କ ପରିବାର ଲୋକେ ଜାଣିବା ପରେ ତାଙ୍କ ସହ ଦୁଷ୍କର୍ମ ହୋଇଥିବା ପୀଡ଼ିତାଙ୍କ ଠାରୁ ଜାଣିବାକୁ ପାଇଥିଲେ। ଏ ସଂପର୍କରେ ଗତ ୨୫ ତାରିଖରେ ପୀଡ଼ିତାଙ୍କ ପରିବାର ଓ ଗ୍ରାମବାସୀ ଏବଂ ଅଭିଯୁକ୍ତଙ୍କ ଉପସ୍ଥିତିରେ ଏକ ବୈଠକ ମଧ୍ୟ ହୋଇଥିଲା। ଉଭୟ ପକ୍ଷର ପରିବାର ଲୋକେ ଉପସ୍ଥିତ ରହି ବୈଠକରେ ଆଲୋଚନା କରୁଥିବା ବେଳେ ହଟାତ ପୀଡ଼ିତା ଜଣଙ୍କ ପ୍ରସବ ଯନ୍ତ୍ରଣାରେ ଛଟପଟ ହୋଇ ନବଜାତ ସନ୍ତାନ ଜନ୍ମ କରିଥିଲେ। ପରେ ସେଠାରୁ ଉଭୟ ନବଜାତ ଓ ପୀଡ଼ିତାଙ୍କୁ ଖଇରପୁଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ପରିବାର ଲୋକେ। ଡାକ୍ତର ନବଜାତ ଶିଶୁଟିକୁ ମୃତ ଘୋଷଣା କରିଥିଲେ ଓ ନାବାଳିକାର ଚିକିତ୍ସା ଆରମ୍ଭ କରିଥିଲେ। ତେବେ ଏ ନେଇ ମୁଦୁଲିପଡା ଥାନାରେ ପୀଡ଼ିତାଙ୍କ ପରିବାର ଲୋକେ ଅଭିଯୋଗ କରିଥିବା ବେଳେ ଏହାକୁ ଆଧାର କରି ଅଭିଯୁକ୍ତକୁ ପୋଲିସ୍ ଗିରଫ କରିଥିବା ଜଣା ପଡିଛି।



ରାୟଗଡ(ଭାସ୍କର ନ୍ୟୁଜ): ରାୟଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ନିମନ୍ତେ ପ୍ରାରମ୍ଭିକ ଅଧ୍ୟାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଅଛି । କାର୍ଯ୍ୟକ୍ରମକୁ ଅଧକ୍ଷା ଡ଼. ସରସ୍ୱତୀ ରାୟ ଶୁଭାରମ୍ଭ କରିବା ସହ ମହାବିଦ୍ୟାଳୟର ନୀତି ନିୟମ , ବିଦ୍ୟାର୍ଥୀ ଜୀବନରେ ଶୃଙ୍ଖଳାର ମହତ୍ତ୍ୱ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇବା ସହ ତାଙ୍କର ଜୀବନରେ ସଫଳତାର ଶୀର୍ଷରେ ପହଞ୍ଚିଥିବା ପାଇଁ ଉତ୍ସାହିତ କରିଥିଲେ । ମହାବିଦ୍ୟାଳୟ ସମସ୍ତ ବିଭାଗର ମୁଖ୍ୟ , ପରୀକ୍ଷା ନିୟନ୍ତ୍ରକ ୱାଇ. ଭି ସାଇ ମାଧବ, ପ୍ରଶାସନିକ ଅଧକ୍ଷ ଟି. ଜ୍ୟୋତି, ଲେଫ୍ଟନାଣ୍ଟ ଉଦୟ ନାଏକ, କୋଷାଧକ୍ଷ ସୁବ୍ରତ କୁମାର ପ୍ରଧାନ , ଏକାଡ଼େମିକ୍ ଅଧକ୍ଷକ ଡ଼. ଅଜୟ ରଉତ, +୨ ଆଡ଼ମିଶନ ସଂଯୋଜକ ଚୁବଲ ବେନିଆ ଓ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ମାନେ ଉପସ୍ଥିତ ଥିଲେ । ପ୍ରଥମେ ବିଭାଗୀୟ ମୁଖ୍ୟ ମାନେ ନିଜ ବିଭାଗ ଓ ବିଭାଗର ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ପରିଚୟ କରାଇବା ସହ ବକ୍ତବ୍ୟ ମାଧ୍ୟମରେ ବିଦ୍ୟାର୍ଥୀ ମାନଙ୍କୁ ଜୀବନରେ ଭଲ ମଣିଷ ହେବା ପାଇଁ ପ୍ରେରଣା ପ୍ରଦାନ କରିଥିଲେ । ରାଜନୀତି ବିଜ୍ଞାନ ର ବିଭାଗୀୟ ମୁଖ୍ୟ ପି ଅରୁଣ କୁମାର ତାଙ୍କର ବକ୍ତବ୍ୟରେ ସଫଳତା ପାଇବା ପାଇଁ ନିଷ୍ଠତି, ନିର୍ଣ୍ଣୟ ଓ ଶୃଙ୍ଖଳାର ତିନୋଟି ମନ୍ତ୍ରର ଆବଶ୍ୟକତା ବୋଲି ମତପ୍ରକାଶ କରିଥିଲେ । ଶେଷରେ ଛାତ୍ରଛାତ୍ରୀ ମାନଙ୍କୁ ଉପହାର ସ୍ୱରୂପ କଲମ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ କୁ ଇଂରାଜୀ ବିଭାଗୀୟ ମୁଖ୍ୟ ଲେଫ୍ଟନାଣ୍ଟ ଉଦୟ ନାୟକ ପରିଚାଳନା କରିଥିଲେ ।

# ଗୋଟିଏ ବନ୍ୟା ଦୁଃଖ ନ ସରୁଣୁ ଆସିଲା ଆଉ ଏକ ବନ୍ୟା

ଆଳି, (ଭାସ୍କର ନ୍ୟୁଜ ):କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ର ସୀମାନ୍ତବର୍ତ୍ତୀ ନଦୀ ପାର୍ଶ୍ୱ ନରେନ୍ଦ୍ରପୁର ଓ ପତ୍ରପୁର ପଞ୍ଚାୟତ ର ଦୁଃଖ ଶେଷ ହେବାର ନାଁ ଧରୁନାହିଁ । ଦୀର୍ଘ ଦିନ ହେବ ପଞ୍ଚାୟତ ରେ ବନ୍ୟା ଯୋଗୁଁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ଲୋକେ ହନ୍ତସନ୍ତ ହେଉଥିବା ବେଳେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । ସେଥିରେ ଚାରି ଦିନ ତଳେ ବନ୍ୟା ଜଳ କମିଯିବା ଫଳରେ ମୁଖ୍ୟ ରାସ୍ତା ସହ ଗ୍ରାମବାସୀ ମାନଙ୍କର ଯୋଗାଯୋଗ ସମ୍ଭବ ହୋଇ ପାରିଥିଲା । ହେଲେ ଆଜି ହଠାତ ପୁଣି ଥରେ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇବା ହେତୁ ନରେନ୍ଦ୍ରପୁର ଓ ପତ୍ରପୁର ଖାଲୁଆ ଅଞ୍ଚଳ କଣ୍ଡିଆ ରେ ପୁଣି ଥରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଫଳ ରେ ରାସ୍ତା ଉପରେ ୨ ଫୁଟ ଉଚ୍ଚର ପାଣି ବହିବାରେ ଲାଗିଛି । ଯାହା ଆଗାମୀ ଦୁଇ ଦିନ ମଧ ରେ ଆହୁରି ଅଧିକା ହେବା ର ସମ୍ଭାବନା ଅଛି କ୍ଷ ପ୍ରଥମ ବନ୍ୟା ପ୍ରପୀଡ଼ିତ କିଛି ଅଞ୍ଚଳରେ ଗମନାଗମନର ମୁଖ୍ୟ ରାସ୍ତା ଗୁଡିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ଫଳରେ ଲୋକେ କାଦୁଅ ମଧ ଦେଇ ଯାତାୟତ କରୁଛନ୍ତି । ଅନ୍ୟପକ୍ଷରେ ପଞ୍ଚାୟତର ବନ୍ୟାଞ୍ଚଳ ମାନଙ୍କରେ ୨ଶହ ପରିବାରର ମୋଟ ୮ଶହ ଲୋକେ ବସବାସ କରୁଥିବା ବେଳେ ମୋଟ ୧୮ ଟି ନଳକୂଅ ଅଛି । ଏଥି ମଧ୍ୟରୁ ମାତ୍ର ୭ ଟିରୁ ପାଣି ବାହାରୁଛି । ହେଲେ ଦୁଃଖ ଓ ପରିତାପର ବିଷୟ ସେଥିମଧ୍ୟରୁ କୌଣସି ଗୋଟେ ନଳକୂଅର ଜଳ ବ୍ୟବହାର ଉପଯୋଗୀ ନୁହେଁ । କେଉଁଠୁ କଳଙ୍କି ଜଳ, କେଉଁଠୁ ଦୁର୍ଗନ୍ଧ ପୂର୍ଣ୍ଣ ଜଳ ତ କେଉଁଠୁ ଗୋଳିଆ ପାଣି ବାହାରୁଛି । ଫଳରେ ଲୋକ ମାନେ ବାଧ ହୋଇ ନଦୀର ଜଳ ବ୍ୟବହାର କରୁଛନ୍ତି । ନଦୀରେ କୁମ୍ଭୀର ଭାସୁଥିବା ଦେଖି ଲୋକମାନେ ଆତଙ୍କିତ ଅବସ୍ଥାରେ ବନ୍ୟା ଜଳ ମଧ୍ୟରେ ପଶି ନିତ୍ୟ ଅତ୍ୟାବଶ୍ୟକ ଦ୍ରବ୍ୟ ପାଇଁ ବଜାର ଓ ମୁଖ୍ୟ ରାସ୍ତାକୁ ଯାଉଛନ୍ତି । ପ୍ରଥମ ବନ୍ୟା ଆସି ଉପରୋକ୍ତ ଦୁଇ ପଞ୍ଚାୟତ ର ଶହ ଶହ ହେକ୍ଟର ଚାଷଜମିକୁ ଧୋଇ ନେଇଯାଇଥିବା ବେଳେ ବାକି ଥିବା ଧାନ ତଳି ଗୁଡିକ ପଚି ନଷ୍ଟ ମଧ ହୋଇ ଯାଇଛି । ସରକାର କିମ୍ବା ପ୍ରଶାସନ ତରଫରୁ ଗାଈ ଗୋରୁ ମାନଙ୍କ ପାଇଁ କିଛି ମାତ୍ରାରେ ଗୋଖାଦ୍ୟ ଦିଆଯାଇଥିଲେ ମଧ ତାହା ସମୁଦ୍ର କୁ ଶଙ୍ଖେ ହୋଇଥିଲେ ବି ଆଜି ଯାଏଁ ଲୋକ ମାନଙ୍କ ପାଖରେ ପହଞ୍ଚି ପାରି ନ ଥିବା ଲୋକ ମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଏ ନେଇ ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠି ଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଆଜି ନୂତନ ଜିଲ୍ଲାପାଳ ଙ୍କ ଗସ୍ତ ରେ ଆଗାମୀ ବନ୍ୟା ନେଇ ଆଲୋଚନା ହୋଇଛି ତତସହିତ ଉକ୍ତ ଅଞ୍ଚଳରେ ଥିବା ପାନୀୟ ଜଳ ବିଷୟରେ ସେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ଅଧିକାରୀ ମାନଙ୍କ ସହ ଆଲୋଚନା କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୪ଜଣଙ୍କ ନାମରେ...

ନିଷ୍ପତ୍ତି ନେଇଥିଲୁ । ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ଗରିବଙ୍କ ପାଇଁ ମାଳମାଳ ଯୋଜନା କରିବା ସହ ପେଟକୁ ଦାନା ଓ ମୁଣ୍ଡ ଉପରକୁ ଛାତ ଯୋଗାଇ ଦେଉଥିବା ନେଇ ଡିଣ୍ଡିମ ପିଟୁଥିବାବେଳେ ଏକ ଦମ୍ପତି ଦାରିଦ୍ର୍ୟ କାରଣରୁ ୨୦ ହଜାର ଟଙ୍କାରେ ଶିଶୁକନ୍ୟାକୁ ବିକିବା ଦୁର୍ଭାଗ୍ୟଜନକ ଓ ଲଜ୍ଜାଜନକ ବୋଲି କୁହାଯାଉଛି ।

### ଏମ୍ସରେ ବୟାନ...

ଲାଗିଛି । ପୀଡ଼ିତାଙ୍କୁ ପୋଡ଼ି ଘଟଣାରେ କେଉଁମାନେ ସଂପୃକ୍ତ ତାହା ମଧ୍ୟ ସ୍ପଷ୍ଟ ହୋଇପାରି ନାହିଁ । ନିମାପଡ଼ା ଜେଏମ୍‌ଏଫସି କୋର୍ଟରେ ୩ଜଣ ମହିଳା ଓ ଜଣେ ପୁରୁଷଙ୍କ ବୟାନ ରେକର୍ଡ ହୋଇଥିବାବେଳେ ପୀଡ଼ିତାଙ୍କ ବୟାନ ସହିତ ମେଳ ଖାଉନଥିବାରୁ ପୁନରାୟ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି । ୧୦ ଦିନ ପରେ ବି କେଉଁମାନେ ନିଆଁ ଲଗାଇଛନ୍ତି ନା ନିଜେ ପୀଡ଼ିତା ନିଜ ଦେହରେ ନିଆଁ ଲଗାଇଛନ୍ତି ତାହା ସ୍ପଷ୍ଟ ହୋଇପାରି ନାହିଁ । ଭାର୍ଗବୀ ନଦୀକୂଳରେ ସକାଳ ୮ଟା ସମୟରେ ଏହି ନିଆଁ ଲାଗିବା ଘଟଣା ସମସ୍ତଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିବାବେଳେ ପୀଡ଼ିତାଙ୍କ ଘରୁ ମଧ୍ୟ କେତେକ ସାମଗ୍ରୀ ଜବତ କରାଯାଇଛି । ପୋଲିସ ଯଦିଓ ପ୍ରମାଣ ପାଉଥିବା କହୁଛି, ତେବେ କେଉଁ ପ୍ରମାଣ ହାତରେ ଲାଗିଛି ତାହା ମଧ୍ୟ ଜଣାପଡ଼ି ନାହିଁ ।

### ଚାର୍ଜସିଟ୍ ଦାଖଲ...

ଯେଭଳି ଏଭଳି ଘୃଣ୍ୟକାର୍ଯ୍ୟ ନ କରିବେ ତାହା ଆମର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା । ଚାର୍ଜସିଟ୍‌ରେ କଡ଼ା ଦଣ୍ଡବିଧାନ ପାଇଁ ମଧ୍ୟ ଉଲ୍ଲେଖ କରାଯାଇଛି । ମହିଳାମାନଙ୍କୁ କିଭଳି ସମ୍ମାନ ମିଳିବ ସେ ନେଇ କ୍ରାଇମବ୍ରାଞ୍ଚ ସବୁବେଳେ ତତ୍ପର ବୋଲି ଶ୍ରୀ ମିଶ୍ର କହିଥିଲେ । ସେ ଆହୁରି କହିଥିଲେ ଯେ ଏହି ଘଟଣାରେ ଅଦାଲତରେ ଚାର୍ଜସିଟ୍ ଦାଖଲ ପରେ ଖୁବ୍‌ଶୀଘ୍ର ବିଚାର ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସେ ଆଶା ବାନ୍ଧିଛନ୍ତି ।

### ଓଡ଼ିଶାରେ ଆସୁ...

ବାଜ୍ୟାପ୍ତି ସହ ତ୍ୱରିତ ପ୍ରତିରୋଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଗ୍ୟାଙ୍ଗ ନେଟ୍‌ୱାର୍କକୁ ଚିହ୍ନଟ କରି ନିଷ୍କ୍ରିୟ କରିବାପାଇଁ ସ୍ୱତନ୍ତ୍ର ଆଇନ ଲାଗୁ କରାଯାଉ । ଅଭ୍ୟାସଗତ ଗୁଣ୍ଡାଙ୍କ ବିରୋଧରେ ନିବାରଣମୂଳକ ପଦକ୍ଷେପ ନିଆଯାଉ । ଏହିସବୁ ମାମଲାର ତ୍ୱରିତ ବିଚାର ପାଇଁ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା ନିମନ୍ତେ ରାସ୍ତା ସୁଗମ କରାଯାଉ । ପୋଲିସ, ଗୁଇନ୍ଦା ଓ ରାଜସ୍ୱ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରି ଆଇନ ପ୍ରଣୟନ କରାଯିବାକୁ ଉପବାଚସ୍ପତି ମତ ରଖିଛନ୍ତି ।

### ଆତଙ୍କୀଙ୍କୁ...

ହନୁମାନଙ୍କ ଭଳି ଆମର ଲକ୍ଷ୍ୟ ନିର୍ଦ୍ଦିଷ୍ଟ ରହିଥିଲା । ଏହି ଅପରେସନରେ ୧୩ଟି ଆତଙ୍କୀ ଆଡ୍ଡାକୁ ଟାର୍ଗେଟ କରାଯାଇଥିଲା, ଯେଉଁଥିରେ ୧୦୦ରୁ ଅଧିକ ଆତଙ୍କବାଦୀ ନିପାତ ହୋଇଥିଲେ । ୨୨ ମିନିଟ୍‌ରେ ଏହି ଅପରେସନ ଶେଷ ହୋଇଥିଲା । ଶ୍ରୀ ସିଂହ ଆହୁରି କହିଥିଲେ ଯେ ଆମର ଆକ୍ରମଣ ପାକିସ୍ତାନର ନିରୀହ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ନଥିଲା । ଏହା କେବଳ ପାକିସ୍ତାନର ସାମରିକ ଘାଟି ଉପରେ କରାଯାଇଥିଲା । ପାକିସ୍ତାନ ପଟୁ ହୋଇଥିବା ପ୍ରତିଟି ଆକ୍ରମଣକୁ ସେନା ବିଫଳ କରିଥିଲା । ପାକିସ୍ତାନ ମଇ ୭ରୁ ୧୦ ରାତି ୧.୩୦ ପର୍ଯ୍ୟନ୍ତ ଆକ୍ରମଣ ପାଇଁ କ୍ଷେପଣାସ୍ତ୍ର ଏବଂ ଦୂରଗାମୀ ଅସ୍ତ୍ରଶସ୍ତ୍ର ବ୍ୟବହାର କରିଥିଲା । ସେମାନଙ୍କ ଟାର୍ଗେଟରେ ରହିଥିଲା ଆମର ସାମରିକ ଘାଟି ଓ ପ୍ରତିରକ୍ଷା ପ୍ରଣାଳୀ । ପାକିସ୍ତାନର ପ୍ରତ୍ୟେକ ଆକ୍ରମଣକୁ ଆମେ ବିଫଳ କରି ଦେଇଥିଲୁ । ଲୋକସଭାରେ ଅପରେସନ ସିନ୍ଦୂରକୁ ନେଇ ୧୬ ଘଣ୍ଟା ଧରି ବିତର୍କ କରାଯିବ । ସରକାର ମଧ୍ୟ ବିରୋଧୀଙ୍କ ସବୁ ପ୍ରଶ୍ନର ଉତ୍ତର ଦେବାପାଇଁ ଲକ୍ଷ୍ୟ ରଖିଛନ୍ତି । ମୌସୁମୀ ଅଧିବେଶନ ଆରମ୍ଭରୁ ପହଲଗାମ ନରସଂହାର ଓ ଅପରେସନ ସିନ୍ଦୂରକୁ ନେଇ ସଂସଦରେ ଅଚଳାବସ୍ଥା ଲାଗି ରହିଥିଲା । ବିରୋଧୀ ଏହି ପ୍ରସଙ୍ଗରେ ସରକାରଙ୍କଠାରୁ ଉତ୍ତର ଚାହିଁଥିବାରୁ ଏବେ ଲୋକସଭାରେ ବିତର୍କ ଆରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀ ମଙ୍ଗଳବାର ଲୋକସଭାରେ ଏହି ପ୍ରସଙ୍ଗରେ ମନ୍ତବ୍ୟ ରଖିବାର ସମ୍ଭାବନା ରହିଛି । ଅପରେସନ ସିନ୍ଦୂର ଉପରେ ଉଭୟ ଗୃହରେ ମତ ରଖିବାପାଇଁ ହେଭିୱେଟ୍‌ଙ୍କୁ ଚୟନ କରାଯାଇଛି । ଲୋକସଭାରେ ରାଜନାଥ ସିଂହ, ବୈଜୟନ୍ତ ପଣ୍ଡା, ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର, ତେଜସ୍ୱୀ ସୂର୍ଯ୍ୟା, ଅନୁରାଗ ଠାକୁର, କମଲଜିତ ସେରାଓ୍ୱତ ବୟାନ ରଖିବାକୁ ଥିବାବେଳେ ଟିଡିପିର ଏଲ.ଶ୍ରୀକ୍ରିଷ୍ଣା, ହର୍ଷବାଲ ଯୋଗୀ, ଏସ୍‌ପିର ରମେଶ ରାଜବହର, ଛୋଟେଲାଲ, ଟିଏମ୍‌ସିର କଲ୍ୟାଣ ବାନାର୍ଜୀ, ସାୟୋନି ଘୋଷ, ଡିଏମ୍‌କେର ଏ.ରାଜା ଓ କେ.କାନିମୋଝି ଏବଂ ଏନସିପିର ଅମର କାଲେ ଓ ସୁପ୍ରିୟା ସୋଲେ ମତ ରଖିବେ । ଅତିରିକ୍ତ ଭାବେ କଂଗ୍ରେସର ମଙ୍ଗ ସମ୍ଭାଳିବେ ଗୌରବ ଗୋଗୋଇ । ସେ ଦଳ ପକ୍ଷରୁ ପ୍ରଥମେ ମତ ରଖିବେ । ଏହାପରେ ପ୍ରିୟଙ୍କାଗାନ୍ଧୀ ଭଦ୍ରା, ଦୀପେନ୍ଦ୍ର ସିଂ ହୁଡା, ପ୍ରଣତି ସିନ୍ଦେ, ସପ୍ତଗିରି ଉଲାକା ଓ ବିଜେନ୍ଦର ଓଲା ଦଳ ପକ୍ଷରୁ ମତ ରଖିବାର ସ୍ଥିର ହୋଇଛି । ମଙ୍ଗଳବାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିବାର ମଧ୍ୟ ସମ୍ଭାବନା ରହିଛି ।

### ଖସୁଛି ଜଳସ୍ତର...

ଧାମନଗରର ସୋହଡ଼ା, ପଧାନୀ, ହସନାବାଦ ସହ ବହୁ ଗାଁ ଏବେ ଜଳପ୍ଲାବିତ ହୋଇପଡ଼ିଛି । ସେହିପରି ବୈତରଣୀ ବନ୍ୟାରେ ଚାନ୍ଦବାଲି, ଧାମନଗର ଅବସ୍ଥା ସଙ୍ଗୀନରୂପ ଧାରଣ କରିଛି । ବୈତରଣୀ ନଦୀର ବନ୍ୟାଜଳ କମିଥିଲେ ମଧ୍ୟ ତଳିଆ ଅଞ୍ଚଳରେ ବନ୍ୟାପାଣି ଜମି ରହିଛି । ତେଣୁ ପ୍ରଭାବିତ ଅଞ୍ଚଳରେ କେତେକ ସ୍କୁଲ ପ୍ରଭାବିତ ହୋଇଥିବା ଯୋଗୁ ଦୁଇଦିନ ଛୁଟି ଘୋଷଣା ପ୍ରଶାସନ ପକ୍ଷରୁ କରାଯାଇଛି । ଆଖୁଆପଦା ଆନିକଟଠାରେ ବୈତରଣୀର ବିପଦସଂକେତ ୧୮.୩୩ ମିଟର ଥିବାବେଳେ ସୋମବାର ସକାଳ ସୁଦ୍ଧା ସେଠାରେ ୧୭.୭୭ ମିଟରରେ ବନ୍ୟାଜଳ ପ୍ରବାହିତ ହେଉଛି । ଉପରମୁଣ୍ଡରୁ ବନ୍ୟାଜଳ କମ ହୋଇଥିଲେ ମଧ୍ୟ ତଳିଆ ଅଞ୍ଚଳରେ ବନ୍ୟାଜଳ ଜମି ରହିଛି । ଧାମନଗର ବ୍ଲକର ୨୬ଟି ସ୍କୁଲ ପ୍ରଭାବିତ ହୋଇଛି । ସମାନଭାବେ ଚାନ୍ଦବାଲି ବ୍ଲକ ଅଧୀନରେ ଥିବା ସନ୍ତରାପୁର, ମୁଆଁ, ବିଏସଏସ, ବାଙ୍କମୁହାଁ ଓ ବୋଡକି ସ୍କୁଲ ପ୍ରଭାବିତ ହୋଇଥିବା ଯୋଗୁ ସ୍କୁଲଗୁଡ଼ିକୁ ୨ ଦିନ ଛୁଟି ଘୋଷଣା କରାଯାଇଛି । ସେହିପରି ସୁବର୍ଣ୍ଣରେଖାର ଜଳସ୍ତର ହ୍ରାସ ପାଉଛି । ରାଜଘାଟଠାରେ ସୁବର୍ଣ୍ଣରେଖାର ଜଳସ୍ତର ସୋମବାର ୧୦.୫୫ ମିଟର ରହିଛି । ରବିବାର ଏହା ୧୧.୨୭ ମିଟର ରହିଥିଲା । ବନ୍ୟାଘେରରେ ଥିବା ଲୋକମାନେ ରନ୍ଧାଖାଦ୍ୟ ପାଇପାରୁ ନାହାନ୍ତି । ଏପରିକି ବିଷଧର ସର୍ପ ଭୟ ସେମାନଙ୍କୁ ଘାରୁଛି । ବହୁ ଲୋକ ଘରଛାଡ଼ି ରାସ୍ତା ଉପରେ ଆଶ୍ରୟ ନେଇଛନ୍ତି । ଯଦିଓ ପ୍ରଶାସନ ପକ୍ଷରୁ ରିଲିଫ ଯୋଗାଯାଉଛି, ତେବେ ତାହା ସମୁଦ୍ରକୁ ଶଙ୍ଖେ ବୋଲି କୁହାଯାଉଛି । ଅନ୍ୟପକ୍ଷରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ବନ୍ୟା କ୍ଷୟକ୍ଷତି ରିପୋର୍ଟ ମିଳିବାର ୨୪ ଘଣ୍ଟା ମଧ୍ୟରେ ସହାୟତା ଯୋଗାଇ ଦିଆଯିବ । ପାଗ ଅନୁକୂଳ ହେଲେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଆକାଶମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିବାର ସମ୍ଭାବନା ରହିଛି । ଶ୍ରୀ ପୂଜାରୀ ଆହୁରି କହିଥିଲେ ଯେ ପ୍ରାୟ ସବୁନଦୀରେ ଜଳସ୍ତର କମିଛି । ତଳିଆ ଅଞ୍ଚଳରୁ ପାଣି ଖସିବାପାଇଁ ସମୟ ଲାଗିବ । ଯେତେଦିନ ପର୍ଯ୍ୟନ୍ତ ଲୋକେ ରିଲିଫ ସେଣ୍ଟରରେ ଅଛନ୍ତି, ସେମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦେବାପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି ।

### ଲୋକଙ୍କ ସୁଖଦୁଃଖରେ...

୯ ଜଣ ବରିଷ୍ଠ ମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀମାନେ ମଧ ଉପସ୍ଥିତ ରହି ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ । ସୋମବାର ସକାଳଠାରୁ ଅଭିଯୋଗ ପ୍ରକୋଷ୍ଠରେ ଭିଡ ଲାଗିରହିଥିଲା । ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ପ୍ରତ୍ୟକ୍ଷ ଭାବେ ଭେଟି, ନିଜର ସମସ୍ୟା ଶୁଣାଇ ଆତ୍ମସନ୍ତୋଷର ସହ ଲୋକମାନେ ଫେରୁଥାନ୍ତି । ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନା ଭରା କଥା ଅଭିଯୋଗ ନେଇ ଆସିଥିବା ଲୋକମାନଙ୍କୁ ଗଭୀର ଭାବେ ପ୍ରଭାବିତ କରୁଥିଲା ଏବଂ ସୁଶାସନର ଅନୁଭୂତି ସେମାନଙ୍କ ଆଖିରେ ଝଲସି ଉଠୁଥିଲା । ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମରେ ଅସାଧ୍ୟ ଓ ଦୂରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଉଛି । ଏଥି ନିମନ୍ତେ ବରିଷ୍ଠ ଡାକ୍ତରୀ ଟିମ୍ ମଧ ଅଭିଯୋଗ ପ୍ରକୋଷ୍ଠରେ ଉପସ୍ଥିତ ରହୁଛନ୍ତି । ଏହି ସିଷ୍ଟମରେ ଚିକିତ୍ସା ଖର୍ଚ୍ଚ ବାବଦକୁ ୩ଜଣଙ୍କୁ ଚିକିତ୍ସା ସହାୟତା ରାଶି ଯୋଗାଇ ଦିଆଯାଇଛି । ଚଳିତ ବର୍ଷ ଆରମ୍ଭରୁ ଆଜି ସୁଦ୍ଧା ସିଙ୍ଗିଲ ୱିଣ୍ଡୋ ସିଷ୍ଟମରେ ୫୧ ଜଣଙ୍କୁ ୫୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ଯେ, ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଦ୍ୱାଦଶ ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୧,୫୧୬ଟି ଅଭିଯୋଗ ମଧ୍ୟରୁ ୧୦,୫୦୨ଟି ଅଭିଯୋଗର ସମାଧାନ କରାଯାଇଛି । ଯାହା ଶତକଡ଼ା ୯୧ ପ୍ରତିଶତ ଅଟେ । ବକେୟା ଅଭିଯୋଗ ଗୁଡ଼ିକ ପ୍ରୋସେସରେ ରହିଛି । ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୁଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

**AFFIDAVIT**

By virtue of an affidavit No.109 sworn before the Executive Magistrate, Bhubaneswar on dated: 22.07.2025, I Gayatri Mahankuda (date of birth: 03.05.1999), W/o- Bainath Mahankuda, resident of At- Bhagabanpur, VTC- Asurabandha, Post- Asurabandha, Ps- Soroda, Dist- Ganjam, declares that I have changed my name from Gayatri Gouda to Gayatri Mahankuda . Henceforth, I shall be known as Gayatri Mahankuda for all purposes.
**Sd/- Gayatri Mahankuda**

**AFFIDAVIT**

I , Prasant Kumar Satpathy* S/o Late Chandra Sekhar Satpathy, resident of Qtr. No. D-15 , MCL HQ, Jagruti Vihar, Burla-768020(Sambalpur) declare by this affidavit No.4622 Dated. 25.07.2025 that now onwards I shall be known as *Prashant Kumar Satpathy* for all future purposes.

**AFFIDAVIT**

I, Siba Prasad Biswal, S/o Late Madhu Sudan Biswal, resident of M-62, Baramunda Housing Board Colony, Bhubaneswar, PIN-751003, Odisha declare by this affidavit No.77AA222172 dated 28/07/2025 that now onwards I shall be known as Shiba Prasad Biswal for all future purposes.

**AFFIDAVIT**

By virtue of an affidavit No.83 sworn before the Executive Magistrate, Bhubaneswar on dated: 25.07.2025, I Sarat Kumar Mohanty, S/o- Late Raj Kishore Mohanty, resident of At- Plot No CL-28, VSS Nagar, Post- Rasulgarh, Bhubaneswar, Dist- Khordha, declares that I have changed my minor son's name from Guruprasad Das to Guruprasad Mohanty. Henceforth, He shall be known as Guruprasad Mohanty for all purposes.
**Sd/- Sarat Kumar Mohanty**

**NOTICE**

I, Jasween Bhogal, daughter of Gurucharanjeet Singh Bhogal, resident of Punjabi Colony, Satyanagar would like to inform the general public that in my 10th standard certificate, my father's name has been incorrectly mentioned as S. Gurucharaanjeet Singh Bhogal instead of the correct name Gurucharanjeet Singh Bhogal.
The correct name is GURUCHARANJEET SINGH BHOGAL, and the same has been declared in Affidavit No. 76AA 526613.
This notice is being published to request necessary correction and for public record purposes.
Sd/-
Jasween Bhogal
26.07.2025, Bhubaneswar

**AFFIDAVIT**

By virtue of an affidavit sworn before the Executive Magistrate, Khordha, dated: 10.07.2025, I Saraswati Rautaray, Address: village- Khadipadar, Po- Siko, Ps- Jankia, dist- Khordha, Odisha, PIN-752038, declare that I have changed my son's name from Sindhu Shekhara Rautaray to Asutosh Rautaray. Henceforth, He shall be known as Asutosh Rautaray for all purposes.
**Sd/-Saraswati Rautaray**

**Government of Jharkhand**
**Urban Development & Housing Department**
**Ranchi Smart City Corporation Limited**
2nd Floor, JUPMI Building, Dhurwa, Ranchi- 834004
E-mail: ranchismartcity@gmail.com | Phone: +91 651 244 6666

**Notice Inviting Tender**
**NIT No.: RSCCL/Internal Auditor/31/2017/(part)/06Date: 28.07.2025**

| | | |
|---|---|---|
| 1. | Name of the work | Selection of CA//CMA Firms for appointment as Internal Auditors for the Financial Year 2025 -26,2026-27 & 2027-28. |
| 2. | Mode of Bid Submission | Online Tendering |
| 3. | Tender Fee(Non-Refundable) | Rs.1180/- (Demand Draft in Favour of Ranchi Smart City Corporation Limited, Payable at Ranchi.) online on e-procurement portal www.jharkhandtenders.gov.in . |
| 4. | Earnest Money Deposit (EMD)(Refundable) | Rs.10,000/-(Ten Thousand Only) in Favour of Ranchi Smart City Corporation Limited, Payable at Ranchi.) online on e-procurement portal www.jharkhandtenders.gov.in . |
| 5. | Start Date / Time of Bids Submission | 29.07.2025 ,12.30PM |
| 6. | Last date of Pre-bid queries through email | 02.08.2025 |
| 7. | Last Date / Time of Bids Submission | 11.08.2025 upto 12.30PM |
| 8. | Date of Bid Opening | 12.08.2025 at 01.00PM |
| 9. | Availability of Bid Document | https//www.rsccl.in , www.jharkhandtenders.gov.in |
| 10. | Submission of TenderDocument: | www.jharkhandtenders.gov.in |
| 11. | Helpline No. | ranchismartcity@gmail.com, 0651-2446666 |

1. The Bidders shall submit their bids online on e-procurement portal www.jharkhandtenders.gov.in
2. The bid shall remain valid for 90 days from the date of opening of technical bid. Any future clarification and/or corrigendum(s) shall be communicated on www.jharkhandtenders.gov.in

Notes: All tender related documents should be uploaded through www.jharkhandtenders.gov.in portal only, RSCCL shall not accept any tender related documents by any other mode.
**Note: This notice is a part of Tender Document.**

PR.NO.358418
Urban Development(25-26):D
Sd/- Chief Executive Officer
Ranchi Smart City Corporation Limited

WORKS DEPARTMENT
OFFICE OF THE SUPERINTENDING ENGINEER
MAYURBHANJ (R & B) DIVISION, BARIPADA
e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No.-S.E.-18 /2025-26

**B-328**

1. Number of works - 06 (Six) number of works
2. Approximate estimated cost: - 10.08 lakh to 86.58 lakh
3. Period of Completion :- 02 (Two) Calendar Months
4. Date & Time of availability of bid documents in the portal:- Dt. 30.07.2025 to 13.08.2025.
5. Last Date / Time of receipt of bid in the portal :- Dt. 13.08.2025 up to 5.00 PM
6. Date of Opening of bid:- Dt. 14.08.2025 at 11.00 AM
7. Name & address of the Office inviting bid :- Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

Sd/- R.6 Ray
Superintending Engineer
Mayurbhanj (R&B) Division

**OIPR 34060/11/0005/2526**

**OFFICE OF THE HEADMISTRESS,**
**KASTURABA GANDHI BALIKA VIDYALAYA, BALASINGA**
At/Po- Balasinga, Dist-Boudh, Pin-762014

ସମଗ୍ର ଶିକ୍ଷା
Samagra Shiksha

Letter No.16
Dated. 25.07.2025
**n-107**

**TENDER CALL NOTICE**

Sealed tenders are invited from the registered / reputed firms who having valid PAN, GST registration for supply of consumable items (Grocery) to Kasturaba Gandhi Balika Vidyalaya, Balasinga Dist- Boudh (Odisha). Bids should be submitted in the envelope duly marked on the top **"Tender supply of Grocery items for Balasinga KGBV"** Office of the Headmistress, KGBV Balasinga Post- Balasinga Block- Boudh, Dist: -Boudh, Pin- 762014 during office hours by 5.00 pm of Dt.18.08.2025 through Speed Post/Registry Post/ Courier only. No other mode of submission should be accepted. The bid document shall be opened at 11.00AM on Dt.19.08.2025. in the office of the Headmistress, KGBV Balasinga/District Project Coordinator, Samagra Shiksha, Boudh in the presence of the bidders or their authorized representatives. The terms and conditions for the tender can be downloaded from the official website **http://www.osepa.odisha.gov.in** and **www.boudh.nic.in.**

Sd/-Headmistress
KGBV, Balasinga

**OIPR 27206/11/0001/2526**

**JAJPUR MUNICIPALITY, JAJPUR**
**QUOTATION CALL NOTICE**
No. 2388 / Date. 25.07.2025

**C-746**

Sealed quotations are invited from the Registered Firms/Bidders/Manufactures for the items specified in the bid documents for the work- "Fire sprinkler, Hydrant and Alaram work for fire safety of Municipal office building ".

The intending bidders satisfying the eligible criteria as provided in the quotation paper can take part in the bidding process.

The quotation paper containing general bid information's, terms & conditions will be issued from the office of the undersigned w.e.f **28.07.2025** to **08.08.2025** in the working days & hours respectively on payment of cash of Rs. 6000/-(Six Thousand). Such quotation paper after duly filled in shall be submitted to the undersigned by Regd. Post/Speed Post/ Courier Service/in Municipal Office, Jajpur by hand on or before **08.08.2025** by **5.00P.M** which shall be opened on **11.08.2025 at 12.00P.M** in presence of the bidders or their authorised representatives in the Municipal Office, Jajpur. The date of opening shall not be deferred in the absence of either bidder or their authorised representatives.

The intending bidders are required to deposit the E.M.D. @ 1% of the quoted amount in shape of N.S.C/Bank Draft/Term Deposit drawn/pledged in favour of the Executive Officer, Jajpur Municipality, payable at Jajpur & attach with the quotation paper.

The authority reserves the right to reject or cancel the Notice without assigning any reason thereof.

Sd/-Executive Officer
Jajpur Municipality

**OIPR 13171/11/0033/2526**

E-Mail:- ori-daspalla@nic.in

GOVERNMENTOFODISHA
OFFICEOFTHE
BLOCK DEVELOPMENT OFFICER,DASPALLA
P.R & D.WDEPARTMENT

**i-243**

**"e" Procurement Tender Call Notice for Building works**
**Tender Call Notice No. / 02 / 2025-26&**
**Bid Identification No.- Online Tender-02 / 2025-26**
Letter No : 3794 // Date :24.07.2025

1. Name of the work : Buildingwork.
2. Total Number of works : 2 Nos
3. Approx. Estimated cost : Rs. 76.96 lakh & Rs. 243.71 lakh
4. Class of Contractor : A & B Class of Contractor
5. Period of Completion : 6 months to 9 months
6. Other details:

| Procurement Officer | Bid Identification No. | Availabilityof tenderOn-line forbidding | | LastDate& Timeof seeking Tender Clarification. | Date and time of opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Block Development Officer, Daspalla | Online Tender / 01/2025-26 | Dt. 29.07.2025at11 :00 A.M. | Dt. 13.08.2025up to 5.00 P.M. | Dt. 13.08.2025up to 1.00 P.M | Dt. 14.08.2025at11.00 A.M. |

Further details can be seen from the website www.tendersodisha.gov.in

Block Development Officer
Daspalla

**OIPR 19119/11/0008/2526**

**IndusInd Bank**

**ଆଞ୍ଚଳିକ କାର୍ଯ୍ୟାଳୟ**
ସାବିତ୍ରୀ ଟାୱାର, ୩ଏ,ଅପର ଉଡ୍ ଷ୍ଟ୍ରିଟ୍,
କୋଲକାତା-୭୦୦୦୧୭

**ଆପେଣ୍ଡିକ୍ସ-୪-ଏ**
**(ରୁଲ ୮ (୬) ଦେଖନ୍ତୁ)**
**ସ୍ଥାବର ସମ୍ପତ୍ତିର ବିକ୍ରି ନିମନ୍ତେ ବିକ୍ରୟ ନୋଟିସ୍**

**ସିକ୍ୟୁରାଇଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨, ଯାହାକି ରୁଲ୍ ୮(୬)ର ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ ୨୦୦୨ ଅନୁଯାୟୀ ସ୍ଥାବର ସମ୍ପତ୍ତିର ନିଲାମ ପାଇଁ ନୋଟିସ୍**

ଏତଦ୍ୱାରା ଏହି ନୋଟିସ ମାଧ୍ୟମରେ ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତାମାନଙ୍କୁ ଏବଂ ଗ୍ୟାରେଣ୍ଟରମାନଙ୍କୁ ଜଣାଇ ଦିଆଯାଉଅଛି କି ପ୍ରାଧିକୃତ ଅଧିକାରୀ ଇଣ୍ଡସଇଣ୍ଡ ବ୍ୟାଙ୍କ ଲିମିଟେଡ୍ (ସିକ୍ୟୁଓର୍ଡ କ୍ରେଡିଟର) ନିମ୍ନଲିଖିତ ସ୍ଥାବର ସମ୍ପତ୍ତିକୁ ନିଜ ଅଧୀନକୁ ନେବା ସହ ବାକି ରହିଥିବା ଟ.୪,୬୭,୪୩,୯୫୫.୦୦/- ( ଚାରି କୋଟି ସତଷଠୀ ଲକ୍ଷ ତେୟାଳିଶ ହଜାର ନଅଶହ ପଞ୍ଚାବନ ଟଙ୍କା ମାତ୍ର) ସହ ପରବର୍ତ୍ତୀ ସୁଧ ଆଦାୟ କରିବା ପାଇଁ ଆସନ୍ତା ୩୦.୦୬.୨୦୨୫ରେ ଯେଉଁଠି ଯେମିତି ଅଛି ଅବସ୍ଥାରେ ନିଲାମ କରାଯିବ । ଏଥିସହ୦୧.୦୭.୨୦୨୫ ସୁଦ୍ଧା ଦଣ୍ଡିତ ସୁଧ ଏବଂ ଖର୍ଚ୍ଚ ଚାର୍ଜ ଓ ଅନ୍ୟାନ୍ୟ ଖର୍ଚ୍ଚ ସିକ୍ୟୁଓର୍ଡ କ୍ରେଡିଟର୍ସ ମେସର୍ସ ଏମଆର ଇଣ୍ଟରପ୍ରାଇଜେସ୍ (ଋଣଗ୍ରହୀତା), ମେସର୍ସ କବିତା ଅଗ୍ରୱାଲ (ଗ୍ୟାରେଣ୍ଟର/ବନ୍ଧକଦାତା), ମିଷ୍ଟର ଅନୀଲ ଅଗ୍ରୱାଲ (ଗ୍ୟାରେଣ୍ଟର) ଏବଂ ମିଷ୍ଟର ଦୀପକ ଅଗ୍ରୱାଲ(ଗ୍ୟାରେଣ୍ଟର) ଯାହାକି ସଂରକ୍ଷିତ ମୂଲ୍ୟ, ଅମାନତ ଜମା ଏବଂ ସମ୍ପତ୍ତି ପରିଦର୍ଶନ ସଂପର୍କରେ ନିମ୍ନରେ ଉଲ୍ଲେଖ ।

| ଲଟ୍ ନଂ | ବନ୍ଧକ ସମ୍ପତ୍ତିର ବିବରଣୀ | ଥିବା ପ୍ରତିବନ୍ଧକ | ସଂରକ୍ଷିତ ମୂଲ୍ୟ | ଅମାନତ ଜମା |
|---|---|---|---|---|
| ୧ | ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶବିଶେଷ, ଆପାତତଃ ପ୍ରାୟ ଏ୦.୦୮୭ ଡିସିମିଲ(୮୭ ଡିସିମିଲ), ବାର୍ଷିକ ରେଣ୍ଟ ଟ.୩୨.୬୦ ପଇସା (ଷ୍ଟ୍ରକଚର ସହିତ), ଏଥିସହ ଆରସିସି ଦୁଇମହଲା ସିମେଣ୍ଟ ଚଟାଣ, ୧୪୨୫+ ୧୫୬୮ ବର୍ଗଫୁଟ ଯାହାକି ସାବକ ମୌଜା, ବାହାର ନାଳ, ସାବକ ପିଏସ୍ ନଂ ୨୦୦, ସାବକ ଖାତା ନଂ ୨୨୧, ସାବକ ପ୍ଲଟ ନଂ ୮୪୧, ମୂଳ ହାଲ୍ ଖାତା ନଂ ୭୧୪ ଏବଂ ହାଲ୍ ପ୍ଲଟ ନଂ ୨୩ (ଆଂଶିକ),ସିଏମ୍‌ସି ୱାର୍ଡ ନଂ ୧୨ (ନୂଆ-୨୦), ହୋଲଡିଂ ନଂ ୧୩୧, ଜିଲ୍ଲା-କଟକ, ଏସଆରଓ ତହସିଲ ଏବଂ ପିଏସ୍-କଟକ ସଦର, ହାଲ୍ ପିଏସ୍-ପୁରୀଘାଟ, ପିଏସ୍ ନଂ-୩, ତହସିଲ ନଂ-୨୧୫, ଓଡ଼ିଶା ସରକାରଙ୍କ ଖେୱାଟ୍ ନଂ ୧, ହାଲ୍ ମୌଜା- କଟକ ସହର, ୟୁନିଟ୍ ନଂ ୧୫, ଚୌଧୁରୀ ବଜାର, ମ୍ୟୁଟେସନ ଖାତା ନଂ ୮୭୦/୫୯ (ଆଠଶହ ସତୁରୀ/ ଅଣଷଠୀ), ସ୍ଥିତିବାନ, ମ୍ୟୁଟେସନ ପ୍ଲଟ ନଂ ୨୩/୩୧୪୪ (ତେଇଶି/ତିନିହଜାର ଏକଶହ ଚଉରାଳିଶି), କିସମ- ଘରବାରି-୨, ବାଉଣ୍ଡରୀ: ଉତ୍ତର- ନଗରମାଳ, ଦକ୍ଷିଣ-ଯୁଥିକା ମିଶ୍ରା, ପୂର୍ବ- ରାଧେଶ୍ୟାମ ଅଗ୍ରୱାଲ, ପଶ୍ଚିମ- ସିଏମ୍‌ସି ରାସ୍ତା । ସଂପୂର୍ଣ୍ଣ/ସମ୍ପତ୍ତିର ବିବରଣୀ ଯାହାକି ଡିଡ୍ ନଂ ୧୦୩୯୧୫୦୪୨୫୩ ତାରିଖ: ୩୦.୦୯.୨୦୧୫ରେ ଦୀପକ ଅଗ୍ରୱାଲ ଏବଂ କବିତା ଅଗ୍ରୱାଲଙ୍କ ନାମରେ ରହିଛି । | ଶୂନ୍ୟ | ଟ.୨,୦୭,୩୯,୦୦୦.୦୦/- (ଦୁଇକୋଟି ସାତଲକ୍ଷ ଅଣତାଳିଶ ହଜାର ଟଙ୍କା ମାତ୍ର) | ଟ.୨୦,୭୩,୯୦୦.୦୦/- (କୋଡ଼ିଏ ଲକ୍ଷ ତେସ୍ତରୀ ହଜାର ନଅଶହ ଟଙ୍କା ମାତ୍ର) |

| | |
|---|---|
| ନିଲାମ ତାରିଖ ଓ ସମୟ | ୦୯.୦୯.୨୦୨୫(ପୂର୍ବାହ୍ନ ୧୧.୩୦ଟାଠାରୁ ଅପରାହ୍ନ୧୨.୩୦ ପର୍ଯ୍ୟନ୍ତ) |
| ଅନ୍‌ଲାଇନ ନିଲାମ ୱେବସାଇଟ୍ | https://wwwbankeauctions.com |
| ଅନ୍‌ଲାଇନରେ ନିଲାମ ପାଇଁ ଆବେଦନ କରିବାର ଶେଷ ତାରିଖ | ୦୮.୦୯.୨୦୨୫ |
| ନିଲାମ ଡାକିବା ପାଇଁ ସର୍ବନିମ୍ନ ପରିମାଣ | ଟ.୧,୦୦,୦୦୦/-ମାତ୍ର |
| ଆଗ୍ରହୀ କ୍ରେତାଙ୍କ ସମ୍ପତ୍ତି ପରିଦର୍ଶନର ତାରିଖ ଓ ସମୟ | ୧୯.୦୮.୨୦୨୫ (ପୂର୍ବାହ୍ନ ୧୧.୩୦ଟାରୁ ଅପରାହ୍ନ ୧୨.୩୦ ପର୍ଯ୍ୟନ୍ତ) |
| ପ୍ରାଧିକୃତ ଅଧିକାରୀଙ୍କୁ ଯୋଗାଯୋଗ କରିବାର ବିବରଣୀ | ମୋବାଇଲ ନଂ: ୯୮୭୪୪୩୮୭୮୫, ଇମେଲ୍: rohit.swaroop@indusind.com |

**ବିକ୍ରୟର ସର୍ତ୍ତ ଏବଂ ନିୟମ ପାଇଁ ଦୟାକରି ସିକ୍ୟୁଓର କ୍ରେଡିଟରଙ୍କ ୱେବସାଇଟ୍ www.indusind.com କିମ୍ବା ୱେବସାଇଟ୍ ସର୍ଭିସ ପ୍ରୋଭାଇଡର ଇତ୍ୟାଦି https://www.bankeauctions.com ଦେଖନ୍ତୁ**

**ବିକ୍ରୟ ନିୟମ/ ସର୍ଫେସାଇ ଆଇନ ଅନୁଯାୟୀ ବିକ୍ରୟ ପାଇଁ ୩୦ ଦିନିଆ ସତର୍କତା ନୋଟିସ୍**

ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟର ଏହାକୁ ୩୦ଦିନିଆ ବିକ୍ରୟ ନୋଟିସ ଗ୍ରହଣ କରିବା ଉଚିତ୍ ।ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟରମାନଙ୍କୁ ଏହା ଶେଷ ଏବଂ ଚୂଡ଼ାନ୍ତ ସୁଯୋଗ ଦିଆଯାଉଛି ଯେ ଏହି ବିକ୍ରୟ ନୋଟିସର ୩୦ଦିନ ମଧ୍ୟରେ ସେମାନେ ଋଣ ପରିଶୋଧ କରି ବନ୍ଧକ ସମ୍ପତ୍ତିକୁ ମୁକୁଳାଇପାରିବେ, ବିଫଳ ହେଲେ ଉପର ଲିଖିତ ସର୍ତ୍ତ ଅନୁଯାୟୀ ସେଗୁଡ଼ିକୁ ବିକ୍ରି କରାଯିବ ।

**ତାରିଖ: ୨୯.୦୭.୨୦୨୫**
**ସ୍ଥାନ: କଟକ**

ପ୍ରାଧିକୃତ ଅଧିକାରୀ
ଇଣ୍ଡସଇଣ୍ଡ ବ୍ୟାଙ୍କ ପ୍ରାଇଭେଟ୍ ଲିମିଟେଡ୍

**AFFIDAVIT**

By virtue of an affidavit sworn before the Executive Magistrate, Puri, dated: 14.07.2025, I Tilottama Paschimakabat, Address: At- Nilakantha Nagar, Chudangasahi, Po- Puri, Ps- Puri Town, Dist- Puri, Odisha, PIN-752001, declare that I have changed my name from Tilottama Paschimkabat to Tolattama Paschimakabat. Henceforth, I shall be known as Tilottama Paschimakabat for all purposes.
**Sd/- Tilottama Paschimakabat**



ଶ୍ରୀନଗର: ପାକିସ୍ତାନ ସହ ପୁଣି ଥରେ କ୍ରିକେଟ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି ଭାରତ ସରକାର । ଆଉ ଏହାକୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ପିଡିପି ମୁଖ୍ୟ ମେହବୁବା ମୁଫତି । ସେ ପାକିସ୍ତାନ ସହିତ କ୍ରିକେଟ ଖେଳିବା ନିଷ୍ପତ୍ତି ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଯେ, ଭାରତ, ପାକିସ୍ତାନ ସହ ପୁନଃ କ୍ରିକେଟ୍ ଖେଳିବାକୁ ନିଷ୍ପତ୍ତି ନେଇ ଭଲ କରିଛି । ମୁଁ କେବଳ ଭାରତ ସରକାରଙ୍କୁ ଏତିକି କହିବାକୁ ଚାହୁଁଛି ଯେ, ଆମେ ପାକିସ୍ତାନର ଶତ୍ରୁ ନୁହଁନ୍ତି । ଯଦି ସରକାର ଶାନ୍ତି ଫେରାଇବାକୁ ଚାହାଁନ୍ତି ତେବେ ଆଲୋଚନା ମାଧ୍ୟମରେ ଏହା ସମ୍ଭବ ହୋଇପାରିବ । ଆଉ ଏହା ତୁରନ୍ତ ଆରମ୍ଭ କରିବା ଉଚିତ, ଯୁଦ୍ଧ ଦ୍ୱାରା କିଛି ହାସଲ କରିହେବ ନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜମ୍ମୁ-କଶ୍ମୀର ସମସ୍ୟାର ସମାଧାନ କରିପାରିବେ ବୋଲି ମେହବୁବା ମୁଫତି କହିଛନ୍ତି ।

### ଗତି ଶକ୍ତି ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ଉତ୍ସବ

# ଲଜିଷ୍ଟିକ୍ସ ପ୍ରଣାଳୀ ସୁଦୃଢ଼ ହେଲେ ଦେଶର ସୀମା ମଜବୁତ ହେବ: ରାଜନାଥ ସିଂ



ନୂଆଦିଲ୍ଲୀ: ଗୁଜରାଟ ଭଦୋଦରାରେ ସୋମବାର ଗତି ଶକ୍ତି ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ ଏଥିରେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ରାଜନାଥ ସିଂହ କହିଥିଲେ, ଭାରତର ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ହେଉଛି । ଏହା ଦେଶର ଆର୍ଥିକ ବିକାଶ ପାଇଁ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରୁଛି । ପ୍ରତିରକ୍ଷା ମନ୍ତ୍ରୀ ଲଜିଷ୍ଟିକ୍ସ କ୍ଷେତ୍ରକୁ ଏକବିଂଶ ଶତାବ୍ଦୀର ଭାରତରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନର କ୍ଷେତ୍ର ଭାବେ ଅଭିହିତ କରିଥିଲେ । ସେ କହିଥିଲେ, ଏହି କ୍ଷେତ୍ରରେ ଯୁବପିଢ଼ିଙ୍କ ପାଇଁ ଅପାର ସୁଯୋଗ ରହିଛି । ଏହା ଏକ ବିକଶିତ ଭାରତ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି ଅବସରରେ ସେ ବିକଶିତ ଭାରତ ନିର୍ମାଣର ଦାୟିତ୍ୱ ନେବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ । ସରକାରଙ୍କ ପ୍ରୟାସ ଉପରେ ଆଲୋକପାତ କରି ରାଜନାଥ ସିଂ କହିଥିଲେ, ବହୁମୁଖୀ ପରିବହନ କେନ୍ଦ୍ର ନିର୍ମାଣ କରିବା ଏବଂ ମିଶନ୍ ? ମୋଡରେ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ଭଳି ପଦକ୍ଷେପ ଫଳରେ ଲଜିଷ୍ଟିକ୍ସ ଖର୍ଚ୍ଚ ଯଥେଷ୍ଟ ହ୍ରାସ ପାଇଛି । ଏହାଦ୍ୱାରା ଡାଟା ଆଧାରିତ ନିଷ୍ପତ୍ତି ଗ୍ରହଣକୁ ପ୍ରୋତ୍ସାହନ ମିଳିପାରୁଛି । ଏହି କାର୍ଯ୍ୟକ୍ରମରେ ଉଦବୋଧନ ଦେଇ କେନ୍ଦ୍ର ରେଳମନ୍ତ୍ରୀ ତଥା ଗତି ଶକ୍ତି ବିଶ୍ୱବିଦ୍ୟାଳୟର କୁଳପତି ଅଶ୍ୱିନୀ ବୈଷ୍ଣବ ଗତ ୧୧ ବର୍ଷ ମଧ୍ୟରେ ଭାରତୀୟ ରେଳରେ ହୋଇଥିବା ଯୁଗାନ୍ତକାରୀ ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ । ସେ ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ଭାରତର ବିକାଶ ଯାତ୍ରାରେ ଯୋଗଦାନ ଦେବାକୁ ପରାମର୍ଶ ଦେଇଥିଲେ । ସମାବର୍ତ୍ତନ ଉତ୍ସବରେ ବିଭିନ୍ନ ବିଷୟରେ ମୋଟ ୧୯୪ ଜଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଗତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ପ୍ରତ୍ୟେକ ପାଠ୍ୟକ୍ରମରୁ ଜଣେ ଛାତ୍ରଙ୍କୁ ଶିକ୍ଷାଗତ ଉତ୍କର୍ଷତା ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ସେହିପରି ଉତ୍କୃଷ୍ଟ ପ୍ରକଳ୍ପ ଏବଂ ଶ୍ରେଷ୍ଠ ବିଦ୍ୟାର୍ଥୀ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା ।

## ଶିବ ମନ୍ଦିରରେ ଦଳାଚକଟା: ୨ମୃତ, ୪୦ ଆହତ



ନୂଆଦିଲ୍ଲୀ: ଉତ୍ତରପ୍ରଦେଶ ବାରାବାଙ୍କୀ ଅବସାନେଶ୍ୱର ଶିବ ମନ୍ଦିରରେ ଏକ ବଡ଼ ଅଘଟଣ ଘଟିଯାଇଛି । ଦଳଚକଟା ହୋଇ ୨ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ହୋଇଥିବା ବେଳେ ୪୦ ଆହତ ହୋଇଛନ୍ତି । ବିଦ୍ୟୁତ ଆଘାତରେ ୨ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ପରେ ଦଳଚକଟା ସ୍ଥିତି ଉପୁଜିଥିଲା । ବର୍ଷାରୁ ରକ୍ଷା ପାଇବାକୁ ୨ ଶ୍ରଦ୍ଧାଳୁ ଆଶ୍ରୟ ନେଇଥିବା ସ୍ଥାନରେ କରେଣ୍ଟ ଲାଗିଥିଲା । ଅବସାନେଶ୍ୱର ମହାଦେବ ମନ୍ଦିରରେ ଶ୍ରାବଣ ମାସର ତୃତୀୟ ସୋମବାରରେ ଜଳାଭିଷେକ ପାଇଁ ଭକ୍ତଙ୍କ ଭିଡ଼ ଜମିଥିଲା । ଜଳାଭିଷେକ ସମୟରେ ହଠାତ୍ ମନ୍ଦିର ପରିସରରେ କରେଣ୍ଟ ଫେଲ୍ ହୋଇଥିଲା । ବିଦ୍ୟୁତ୍ ତାରରେ କରେଣ୍ଟ ଆର୍ଲଟ ହେବା ପରେ ଦଳାଚକଟା ହୋଇଥିଲା । ଲୋକମାନେ ଚିତ୍କାର ସହିତ ଏଣେତେଣେ ଦୌଡ଼ିବାକୁ ଲାଗିଲେ । ଦୁର୍ଘଟଣାରେ ଦୁଇ ଜଣ ଭକ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ୪୦ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରେ ମହିଳା ଏବଂ ପିଲାମାନେ ମଧ୍ୟ ଅଛନ୍ତି । ସୁରକ୍ଷା ପାଇଁ ମନ୍ଦିର ପରିସରରେ ପୂର୍ବରୁ ପୋଲିସ ଫୋର୍ସ ଉପସ୍ଥିତ ଥିଲେ । କିନ୍ତୁ ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ଘଟଣାସ୍ଥଳରେ ପୋଲିସଙ୍କୁ ମୁତୟନ କରାଯାଇଥିଲା । ସମସ୍ତ ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି । ଘଟଣାର ସୂଚନା ପାଇବା ମାତ୍ରେ ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ପୋଲିସ ଅଧୀକ୍ଷକଙ୍କ ସହିତ ଅନ୍ୟ ଉଚ୍ଚ ପଦାଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ଡିଏମ୍ କହିଛନ୍ତି ଯେ କିଛି ମାଙ୍କଡ଼ ବିଦ୍ୟୁତ୍ ତାର ଉପରେ ଡେଇଁ ପଡ଼ିଥିଲେ, ଯାହା ଫଳରେ ତାର ଭାଙ୍ଗି ମନ୍ଦିର ପରିସରରେ ପଡ଼ିଥିଲା । ଏହି କାରଣରୁ କରେଣ୍ଟ ଲାଗିଥିଲା ଏବଂ ଦଳାଚକଟା ଭଳି ପରିସ୍ଥିତି ସୃଷ୍ଟି ହେଲା ।

## କାମ୍ବୋଡ଼ିଆ ଓ ଥାଇଲାଣ୍ଡ ମଧ୍ୟରେ ଯୁଦ୍ଧ ବିରତି

ନୂଆଦିଲ୍ଲୀ: ନିଃସର୍ତ୍ତ ଯୁଦ୍ଧବିରତି ପାଇଁ ସହମତ ହୋଇଛନ୍ତି କାମ୍ବୋଡିଆ ଏବଂ ଥାଇଲାଣ୍ଡ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚେତାବନୀ ପରେ ଉଭୟ ରାଷ୍ଟ୍ର ଯୁଦ୍ଧ ବିରତି ପାଇଁ ରାଜି ହୋଇଛନ୍ତି । ଏହା ସହିତ ଦୁଇ ଦେଶର ନେତାମାନେ ଟ୍ରମ୍ପଙ୍କୁ ଧନ୍ୟବାଦ ବି ଜଣାଇଛନ୍ତି । ସୋମବାର ମଧ୍ୟରାତ୍ରିରୁ ଯୁଦ୍ଧବିରତି ଲାଗୁ ହେବ । ଗତ ୫ ଦିନ ଧରି ସୀମା ବିବାଦକୁ କେନ୍ଦ୍ର କରି ଥାଇଲାଣ୍ଡ ଏବଂ କାମ୍ବୋଡିଆ ମଧ୍ୟରେ ଯୁଦ୍ଧ ଜାରି ରହିଥିଲା । ଏଥିରେ ୩୫ ଜଣ ପ୍ରାଣ ହରାଇଥିବାବେଳେ ୨ ଲକ୍ଷ ୬୦ ହଜାରରୁ ଅଧିକ ଲୋକ ବିସ୍ଥାପିତ ହୋଇଥିଲେ । ୮୦୦ କିମିର ସୀମାକୁ ନେଇ ଦୁଇ ଦେଶ ମଧ୍ୟରେ ଦଶନ୍ଧି ଧରି ବିବାଦ ଲାଗି ରହିଛି । ଏହାକୁ ନେଇ ଅନେକ ସମୟରେ ଦୁଇ ଦେଶ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥାଏ । କିନ୍ତୁ ଚଳିତଥର ଉଭୟ ଦେଶ ଯୁଦ୍ଧ କ୍ଷେତ୍ରକୁ ଓହ୍ଲାଇଥିଲେ । ଏହା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଯୁଦ୍ଧ ବନ୍ଦ କରିବାକୁ ଦୁଇ ଦେଶକୁ କଡ଼ା ଚେତାବନୀ ଦେଇଥିଲେ । ଯୁଦ୍ଧ ବନ୍ଦ ନ କଲେ ଆମେରିକା ଉଭୟ ରାଷ୍ଟ୍ର ସହିତ ବାଣିଜ୍ୟିକ କାରବାର ବନ୍ଦ କରିବ ବୋଲି ଟ୍ରମ୍ପ ଧମକ ଦେଇଥିଲେ ।

## ‘ଆଇ ଲଭ୍ ୟୁ’ କହିବା ଯୌନ ନିର୍ଯାତନା ନୁହେଁ: ହାଇକୋର୍ଟ



ନୂଆଦିଲ୍ଲୀ: ଛତିଶଗଡ଼ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି ଯେ, ସ୍ପଷ୍ଟ ଯୌନ ଉଦ୍ଦେଶ୍ୟ ପ୍ରମାଣ ନ ହେଲେ କେବଳ ‘ଆଇ ଲଭ୍ ୟୁ’ କହିବା ଯୌନ ନିର୍ଯାତନା ନୁହେଁ । ଏହି ମାମଲାରେ ଜଣେ ଯୁବକଙ୍କୁ ପୋକ୍ସୋ ଆଇନ ଓ ଏସସି/ଏସଟି (ଅତ୍ୟାଚାର ନିବାରଣ) ଆଇନ ଅଧୀନରେ ଅଭିଯୁକ୍ତ କରାଯାଇଥିଲା, କିନ୍ତୁ ହାଇକୋର୍ଟର ବିଚାରପତି ସଞ୍ଜୟ ଏସ୍ ଅଗ୍ରୱାଲଙ୍କ ଖଣ୍ଡିକିଆ ବେଞ୍ଚ ଟ୍ରାଏଲ କୋର୍ଟଙ୍କ ରାୟକୁ ବଳବତ୍ତର ରଖି ରାଜ୍ୟ ସରକାରଙ୍କ ଆପିଲକୁ ଖାରଜ କରିଛନ୍ତି ।ଘଟଣାଟି ଧମତାରୀ ଜିଲାର କୁରୁଦ ଥାନା ଅଞ୍ଚଳରେ ଘଟିଥିଲା । ଜଣେ ୧୫ ବର୍ଷୀୟା ଛାତ୍ରୀ ଅଭିଯୋଗ କରିଥିଲେ ଯେ, ସ୍କୁଲରୁ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ଯୁବକ ତାଙ୍କୁ ଦେଖି ‘ଆଇ ଲଭ୍ ୟୁ’ କହିଥିଲେ ଏବଂ ପୂର୍ବରୁ ମଧ୍ୟ ଅନେକ ଥର ନିର୍ଯାତନା ଦେଇଥିଲେ । ଏହି ଅଭିଯୋଗ ଆଧାରରେ ପୋଲିସ ଭାରତୀୟ ଦଣ୍ଡବିଧାନର ଧାରା ୩୫୪ଡି (ପଛରୁ ଲାଗିବା) ଓ ୫୦୯ (ମହିଳାଙ୍କ ସମ୍ମାନକୁ ଆଘାତ) ସହ ପୋକ୍ସୋ ଆଇନର ଧାରା ୮ ଓ ଏସସି/ଏସଟି ଆଇନର ଧାରା ୩(୨)(ଭିଏ) ଅଧୀନରେ ମାମଲା ରୁଜୁ କରିଥିଲା । କିନ୍ତୁ, ଟ୍ରାଏଲ କୋର୍ଟ ପ୍ରମାଣର ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ଘୋଷଣା କରିଥିଲେ । ରାଜ୍ୟ ସରକାର ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । ଶୁଣାଣି ସମୟରେ ହାଇକୋର୍ଟ ଉଲ୍ଲେଖ କରିଛନ୍ତି ଯେ, ଅଭିଯୋଗକାରୀଙ୍କ ବୟସ ପ୍ରମାଣ କରିବାରେ ତଦନ୍ତ ଅସମ୍ପୂର୍ଣ୍ଣ ରହିଥିଲା ଏବଂ ଅଭିଯୁକ୍ତଙ୍କ କାର୍ଯ୍ୟରେ ଯୌନ ଉଦ୍ଦେଶ୍ୟ ଥିବାର କୌଣସି ପ୍ରମାଣ ମିଳିନାହିଁ । ଏହା ସହ, ଅଭିଯୋଗକାରୀଙ୍କ ଜାତି ସମ୍ପର୍କରେ ଅଭିଯୁକ୍ତଙ୍କୁ ଜଣା ନ ଥିବାରୁ ଏସସି/ଏସଟି ଆଇନ ପ୍ରୟୋଗ ଅନୁଚିତ ବୋଲି କୋର୍ଟ ମତ ଦେଇଛନ୍ତି ।

## ଅଶୁଦ୍ଧ ପାଣି ଯୋଗୁଁ ବହୁ ଲୋକଙ୍କ ଜୀବନ ଯାଉଛି

ଗାଜା: ଗାଜାରେ ଏବେ ସ୍ଥିତି ଅସମ୍ଭାଳ । ଗାଜାର ଦୁଇଟି ସ୍ଥାନରେ ଖାଦ୍ୟ ପାଇଁ ଅପେକ୍ଷା କରିଥିବା ପାଲେଷ୍ଟାଇନ୍ ଲୋକଙ୍କ ଉପରେ ଇସ୍ରାଏଲ୍ ସେନା ଗୁଳି ଚଳାଇଛି ଯେଉଁଥିରେ ଜଣଙ୍କର ଜୀବନ ଯାଇଛି ଏବଂ ଅନେକ ଆହତ ହୋଇଛନ୍ତି । ଯେତେବେଳେ କି ଆଉ ଏକ ଶିଶୁର ଅପପୁଷ୍ଟି ଯୋଗୁ ମୃତ୍ୟୁ ଘଟିଛି । ତେବେ ଗାଜାରେ ଚାଲିଥିବା ସଂଘର୍ଷ ମଧ୍ୟରେ ଏକ ନୂଆ ସଙ୍କଟ ଦେଖାଦେଇଛି । ଅଶୁଦ୍ଧ ପାଣି ଯୋଗୁଁ ବହୁ ଲୋକଙ୍କ ଜୀବନ ଯାଉଛି । ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ, ଗାଜାରେ ଶୁଦ୍ଧ ପାଣିର ଅଭାବ ଏବଂ ଅପରିଷ୍କାର ଜଳ ଉତ୍ସ ଯୋଗୁଁ ବିଭିନ୍ନ ରୋଗ ବ୍ୟାପୁଛି, ଯାହା ଶିଶୁ ଓ ବୟସ୍କଙ୍କ ମୃତ୍ୟୁର କାରଣ ସାଜିଛି । ଅଞ୍ଚଳର ଅଧିକାଂଶ ଜଳ ଉତ୍ସ ଦୂଷିତ ହେବା ସହ ପାଣି ଶୁଦ୍ଧୀକରଣ ବ୍ୟବସ୍ଥା ମଧ୍ୟ ଧ୍ୱଂସ ହୋଇଛି । ଯୁଦ୍ଧ ଯୋଗୁଁ ଗାଜାରେ ପାଣି ଯୋଗାଣ ବନ୍ଦ ରହିଛି । ନଳକୂପ, କୂଅରୁ ପାଣି ପିଇବାଯୋଗ୍ୟ ନାହିଁ । ଦୂଷିତ ପାଣି ପିଇବା ଯୋଗୁଁ ଡାଇରିଆ, ହେପାଟାଇଟିସ୍ ଏ ଏବଂ ଅନ୍ୟାନ୍ୟ ଜଳଜନିତ ରୋଗ ବ୍ୟାପୁଛି, ଯାହା ଶିଶୁ ଓ ବୃଦ୍ଧଙ୍କ ପାଇଁ ଅଧିକ ଘାତକ ହେଉଛି । ସ୍ଥାନୀୟ ହସ୍ପିଟାଲଗୁଡ଼ିକରେ ଔଷଧ ଥିଲେ ମଧ୍ୟ ପାଣି ମିଳୁନି । ଜାତିସଂଘ ଏବଂ ଅନ୍ୟାନ୍ୟ ମାନବିକ ସଂସ୍ଥା ଗାଜାରେ ଜରୁରୀ ଭିତ୍ତିରେ ପରିଷ୍କାର ପାଣି ଓ ଚିକିତ୍ସା ସେବା ଯୋଗାଇବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ଯୁଦ୍ଧ ଏହି ପ୍ରୟାସକୁ ବାଧା ଦେଉଛି ।

# ସବୁଜ ଇସ୍ପାତ ଉତ୍ପାଦନ ଉପରେ ବିଷ୍ଣୁଦେବଙ୍କ ଗୁରୁତ୍ୱ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସୋମବାର ଦେଶର ବିଶିଷ୍ଟ ଶିଳ୍ପତିମାନଙ୍କୁ ଛତିଶଗଡରେ ସବୁଜ ଇସ୍ପାତ ଉତ୍ପାଦନ ପାଇଁ ଆହ୍ୱାନ ଦେଇଛନ୍ତି । ରାୟପୁରର ଏକ ହୋଟେଲରେ ଆୟୋଜିତ ଶିଳ୍ପତିମାନଙ୍କ ସମ୍ମିଳନୀରେ ଶ୍ରୀ ସାଏ କହିଥିଲେ ଯେ, ଛତିଶଗଡରେ ଇସ୍ପାତ ଶିଳ୍ପ ପ୍ରତିଷ୍ଠା କଲେ ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବେ । କନ୍‌ଫେଡେରେସନ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିଜ୍ (ସିଆଇଆଇ) ପୂର୍ବାଞ୍ଚଳ ପକ୍ଷରୁ ଏଠାରେ ଏକ ସମ୍ମିଳନୀ ଆୟୋଜନ କରାଯାଇଥିଲା । ଶିଳ୍ପପତିମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ସାଏ କହିଥିଲେ ଛତିଶଗଡରେ ଶିଳ୍ପ ପ୍ରତିଷ୍ଠା ପାଇଁ ଛତିଶଗଡ ସରକାର ନୂଆ ଶିଳ୍ପନୀତି ପ୍ରଣୟନ କରିଛନ୍ତି । ବିଶେଷ କରି ଯେଉଁମାନେ ସବୁଜ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଆଗ୍ରହୀ ଥିବେ ସେମାନଙ୍କୁ ଅଧିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ । ସେ ଆହୁରି କହିଥିଲେଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭାରତକୁ ଏକ ଆଦର୍ଶ ଇସ୍ପାତ୍ ହବ୍ କରିବାର ଯେଉଁ ଇଚ୍ଛା ରହିଛି ତାକୁ ଛତିଶଗଡ ସରକାର ଆଂଶିକ ଭାବେ ନିଶ୍ଚିତ ପୂରଣ କରିବେ । ଛତିଶଗଡରେ ବର୍ଷକୁ ୧୦୦ରୁ ୨୦୦ ମିଲିୟନ୍ ଟନ୍ ଇସ୍ପାତ ଉତ୍ପାଦନ ହେଉଛି । ୨୦୩୦ ସୁଦ୍ଧା ଏହା ୩୦୦ ମିଲିୟନକୁ ବୃଦ୍ଧି ପାଇବ ବୋଲି ସେ ଆଶା ପ୍ରକାଶ କରିଥିଲେ । ସେ ଆହୁରି କହିଥିଲେ ଯେ, ବର୍ତ୍ତମାନ ଛତିଶଗଡରେ ଇସ୍ପାତ ଶିଳ୍ପ ପ୍ରତିଷ୍ଠା ପାଇଁ ଭିତ୍ତିଭୂମି ପ୍ରତିଷ୍ଠା ଆରମ୍ଭ ହୋଇଛି । ସେ କହିଥିଲେ ଛତିଶଗଡ ଖଣିଜ ସଂପଦରେ ପରିପୂର୍ଣ୍ଣ । ଯାହାକୁ ଇସ୍ପାତ ଶିଳ୍ପକୁ ପାଇଁ ଲାଭ ଦାୟକ ହୋଇପାରିବ । ଏହା କେବଳ ଇସ୍ପାତ ଉତ୍ପାଦନ କ୍ଷେତ୍ର ପାଇଁ ନୁହେଁ ବରଂ ଛତିଶଗଡ ଅର୍ଥନୈତିକ ଉତ୍‌ଥାନ ତଥା ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିରେ ବେଶ ସହାୟକ ହୋଇପାରିବ । ଏ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ସହଯୋଗ ମିଳି ପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ ।






ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ପ୍ଲେଟ୍ ମିଲ୍ ବିଭାଗର ସମ୍ମିଳନୀ ହଲ୍‌ରେ ଏକ ପୁରସ୍କାର ସମାରୋହ ଜୁଲାଇ ୨୮ ତାରିଖରେ ଆୟୋଜନ କରାଯାଇଥିଲା । ପ୍ଲେଟ୍ ମିଲ୍ ବିଭାଗର ସିଜିଏମ ଏତୁଆ ଓରାମ୍ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରି ବିଭାଗର ୭ ଜଣ କର୍ମଚାରୀଙ୍କୁ ଶାବାସ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ବିଭାଗର ଜିଏମ ୱାଇ କେ ରୟ, ବୈଦ୍ୟୁତିକ ବିଭାଗର ଜିଏମ ଦୀପ୍ତଙ୍କର ମହାପାତ୍ର, ଡ଼ିଜିଏମ ଏସ କେ ନାହାକ, ଏଜିଏମ ସତ୍ୟଦେବ ଶର୍ମା, ଏଜିଏମ ବି କେ ସେନାପତିଙ୍କ ସମେତ ବିଭାଗର ବହୁ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ପ୍ଲେଟ ମିଲ ବିଭାଗର ପୁରସ୍କାରପ୍ରାପ୍ତ କର୍ମଚାରୀମାନଙ୍କ ମଧ୍ୟରେ ନିତ୍ୟାନନ୍ଦ ଦାସ, ବିଗିପାନ ବରିସାଲ, ଚନ୍ଦ୍ରବ୍ରତ ନନ୍ଦ, ପ୍ରଦୀପ କୁମାର ନାୟକ, ନରେନ୍ଦ୍ର ସେଠୀ, ସମୀର କୁମାର ମହାନ୍ତି ଏବଂ ହରେକୃଷ୍ଣ ଦାସ ଅନ୍ତର୍ଭୁକ୍ତ ଥିଲେ । କର୍ମଚାରୀମାନଙ୍କୁ ସେମାନଙ୍କ କାର୍ଯ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରୟାସ ନିମନ୍ତେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା ।

### ଜେଆରଡି ଟାଟାଙ୍କ ୧୨୧ତମ ଜୟନ୍ତୀ

## ‘ଏକ ସମନ୍ୱିତ ଓ ଦୀର୍ଘସ୍ଥାୟୀ ଭବିଷ୍ୟତର ଦୂରଦ୍ରଷ୍ଟା’



ନୂଆଦିଲ୍ଲୀ: ଜେଆରଡି ଟାଟା ଭାବେ ପରିଚିତ ଜେହାଙ୍ଗୀର ରତନଜୀ ଦାଦାଭୋୟ ଟାଟା କେବଳ ଜଣେ ପ୍ରତିଷ୍ଠିତ ଉଦ୍ୟୋଗପତି ନଥିଲେ, ବରଂ ଜଣେ ଦୂରଦ୍ରଷ୍ଟା ବ୍ୟକ୍ତିତ୍ୱ ଥିଲେ । ସେ ଏକ ଏକ ସମନ୍ୱିତ ଭବିଷ୍ୟତର ସ୍ୱପ୍ନ ଦେଖିଥିଲେ ଯେଉଁଠାରେ ପ୍ରକୃତିଏବଂ ମାନବସମାଜ ମିଳିତ ଭାବେ ବିକଶିତ ହୋଇପାରିବ । ଟାଟା ଗ୍ରୁପର ମାର୍ଗଦର୍ଶକ ଭାବେ ସେ ଜଣେ ସାଧାରଣ ବ୍ୟବସାୟିକ ଲିଡର୍ ଠାରୁ ଆଗକୁ ବଢ଼ି ଜଣେ ମାନବତାବାଦୀ ଭାବରେ ଭାରତର ସ୍ଥାୟୀ ବିକାଶ, ସାମାଜିକ ସମାନତା ଏବଂ ଅନ୍ତର୍ଭୁକ୍ତୀକରଣ ବିକାଶର ମାର୍ଗ ପ୍ରଶସ୍ତ କରିଥିଲେ । ଟାଟା ଷ୍ଟିଲରେ ଜେଆରଡି ଟାଟାଙ୍କ ଦୂରଦର୍ଶିତା ଏବେ ମଧ୍ୟ ପରିଲକ୍ଷିତ ହୁଏଏହାର ବିସ୍ତାର ଏବଂ ମୂଲ୍ୟବୋଧ ଉଭୟରେ । ସେ ବିଶ୍ୱସ୍ତରୀୟ ସହଯୋଗ ଏବଂ ପ୍ରଯୁକ୍ତିଗତ ବିକାଶକୁ ପ୍ରୋତ୍ସାହିତ କରୁଥିଲେ ଏବଂ ସର୍ବଦା ଭବିଷ୍ୟତକୁ ଦୃଷ୍ଟିରେ ରଖି ଚିନ୍ତା କରୁଥିଲେ । ସେ ଜାଣିଥିଲେ ଯେ ନବସୃଜନ ଏବଂ ଦକ୍ଷତା ବିକାଶ ପ୍ରତିଯୋଗିତା ଏବଂ ଦୀର୍ଘସ୍ଥାୟୀତ୍ୱ ପାଇଁ ଅତ୍ୟାବଶ୍ୟକ । ଅର୍ଥନୈତିକ ମନ୍ଦାବସ୍ଥା ବେଳେ ସେ ହ୍ରାସବୃଦ୍ଧି ପରିବର୍ତ୍ତେ ଦୀର୍ଘମିଆଦୀ ଜାତୀୟ ଆବଶ୍ୟକତା ଉପରେ ଧ୍ୟାନ ଦେବାକୁ କହିଥିଲେ । ସେହି ନୀତି ଆଜି ମଧ୍ୟ କମ୍ପାନିର ରଣନୀତିକୁ ପରିଚାଳିତ କରୁଛି । ତାଙ୍କର ପଦ୍ଧତି ଥିଲା ସୁଚିନ୍ତିତ, ନୀତିନିଷ୍ଠ ଏବଂ ଦୂରଦୃଷ୍ଟିସମ୍ପନ୍ନ । ଟାଟା ଷ୍ଟିଲର ଅଭିବୃଦ୍ଧି ଭାରତର ଉନ୍ନତି ସହିତ ଜଡ଼ିତ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଥିଲା । ତାଙ୍କର ସହାନୁଭୂତି କେବଳ କର୍ମଚାରୀମାନଙ୍କ ପର୍ଯ୍ୟନ୍ତ ସୀମିତ ନଥିଲା ବରଂ ଟାଟାର କାର୍ଯ୍ୟକ୍ଷେତ୍ରଗୁଡ଼ିକରଚାରିପାଖର ସମାଜ ପର୍ଯ୍ୟନ୍ତ ବ୍ୟାପିଥିଲା । ସେ ସ୍ୱାସ୍ଥ୍ୟ, ଆବାସ, ଶିକ୍ଷା ଏବଂ ସ୍ୱାସ୍ଥ୍ୟଗତ ପ୍ରକଳ୍ପଗୁଡ଼ିକୁ ପ୍ରୋତ୍ସାହିତ କରିଥିଲେ ଯାହା ବର୍ତ୍ତମାନ ସମୟର ସିଏସ୍‌ଆର୍ (କର୍ପୋରେଟ ସାମାଜିକ ଦାୟିତ୍ୱବୋଧର ମୂଳଦୁଆ ପକାଇଥିଲା । ଜେଆରଡି ଟାଟାଙ୍କ ନେତୃତ୍ୱରେ ଟାଟା ଆଣ୍ଡ ସନ୍ସ ୧୪ରୁ ୯୫ଟି କମ୍ପାନିରେ ପରିଣତ ହୋଇଥିଲା ଏବଂ ଗ୍ରୁପର ସମ୍ପତି ପ୍ରାୟ ୧୦୦ ନିୟୁତ ଡଲାରରୁ ଅଧିକ ହୋଇ ୫୦୦ କୋଟି ଡଲାରରେ ପହଂଚିଥିଲା । କିନ୍ତୁ ସଂଖ୍ୟାଗୁଡ଼ିକ ଠାରୁ ଅଧିକ ଥିଲା ତାଙ୍କ ଦ୍ୱାରା ସୃଷ୍ଟି ମୂଲ୍ୟବୋଧ ଯଥା ସହାନୁଭୂତି, ଦୂରଦୃଷ୍ଟି ଏବଂ ସଚ୍ଚୋଟତା । ସେହି ମୂଲ୍ୟବୋଧ ତାଙ୍କ ଶତ ବାର୍ଷିକୀକୁ ବ୍ୟାଖ୍ୟା କରୁଛି । ସେ କେବଳ ଏକ ଶିଳ୍ପସାମ୍ରାଜ୍ୟ ନିର୍ମାଣ କରିନଥିଲେ ବରଂ ଏକ ଦାୟିତ୍ୱଶୀଳ, ଅନ୍ତର୍ଭୁକ୍ତୀକରଣ ଏବଂ ସ୍ଥାୟୀ ବିକାଶର ପ୍ରଣାଳୀ ଗଠନ କରିଥିଲେ । ଆଜି ଯେତେବେଳେ ସଂଗଠନଗୁଡ଼ିକ ‘ଏକକ’ ଦୃଷ୍ଟିକୋଣକୁ ଗ୍ରହଣ କରୁଛନ୍ତି ତାଙ୍କ ଦର୍ଶନ ଆମକୁ ସ୍ମରଣ କରାଉଛି ଯେ ସତ୍ୟ ନେତୃତ୍ୱ ହେଉଛି ଲକ୍ଷ୍ୟ ଏବଂ କାର୍ଯ୍ୟକୁ ସମା‘ରାଳ କରିବା ଏବଂ ନିଶ୍ଚିତ କରିବା ଯେ ବିକାଶର ଲାଭ ସମସ୍ତଙ୍କ ପାଖରେ ପହଂଚିବା ଦରକାର । ଜେଆରଡି ଟାଟାଙ୍କ ଜୀବନ ଆଜି ମଧ୍ୟ ପିଢ଼ି ପରେପିଢ଼ି ଧରି ଦୀର୍ଘମିଆଦୀ ଚିନ୍ତା କରିବା, ନୈତିକ ଭାବେ କାର୍ଯ୍ୟ କରିବା ଏବଂ ସହାନୁଭୂତି ସହିତ ନେତୃତ୍ୱ ନେବାକୁ ପ୍ରେରଣା ଦେଇଚାଲିଛି, କାରଣ ଏହାହିଁ ସତ୍ୟରସହ ସମନ୍ୱିତ ଭବିଷ୍ୟତର ଏକମାତ୍ର ପଥ ।

## ନେଫ୍ରୋପ୍ଲସ ପକ୍ଷରୁ ଡିଆର୍‌ଏଚ୍‌ପି ଦାଖଲ

ନୂଆଦିଲ୍ଲୀ: ନେଫ୍ରୋ କେୟାର ହେଲଥ ସର୍ଭିସେସ ଲିମିଟେଡ ପକ୍ଷରୁ ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ଜରିଆରେ ପାଣ୍ଠି ସଂଗ୍ରହ କରିବା ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡହେରିଂ ପ୍ରୋସପେକ୍ଟସ (ଡିଆରଏଚପି) ଦାଖଲ କରାଯାଇଛି । ହାଇଦ୍ରାବାଦର ଏହି କମ୍ପାନି ପ୍ରସ୍ତାବିତ ଆଇପିଓରେ ୩୫୩.୪ କୋଟିଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରିବ ଏବଂ ଅଂଶଧନକାରୀମାନେ ଅଫର ଫରସେଲରେ ୧,୨୭,୯୨,୦୫୬ ଇକ୍ୱିଟି ସେୟାର ବିକ୍ରି କରିବେ । ଅଫର ଫରସେଲରେ ଇନଭେଷ୍ଟ କର୍ପ ପ୍ରାଇଭେଟ ଇକ୍ୱିଟି ଫଣ୍ଡ-୨, ହେଲଥ କେୟାର ପ୍ୟାରେଂଟ ଲିମିଟେଡ, ଇନଭେଷ୍ଟ କର୍ପଗ୍ରୋଥ ଅପର୍ଚ୍ଚୁନିଟି ଫଣ୍ଡ, ଏଡୋରାସଇନଭେଷ୍ଟମେଂଟ ହୋଲଡିଂସ ପିଟିଇ ଲିମିଟେଡ, ଇନଭେଷ୍ଟ କର୍ପ ଇଣ୍ଡିଆ ପ୍ରାଇଭେଟ ଇକ୍ୱିଟି ଅପର୍ଚ୍ଚୁନିଟି ଲିମିଟେଡ, ଇଂଟରନ୍ୟାସନାଲ ଫାଇନାନ୍ସ କର୍ପୋରେସନ, ୩୬୦ ୱାନ ସ୍ପେସିଆଲ ଅପର୍ଚ୍ଚୁନିଟି ଫଣ୍ଡ-ସିରିଜ ୯ ଓ ୩୬୦ ୱାନ ସ୍ପେସିଆଲ ଅପର୍ଚ୍ଚୁନିଟି ଫଣ୍ଡ-ସିରିଜ ୧୦ ଇକ୍ୱିଟି ସେୟାର ବିକ୍ରି କରିବେ ।ଏହି ଅଫରର ବୁକରନିଂ ଲିଡ ମ୍ୟାନେଜରମାନେ ହେଉଛନ୍ତି ଆଇସିଆଇସିଆଇ ସିକ୍ୟୁରିଟିଜ ଲିମିଟେଡ, ଆମ୍ବିଟ ପ୍ରାଇଭେଟ ଲିମିଟେଡ, ଆଇଆଇଏଫଏଲ କ୍ୟାପିଟାଲ ସର୍ଭିସେସ ଲିମିଟେଡ ଓ ନୋମୁରା ଫାଇନାନ୍ସିଆଲ ଆଡଭାଇଜରି ଆଣ୍ଡ ସିକ୍ୟୁରିଟିଜ (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡ । ବୁକରନିଂ ଲିଡ ମ୍ୟାନେଜରଙ୍କ ସହ ପରାମର୍ଶରେ କମ୍ପାନି ୭୦.୬ କୋଟି ଟଙ୍କାର ଇକ୍ୱିଟି ସେୟାରର ପ୍ରି-ଆଇପିଓ ପ୍ଲେସମେଂଟ କରିବ । ତାହା ସଫଳ ହେଲେ ସେହି ଅନୁସାରେ ମୂଳ ଇସ୍ୟୁର ଆକାର କମିଯିବ । ୨୦୦୯ରେ ପ୍ରତିଷ୍ଠା ହୋଇଥିବା ନେଫ୍ରୋପ୍ଲସର ୨୧ଟି ରାଜ୍ୟ ଓ ୪ଟି କେନ୍ଦ୍ରଶାସିତ ଅଂଚଳର ୨୬୯ଟି ସହରରେ ୪୪୭ କ୍ଲିନିକ ରହିଛିଏ ବଂ ବାର୍ଷିକ ଏହା ୩୩,୦୦୦ରୁ ଅଧିକରୋଗୀଙ୍କୁ ସେବା ପ୍ରଦାନ କରୁଛି ।

## ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଉପଭୋକ୍ତାଙ୍କୁ ରିହାତି ପ୍ରଦାନ

ବୁର୍ଲା (ଭାସ୍କର ନ୍ୟୁଜ୍): ଉତ୍କୃଷ୍ଟ ଗ୍ରାହକ ସେବାର ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଗତ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପଶ୍ଚିମ ଓଡ଼ିଶାର ୧୦.୭୧ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ମୋଟ ୭୨.୦୫ କୋଟି ଟଙ୍କାର ରିହାତି ପ୍ରଦାନ କରାଯାଇଅଛି । ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ, ବିଦ୍ୟୁତ୍ ଉପଭୋକ୍ତାଙ୍କ ସୁରକ୍ଷା ଜମା ରାଶିର ସୁଧ ବାବଦକୁ ଏହି ରିହାତି ଗତ ଜୁନ ମାସର ବିଦ୍ୟୁତ୍ ବିଲରେ ପ୍ରଦାନ କରାଯାଇଅଛି । ସୂଚନାଯୋଗ୍ୟ ପଶ୍ଚିମ ଓଡ଼ିଶାର ସମସ୍ତ ୯ଟି ଜିଲ୍ଲାର ବିଦ୍ୟୁତ୍ ଉପଭୋକ୍ତାଙ୍କଜୁନ ମାସର ବିଦ୍ୟୁତ୍ ବିଲରେ ଏହି ରିହାତି ପ୍ରଦାନ କରାଯାଇଅଛି । ଏହି ପଦକ୍ଷେପ ଗ୍ରାହକସେବା ଏବଂ ନିୟମ ଅନୁପାଳନ ପ୍ରତି କମ୍ପାନୀର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ତଥ୍ୟ ଅନୁଯାଇ, ସର୍ବାଧିକ ୨୫.୨୦ କୋଟି ଟଙ୍କାର ରିହାତି ଝାରସୁଗୁଡ଼ା ଜିଲ୍ଲାର ୧ ଲକ୍ଷ ୦୮ ହଜାର ୪୭୪ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ପ୍ରଦାନ କରାଯାଇଥିବା ବେଳେ ସୁନ୍ଦରଗଡରେ ୨୩.୮୨ କୋଟି ଟଙ୍କାର ରିହାତି ପ୍ରଦାନ କରାଯାଇଛି, ଯାହା ୨ ଲକ୍ଷ୪୮ହଜାର ୦୧୨ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଲାଭାନ୍ୱିତ କରିଅଛି । ସେହିପରି ସମ୍ବଲପୁର ଜିଲ୍ଲାରେ ୧ ଲକ୍ଷ ୨୬ ହଜାର ୮୫୦ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ୮.୮୨ କୋଟି ଟଙ୍କା ରିହାତି ପ୍ରଦାନ କରାଯାଇଥିବା ବେଳେ ବରଗଡ ଜିଲ୍ଲାର ୧ ଲକ୍ଷ ୮୭ ହଜାର ୧୯୫ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ୩.୭୦ କୋଟି ଟଙ୍କା ରିହାତି ମିଳିଛି । ସେହିପରି କଳାହାଣ୍ଡି ଜିଲ୍ଲାର ଏକ ଲକ୍ଷ ୧୭ ହଜାର ୧୮୮ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ୩.୮୮ କୋଟି ଟଙ୍କା, ବଲାଙ୍ଗିର ଜିଲ୍ଲାର ୧ ଲକ୍ଷ ୫୨ ହଜାର ୨୫୯ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ୩.୨୭ କୋଟି ଟଙ୍କା, ସୋନପୁର ଜିଲ୍ଲାର ୪୮ ହଜାର ୯୭୬ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ୧.୭୦ କୋଟି ଟଙ୍କା, ନୂଆପଡ଼ା ଜିଲ୍ଲାର ୫୨ ହଜାର ୭୧୪ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ୧.୨୩ କୋଟି ଟଙ୍କା ରିହାତି ପ୍ରଦାନ କରାଯାଇଅଛି । ଏହି ପଦକ୍ଷେପ ବିଷୟରେ ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି,‘ଆମେ ଆମର ସମସ୍ତ ବ୍ୟବସାୟିକ କାର୍ଯ୍ୟଶୈଳୀରେ ସ୍ୱଚ୍ଛତା ବଜାୟ ରଖିଅଛୁ । ଏଥିସହ ଯେପରି ଆମର ସମସ୍ତ ବିଦ୍ୟୁତ୍ ଉପଭୋକ୍ତାମାନେ ସମସ୍ତ ନିୟାମକ ବ୍ୟବସ୍ଥାରୁ ଉପକୃତ ହେବେ, ତାହା ନିଶ୍ଚିତ କରୁଅଛୁ ।

## କୋଟକ ଆକ୍ଟିଭ ମୋମେଣ୍ଟମ ଫଣ୍ଡର ଶୁଭାରମ୍ଭ

ମୁମ୍ବାଇ : କୋଟକ ମହିନ୍ଦ୍ରା ଆସେଟ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ (‘କେଏମଏଏମ୍‌ସି / ‘କୋଟକ ମ୍ୟୁଚୁଆଲ ଫଣ୍ଡ’) ଗତିଶୀଳତା ବିଷୟକୁ ଅନୁସରଣ କରି ଏକ ଓପନ-ଏଣ୍ଡେଡ ଇକ୍ୱିଟି ସ୍କିମ କୋଟକ ଆକ୍ଟିଭ ମୋମେଣ୍ଟମ ଫଣ୍ଡ ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି । ଏହି ଫଣ୍ଡ ଆଭ୍ୟନ୍ତରୀଣ ନିଜସ୍ୱ ମଡେଲରେ ପ୍ରସ୍ତୁତ ଆୟ ଗତିଶୀଳତା ରହିଥିବା ଷ୍ଟକଗୁଡିକୁ ଚିହ୍ନଟ କରି ସୁଯୋଗଗୁଡ଼ିକୁ ଉପଯୋଗ କରିବାକୁ ଲକ୍ଷ୍ୟ ରଖିଛି । ସ୍କିମ ଜନସାଧାରଣଙ୍କ ସବସ୍କ୍ରିପସନ ନିମନ୍ତେ ୨୦୨୫ ଜୁଲାଇ ୨୯ରୁ ୨୦୨୫ ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ନିଲେଶ ଶାହ, ମ୍ୟାନେଜିଂ ଡାଇରେକ୍ଟର, କୋଟକ ମହିନ୍ଦ୍ରା ଆସେଟ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ କହିଥିଲେ, ‘ବଜାରଗୁଡିକ ସର୍ବଦା ଆୟ ଉପରେ ନଜର ରଖିଥାନ୍ତି । ଐତିହାସିକ ଦୃଷ୍ଟିରୁ ଆୟ ଉଭୟ ବୁଲ ଏବଂ ବିଅର (ବୃଦ୍ଧି ଓ ହ୍ରାସ) ପର୍ଯ୍ୟାୟଗୁଡ଼ିକରେ ମୂଲ୍ୟ ତୁଳନାରେ ଯଥେଷ୍ଟ ଭଲ ପ୍ରଦର୍ଶନ କରିଛି । ଏହି ସ୍ଥାୟୀ ଶୈଳୀ ଆମ ଫଣ୍ଡର ମୂଳଦୁଆ ଅଟେ । କୋଟକ ମ୍ୟୁଚୁଆଲ ଫଣ୍ଡରେ ଆମେ ଏଭଳି ଏକ ମଡେଲ ବିକଶିତ କରିଛୁ ଯାହା କେବଳ ମୂଲ୍ୟଗତ ଧାରାର ଊର୍ଦ୍ଧ୍ୱରେ ରହୁଛି । ରୋହିତ ଟଣ୍ଡନ, ଫଣ୍ଡ ମ୍ୟାନେଜର, କୋଟକ ଆକ୍ଟିଭ ମୋମେଣ୍ଟମ ଫଣ୍ଡ, ମତଦେଇ କହିଥିଲେ, ‘ଆମେ ଆୟ ଆଧାରରେ ଗତିଶୀଳତାକୁ ଧରି ରଖିବା ନିମନ୍ତେ ପାଣ୍ଠି ନିବେଶ ରଣକୌଶଳକୁ ଡାଟା ସାଇନ୍ସ ସହିତ ସମନ୍ୱିତ କରିଛୁ । କୋଟକ ଆକ୍ଟିଭ ମୋମେଣ୍ଟମ ଫଣ୍ଡ ପାଣ୍ଠି ନିବେଶକଙ୍କୁ ଶୃଙ୍ଖଳା ଏବଂ ନିରବଚ୍ଛିନ୍ନତା ସହିତ ଗତିଶୀଳତାରେ ଅଂଶଗ୍ରହଣ କରିବାକୁ ଏକ ଦମଦାର ସାଧନ ଯୋଗାଇ ଦେଉଛି । ଫଣ୍ଡ ଷ୍ଟକ ପ୍ରଦର୍ଶନକୁ ବାସ୍ତବରେ ଆଗେଇ ନେଉଥିବା ଷ୍ଟକ×ଗୁଡିକରେ ନିବଶେ ଦ୍ୱାରା ଏକ ସ୍ପଷ୍ଟ, ଗବେଷଣା ସମର୍ଥିତ ପନ୍ଥା ଯୋଗାଇ ଦେଉଛି ।

## ଟାଟା ଏଆଇଏ ପକ୍ଷରୁ ଓଡ଼ିଶାରେ ଏଜେଣ୍ଟ ପଞ୍ଜୀକରଣ

ନୂଆଦିଲ୍ଲୀ: ଟାଟା ଏଆଇଏ ଲାଇଫ୍ ଇନ୍ସ୍ୟୁରାନ୍ସ କମ୍ପାନି ଲିମିଟେଡ୍ (ଟାଟା ଏଆଇଏ) ଓଡ଼ିଶାରେ ୧୩୧-ମିଲିୟନ ଡଲାର ରାଉଣ୍ଡ ଟେବୁଲ୍ (ଏମଡିଆରଟି) ଯୋଗ୍ୟ ପରାମର୍ଶଦାତା ପଞ୍ଜୀକରଣ କରିଛି । ଏହା ଆର୍ଥିକ ପରାମର୍ଶ ସେବାରେ କମ୍ପାନିର ଉତ୍କୃଷ୍ଟତାର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି । ୨୦୨୫ର ଗ୍ଲୋବାଲ୍ ଏମଡିଆରଟି ର୍ୟାଙ୍କିଂ ଅନୁସାରେ କମ୍ପାନି ବାଲେଶ୍ୱରରୁ ୩୧ ଜଣ, ଖୋର୍ଦ୍ଧାରୁ ୨୭ ଜଣ, ବଲାଙ୍ଗୀରରୁ ୧୬ ଜଣ ଏବଂ କଟକରୁ ୧୧ ଜଣ ପରାମର୍ଶଦାତାଙ୍କୁ ଏହି ମାନ୍ୟତାପ୍ରାପ୍ତ ଏମଡିଆରଟି ଉପାଧି ପାଇଁ ପୀକରଣ କରିଛି । ୨୦୨୫ର ଗ୍ଲୋବାଲ୍ ଏମଡିଆରଟି ର୍ୟାଙ୍କିଂ ଅନୁସାରେ ଟାଟା ଏଆଇଏ ପୁନର୍ବାର ଭାରତରେ ସର୍ବାଧିକ ଏମଡିଆରଟି ଯୋଗ୍ୟ ପରାମର୍ଶଦାତା ସଂଖ୍ୟା ସହିତ ତୃତୀୟ ବର୍ଷ ପାଇଁ ଶୀର୍ଷ ସ୍ଥାନ ଅଧିକାର କରିଛି ଏବଂ ଏକ ଆକର୍ଷଣୀୟ ଗ୍ଲୋବାଲ୍ ଚତୁର୍ଥ ର୍ୟାଙ୍କ ହାସଲ କରିଛି । ୨,୮୭୧ ଜଣ ଏମଡିଆରଟି ଯୋଗ୍ୟ ପରାମର୍ଶଦାତା ସହିତ ଏହି ମାଇଲଖୁଂଟ ପୂର୍ବ ବର୍ଷ ତୁଳନାରେ ୧୧% ବୃଦ୍ଧି ପାଇଛି ଯାହା ଟାଟା ଏଆଇଏର ପରାମର୍ଶଦାତାମାନଙ୍କ ବୃଦ୍ଧି ପାଉଥିବା ଦକ୍ଷତା ଏବଂ ଅବିଚଳିତ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଏହି ଉଲ୍ଲେଖନୀୟ ସଫଳତା ଟାଟା ଏଆଇଏର ଶ୍ରେଷ୍ଠ ଆର୍ଥିକ ପରାମର୍ଶ ପ୍ରଦାନ ପ୍ରତି ପ୍ରତିବଦ୍ଧତାକୁ ଦୃଢ଼ କରୁଛି ଯାହା ଏହାର ଏମଡିଆରଟି-ଯୋଗ୍ୟ ପରାମର୍ଶଦାତାମାନଙ୍କ ଦକ୍ଷତା ଦ୍ୱାରା ଦୃଢ଼ ହୋଇଛି ଏବଂ ନିଶ୍ଚିତ କରୁଛି ଯେ ଉପଭୋକ୍ତାମାନେ ଅସାଧାରଣ ସେବା ଏବଂ ମାର୍ଗଦର୍ଶନ ପାଉଛନ୍ତି । କମ୍ପାନି ଓଡ଼ିଶାରେ ୩ ଜଣ ଏମଡିଆରଟି ଯୋଗ୍ୟ ଏବଂ ୩ ଜଣ କୋର୍ଟ ଅଫ୍ ଦି ଟେବଲ୍ (ସିଓଟି) ଯୋଗ୍ୟ ପରାମର୍ଶଦାତା ପୀକରଣ କରିଛି । ଜଣେ ସିଓଟି ଯୋଗ୍ୟ ପରାମର୍ଶଦାତା ଏକ ଏମଡିଆରଟି ଯୋଗ୍ୟତାର ତିନି ଗୁଣ ବିକ୍ରୟ ସୃଷ୍ଟି କରିବା ଆବଶ୍ୟକ ଏବଂ ଜଣେ ଏମଡିଆରଟି ଯୋଗ୍ୟ ପରାମର୍ଶଦାତା ଏକ ଏମଡିଆରଟି ଯୋଗ୍ୟତାର ଛଅ ଗୁଣ ବିକ୍ରୟ ସୃଷ୍ଟି କରିବା ଆବଶ୍ୟକ । ଟାଟା ଏଆଇଏର ମୁଖ୍ୟ ବିତରଣ ଅଧିକାରୀ-ପ୍ରୋପ୍ରାଇଟରୀ ବିଜନେସ୍, ଆଲାଇଡ୍ ଚ୍ୟାନେଲ୍ ଏବଂ ଏଜେନ୍ସି ସେଲ୍ସ, ଅମିତ ଡାଭେ କହିଛନ୍ତି ଯେ, ‘ବିଶ୍ୱ ଏମଡିଆରଟି ର୍ୟାଙ୍କିଂରେ ଚତୁର୍ଥ ସ୍ଥାନ ପାଇବା ଏବଂ ଭାରତରେ ଶିଳ୍ପକୁ ନେତୃତ୍ୱ ଦେବା ପାଇଁ ପ୍ରକୃତରେ ଏକ ଗୌରବର ବିଷୟ । ଏହି ମାଇଲଖୁଂଟ ଆମର ପ୍ରିମିୟର୍ ଏଜେନ୍ସି ମଡେଲ୍ ଏବଂ ଆମ ପରାମର୍ଶଦାତାମାନଙ୍କ ନିରନ୍ତର ପ୍ରତିବଦ୍ଧତାର ସଫଳତାର ଏକ ପ୍ରମାଣ । ଏମଡିଆରଟି ଯୋଗ୍ୟତା କେବଳ ଆମ ପରାମର୍ଶଦାତାମାନଙ୍କ ବ୍ୟକ୍ତିଗତ ସଫଳତା ନୁହେଁ; ଏହା ଆମ ଉପଭୋକ୍ତାମାନଙ୍କ ଟାଟା ଏଆଇଏ ପ୍ରତି ଥିବା ବିଶ୍ୱାସ ଏବଂ ଆତ୍ମବିଶ୍ୱାସକୁ ପ୍ରତିଫଳିତ କରୁଛି, ଯେଉଁମାନେ ଜାଣିଛନ୍ତି ଯେ ସେମାନେ ବିଶ୍ୱସ୍ତରୀୟ ଆର୍ଥିକ ପରାମର୍ଶ ପାଉଛନ୍ତି ।’

ସରନ୍ୟାର ପ୍ରଥମ ଜନ୍ମବାର୍ଷିକୀ



ତୋର ପ୍ରଥମ ଜନ୍ମବାର୍ଷିକରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛୁ, ତୋ’ର ଚଲାପଥ କୁସୁମିତ ହେଉ । ତୁ ଦୀର୍ଘଜୀବୀ ହେବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ।

**ଶୁଭେଚ୍ଛା ସହ :**
ଜେଜେମା, ବାବା, କାକା, ପିଉସା, ପିଉସୀ, ମାମୁ, ମାଇଁ, ଓ ମଉସା, ମାଉସୀ

ଓଡ଼ିଶା ଭାସ୍କର
ଖେଳ ଖବର




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗ (ସିପିଏଲ) ଅକ୍ଟୋବର ୨୨ ତାରିଖରୁ ୫ ଦିନ ଧରି ଭୁବନେଶ୍ୱରର ଘାଟିକିଆ ହାଇସ୍କୁଲ ପଡ଼ିଆରେ ଆୟୋଜିତ ହେବ। ସିପିଏଲ ଗୋଟିଏ ପ୍ରିମିୟମ କର୍ପୋରେଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଏଥିରେ ୧୬ଟି ଦଳ ଭାଗ ନେବେ।କର୍ପୋରେଟ ପ୍ରଫେସନାଲଙ୍କ ମଧ୍ୟରେ ଖେଳୁଆଡ଼ ମନୋଭାବ, ଟିମୱର୍କ ଓ ବନ୍ଧୁତ୍ୱର ଭାବନାକୁ ପ୍ରସାର ପ୍ରଚାର କରିବା ଏହି ଟୁର୍ଣ୍ଣାମେଣ୍ଟର ମୂଳ ଉଦ୍ଦେଶ୍ୟ। ସିପିଏଲ ଫ୍ରାଞ୍ଚାଇଜ ଭିତ୍ତିରେ ଆୟୋଜିତ ହେବ। ଅର୍ଥାତ ଖେଳାଳିଙ୍କ ନିଲାମ ହେବ। ଖେଳାଳି ନିଲାମୀ ପାଇଁ ପଞ୍ଜିକରଣ ଆରମ୍ଭ ହୋଇ ସାରିଛି। ସିପିଏଲରେ ପ୍ରତିଟି ମ୍ୟାଚ୍ ୧୦ ଓଭର ବିଶିଷ୍ଟ ହେବ। ଟେନିସ ବଲରେ ମ୍ୟାଚ୍ ଗୁଡ଼ିକ ଖେଳାଯିବ। ୫ ଦିନ ଧରି ଚାଲିବାକୁ ଥିବା ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ମୋଟ ୩୨ଟି ମ୍ୟାଚ ଖେଳିବେ। ଟୁର୍ଣ୍ଣାମେଣ୍ଟରେ ମୋଟ ୩ ଲକ୍ଷ ୩୦ ହଜାର ଟଙ୍କାର ପୁରସ୍କାର ରାଶି ରହିଛି। ଚାମ୍ପିୟନଙ୍କୁ ୧ ଲକ୍ଷ ୫୦ ହଜାର ସହ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ। ସେହିପରି ରନର୍ସ ଅପ ଦଳକୁ ୮୦ ହଜାର ଓ ଟ୍ରଫି ଦିଆଯିବ। ପ୍ରତି ମ୍ୟାଚରେ ମ୍ୟାନ ଅଫ ଦ ମ୍ୟାଚ ପାଇଁ ୩ ହଜାର, ଶ୍ରେଷ୍ଠ ବ୍ୟାଟର ଓ ଶ୍ରେଷ୍ଠ ବୋଲରଙ୍କୁ ୧୦ ହଜାର ଲେଖାଏ ପ୍ରଦାନ କରାଯିବ। ସାମ୍ବାଦିକ ସମ୍ମିଳନୀରରେ ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗର ବରିଷ୍ଠ ଉପଦେଷ୍ଟା ପ୍ରମୋଦ ପ୍ରଧାନ, ରାଜୀବ ପଣ୍ଡା, ଜ୍ଞାନଚନ୍ଦ୍ର ମିଶ୍ର, ମୁଖ୍ୟ ବକ୍ତା ଦରିଦ୍ର ନାରାୟଣ ନାୟକ, ସଭାପତି ସୋନାଲ ସାହୁ, ଉପ ସଭାପତି ଆଶୀଷ ଦାସ, ସମ୍ପାଦକ ଆଶୀଷ କୁମାର ସାମଲ, ଯୁଗ୍ମ ସମ୍ପାଦକ ନିର୍ମାଲ୍ୟ ଦାଶ, ସ୍ନେହାଂଶୁ ମହାନ୍ତି, ଶ୍ରୀବଲ୍ଲଭ ବେହେରା ଓ ସୌରଭ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



### ଇତିହାସ ରଚିଲେ ଦିବ୍ୟା ଦେଶମୁଖ

# ପ୍ରଥମ ଭାରତୀୟ ମହିଳା ଭାବେ ଜିତିଲେ ଚେସ୍ ବିଶ୍ୱକପ୍



ନୂଆଦିଲ୍ଲୀ: କମାଲ କଲେ ଭାରତର ଯୁବ ଚେସ୍ ଖେଳାଳି ଦିବ୍ୟା ଦେଶମୁଖ। ୧୯ ବର୍ଷୀୟା ଦିବ୍ୟା ଦେଶମୁଖ ଫିଡେ୍ ମହିଳା ବିଶ୍ୱକପ ଚାମ୍ପିଅନ ହୋଇଛନ୍ତି। ଜର୍ଜିଆର ବାଟୁମିରେ ସୋମବାର ସେ ଫାଇନାଲ୍ ଜିତିଛନ୍ତି । ରାପିଡ୍ ଟାଇ୍ ବ୍ରେକରରେ ସେ ଭାରତର ଏକ ନମ୍ବର ଖେଳାଳି ତଥା ୱାର୍ଲ୍ଡ ରାପିଡ୍ ଚାମ୍ପିଅନ କୋନେରୁ ହମ୍ପିଙ୍କୁ ହରାଇ ଟାଇଟଲ୍ ଜିତିଛନ୍ତି । ଏହାସହ ଫିଡେ ମହିଳା ଚେସ୍ ବିଶ୍ୱକପ ବିଜୟୀ ହେବାରେ ପ୍ରଥମ ଭାରତୀୟ ମହିଳା ହୋଇଛନ୍ତି । କୋନେରୁ ହମ୍ପଙ୍କ ପାଖରେ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିବାର ଗୋଟିଏ ସୁଯୋଗ ଥିଲା, କିନ୍ତୁ ସେ ତାର ଲାଭ ଉଠାଇ ପାରିଲେ ନାହିଁ । ଦିବ୍ୟା କଳା ଗୋଟିରେ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ। ୧୫ତମ ସିଡ୍ ଭାବେ ଟୁର୍ଣ୍ଣାମେଣ୍ଟରେ ପ୍ରବେଶ କରିଥିବା ଦିବ୍ୟାଙ୍କ ଟୁର୍ଣ୍ଣାମେଣ୍ଟ ଯାତ୍ରା ଅତୁଳନୀୟ ଥିଲା । ବିଶ୍ୱ ଚେସ୍‌ର ଅନେକ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀଙ୍କୁ ମାତ୍ ଦେଇ ଫାଇନାଲରେ ନିଜ ସ୍ଥାନ ପକ୍କା କରିଥିଲେ। ଟାଇଟଲ୍ ମୁକାବିଲାରେ ଅନ୍ତର୍ଜାତୀୟ ମାଷ୍ଟର ଦିବ୍ୟା ଦେଶମୁଖ ନିଜଠାରୁ ଉଚ୍ଚ ରାଙ୍କର ଗ୍ରାଣ୍ଡମାଷ୍ଟର ତଥା ନିଜର ଦେଶର କୋନେରୁ ହମ୍ପିଙ୍କୁ ଭେଟିଥିଲେ । ପ୍ରଥମ ଓ ଦ୍ୱିତୀୟ ଗେମରେ କୌଣସି ସୁଯୋଗ ନଦେଇ ହମ୍ପିଙ୍କୁ ଡ୍ର’ ଖେଳିବା ପାଇଁ ବାଧ କରିଥିଲେ । ଫଳରେ ମ୍ୟାଚ୍ ଟ୍ରାଇବ୍ରେକରରେ ପହଞ୍ଚିଥିଲା। ଦୁଇଟି ଡ୍ର କ୍ଲାସିକାଲ ଖେଳ ପରେ ମ୍ୟାଚ୍ ରାପିଡ୍ ଟାଇବ୍ରେକରରେ ପରିଣତ ହେଲା । ପ୍ରଥମ ରାପିଡ୍ ଖେଳରେ ଦିବ୍ୟା ଧଳା ଗୋଟିରେ ଖେଳିଥିଲେ, ଯାହା ଡ୍ର’ରେ ଶେଷ ହେଲା । କିନ୍ତୁ ରିଭର୍ସ ଖେଳରେ, ଦିବ୍ୟା କଳା ଗୋଟି ପାଇଥିଲେ ଏବଂ ଧୈର୍ଯ୍ୟର ସହ ଖେଳି ଦୁଇଥର ବିଶ୍ୱ ରାପିଡ୍ ଚାମ୍ପିଅନଙ୍କୁ ୨.୫-୧.୫ରେ ପରାସ୍ତ କରିବାରେ ସଫଳ ହୋଇଥିଲେ। ଅନ୍ୟପଟେ ୩୮ ବର୍ଷୀୟା ହମ୍ପି ଚାପରେ ଖେଳି ଅନେକ ତ୍ରୁଟି କରିଥିଲେ, ଯାହାର ଲାଭ ନେଇଥିଲେ ତାଙ୍କ ଜୁନିୟର । ଏହି ବିଜୟ ସହିତ ଦିବ୍ୟା କେବଳ ଫିଡେ ମହିଳା ବିଶ୍ୱକପ୍ ଚାମ୍ପିଅନ୍ ହୋଇନାହାନ୍ତି ବରଂ ସେ ଗ୍ରାଣ୍ଡମାଷ୍ଟର ଟାଇଟଲ୍ ଅର୍ଜନ କରିଛନ୍ତି । ଦିବ୍ୟା ପ୍ରତିଷ୍ଠିତ ଗ୍ରାଣ୍ଡମାଷ୍ଟର ଟାଇଟଲ୍ ଅର୍ଜନ କରିବାରେ ଚତୁର୍ଥ ଭାରତୀୟ ମହିଳା ଏବଂ ମୋଟ ଉପରେ ୮୮ତମ ଭାରତୀୟ। ଦିବ୍ୟାଙ୍କ ଯାତ୍ରା ପ୍ରେରଣାଦାୟକ, କାରଣ ସେ ଶ୍ରେଷ୍ଠ ଖେଳାଳିଙ୍କ ମଧ୍ୟରେ ନରହି ଟୁର୍ଣ୍ଣାମେଣ୍ଟରେ ପ୍ରବେଶ କରିଥିଲେ । କିନ୍ତୁ ତାଙ୍କ ନିର୍ଭୀକ ଓ ଆକ୍ରମଣାତ୍ମକ ଖେଳରେ ଉଚ୍ଚ ରାଙ୍କିଂର ପ୍ରତିଦ୍ୱନ୍ଦ୍ୱୀ ମାଟି କାମୁଡ଼ିଥିଲେ । ଦିବ୍ୟାଙ୍କ ସଫଳତା ଭାରତୀୟ ଚେସ୍ ପ୍ରତିଭାର ଏକ ନୂତନ ପିଢ଼ିକୁ ପ୍ରତିଫଳିତ କରୁଛି । ଦିବ୍ୟା ଭାରତର ୪ର୍ଥ ମହିଳା ଗ୍ରାଣ୍ଡମାଷ୍ଟର ଆଖ୍ୟା ପାଇଥିବା ବେଳେ ତାଙ୍କ ପୂର୍ବରୁ ହମ୍ପି, ଆର ବୈଶାଳୀ ଓ ହାରିକା ଦ୍ରୋନାଭାଲ୍ଲି ଏପରି ସଫଳତା ପାଇଥିଲେ। ବିଜୟ ସହ ଆସନ୍ତାବର୍ଷ ପାଇଁ ଦିବ୍ୟା ଟିକେଟ ହାସଲ କରି ନେଇଛନ୍ତି।

# ପଞ୍ଚମ ଟେଷ୍ଟ ପାଇଁ ଇଂଲଣ୍ଡ ଦଳକୁ ଫେରିଲେ ଜେମି ଓଭରଟନ୍



ନୂଆଦିଲ୍ଲୀ: ଭାରତ ଓ ଇଂଲଣ୍ଡ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଅନ୍ତିମ ମ୍ୟାଚ୍ ଜୁଲାଇ ୩୧ରେ ଓଭାଲରେ ଖେଳାଯିବ। ଏହି ମୁକାବିଲା ପାଇଁ ଘରୋଇ ଦଳ ସୋମବାର ଟିମ୍ ଘୋଷଣା କରିଛି। ଦଳରେ ଦ୍ରୁତ ବୋଲିଂ ଅଲରାଉଣ୍ଡର ଜେମି ଓଭରଟନଙ୍କ ପ୍ରତ୍ୟାବର୍ତ୍ତନ ଘଟିଛି। ଓଭରଟନ ଏହି ସିରିଜ୍‌ର ପ୍ରଥମ ତିନୋଟି ଟେଷ୍ଟରେ ଇଂଲଣ୍ଡ ଦଳର ସଦସ୍ୟ ଥିଲେ। ହେଲେ ମାଞ୍ଚେଷ୍ଟର ଟେଷ୍ଟରେ ତାଙ୍କୁ ଦଳରୁ ବାଦ୍ ଦିଆଯାଇଥିଲା, ଯଦ୍ୱାରା ସେ ସରେ ପାଇଁ କାଉଣ୍ଟି ମ୍ୟାଚ୍ ଖେଳି ପାରିବେ। ଜେମି ଓଭରଟନ ଏ ପର୍ଯ୍ୟନ୍ତ ଇଂଲଣ୍ଡ ପାଇଁ ଏକମାତ୍ର ଟେଷ୍ଟ ଖେଳି ୯୭ ରନ ବ୍ୟୟ କରି ୨ଟି ୱିକେଟ୍ ନେଇଛନ୍ତି। ତେବେ ଓଭରଟନଙ୍କ ପ୍ରଥମ ଶ୍ରେଣୀ କ୍ରିକେଟ୍ ଖେଳିବାର ଯଥେଷ୍ଟ ଅଭିଜ୍ଞତା ରହିଛି । ସେ ଅଦ୍ୟାବଧି ୯୮ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ୩୧.୨୩ ହାରରେ ୨୩୭ ୱିକେଟ୍ ଅକ୍ତିକାର କରିଛନ୍ତି। ଏହା ସହିତ ୨୧.୮୨ ହାରରେ ୨୪୦୧ ରନ କରିଛନ୍ତି। ସିରିଜ୍‌ରେ ଭାରତୀୟ ଦଳ ୧-୨ରେ ପଛୁଆ ରହିଛି। ଲିଡ୍ସରେ ଖେଳା ଯାଇଥିବା ପ୍ରଥମ ଟେଷ୍ଟରେ ଇଂଲଣ୍ଡ ଜିତିଥିବା ବେଳେ ବର୍ମିଂହାମରେ ଭାରତ ୩୩୬ ରନର ବିଶାଳ ବ୍ୟବଧାନରେ ମ୍ୟାଚ୍ ଜିତିଥିଲା। ତେବେ ଲର୍ଡ୍ସ ଟେଷ୍ଟକୁ ଇଂଲଣ୍ଡ ଜିତି ୨-୧ରେ ଆଗୁଆ ରହିଛି। ମାଞ୍ଚେଷ୍ଟରରେ ଖେଳା ଯାଇଥିବା ଚତୁର୍ଥ ଟେଷ୍ଟରେ ଭାରତ ଏକ ନିଶ୍ଚିତ ପରାଜୟକୁ ଟାଳିବାରେ ସଫଳ ହୋଇଛି । ଅଧିନାୟକ ଶୁଭମନ ଗିଲ୍, ରବୀନ୍ଦ୍ର ଜାଡ଼େଜା ଓ ୱାଶିଂଟନ ସୁନ୍ଦରଙ୍କ ଶତକ ସହ କେଏଲ ରାହୁଲଙ୍କ ୯୦ ରନ ବଳରେ ମ୍ୟାଚ୍‌କୁ ଡ୍ର କରାଇ ପାରିଛି। ପଞ୍ଚମ ଟେଷ୍ଟ ପାଇଁ ଇଂଲଣ୍ଡ ଦଳ: ବେନ ଷ୍ଟୋକ୍ସ(ଅଧିନାୟକ), ଜୋଫ୍ରା ଆର୍ଚର, ଗସ ଏଟକିନ୍‌ସନ, ଜ୍ୟାକବ ବେଥେଲ, ହ୍ୟାରି ବ୍ରୁକ, ବ୍ରାଇନ କାର୍ସ, ଜ୍ୟାକ କ୍ରାଉଲି, ଲିୟାମ ଡାସନ, ବେନ ଡକେଟ୍, ଜେମି ଓଭରଟନ, ଓଲି ପୋପ, ଜୋ ରୁଟ୍, ଜେମି ସ୍ମିଥ, ଜୋଶ ଟଙ୍ଗ, କ୍ରିସ ୱୋକ୍ସ।

## ପନ୍ତଙ୍କ ବଦଳରେ ଖେଳିବେ ଏନ୍ ଜଗଦୀଶନ



ନୂଆଦିଲ୍ଲୀ: ଇଂଲଣ୍ଡ ବିପକ୍ଷ ୫ମ ଟେଷ୍ଟ ପାଇଁ ଭାରତୀୟ ସ୍କ୍ୱାଡରେ ସାମିଲ ହୋଇଛନ୍ତି ୱିକେଟ କିପର ବ୍ୟାଟର ଏନ ଜଗଦୀଶନ। ୪ର୍ଥ ଟେଷ୍ଟରେ ଆହତ ହୋଇଥିବା ଋଷଭ ପନ୍ତ ୫ମ ମ୍ୟାଚ୍‌ରୁ ବାଦ ପଡ଼ିଛନ୍ତି। ତାଙ୍କ ବଦଳରେ ଧ୍ରୁବ ଜୁରେଲ ୫ମ ଟେଷ୍ଟ ଖେଳିବା ଏକପ୍ରକାରର ନିଶ୍ଚିତ। କିନ୍ତୁ ଜୁରେଲଙ୍କ ବ୍ୟାକଅପ ପାଇଁ ଭାରତୀୟ ଟେଷ୍ଟ ଟିମରେ ପ୍ରଥମଥର ପାଇଁ ଏନ ଜଗଦୀଶନଙ୍କୁ ସାମିଲ କରାଯାଇଛି। ତାମିଲାନାଡୁ ପାଇଁ ଖେଳୁଥିବା ଜଗଦୀଶନ ନିୟମିତ ଭଲ ପ୍ରଦର୍ଶନ କରୁଥିବାରୁ ତାଙ୍କୁ ପନ୍ତଙ୍କ ବଦଳ ଖେଳାଳି ଭାବେ ସ୍କ୍ୱାଡରେ ସୁଯୋଗ ମିଳିଛି। ଘରୋଇ କ୍ରିକେଟର ଚର୍ଚ୍ଚିତ ଚେହେରା ହେଉଛନ୍ତି ଜଗଦୀଶନ। ସେ ତାମିଲନାଡୁ ପାଇଁ ନିୟମିତ କିଛି ବର୍ଷ ହେଲା ଘରୋଇ କ୍ରିକେଟ ଖେଳି ଆସୁଛନ୍ତି। ୧୯୯୫ ମସିହା ଡିସେମ୍ବର ୨୪ରେ କୋଏମ୍ବାଟୁରରେ ଜନ୍ମ ହୋଇଥିବା ଜଗଦୀଶନ ତାମିଲନାଡୁ ପାଇଁ ଡେବ୍ୟୁ କରିବା ଦିନ ଠାରୁ ୱିକେଟ କିପିଂ କରୁଛନ୍ତି। ତାମିଲନାଡୁ ପାଇଁ ସେ ଜୁନିୟର ଡିଭିଜନରୁ ଖେଳି ଚାଲିଛନ୍ତି। ୨୦୧୬ ଅକ୍ଟୋବର ମାସରେ ଜଗଦୀଶନ ତାମିଲନାଡୁ ପାଇଁ ସିନିୟର ଲେଭଲରେ ଡେବ୍ୟୁ କରିଥିଲେ। ଡେବ୍ୟୁ ଇନିଂସରେ ସେ ମଧ୍ୟପ୍ରଦେଶ ବିପକ୍ଷରେ ଅପରାଜିତ ୧୨୩ ରନର ଇନିଂସ ଖେଳି ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ବର୍ଷକ ପରେ ସେ ଲିଷ୍ଟ ଏ ଫର୍ମାଟ(୫୦ ଓଭର)ରେ ଡେବ୍ୟୁ କରି ତାମିଲନାଡୁ ପାଇଁ ବିଜୟ ହଜାରେ ଟ୍ରଫି ଖେଳିଥିଲେ। ୨୦୧୭ରେ ସେ ନିଜ ରାଜ୍ୟ ପାଇଁ ସୟଦ ମୁସ୍ତାକ ଅଲୀ ଟ୍ରଫିରେ ନଜର ଆସିଥିଲେ। ୨୦୨୧ରେ ଆଇପିଏଲ ଫ୍ରାଞ୍ଚାଇଜ ଜଗଦୀଶନଙ୍କୁ ନେବା ପୂର୍ବରୁ ସେ ଏକାଧିକ ଟିମ ସହ ସାମିଲ ହୋଇଥିଲେ। ସେହିପରି ଚେନ୍ନାଇ ପାଇଁ ସେ ୨ଟି ସିଜିନରେ ମାତ୍ର ୭ଟି ମ୍ୟାଚ୍ ଖେଳିବାକୁ ସକ୍ଷମ ହୋଇଥିଲେ। ୨୦୨୩ ଆଇପିଏଲରେ କୋଲକାତା ନାଇଟ ରାଇଡର୍ସ ଜଗଦୀଶନଙ୍କ ସହ ଚୁକ୍ତି କରିଥିଲା। ସେ ଦଳ ପାଇଁ ୬ଟି ମ୍ୟାଚରେ ୮୯ ରନ କରିଥିଲେ। ଆଇପିଏଲରେ ଏଯାଏ ଜଗଦୀଶନ ୧୩ଟି ମ୍ୟାଚ ଖେଳି ୧୬୨ ରନ କରିଛନ୍ତି। ୨୯ ବର୍ଷୀୟ ଜଗଦୀଶ ୫୨ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ?ରେ ୩୩୭୩ ରନ କରିଥିବା ବେଳେ ଏହା ମଧ୍ୟରେ ୧୦ଟି ଶତକ ଓ ୧୪ଟି ଅର୍ଦ୍ଧଶତକ ରହିଛି। ଏକଦା ସେ ଇଣ୍ଡିଆ ଏ ଦଳରେ ରହିଥିଲେ। ୨୦୨୪-୨୫ରେ ତାଙ୍କ ବ୍ୟାଟରୁ ୧୩ଟି ଇନିଂସରେ ୬୭୪ ରନ ବାହାରିଥିଲା। ଏହା ମଧ୍ୟରେ ୨ଟି ଶତକ ଓ ୫ଟି ଅର୍ଦ୍ଧଶତକ ରହିଛି।

# ମହିଳା ୟୁରୋ ଫାଇନାଲ ଇଂଲଣ୍ଡ ବିଜୟୀ




ନୂଆଦିଲ୍ଲୀ: ମହିଳା ୟୁରୋ ଫାଇନାଲ ମ୍ୟାଚ୍ ସ୍ପେନ୍ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍‌ଟି ସଂଘର୍ଷ ପୂର୍ଣ୍ଣ ହୋଇଥିଲା। ଯେପରି ଲାଗୁଥିଲା ଖେଳକୁ ନିୟନ୍ତ୍ରଣରେ ରଖିଛି ସ୍ପେନ୍। ଇଂଲଣ୍ଡକୁ କଡ ଟକ୍କର ଦେଇଥିଲା। ଠିକ୍ ସେପରି ସ୍ଥିତି ଥିଲା ଯେପରି ୟୁରୋ ୨୦୨୪ରେ ଦେଶର ପୁରୁଷ ଓ ତା’ପୂର୍ବ ବର୍ଷ ବିଶ୍ୱକପରେ ମହିଳାଙ୍କ ଦଖଲରେ ଥିଲା। ଇଂଲଣ୍ଡ ପାଇଁ ସଂକଟମୋଚକ ସାଜିଥିଲେ କ୍ଲୋ କେଲି। ୟୁରୋ ୨୦୨୨ରେ ଯେପରି କରିଥିଲେ । ଯେତେବେଳେ ସେ ୱେମ୍ବଲିରେ ଅତିରିକ୍ତ ସମୟରେ ଗୋଲ ଦେଇ ଜର୍ମାନ ହୃଦୟ ଭାଙ୍ଗି ଦେଇଥିଲେ । ଠିକ୍ ସେହିପରି ସ୍ୱିଜରଲ୍ୟାଣ୍ଡରେ ମଧ ହୋଇଥିଲା । କାରଣ କେଲି ପେନାଲ୍ଟି ସୁଟ୍‌ଆଉଟ୍ କରି ଦେଶ ପାଇଁ ଟ୍ରଫି ବଜାୟ ରଖିଥିଲେ । ପୂର୍ବରୁ ଦୁଇ ଦଳ ହାଫ୍ ଟାଇମର ଉଭୟ ପାର୍ଶ୍ୱରେ ହେଡ୍ ଗୋଲ କରିଥିଲେ । ସ୍ପେନ୍ ପାଇଁ ମାରିଓନା କାଲଡେଣ୍ଟି, ଇଂଲଣ୍ଡ ପାଇଁ ଆଲେସିଆ ରୁସୋ । ପେନାଲ୍ଟି ପୂର୍ବରୁ ମଧ, କେଲି ପଲଟାଇଦେଇଥିଲେ ବାଜି । ରୁସୋଙ୍କଠାରୁ କ୍ରସ୍ ହାସଲ କରି ଖେଳର ଗତି ପରିବର୍ତ୍ତନ କରିଥିଲେ । ଆଉ ପୁଣିଥରେ ଇଂଲଣ୍ଡ ଶକ୍ତିମାନ ସାଜିଥିଲା । ଏହା ପ୍ରଥମ ଥର ପାଇଁ ଇଂଲଣ୍ଡ ନିଜ ଦେଶ ବାହାରେ ଏକ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ଜିତିଛି । ତେବେ ବିଜୟ ପରେ କୋଚ୍ ସରିନା ୱିଗମ୍ୟାନ୍ କହିଥିଲେ ସହଜ ନଥିଲା ମ୍ୟାଚ୍ । ସେ କହିଥିଲେ ‘ମୁଁ ଏହାକୁ ବିଶ୍ୱାସ କରିପାରୁନାହିଁ। ଟିମ୍ ଶବ୍ଦଟି ଆମ ପରିଚୟ ବର୍ଣ୍ଣନା କରେ। ମୁଁ ମୋ ଟିମ୍ ମେଟ୍‌ଙ୍କୁ ନେଇ ଗର୍ବିତ । ନେଦରଲ୍ୟାଣ୍ଡସ ସହିତ ୨୦୧୭ ଟୁର୍ଣ୍ଣାମେଣ୍ଟ ଜିତିଥିବା କୋଚ୍ ବିବିସିକୁ କହିଥିଲେ। କହିଥିଲେ ‘ମୋ ଗଳାରେ ପଦକ ଅଛି ଓ ଆମ ପାଖରେ ଟ୍ରଫି ଅଛି । ଏବେ କିନ୍ତୁ ଏହା ସବୁଠାରୁ ବିଶୃଙ୍ଖଳିତ ଟୁର୍ଣ୍ଣାମେଣ୍ଟ ପାଲଟିଛି । ପ୍ରଥମ ଦିନରୁ ଏହା ବିଶୃଙ୍ଖଳିତ ହୋଇଛି । ତୁମର ପ୍ରଥମ ଖେଳ ହାରିବା ଟ୍ରଫି ଜିତିବା ଠାରୁ, ଅବିଶ୍ୱସନୀୟ।’ ଫ୍ରାନ୍ସ ବିପକ୍ଷରେ ସେହି ପ୍ରାରମ୍ଭିକ ପରାଜୟ ସହିତ, ଇଂଲଣ୍ଡକୁ କ୍ୱାର୍ଟର ଏବଂ ସେମିଫାଇନାଲରେ ସ୍ୱିଡେନ ଏବଂ ଇଟାଲୀ ବିପକ୍ଷରେ ବିଳମ୍ବରେ ବ୍ୟାକ୍‌ଅପ୍‌କୁ ଫେରିଥିଲା। ସେମାନେ ସେମାନଙ୍କର ତିନୋଟି ନକଆଉଟ୍ ମ୍ୟାଚ୍‌ରେ କେବଳ ଚାରି ମିନିଟ୍ ୫୨ ସେକେଣ୍ଡ ପାଇଁ ଆଗୁଆ ଥିଲେ। ‘ତେବେ ଇଂଲଣ୍ଡ ଦଳ ପାଇଁ ଖେଳିବା ଅବିଶ୍ୱସନୀୟ ଥିଲା । ତଥାପି ଅଧିନାୟକ ଲିଆ ୱିଲିୟମସନ୍ କରିଦେଖାଇଥିଲେ।

## ବ୍ୟାଡମିଣ୍ଟନ ଖେଳୁ ଖେଳୁ ଟଳି ପଡିଲେ ଯୁବକ

ହାଇଦ୍ରାବାଦ: ତେଲେଙ୍ଗାନାର ହାଇଦ୍ରାବାଦରୁ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ହାଇଦ୍ରାବାଦର ନାଗୋଲେ ଷ୍ଟାଡିୟମରେ ବ୍ୟାଡମିଣ୍ଟନ ଖେଳୁଥିବା ବେଳେ ୨୫ ବର୍ଷୀୟ ଯୁବକ ଜଣଙ୍କ ହଠାତ୍ ଟଳି ପଡ଼ିଥିଲେ। ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତରମାନେ ନିଶ୍ଚିତ କରିଛନ୍ତି। ମୃତ ରାକେଶ ହାଇଦ୍ରାବାଦର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଘଟଣାଟି ରବିବାର ରାତିରେ ଘଟିଥିଲା। ସେ ଖମ୍ମମ୍ ଜିଲ୍ଲାର ତଲ୍ଲାଡା ଗ୍ରାମର ପୂର୍ବତନ ଉପ-ସରପଞ୍ଚ ଗୁଣ୍ଡଲା ଭେଙ୍କଟେଶ୍ୱରଲୁଙ୍କ ପୁଅ। ସେ ପଡିଯିବା ପରେ ତାଙ୍କ ବନ୍ଧୁମାନେ ତୁରନ୍ତ ତାଙ୍କୁ ନିକଟସ୍ଥ ଏକ ହସ୍ପିଟାଲକୁ ନେଇଥିଲେ, ଯେଉଁଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଛନ୍ତି । ଡାକ୍ତରମାନେ କହିଛନ୍ତି ଯେ ମୃତ୍ୟୁର କାରଣ ହୃଦଘାତ ଥିଲା।

## କୋଚ୍ ଗମ୍ଭୀରଙ୍କ ସମେତ ୩ ଜଣଙ୍କ ଉପରେ ଆକ୍ସନ ନେବ ବିସିସିଆଇ


ମାଞ୍ଚେଷ୍ଟର: ମାଞ୍ଚେଷ୍ଟର ଟେଷ୍ଟର ଫଳାଫଳ ଡ୍ର ଥିଲା। ଅର୍ଥାତ୍ ୫ ଟିକିଆ ଟେଷ୍ଟ ସିରିଜ ଏବେ ୧-୨ ରହିଛି। ବିସିସିଆଇ ଖୁବଶୀଘ୍ର ଟିମ ଇଣ୍ଡିଆର ମୁଖ୍ୟ କୋଚ ଗୌତମ ଗମ୍ଭୀରଙ୍କ ସମେତ ୩ ଜଣଙ୍କ ଉପରେ ଏକ ବଡ଼ ନିଷ୍ପତ୍ତି ନେବାର ସମ୍ଭାବନା ରହିଛି। ସେମାନଙ୍କୁ ବାହାରର ରାସ୍ତା ଦେଖାଯାଇପାରେ। ରିପୋର୍ଟ ଅନୁସାରେ, ବିସିସିଆଇର ଏହି କାର୍ଯ୍ୟାନୁଷ୍ଠାନ ଇଂଲଣ୍ଡ ଗସ୍ତରେ ଟିମ ଇଣ୍ଡିଆର ପ୍ରଦର୍ଶନକୁ ଦୃଷ୍ଟିରେ ରଖି ହେବ। ବିସିସିଆଇ ଇଂଲଣ୍ଡ ଗସ୍ତରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାର ଦେଖାଯିବ ନାହିଁ। କିନ୍ତୁ, ଏସିଆ କପ ୨୦୨୫ ପରେ ଏବଂ ଚଳିତ ବର୍ଷ ଅକ୍ଟୋବରରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ସିରିଜ ଆରମ୍ଭ ହେବା ପୂର୍ବରୁ, ଏହା ମୁଖ୍ୟ କୋଚ ଗୌତମ ଗମ୍ଭୀରଙ୍କ ସମେତ ୩ ଜଣଙ୍କ ଉପରେ ବଡ଼ ନିଷ୍ପତ୍ତି ନେଇପାରେ। ଏଠାରେ ୩ ଜଣଙ୍କ ଅର୍ଥ ଗୌତମ ଗମ୍ଭୀର, ଟିମ ଇଣ୍ଡିଆର ବୋଲିଂ କୋଚ ମର୍ନେ ମର୍କେଲ ଏବଂ ଫିଲ୍ଡିଂ କୋଚ ରିଆନ ଡେସକାଟ। ମର୍ନେ ମର୍କେଲ ବୋଲିଂ କୋଚ ହେବା ସହିତ ଭାରତୀୟ ଦଳର ବୋଲିଂରେ ବିଶେଷ ଉନ୍ନତି ହୋଇନାହିଁ। ଫିଲ୍ଡିଂରେ ରିଆନ ଡେସ୍କୋଟୋଙ୍କ କ୍ଷେତ୍ରରେ ମଧ ସେହିପରି। ଉଭୟଙ୍କୁ ବାହାରର ରାସ୍ତା ଦେଖାଇ ଦିଆଯାଇପାରେ। ଗୌତମ ଗମ୍ଭୀରଙ୍କ ଜିଦରେ ମର୍କେଲ ଏବଂ ରିଆନ ଡେସ୍କୋଟୋ ଟିମ ଇଣ୍ଡିଆର ସପୋର୍ଟ ଷ୍ଟାଫ୍‌ରେ ପ୍ରବେଶ କରିଥିଲେ। ବିସିସିଆଇ ଗୌତମ ଗମ୍ଭୀରଙ୍କୁ ମୁଖ୍ୟ କୋଚ ଭାବରେ ବଜାୟ ରଖିପାରେ।

# ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ



ବନ୍ଧୁଗାଁ (ଭାସ୍କର ନ୍ୟୁଜ୍) : ବନ୍ଧୁଗାଁ ବ୍ଲକ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଥିବା ମିନି ଷ୍ଟାଡିୟମରେ ପଡିଆରେ ବନ୍ଧୁତ୍ୱ ପୂର୍ଣ୍ଣ ଫୁଟବଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଅନେକ ଦିନ ଧରି ଏଏସଆଇ ବିଟି ସାଧୁ ଓ କନେଷ୍ଟେବଲ ରବି ନାରାୟଣ ଗୁଣ୍ଟା ସ୍ଥାନୀୟ ଯୁବକ ମାନଙ୍କୁ ଫୁଟବଲ ଖେଳରେ କୋଚିଂ ଦେଇ ଆସୁଥିଲେ। ଖେଳାଳି ମାନଙ୍କୁ ଉତ୍ସାହ ବଢାଇବା ପାଇଁ ଗତ ଦୁଇ ଦିନ ଧରି ନିକଟସ୍ଥ ବ୍ଲକ ଲକ୍ଷ୍ମୀପୁର ଓ ଡୁମୁରିପଦର ଫୁଟବଲ ଖେଳାଳୀ ମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ ଫୁଟବଲ ଖେଳ ଅନୁଷ୍ଠିତ ହୋଇଥିଲା। ଖେଳ ଶୁଭାରମ୍ଭ ସମୟରେ ସ୍ଥାନୀୟ ଥାନା ଆଇଆଇସି ପ୍ରସନ୍ନ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ଖେଳରେ ହାର ଓ ଜିତ୍ ରହିଛି। ଏଥିପାଇଁ ଆମେ ଖେଳି ଥାଉ ତେଣୁ ସମସ୍ତେ ଖେଳାଳି ମନଭାବ ନେଇ ଖେଳିବା ପାଇଁ ଉତ୍ସାହିତ କରିଥିଲେ।


# ସିଆଇଏସ୍‌ସିଇ ଓଡ଼ିଶା ଆଞ୍ଚଳିକ ଫୁଟବଲ୍ ପ୍ରତିଯୋଗିତା, ରାଉରକେଲା ଚାମ୍ପିଅନ୍



ବେଲପାହାଡ,(ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ରତନ ଟାଟା ଷ୍ଟାଡିୟମ୍‌ରେ ବିଦ୍ୟାଳୟ ସମୂହ ସିଆଇଏସସିଇ ଓଡ଼ିଶା ଆଞ୍ଚଳିକ ଫୁଟବଲ୍ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟର ନେତୃତ୍ୱରେ ଏହି ଖେଳ ପରିଚାଳିତ ହୋଇଥିଲା। ଏଥିରେ ମୋଟ ୮ ଗୋଟି ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଟିଆରଏଲ୍ କ୍ରୋସାକି କମ୍ପାନୀର ବରିଷ୍ଠ ଅଧିକାରୀ ସୁଶାନ୍ତ କୁମାର ଦାଶ ଯୋଗଦେଇଥିଲାବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ କାହ୍ନୁଚରଣ ପ୍ରଧାନ, ଅଧକ୍ଷ ସଞ୍ଜୟ କୁମାର ମିଶ୍ର, ଉପାଧକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର, ଉପାଧକ୍ଷ ବିଜୟ କୁମାର ଗୌଡ଼, ହମିଦ କୁମାର ମହାପାତ୍ର, ପିଙ୍କି ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଖେଳକୁ ଶୁଭାରମ୍ଭ କରିଥିଲେ। ୧୯ ବର୍ଷରୁ କମ୍ ବାଳକ ବର୍ଗରେ ଫାଇନାଲ୍ ଖେଳ ରାଉରକେଲା ଜୋନ ଦଳ ଓ ଝାରସୁଗୁଡ଼ା ଜୋନ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଉରକେଲା ଦଳ ୫-୦ ଗୋଲରେ ଝାରସୁଗୁଡ଼ା ଦଳକୁ ପରାସ୍ତ କରି ଚମ୍ପିଆନ୍ ହୋଇଥିଲା। ୧୪ ବର୍ଷରୁ କମ୍ ବାଳକ ବର୍ଗରେ ରାଉରକେଲା ଜୋନ ଚମ୍ପିଆନ୍ ହୋଇଥିବା ବେଳେ ଝାରସୁଗୁଡ଼ା ଜୋନ ଉପବିଜେତା ହୋଇଥିଲା। ସେହିପରି ୧୭ ବର୍ଷରୁ କମ୍ ବାଳକ ବର୍ଗରେ ରାଉରକେଲା ଜୋନ ଚମ୍ପିଆନ୍ ହୋଇଥିବା ବେଳେ ଝାରସୁଗୁଡ଼ା ଜୋନ ପ୍ରଥମ ଉପବିଜେତା ଓ ବଲାଙ୍ଗୀର ଜୋନ ଦ୍ୱିତୀୟ ଉପବିଜେତା ହୋଇଥିଲା। ଚମ୍ପିଆନ୍ ଦଳକୁ ସ୍ୱର୍ଣ୍ଣ ପଦକ ଓ ଉପବିଜେତା ଦଳକୁ ରୌପ୍ୟ ପଦକ ପୁରସ୍କୃତ କରାଯାଇଥିଲା। ମ୍ୟାଚ୍ କମିଶନର ଭାବେ ଗିରିଶ ଚନ୍ଦ୍ର ଜୟପୁରିଆ, ରେଫରୀ ଭାବରେ ଅଭିଳାଷ ସାହୁ, ମହେନ୍ଦ୍ର ବଗର୍ତ୍ତି, ରମଣୀ ମାଝୀ, କିଶନ ଦାଶ, ଗିରିଶ ପ୍ରଧାନ, ସୂର୍ଯ୍ୟନାରାୟଣ ମିର୍ଦ୍ଧା, ରାମ ସେନ୍ଦ୍ରିଆ, ରତ୍ନାକର ସାଏ, ସଞ୍ଜୟ ମିର୍ଦ୍ଧା, ତିନ୍ତସ ବାରୋ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଏଥିରେ ମନୋନୀତ ଦଳ ଆଗାମୀ ଜାତୀୟ ଫୁଟବଲ୍ ପ୍ରତିଯୋଗିତାରେ ଓଡ଼ିଶା ଦଳ ପାଇଁ ପ୍ରତିନିଧିତ୍ୱ କରିବେ। ଏଥିରେ ମାନସ ଆଚାର୍ଯ୍ୟ ଓ ସଞ୍ଜୟ ରାୟ ଚୟନକର୍ତ୍ତା ଭାବରେ ଦାୟିତ୍ୱ ତୁଲାଇ ଥିଲେ। ଖେଳ ଗୁଡ଼ିକ ଅତି ଉଚ୍ଚ କୋଟିର ପ୍ରଦର୍ଶୀତ ହୋଇଥିବାରୁ ଷ୍ଟାଡିୟମ୍ ?ରେ ଶହ ଶହ ଦର୍ଶକଙ୍କ ମହଲରେ ଅନେକ ଉତ୍ସାହ ଦେଖିବାକୁ ମିଳିଥିଲା। ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବେଲପାହାଡ଼ ଥାନାଧିକାରୀ କୃଷ୍ଣଚନ୍ଦ୍ର ମେହେର, ସମ୍ମାନିତ ଅତିଥି ଭାବେ ବେଲପାହାଡ଼ ଡିଗ୍ରୀ କଲେଜର ଅଧକ୍ଷ ଆଶିଷ କୁମାର ଦାଶ, ବିଶିଷ୍ଟ ଫୁଟବଲ୍ ଖେଳାଳି କିରୋଟୀ ମୁଖୀ, ହେମନ୍ତ ପ୍ରଧାନ, ସ୍ଥାନୀୟ ବିଦ୍ୟାଳୟର ପରିଚାଳନା କମିଟିର ସମ୍ପାଦକ କାହ୍ନୁଚରଣ ପ୍ରଧାନ, ଅଧକ୍ଷ ସଞ୍ଜୟ କୁମାର ମିଶ୍ର, ଉପାଧକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଖେଳ ଆୟୋଜନରେ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ/ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ମଧ୍ୟରେ ସୁନନ୍ତ ପଣ୍ଡା, ଅଶୋକ ଧୀରସାମନ୍ତ, ମନୋଜ ବିନ୍ଧାଣୀ, ଧର୍ମେନ୍ଦ୍ର ବିଶ୍ୱକର୍ମା, ସିମ୍ରନ ସିଂ, ଅଶୋକ ରାଉତ ରାଏ, ପାୟଲ ଚୌଧୁରୀ, କବିତା ପଟେଲ, ଅଞ୍ଜନା ବହିଦାର, ମହମ୍ମଦ ଶାହିଦ, ପ୍ରତୀକ ମହାନ୍ତି, ସୋମନାଥ ମହାରଣା, ଆନନ୍ଦ ଦେବତା, ନରେଶ ସୁନା, ଚନ୍ଦ୍ର ବାଗ, ଟେରେସା ଖାଖା, ଅମ୍ବିକା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

### ଫିସୁ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଉଦ୍‌ଯାପିତ

# ଓଡିଶା ଆଥ୍‌ଲେଟଙ୍କ ଚମତ୍କାର ପ୍ରଦର୍ଶନ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଜର୍ମାନୀର ରାଇନ୍-ରୁରଠାରେ ଚାଲିଥିବା ଫିସୁ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଭାରତ ୨ ସ୍ୱର୍ଣ୍ଣ ଏବଂ ୫ ଲେଖାଏଁ ରୌପ୍ୟ ଓ କାଂସ୍ୟ ସହ ମୋଟ ୧୨ ପଦକ ଜିତି ୨୦ତମ ସ୍ଥାନରେ ଅଭିଯାନ ଶେଷ କରିଛି। ଏହା ମଧ୍ୟରୁ କିଟ୍ ଖେଳାଳି ସର୍ବାଧିକ ପଦକ ୫ (୩ ରୌପ୍ୟ ଓ ୨ କାଂସ୍ୟ) ଜିତି ରାଜ୍ୟ ଓ ଦେଶର ଗୌରବ ବଢ଼ାଇଛନ୍ତି। ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ଅଙ୍କିତା, ୫୦୦୦ ମିଟରରେ ସୀମା ଏବଂ ପୁରୁଷ ଟ୍ରିପଲ୍ ଜମ୍ପ୍‌ରେ ପ୍ରବୀଣ ଚିତ୍ରାଭେଲ ରୌପ୍ୟ ପଦକ ଜିତିଥିଲେ। କାଂସ୍ୟ ଦ୍ୱୟ ପୁରୁଷ ୪ଗୁଣା ୧୦୦ ମିଟର ରିଲେ ଏବଂ ମହିଳା ୨୦ କିମି ରେସ୍ ୱାକ୍ ଟିମ୍ ଇଭେଣ୍ଟରୁ ଆସିଥିଲା। ରିଲେ ଦଳରେ କିଟ୍ ଛାତ୍ର ମଣିକାନ୍ତ ହୋବ୍ଲିଧର, ଅନିମେଷ କୁଜୁର, ଲାଲୁପ୍ରସାଦ ଭୋଇ ଓ ମୃତ୍ୟୁମ ଜୟରାମ ଦଣ୍ଡପତି ରହିଥିଲେ। ସେହିଭଳି ମହିଳା ୨୦ କିମି ରେସ୍ ୱାକ୍ ଦଳରେ ମଧ ସମସ୍ତ କିଟ୍ ଛାତ୍ରୀ ମୁନିତାପ ରାଜାପତି, ମାନସୀ ନେଗି, ସେଜାଲ ଅନିଲସିଂହ ରହିଥିଲେ। ଭାରତୀୟ ଖେଳାଳି ବ୍ୟାଡ୍‌ମିଣ୍ଟନ୍ ଓ ଟେନିସ୍‌ରେ ଗୋଟିଏ ଲେଖାଏଁ କାଂସ୍ୟ ଜିତିଥିଲେ। ଯାହା ଏହି ପ୍ରତିଯୋଗିତାରେ ଭାରତର ପ୍ରଥମ ପଦକ ହୋଇଥିଲା। ତୀରନ୍ଦାଜିରେ ସର୍ବାଧିକ ୫ (୨ ସ୍ୱର୍ଣ୍ଣ, ୨ ରୌପ୍ୟ, ୧ କାଂସ୍ୟ) ଏବଂ ଦୌଡ଼କୁଦରେ ୫ (୩ ରୌପ୍ୟ, ୨ କାଂସ୍ୟ) ପଦକ ଜିତିଛି ଭାରତ। ଏହି ପ୍ରତିଯୋଗିତାରେ ଭାରତରୁ ୩୦୦ରୁ ଅଧିକ ଖେଳାଳି ଏବଂ ୧୦୦ରୁ ଅଧିକ ଅଫିସିଆଲ୍ ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶାରୁ ୪୨ ଜଣ ଆଥ୍‌ଲେଟ୍ ରହିଥିଲେ। ପୂର୍ବରୁ ଦୂତି ଚାନ୍ଦ ପ୍ରଥମ କିଟ୍ ଛାତ୍ରୀ ଭାବେ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା (୨୦୧୯, ନାପୋଲି)ରେ ସ୍ୱର୍ଣ୍ଣ ଜିତିଥିଲେ। ଚଳିତ ବର୍ଷ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତୀୟ ଦଳ ସହ କିଟ୍ ଖେଳାଳିଙ୍କ ସଫଳତା ଲାଗି କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିଛନ୍ତି।



ଯଦି ଆପଣ ମଧ୍ୟ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଏବଂ ଦୃଷ୍ଟିଶକ୍ତି ଅସ୍ପଷ୍ଟ ହେବାରେ ଲାଗିଛି, ତେବେ ଏଠାରେ କିଛି ଖାଦ୍ୟ ଅଛି, ଯାହାକୁ ସେବନ କରିବା ଦ୍ୱାରା ଆଖି ସୁସ୍ଥ ରହିବା ସହ ଦୃଷ୍ଟିଶକ୍ତିରେ ଉନ୍ନତି ଆସିପାରିବ। କଣ ସେହି ସବୁ ଖାଦ୍ୟ, ଜାଣନ୍ତୁ...। ଆଖି ପାଇଁ ଗାଜର ସବୁଠାରୁ ଉପକାରୀ ଖାଦ୍ୟ ମଧ୍ୟରେ ଅନ୍ୟତମ। ଗାଜରରେ ବିଟା କାରୋଟିନ୍ ନାମକ ଏକ ଆଣ୍ଟି-ଅକ୍ସିଡାଣ୍ଟ ଥାଏ, ଯାହା ଆଖିର ସ୍ୱାସ୍ଥ୍ୟରେ ଉନ୍ନତି ଆଣିଥାଏ ଏବଂ ଶରୀର ଏହାକୁ ଭିଟାମିନ୍-ଏ ତିଆରି କରିବାରେ ବ୍ୟବହାର କରିଥାଏ। ଦୃଷ୍ଟି ଶକ୍ତିରେ ଉନ୍ନତି ଆଣିବା ପାଇଁ ସାଲେମନ ଖାଇପାରିବେ। ସାଲେମନ ମାଛରେ ଓମେଗା-୩ ଫ୍ୟାଟି ଏସିଡ୍ ଭରପୂର ଥାଏ। ଏହାକୁ ଖାଇବା ଦ୍ୱାରା ଆଖି ଡ୍ରାଏ ହେବାର ସମ୍ଭାବନା ନଥାଏ ଏବଂ ସମ୍ପୂର୍ଣ୍ଣ ସୁସ୍ଥ ରହିଥାଏ। ବ୍ରୋକଲିରେ ଲ୍ୟୁଟିନ୍ ଏବଂ ଜିଆକ୍ସାଣ୍ଟିନ୍ ଭଳି ଉପାଦାନ ମଧ୍ୟ ରହିଥାଏ, ଯାହା ଆଖିକୁ ରକ୍ଷା କରିଥାଏ। ଆଖିକୁ ସୁସ୍ଥ ରଖିବା ପାଇଁ ଖାଦ୍ୟରେ ପାଳଙ୍ଗ ଅନ୍ତର୍ଭୁକ୍ତ କରନ୍ତୁ। ପାଳଙ୍ଗ କେବଳ ଆଖିକୁ ସୁସ୍ଥ ରଖେ ନାହିଁ, ଏହା ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଏକ ଉତ୍ତମ ପରିବା। ଅଣ୍ଡାକୁ ସୁପରଫୁଡର ଆଖ୍ୟା ଦିଆଯାଇଛି। ଅଣ୍ଡା କେବଳ ପ୍ରୋଟିନର ଏକ ଉତ୍ତମ ଉତ୍ସ ନୁହେଁ, ଏଥିରେ ଜିଙ୍କ ଏବଂ ଭିଟାମିନ୍-ଏ ମଧ୍ୟ ରହିଥାଏ, ଯାହା ଆଖି ପାଇଁ ଜରୁରୀ। ଅଣ୍ଡା ଖାଇବା ଦ୍ୱାରା ଅନେକ ଆଖି ସମସ୍ୟା ଦୂର ହୋଇଯାଏ। ଭିଟାମିନ୍ ଏ ଏବଂ ଜିଙ୍କ ଥିବା ଦହି ଆଖି ପାଇଁ ଲାଭଦାୟକ।

# ଗର୍ଭାବସ୍ଥା ସମୟରେ ହେୟାର ଷ୍ଟ୍ରେଟ୍ କରୁଛନ୍ତି କି ?

## ତେବେ ଜାଣନ୍ତୁ ଏହାର କ୍ଷତିକାରକ ଗୁଣ ସମ୍ପର୍କରେ

*ବର୍ତ୍ତମାନ ସମୟର ଜୀବନଶୈଳୀରେ ଅନେକ ପ୍ରକାର ପରିବର୍ତ୍ତନ ଦେଖିବାକୁ ମିଳୁଛି । ଖାସ୍ କରି ଝିଅମାନେ ଅଧିକାଂଶ ସମୟରେ ସେମାନେ ସେମାନଙ୍କ ଷ୍ଟାଇଲକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ସେ ହେୟାର ଷ୍ଟ୍ରେଟନିଂ ହେଉ ଅବା ମେକଅପ୍ । କିଛି ସମୟ ପାଇଁ ହୁଏ ତ ସୁନ୍ଦରତା ପ୍ରଦାନ କରିଥାଏ, କିନ୍ତୁ ଏହା ପରବର୍ତ୍ତୀ ସମୟରେ ଅନେକ ପ୍ରକାରର ସମସ୍ୟା ସୃଷ୍ଟି କରିଥାଏ । ଯାହା ଦ୍ୱାରା ଅନେକ ସମୟରେ ସେମାନେ କ୍ଷତିରେ ପଡିଥାନ୍ତି । ତେବେ ଆସନ୍ତୁ ଜାଣିବା କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ବିଷୟରେ...*



କ'ଣ ଆପଣ ପ୍ରତିଦିନ ଅଫିସ୍ ଏବଂ କଲେଜ୍ ଯିବା ସମୟରେ ଚୁଟି ଷ୍ଟ୍ରେଟ୍ କରୁଛନ୍ତି କି ? ଚୁଟି ଷ୍ଟ୍ରେଟ୍ କଲେ ହୁଏ ତ ସୁନ୍ଦର ଏବଂ ଷ୍ଟାଇଲିସ୍ ଦିଶିପାରନ୍ତି, କିନ୍ତୁ ଏହା ଆପଣଙ୍କୁ ପରେ ଅନେକ ସମସ୍ୟାରେ ପକାଇପାରେ । ଯଦି ଆପଣଙ୍କୁ ଏହା ପସନ୍ଦ ତେବେ ଆମେ ଆପଣଙ୍କୁ ଏହାର କିଛି କ୍ଷତି ସମ୍ପର୍କରେ ଜଣାଇବୁ ।

■ ସୁନ୍ଦର ଏବଂ ଆକର୍ଷଣୀୟ ଦେଖାଯିବା ପାଇଁ ଆଜିକାଲି କେଶ ସିଧା କରିବା ଏକ ଟ୍ରେଣ୍ଡ ପାଲଟିଛି । ବିଶେଷକରି ମହିଳାମାନେ ପ୍ରାୟତଃ କେଶରେ ଏହି ପ୍ରକାରର ଚିକିତ୍ସା କରନ୍ତି । କିନ୍ତୁ ବାରମ୍ବାର କେଶ ସିଧା କରିବା ଏବଂ ରାସାୟନିକ ପଦାର୍ଥ ବ୍ୟବହାର କରିବା ଯୋଗୁଁ ମହିଳାମାନଙ୍କଠାରେ କର୍କଟ ରୋଗ ବୃଦ୍ଧି ପାଉଛି । ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଏକ ଅଧ୍ୟୟନରୁ ଜଣାପଡିଛି ଯେ ଯେଉଁ ମହିଳାମାନେ ନିଜ କେଶରେ ଏପରି ରାସାୟନିକ ପଦାର୍ଥ ବ୍ୟବହାର କରନ୍ତି ସେମାନଙ୍କ ଗର୍ଭାଶୟ କର୍କଟ ରୋଗର ଆଶଙ୍କା ଦୁଇଗୁଣ ଥାଏ, ଯେଉଁମାନେ ଏହାକୁ ବ୍ୟବହାର କରନ୍ତି ନାହିଁ। ୨୦୧୯ ମସିହାରେ ଆଉ ଏକ ଅଧ୍ୟୟନରୁ ଜଣାପଡିଛି ଯେ ରାସାୟନିକ ପଦାର୍ଥ ବ୍ୟବହାର କରୁଥିବା ମହିଳାମାନଙ୍କଠାରେ ସ୍ତନ କର୍କଟ ରୋଗର ୩୦% ବୃଦ୍ଧି ଦେଖିବାକୁ ମିଳିଛି।

■ ସବୁଠାରୁ ବଡ କ୍ଷତି ହେଉଛି ଏହା ଶୁଷ୍କ ହୋଇଯାଏ । ଷ୍ଟ୍ରେଟନର୍ ହେଉ ବା କେମିକାଲ୍ ହେଉ , ଯେକୌଣସି ଉପାୟରେ ଚୁଟିକୁ ଷ୍ଟ୍ରେଟ୍ କଲେ ଏହାର ତୈଳାଂଶ ଶେଷ ହୋଇଯାଏ । ଯାହା କେଶକୁ ଅଧିକ ଡ୍ରାଏ କରିଥାଏ । କେବଳ ଏତିକି ନୁହେଁ ବରଂ କେଶକୁ ରଫ୍ କରିଦେଇଥାଏ। ଆଉ କେଶ ଡ୍ରାଏ ହେବାଦ୍ୱାରା କେଶ ଝଡିବା ମଧ୍ୟ ଆରମ୍ଭ ହୋଇଯାଏ । ବିଶେଷ କରି ଗର୍ଭବତୀ ମହିଳାମାନେ ଏହି ହେୟାର ଷ୍ଟ୍ରେଟନିଂଠାରୁ ଦୂରେଇ ରହିବା ନିହାତି ଆବଶ୍ୟକ ।

■ ହେୟାର ଷ୍ଟ୍ରେଟନିଂ ମା ଏବଂ ଛୁଆ ଉଭୟଙ୍କ ପାଇଁ କ୍ଷତିକାରକ ହୋଇଥାଏ । ତେଣୁ ଏହା ନ କରିବାକୁ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ମହିଳାମାନେ ଏହି ବିଷୟରେ ସତର୍କ ରହିବା ଉଚିତ ଏବଂ କଠୋର ରାସାୟନିକ ପଦାର୍ଥ ବ୍ୟବହାରଠାରୁ ଦୂରରେ ରହିବା ଉଚିତ ।

■ ଯଦିଓ ଗର୍ଭାବସ୍ଥାରେ ଷ୍ଟ୍ରେଟନିଂ ବ୍ୟବହାରର କୌଣସି ପ୍ରଭାବ ଉପରେ ଅଧ୍ୟୟନ କରାଯାଇନାହିଁ, ତଥାପି କେଶ ଷ୍ଟ୍ରେଟନିଂ କରିବା ଦ୍ୱାରା କିଛି ବିପଦ ସୃଷ୍ଟି କରିପାରେ ।

■ ଯେପରିକି ଗର୍ଭବତୀ ସମୟରେ ଏହା କରିବା ଦ୍ୱାରା କ୍ୟାନସରର କାରଣ ହୋଇପାରେ। ହେୟାର ଷ୍ଟ୍ରେଟନିଂ ସମୟରେ ପାରାମିନ୍ ଭଳି ରାସାୟନିକ ପଦାର୍ଥ ସିରମ୍ ଏବଂ କ୍ରିମ୍‌ରେ ମଧ୍ୟ ବ୍ୟବହାର କରାଯାଏ । ଯାହା ହରମୋନକୁ ଇନବାଲାନ୍ସ କରି ଦେଇଥାଏ । ଯାହା ଦ୍ୱାରା ମହିଳାମାନେ ସ୍ତନ କର୍କଟ ରୋଗର ଶିକାର ହୋଇଥାନ୍ତି । ଯାହା ଗବେଷଣାରୁ ପ୍ରମାଣିତ ହୋଇଛି ।







# ମେଲବର୍ଣ୍ଣରେ ପ୍ରଦର୍ଶିତ ହେବ ଓଡିଆ ସିନେମା 'ଲହରୀ'

ମେଲବର୍ଣ୍ଣରେ ପ୍ରଦର୍ଶିତ ହେବ ଓଡିଆ ସିନେମା ଲହରୀ । କଲିକତା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପୁରସ୍କୃତ ହେବା ସହ ବିଚାରକ ତଥା ସମାଲୋଚକଙ୍କ ପ୍ରଶଂସା ସାଉଁଟି ଥିବା 'ଲହରୀ' ଏବେ ବିଦେଶରେ ପ୍ରଦର୍ଶିତ ହେବ । ଅଷ୍ଟ୍ରେଲିଆର ମେଲବର୍ଣ୍ଣ ଠାରେ ଆସନ୍ତା ମାସରେ ହେବାକୁ ଥିବା 'ଇଣ୍ଡିଆନ ଫିଲ୍ମ ଫେଷ୍ଟିଭାଲ ଅଫ ମେଲବୋର୍ଣ୍ଣ' (ଆଇଏଫଏଫଏମ) ପାଇଁ ଅଫିସିଆଲି ମନୋନୀତ ହୋଇଛି । ତେବେ ଭାରତୀୟ ବିବିଧତା, ସୃଜନାତ୍ମକ କଳା ଓ ସାଂସ୍କୃତିକ ବିଭବକୁ ବିଶ୍ୱ ସ୍ତରରେ ପହଞ୍ଚାଇବା 'ଆଇଏଫଏଫ ଏମ'ର ମୂଳ ଉଦ୍ଦେଶ୍ୟ ରହି ଆସିଛି। ଚଳିତ ବର୍ଷ ଏହାର ୧୬ ତମ ସଂସ୍କରଣ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଏଥିରେ ବଲିଉଡ ଅଭିନେତା ଅମୀର ଖାନ୍ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଶ୍ରେଷ୍ଠ ବିବେଚିତ ବିଭିନ୍ନ ଆଞ୍ଚଳିକ ସିନେମା ଏଠାରେ ପ୍ରଦର୍ଶିତ ହେବାକୁ ଥିବା ବେଳେ 'ଲହରୀ'ର ମନୋନୟନ ବିଶେଷ ଗୁରୁତ୍ୱ ରଖେ । ଯାହା ପ୍ରତିଟି ଓଡିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଓ ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ। ପ୍ରଯୋଜନା କରିଛନ୍ତି ଓଡ଼ିଶାର ସ୍ୱନାମଧନ୍ୟ ଯୁବ ନିର୍ମାତ୍ରୀ ଝିଲିକ ଭଟ୍ଟାଚାର୍ଯ୍ୟ ।

# ୯ ଦିନରେ ୩୦୦ କୋଟି ପାର୍ କଲା 'ସୈୟାରା'

'ସୈୟାରା' ଝଡ଼ରେ ଫିକା ପଡ଼ିଲେ ସୁପରଷ୍ଟାର। ରିଲିଜ୍ ହେଉ ହେଉ ଅନେକ ବଡ଼ ବଡ଼ ସୁପରଷ୍ଟାର ଓ ସେମାନଙ୍କ ଫିଲ୍ମକୁ ପଛରେ ପକାଇଲେ ବଲିଉଡ କଳାକାର ଆହାନ ପାଣ୍ଡେ ଓ ଅନୀତ୍ ପଡ୍ଡା। ନାମରେ ଖାନ୍ ବା କପୁର ନଥାଇ ବି ପ୍ରେକ୍ଷାଳୟକୁ ଭିଡ଼ ଆଣିବାରେ ସଫଳ ହେଲେ ଆହାନ। ଫିଲ୍ମଟି ଦେଖିବା ପରେ ପ୍ରଶଂସକମାନେ ଭାବପ୍ରବଣ ହୋଇପଡୁଥିବାର ଅନେକ ଭିଡିଓ ସାମ୍ନାକୁ ଆସୁଛି। ଫିଲ୍ମର କାହାଣୀ କେତେ ମାତ୍ରାରେ ପ୍ରଭାବ ପକାଇଛି, ଏହାର ଫିଲ୍ମର ଆୟରୁ ସ୍ପଷ୍ଟ ହୋଇଛି। ମାତ୍ର ୯ଦିନରେ ୩୦୦କୋଟି କ୍ଲବରେ ପ୍ରବେଶ କରିଛି ଏହି ଫିଲ୍ମ। ଯାହା ଅନ୍ୟ ବଡ଼ ବଜେଟ ଫିଲ୍ମ ବେଳେ ବେଳେ କରିପାରେ ନାହିଁ, ତାହା କରି ଦେଖାଇଛି 'ସୈୟାରା'। ଫିଲ୍ମର ବଜେଟ ୬୦କୋଟି ଥିବା ବେଳେ ଏବେ ଫିଲ୍ମ ୩୦୦କୋଟିରୁ ଅଧିକ ଆୟ କରି ସୁପରହିଟ୍ ସାବ୍ୟସ୍ତ ହୋଇଛି। ଏହି ଫିଲ୍ମଟି ରବିବାର ୩୦କୋଟି ଆୟ କରିଥିବା ଜଣାଯାଇଛି। ଫିଲ୍ମର ଗୀତ ଓ ଯୁବପିଢ଼ିଙ୍କ ମଧ୍ୟରେ ଫିଲ୍ମକୁ ନେଇ ଥିବା କ୍ରେଜ୍ ଫିଲ୍ମକୁ ସଫଳ କରିଥିବା କୁହାଯାଉଛି। ଅକ୍ଷୟ କୁମାରଙ୍କ କେଶରୀ ୨ର ଘରୋଇ ବକ୍ସ ଅଫିସ ସଂଗ୍ରହକୁ ପଛରେ ପକାଇସାରିଛି 'ସୈୟାରା'। ଏହା ଆଲିଆ ଭଟ୍ଟ ଏବଂ ବରୁଣ ଧୱନଙ୍କ ପ୍ରଥମ ଚଳଚ୍ଚିତ୍ର 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର' (୭୦କୋଟି), ଜାହ୍ନବୀ କପୁରଙ୍କ 'ଧଡ଼କ' (୭୩କୋଟି)କୁ ପଛରେ ପକାଇଥିବା 'ସୈୟାରା' ଖୁବଶୀଘ୍ର କବୀର ସିଂହ(୩୭୭କୋଟି)ର ମୋଟ ସଂଗ୍ରହକୁ ପଛରେ ପକାଇବ ବୋଲି କୁହାଯାଉଛି। ରିଲିଜ୍ ପୂର୍ବରୁ ଫିଲ୍ମର କୌଣସି ପ୍ରଚାର କରାଯାଇନଥିଲେ ବି ଫିଲ୍ମଟି ଏତେ ଭଲ ବ୍ୟବସାୟ କରିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।



# ଟ୍ରୋଲର୍ସଙ୍କୁ ଜରୀନଙ୍କ ଜବାବ



ବଲିଉଡ଼ର ଜଣାଶୁଣା ଅଭିନେତ୍ରୀ ହେଉଛନ୍ତି ଜରୀନ ଖାନ । ସେ ନିଜର ଅଭିନୟ ମାଧ୍ୟମରେ ଦର୍ଶକଙ୍କ ପାଖରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିବାରେ ସଫଳ ହୋଇଛନ୍ତି । ନିକଟରେ ଇନଷ୍ଟାଗ୍ରାମରେ ସେ ଏକ ଭିଡିଓ ପୋଷ୍ଟ କରିଛନ୍ତି । ତାଙ୍କ ପୋଷ୍ଟରେ କମେଣ୍ଟ କରୁଥିବା ଟ୍ରୋଲର୍ସଙ୍କୁ ଏକ ଉପଯୁକ୍ତ ଉତ୍ତର ଦେଇଛନ୍ତି । ଆସନ୍ତୁ ଜାଣିବା ଜରୀନ କ'ଣ ଉତ୍ତର ଦେଇଛନ୍ତି । ଯେଉଁମାନେ ଜରୀନଙ୍କୁ କହିଥିଲେ 'ବିବାହ କର, ତୁମେ ବୁଢ଼ୀ ହୋଇଯାଉଛ । ତେବେ ଏଭଳି କମେଣ୍ଟକୁ ଅଣଦେଖା କରିବା ପରିବର୍ତ୍ତେ, ଜରୀନ ସ୍ପଷ୍ଟତାର ସହିତ ଉତ୍ତର ଦେଇଥିଲେ । ସେ ବିବାହକୁ ବାର୍ଦ୍ଧକ୍ୟ ହେବାର ଲକ୍ଷଣ କିମ୍ବା ଜୀବନର ସମସ୍ୟାର ସମାଧାନ ବୋଲି ଭାବୁଥିବା ଲୋକଙ୍କ ମାନସିକତାକୁ ମଧ୍ୟ ପ୍ରକାଶ କରିଥିଲେ । ଜରୀନ ଖାନଙ୍କ ପୋଷ୍ଟରେ, ଜଣେ ୟୁଜର ତାଙ୍କୁ ତାଙ୍କ ବଢୁଥିବା ବୟସ ବିଷୟକୁ ନେଇ ଉପହାସ କରିଥିଲେ ଏବଂ ବିବାହ କରିବାକୁ ପରାମର୍ଶ ଦେଇଥିଲେ । ବିବାହକୁ ପ୍ରାୟତଃ ପ୍ରତ୍ୟେକ ସମସ୍ୟାର ସମାଧାନ ଭାବରେ ବିବେଚନା କରାଯାଏ, ବିଶେଷକରି ଭାରତୀୟ ସମାଜରେ । ଜରୀନ ପ୍ରଶ୍ନ କରିଥିଲେ ଯେ ଯେତେବେଳେ କିଛି ଭୁଲ ହୁଏ ପରିବାରଗୁଡ଼ିକ ପ୍ରାୟତଃ 'ବିବାହ'କୁ ସମାଧାନ ଭାବରେ କିପରି ବିବେଚନା କରନ୍ତି । ହେଲେ ଅନେକ ପରିବାରରେ ମହିଳାଙ୍କ ସ୍ୱାଧୀନତାକୁ ଏବେ ବି ଏକ ବିପଦ ଭାବରେ ଦେଖାଯାଏ । ଯଦି ଜଣେ ଝିଅ ଅତ୍ୟଧିକ ସ୍ୱାଧୀନ କିମ୍ବା ଜିଦଖୋର ହେବାକୁ ଲାଗିଥାଏ ତେବେ ତାହାର ପରିବାର ଚିନ୍ତିତ ହୋଇଯାନ୍ତି । ସେମାନେ ଭାବନ୍ତି କି ସେ ଆମ ହାତରୁ ଚାଲିଯାଉଛି ଏବଂ ତା'ପରେ ସମାଧାନ ହେଉଛି ତାଙ୍କୁ ବିବାହ କରାଇଦେବା । ଜରୀନ ପଚାରିଲେ ବିବାହ କ'ଣ ଏକ ସମାଧାନ । ଆଜିକାଲି ଅଧିକାଂଶ ବିବାହ ପ୍ରାୟ ୨ କିମ୍ବା ୩ ମାସ ପର୍ଯ୍ୟନ୍ତ ସ୍ଥିର ରହୁଛି । ତେଣୁ ବିବାହ ପ୍ରତ୍ୟେକ ସମସ୍ୟାର ସମାଧାନ ନୁହେଁ ବୋଲି କହିଛନ୍ତି ଜରୀନ । ୨୦୧୦ ମସିହାରେ ସଲମାନ ଖାନଙ୍କ ବିପକ୍ଷରେ ଫିଲ୍ମ 'ବୀର'ରୁ କ୍ୟାରିଅର ଆରମ୍ଭ କରିଥିଲେ ଜରୀନ ଖାନ । ତାଙ୍କୁ ସବୁବେଳେ କ୍ୟାଟ୍ରିନା କୈଫଙ୍କ ସହ ତୁଳନା କରାଯାଏ । ଜରୀନ 'ହାଉସଫୁଲ ୨', 'ହେଟ ଷ୍ଟୋରୀ ୩' ଏବଂ '୧୯୨୧' ଭଳି ଫିଲ୍ମରେ ନିଜର ପରିଚୟ ସୃଷ୍ଟି କରିଥିଲେ । ହିନ୍ଦୀ ସିନେମା ଛଡ଼ା ପଞ୍ଜାବୀ, ତାମିଲ ଏବଂ ତେଲୁଗୁ ଫିଲ୍ମରେ ମଧ୍ୟ କାମ କରିଛନ୍ତି ଜରୀନ । ତାଙ୍କୁ ୨୦୨୧ ମସିହାରେ ରିଲିଜ୍ ହୋଇଥିବା ଫିଲ୍ମ 'ହମ ଭି ଆକେଲେ ତୁମ ଭି ଆକେଲେ'ରେ ଦେଖିବାକୁ ମିଳିଥିଲା ।

# ଏମିତି ଜେଲ

## ପରିବାର ସହ ରହନ୍ତି କଏଦୀ



ରାଜସ୍ଥାନରେ ଏକ ନିଆରା ଜେଲ ରହିଛି, ଯେଉଁଠାରେ କଏଦୀମାନେ ସେମାନଙ୍କ ପରିବାର ସହ ରୁହନ୍ତି। ଏହି ଜେଲରେ ଥିବା କଏଦୀମାନଙ୍କ ଉପରେ ବିଶେଷ କଟକଣା ନ ଥାଏ। ସେମାନେ ଅଟୋ ଚଳାଇ, ମକା ବିକ୍ରି କରି, ଟିଫିନ୍ ସେଣ୍ଟରରେ ଲୋକଙ୍କୁ ଜଳଖିଆ ଖୁଆଇ କିମ୍ବା ମୋଟରସାଇକେଲ ସଜାଡ଼ି ନିଜ ଜୀବିକା ନିର୍ବାହ କରିପାରିଥାନ୍ତି। ଉକ୍ତ ଜେଲ କ୍ୟାମ୍ପସ୍ ଭିତରେ ଏକ ସ୍କୁଲ ମଧ୍ୟ ରହିଛି, ଯେଉଁଠାରେ କଏଦୀଙ୍କ ପିଲାମାନେ ପଢ଼ିପାରନ୍ତି। ଜୟପୁରର ସାଙ୍ଗାନେରଠାରେ ଭାରତର ସବୁଠାରୁ ବଡ଼ ଖୋଲା ଜେଲ୍ 'ଡକ୍ଟର ସମ୍ପୂର୍ଣ୍ଣାନନ୍ଦ ଖୁଲା ବନ୍ଦୀ ଶିବିର' ରହିଛି। ଏହି ଜେଲରେ ସମ୍ପ୍ରତି ୩୭୦ରୁ ଅଧିକ କଏଦୀ ନିଜ ପରିବାର ସହ ରହୁଛନ୍ତି। ତେବେ ଏହି ଜେଲରେ କଏଦୀମାନେ କେବଳ ବନ୍ଦୀ ଭାବରେ ରୁହନ୍ତି ନାହିଁ ବରଂ ସେମାନେ ଏକ ବ୍ୟବସ୍ଥା ଅଧୀନରେ ରୁହନ୍ତି, ଯାହା ସେମାନଙ୍କୁ ବିଭିନ୍ନ ଦାୟିତ୍ୱ ସହ ସ୍ୱାଧୀନତା ପ୍ରଦାନ କରିଥାଏ। ଯେଉଁ କଏଦୀମାନେ ସେମାନଙ୍କୁ ମିଳିଥିବା ଦଣ୍ଡର ଏକ ତୃତୀୟାଂଶ ସମୟ ଭଲ ଆଚରଣ ବଜାୟ ରଖି ଅତିବାହିତ କରିଥାନ୍ତି, ସେମାନଙ୍କୁ ଡକ୍ଟର ସମ୍ପୂର୍ଣ୍ଣାନନ୍ଦ ଖୁଲା ବନ୍ଦୀ ଶିବିରକୁ ସ୍ଥାନାନ୍ତରିତ କରାଯିବା ସହ ନିଜ ପରିବାର ସହ ରହିବାକୁ ଅନୁମତି ମିଳିଥାଏ। କଏଦୀମାନେ ନିଜ ଜୀବିକା ନିର୍ବାହ କରିବା ପାଇଁ ଦିନରେ ବାହାରକୁ ଯାଇ ସନ୍ଧ୍ୟା ସୁଦ୍ଧା ଜେଲକୁ ଫେରିଥାନ୍ତି। ଏହି କଏଦୀମାନେ ଜେଲ ମଧ୍ୟରେ ମୋବାଇଲ୍ ଫୋନ୍‌ର ବ୍ୟବହାର କରିପାରନ୍ତି, ଟେଲିଭିଜନ ଦେଖିପାରନ୍ତି ଏବଂ ନିଜ ପିଲାଙ୍କୁ ସ୍କୁଲ ମଧ୍ୟ ପଠାଇପାରନ୍ତି। ଏହି ଜେଲ'ର ନିଜସ୍ୱ ପଞ୍ଚାୟତ ରହିଛି। ଜେଲ ମଧ୍ୟରେ ଦେଖା ଦେଉଥିବା ବିଭିନ୍ନ ବିବାଦର ସମାଧାନ ପାଇଁ କଏଦୀମାନେ ନିଜ ମଧ୍ୟରୁ ଜଣଙ୍କୁ ସରପଞ୍ଚ ଭାବେ ଭୋଟ ଦେଇ ଜିତାଇଥାନ୍ତି। ନିର୍ବାଚିତ ସରପଞ୍ଚ କଏଦୀମାନଙ୍କ ମଧ୍ୟରେ ଶାନ୍ତି ବଜାୟ ରଖିବା ସହ ବିଭିନ୍ନ ବିବାଦର ମଧ୍ୟସ୍ଥତା କରିବାରେ ସାହାଯ୍ୟ କରନ୍ତି। ପାରମ୍ପରିକ ଭାରତୀୟ ଗ୍ରାମସଭା ପରି ଆଲୋଚନା ଏବଂ ସହମତି ମାଧ୍ୟମରେ ଏହି ଜେଲ ମଧ୍ୟରେ ଦେଖା ଦେଇଥିବା ବିଭିନ୍ନ ମତଭେଦର ସମାଧାନ ହୋଇଥାଏ। ଏହି ବ୍ୟବସ୍ଥା କଏଦୀମାନଙ୍କୁ ସମାଜ ସହ ଯୋଡ଼ି ହୋଇ ରହିବାକୁ ଅନୁମତି ଦେଇଥାଏ। ଉକ୍ତ ମଡେଲକୁ ସୁପ୍ରିମକୋର୍ଟ ମଧ୍ୟ ପ୍ରଶଂସା କରିଛନ୍ତି ଏବଂ ସାରା ଦେଶରେ ଏପରି ମଡେଲ ଲାଗୁ ପାଇଁ ସୁପାରିସ କରିଥିବା ନେଇ ଜେଲର ସୁପରିଣ୍ଟେଣ୍ଡେଣ୍ଟ ରାକେଶ ମୋହନ ଶର୍ମା କହିଛନ୍ତି। ପ୍ରକାଶ ଯେ, ୨୦୨୨ ଡିସେମ୍ବରରେ ସୁପ୍ରିମକୋର୍ଟ ବିଚାରପତିଙ୍କ ୫ ଜଣିଆ ଏକ ଦଳ ଏହି ଖୋଲା ଜେଲ ପରିଦର୍ଶନ କରିବା ସହ ଏଠାରେ ରହୁଥିବା କଏଦୀଙ୍କ ସହ ଆଲୋଚନା କରିଥିଲେ। ବିଚାରପତିଙ୍କ ଉକ୍ତ ଟିମ୍ ଏହି ଖୋଲା ଜେଲ ବ୍ୟବସ୍ଥାକୁ ପ୍ରଶଂସା କରିବା ସହ ସମାନ ମଡେଲ ଆପଣାଇବାକୁ ଅନ୍ୟ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଥିଲେ।

Printed, Published & Owned by Madhu Mohanty. Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ରାୟଗଡ଼, (ଭାସ୍କର ନ୍ୟୁଜ୍): ରାୟଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁବ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷା ଡ଼. ସରସ୍ୱତୀ ରାୟ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ତାଙ୍କର ଉଦବୋଧନରେ ବୈଦିକ ଦର୍ଶନ, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଇତିହାସ ବିଭାଗ ର ଅବସର ପ୍ରାପ୍ତ ପ୍ରାଧାପକ ପ୍ରଫେସର ସିମାଞ୍ଚଳ ପାଲୋ ଯୋଗ ଦେବା ସହ ତାଙ୍କର ବକ୍ତବ୍ୟରେ ବୈଦିକ ଦର୍ଶନ ସମ୍ପର୍କରେ ଆଲୋଚନା କରିବା ସହ ସେହି ଦର୍ଶନକୁ ଆମ ଜୀବନ ଶୈଳୀରେ ଅପଣେଇଲେ ଜୀବନ ସୁନ୍ଦର ହେଇ ପାରିବ ବୋଲି ମତ ପ୍ରକାଶ କରିଥିଲେ। ମହାବିଦ୍ୟାଳୟର ଅଧାପକ ପି. ଅରୁଣ କୁମାର ଓ ଅନ୍ୟାନ୍ୟ ଅଧାପକ ଅଧାପିକାମାନେ ମଧ ବକ୍ତବ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ଯୁବସଂସ୍କାର କାର୍ଯ୍ୟକ୍ରମର ସଂଯୋଜିକା ଅଧାପିକା ପ୍ରିୟଦର୍ଶିନୀ ବଳ, ସହ ସଂଯୋଜିକା ସୁଶ୍ରୀ ସ୍ନେହଞ୍ଜଳି ପାଣ୍ଡେ ଓ ପି ବିନୟ ପରିଚାଳନା କରିଥିଲେ। ଯୁକ୍ତ ତିନି ପ୍ରଥମ ବର୍ଷର ସମସ୍ତ ଛାତ୍ରଛତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ବ୍ଲକ୍ ସମ୍ମିଳନୀ




ତିହିଡ଼ି, (ଭାସ୍କର ନ୍ୟୁଜ୍): ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ବ୍ଲକ ସମ୍ମିଳନୀ ସୋମବାର ପୂର୍ବାହ୍ନରେ ତିହିଡ଼ିରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ପ୍ରଭାତୀ ଦାଶଙ୍କ ସଭାପତିତ୍ୱରେ ୧୫ଜଣ ମହିଳାନେତ୍ରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସଭାନେତ୍ରୀ ପ୍ରଭାତୀ ଜେନା, ଉଦ୍‌ଘାଟନୀ ବକ୍ତବ୍ୟ ରଖିବା ସଙ୍ଗେସଙ୍ଗେ ସିଆଇଟିୟୁର ବ୍ଲକ ସଭାପତି ଆଇନଜୀବୀ ବିଷ୍ଣୁ ଦାଶ, ଚାନ୍ଦବାଲି ବ୍ଲକର ସଭାପତି, ମଳୟ କୁମାର ଭୋଇ, ବରିଷ୍ଠ କୃଷକ ନେତା ନାରାୟଣ ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଶେଷକରି ଆଶାକର୍ମୀ, ଅଙ୍ଗନୱାଡ଼ି, ପାଚିକାମାନଙ୍କୁ ସ୍ଥାୟୀନିଯୁକ୍ତି, ମାସିକ ୨୬ ହଜାର ଟଙ୍କା ଦରମା ଦେବା, ସମାନ କାମକୁ ସମାନ ମଜୁରି, ସମସ୍ତଙ୍କୁ ବୀମା ଓ ପେନସନ ଅନ୍ତର୍ଭୁକ୍ତ କରିବା, ୪୪ଟି ଶ୍ରମ ଆଇନକୁ ଲାଗୁ ନକରି ୪ଟି ଶ୍ରମ କୋର୍ଡ଼ରେ ପରିଣତ କରିବା ନୀତି ବିରୁଦ୍ଧରେ ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ଡବଲ ଇଞ୍ଜିନ୍ ସରକାର ସମୟରେ ପ୍ରତ୍ୟେକ ଦିନ ମହିଳାମାନଙ୍କ ଉପରେ ହେଉଥିବା ଆକ୍ରମଣ ଓ ଦୁଷ୍କର୍ମକୁ ବକ୍ତାମାନେ ଦୃଢ଼ ଭାବରେ ବିରୋଧ କରିଥିଲେ। ଆଗାମୀ ଦିନରେ ଏହି ବ୍ୟବସ୍ଥା ବିରୁଦ୍ଧରେ ଆନ୍ଦୋଳନ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ସମ୍ମିଳନୀରେ ୨୭ ଜଣିଆ ବ୍ଲକ କମିଟି ଗଠନ କରାଯାଇଥିଲା। ବ୍ଲକ ସଭାପତି ଭାବେ ପ୍ରଭାତୀ ଦାଶ, ସମ୍ପାଦିକା ଭାବରେ ମଞ୍ଜୁଶ୍ରୀ କୁଣ୍ଡ, ଉପସଭାପତି ଶ୍ରଦ୍ଧାଞ୍ଜଳି ନାୟକ, ଅନ୍ନପୂର୍ଣ୍ଣା ଦାସ, ସେବତୀ ରାଉଳ, ସହସମ୍ପାଦିକା କନକଲତା ମହାଲିକ, ଭାରତୀ ପଣ୍ଡା, ମମତାରାଣୀ ଜେନା, ସରୋଜିନୀ ସେଠୀ ନିର୍ବାଚିତ ହୋଇଥିଲେ। ସଙ୍ଗଠନର ରାଜ୍ୟ ସମ୍ପାଦିକା ସୁରଜିତା ନାୟକ ଉଦଯାପନୀ ବକ୍ତବ୍ୟ ରଖିବା ସହିତ ଆସନ୍ତା ୨ ତାରିଖରେ ଭଦ୍ରକ ସଂସ୍କୃତି ଭବନରେ ହେବାକୁ ଥିବା ଜିଲା ସମ୍ମିଳନୀରେ ବହୁ ସଂଖ୍ୟାରେ ଯୋଗଦେବାକୁ ଆହ୍ୱାନ ଦେଇଥିଲେ। ଏଥିସହିତ କେନ୍ଦ୍ର ଓ ରାଜ୍ୟସରକାରଙ୍କ ଜନମାରଣ ନୀତି ବିରୁଦ୍ଧରେ ବ୍ୟାପକ ଜନ ଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ପ୍ରଥମେ ରାଜ୍ୟ ସମ୍ପାଦିକା ନାୟକ ପତାକା ଉତ୍ତୋଳନ କରିଥିଲେ। ଶତାଧିକ ମହିଳା ସମାନତା, ଗଣତନ୍ତ୍ର, ନାରୀ ମୁକ୍ତିର ନାରା ଦେବା ସହ ପାଲେଷ୍ଟାଇନରେ ନିରୀହ ମହିଳା ଶିଶୁ ମୃତ୍ୟୁ, ପହଲଗାଁଓରେ ପର୍ଯ୍ୟଟକମାନଙ୍କୁ ହତ୍ୟା, ଏଫଏମ କଲେଜ ଛାତ୍ରୀ ସୌମ୍ୟଶ୍ରୀ ବିଶିଙ୍କ ମୃତ୍ୟୁରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା।

## ମାତୃମହିମା ବକ୍ତୃତା ପ୍ରତିଯୋଗିତା

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨ଟି ବିଦ୍ୟାଳୟ ଓ ୮ଟି ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ଡ. ବିବେକାନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିଯୋଗିତା ସଭାରେ ମୁଖ୍ୟ ଅତିଥିଭାବେ ଡ. ରାମଚନ୍ଦ୍ର ଦେଓ ଯୋଗ ଦେଇଥିଲେ। ବିଚାରକ ଭାବେ ପ୍ରାଧ୍ୟାପକ ଡ. ନୀଳକଣ୍ଠ ଖଣ୍ଡା, ଅଧ୍ୟାପକ ସତ୍ୟମୟ ଆଚାର୍ଯ୍ୟ, ଅଧ୍ୟାପକ ଦେବବ୍ରତ ପ୍ରଧାନ, ପଣ୍ଡିତ ଗିରିଶ ପ୍ରାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଗବେଷିକା ଡ.ପୁଷ୍ପିତା ଦେଓ ପ୍ରତିଯୋଗିତାର ମୂଲ୍ୟାଙ୍କନ କରିଥିଲେ। ବରିଷ୍ଠ ବିଭାଗରେ କିରଣ କୁମାର ଦାଶ ପ୍ରଥମ, ସଂଗୀତା ଜେନା ଦ୍ୱିତୀୟ, ମିଲିସ୍ମିତା ଦ ତୃତୀୟ ହୋଇଥିବା ବେଳେ କନିଷ୍ଠ ବିଭାଗରେ ରୂପାଲି ସାମଲ ପ୍ରଥମ, ଜୟପ୍ରକାଶ ପାତ୍ର ଦ୍ୱିତୀୟ ଓ କଳ୍ପିତା ଶତପଥୀ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

# ହିନ୍ଦୀ ଓ ସଂସ୍କୃତକୁ ଲୋପ କରିବା ଚକ୍ରାନ୍ତ ବିରୁଦ୍ଧରେ ବୁଦ୍ଧିଜୀବୀଙ୍କ ମେଳି

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ସରକାରଙ୍କ ଚିଠି ସଂଖ୍ୟା ୧୮୧୮ ତା.୨୩.୦୭.୨୫ ଅନୁସାରେ ଓଡ଼ିଆର ୪୩୧ଟି ଉଚ୍ଚ ବିଦ୍ୟାଳୟରେ ବାଧ୍ୟତାମୂଳକ ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତ ବଦଳରେ ଭୋକେସନାଲ୍ ଶିକ୍ଷା ବା ଧନ୍ଦାମୂଳକ ଶିକ୍ଷାକୁ ଅଗ୍ରାଧି କାର ଦେବା ପାଇଁ ସରକାର ଚିଠି ପ୍ରକାଶ କରିଛନ୍ତି। ମାତ୍ର ଏହା ହେବା ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ଭିତରେ ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତ ବଦଳରେ ଭୋକେସନାଲ ଶିକ୍ଷାକୁ ଅଧିକ ଭଲ ପାଇବେ କାରଣ ସେଥିରେ ପ୍ରାକ୍ଟିକାଲ୍ ରହୁଛି। ଏହା ହେବା ଦ୍ୱାରା ଆଦ୍ୟ ଭାଷା, ସଂସ୍କୃତ ଭାଷା ପ୍ରତି ଛାତ୍ରଛାତ୍ରୀମାନଙ୍କର ଅନାଗ୍ରହ ମନୋଭାବ ଦେଖାଦେବ ଓ ଓଡ଼ିଶାରେ ୪୩୧ଟି ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ପଦବୀ ଉଠି ଭୋକେସନାଲ ଶିକ୍ଷକ ନିଯୁକ୍ତି ହେବେ। ତେଣୁ ଓଡ଼ିଶା ସରକାରଙ୍କ ଏ ପ୍ରକାର ନକାରାତ୍ମକ ଭାବନାକୁ ନିଖିଳ ଓଡ଼ିଶା ସଂସ୍କୃତ ଛାତ୍ର ମହସଂଘ ବିରୋଧ କରି ଓଡ଼ିଶା ସରକାର ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ଗଣଶିକ୍ଷା ମନ୍ତ୍ରୀଙ୍କୁ ଏ ସଂକ୍ରାନ୍ତୀୟ ଭାବନା ବଦଳାଇବା ପାଇଁ ଦାବି ପ୍ରଦାନ କରାଯିବ ଯଦି ଆମ ଦାବି ସରକାର ଗ୍ରହଣ କରିଲେ ତ ଭଲ କଥା ନ ହେଲେ ଏକ ବିଶାଳ ସଂସ୍କୃତ ବିଦ୍ୟାର୍ଥୀ ଆନ୍ଦୋଳନ ହେବ ବୋଲି କହିଥିଲେ। ମହାସଂଘ କହିଥିଲା ଯେ, ଓଡ଼ିଶାରେ ସଂସ୍କୃତ ଓ ହିନ୍ଦୀକୁ ତୃତୀୟ ଭାଷା ଭାବରେ ବାଧ୍ୟତାମୂଳକ କରାଯାଉ ଏବଂ ଭୋକେସନାଲ୍ ଶିକ୍ଷା ଗୌଣ ବିଷୟ ଭାବରେ ରଖାଯାଉ। ଚତୁର୍ଥ ଶ୍ରେଣୀରୁ ସଂସ୍କୃତ ଶିକ୍ଷା ବାଧ୍ୟତାମୂଳକ କରାଯାଉ। ତୃତୀୟରେ ଓଡ଼ିଶାରେ ସଂସ୍କୃତ ଭାଷାର ବିକାଶ ପାଇଁ ଅସ୍ମିତାର ଫଳ ସ୍ୱରୂପ ସଂସ୍କୃତ ଗବେଷଣା କେନ୍ଦ୍ର ଓ ମ୍ୟୁଜିୟମ୍ ପ୍ରତିଷ୍ଠା, ରକ୍ଷାବନ୍ଧନ ଦିନକୁ ସ୍ୱତନ୍ତ୍ର ସଂସ୍କୃତ ଦିବସ ଭାବରେ ପାଳନ ଦାବିରେ ଓଡ଼ିଆରେ ନୂତନ ସଂସ୍କୃତ ଶିକ୍ଷକ ପଦବୀ ସହ ଖାଲିଥିବା ପଦବୀ ପୂରଣ ହେଉ ବୋଲି କହିଥିଲେ ଦେବେନ୍ଦ୍ର ଆଚାର୍ଯ୍ୟ-ଆବାହକ ନିଖିଳ ଓଡ଼ିଶା ସଂସ୍କୃତ ବିଦ୍ୟାର୍ଥୀ ମହସଂଘ। ଏ ସମ୍ବନ୍ଧରେ ସାଧୁ ଅରୁପାନନ୍ଦ-ଯୁଗ୍ମ ଆବାହକ ନିଖିଳ ଓଡ଼ିଶା ସଂସ୍କୃତ ବିଦ୍ୟାର୍ଥୀ ମହସଂଘର ପୂର୍ଣ୍ଣଚନ୍ଦ୍ର ଭୋଇ, ସଂଯୋଜକ ନିଖିଳ ଓଡ଼ିଶା ସଂସ୍କୃତ ବିଦ୍ୟାର୍ଥୀ ମହାସଂଘ ଡ଼.ସିପ୍ରା ମଲ୍ଲିକ, ପୂର୍ବତନ ବିଧାୟିକା ମାର୍ଗଦର୍ଶିକା ତଥା ଉପଦେଷ୍ଟା ନିଖିଳ ଓଡ଼ିଶା ସଂସ୍କୃତ ବିଦ୍ୟାର୍ଥୀ ମହସଂଘଙ୍କ ପକ୍ଷରୁ ଦାବି କରି ପ୍ରେସ ବିବୃତ୍ତି ପ୍ରଦାନ କରିଛନ୍ତି।

# ଗେଙ୍ଗୁଟି ସେତୁରେ ଗ୍ରାମବାସୀ ବାନ୍ଧିଲେ ବାଉଁଶ ଚାରା



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ବୈତରଣୀ ଶାଖା ନଦୀ ଗେଙ୍ଗୁଟି ସ୍ରୋତରେ ଗତ ଶନିବାର ରାତ୍ରରେ ଭାସିଯାଇଥିବା ଷୋଳମପୁର ପଞ୍ଚାୟତ ତିଖିଲିଆ ସେତୁର ଅର୍ଦ୍ଧେକ ଅଂଶକୁ ଗାଁ ଲୋକେ ସୋମବାର ବାଇଁଶ ଚାରା ବାନ୍ଧି ଯାତାୟତ କରିଛନ୍ତି। ଗ୍ରାମରୁ ବାହାରକୁ ଯିବା ପାଇଁ ଏହି ସେତୁ ଏକମାତ୍ର ଯୋଗାଯୋଗକାରୀ ସାଧନ ଥିଲା। ରବିବାର ଗ୍ରାମବାସୀ ଆଦୌ ବାହାରକୁ ଆସିପାରିନଥିଲେ। ସୋମବାର ପାଇଁ ଗେଙ୍ଗୁଟି ନଦୀରୁ ସମ୍ପୂର୍ଣ୍ଣ ଛାଡିଯାଇ ଶୁଷ୍କ ହୋଇଯାଇଥିଲା। ପିଲାମନେ ସ୍କୁଲକୁ ଯାତାୟତ କରିବା ଆବଶ୍ୟକ ଥିଲା। କାହାରିକୁ ଅପେକ୍ଷା ନକରି ତିଖିଲିଆ ଗ୍ରାମବାସୀମାନେ ବାଉଁଶ ଓ ବଲ୍ଲୀ ପୋତି ଚାରା ବାନ୍ଧିଥିଲେ। ଏହା ଉପରେ ପଟ୍ଟା ବିଛାଇ ଯାତାୟତ କରିଥିଲେ। ପିଲାମାନେ ସ୍କୁଲ ଯିବା ସହ ଗ୍ରାମବାସୀମାନେ ବିଭିନ୍ନ କାର୍ଯ୍ୟ ପାଇଁ ବଜାରଘାଟକୁ ଯାଇଥିଲେ। ରବିବାର ବଡବଡିଆ ନେତାମାନେ ଭାସିଯାଇଥିବା ସେତୁ ପରିଦର୍ଶନ କରି ବହୁ ଲମ୍ବା ପ୍ରତିଶ୍ରୁତି ଦେଇଥିଲେ। ହେଲେ ଅସ୍ଥାୟୀ ମରାମତି ପାଇଁ କୌଣସି ପଦକ୍ଷେପ ନିଆନଯିବାରୁ ଗ୍ରାମବାସୀ ବାଉଁଶ ଚାରା ନିର୍ମାଣ କରିଥିଲେ।

## ହୃଦଘାତରେ ଦୁଗ୍ଧଚାଷୀଙ୍କ ପରଲୋକ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ଗ୍ରାମପଞ୍ଚାୟତ ପଞ୍ଚାସରଙ୍ଗ ବଳରାମପୁର ଗ୍ରାମର ଜଣେ ଦୁଗ୍ଧଚାଷୀଙ୍କର ହୃଦଘାତ ଜନିତ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁକୁ ନେଇ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ପଞ୍ଚସରଙ୍ଗ ବଳରାମପୁର ଗ୍ରାର ଗୁରୁଚରଣ ପାତ୍ର ଜଣେ ଦୁଗ୍ଧଚାଷୀ ହିସାବରେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଅଟନ୍ତି। ଗୁରୁଚରଣ ସ୍ଥାନୀୟ ପ୍ରଗତି ଦୁଗ୍ଧ କ୍ରୟ କେନ୍ଦ୍ରକୁ ଦୁଗ୍ଧ ନେଇ ଆସୁଥିଲା ବେଳେ ତାଙ୍କର ଛାତିରେ ଯନ୍ତ୍ରଣା ହୋଇଥିଲା। ବାଟରେ ସେ ଟଳିପଡିଥିଲେ। ଖବର ପାଇ ସ୍ଥାନୀୟଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ



ଭର୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୬୮ ବର୍ଷ ହୋଇଥିଲା। ତାଙ୍କର ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା। ତାଙ୍କର ଜ୍ୟେଷ୍ଠପୁତ୍ର ଅମୀୟ କୁମାର ପାତ୍ର ମୁଖାଗ୍ନି ଦେଇଥିଲେ। ଗୁରୁଚରଣ ଜଣେ ଗରିବ ଦୁଗ୍ଧଚାଷୀ ହୋଇଥିବାରୁ ତାଙ୍କ ପରିବାରକୁ ସହାୟତା ଯୋଗାଇ ଦିଆଯିବା ନିମନ୍ତେ ସାଧାରଣରେ ଦାବି ହୋଇଛି।

## ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର

କୋଷାଗୁମୁଡା, (ଭାସ୍କର ନ୍ୟୁଜ୍): କୋଷାଗୁମୁଡ଼ା ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର୍ ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ , ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଯଦୁମଣି ନାୟକ, ପ୍ରକଳ୍ପ ପ୍ରଶାସକ, ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ରାଜୀବ ଲୋଚନ ସାହୁ, ବିଡିଓ ଆଶିଷ କୁମାର ତ୍ରିପାଠୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୨୪ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୬ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୦୮ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନଟ ଦିବ୍ୟାଙ୍ଗଙ୍କୁ ୨୦ଟି ହ୍ୱିଲ୍ ଚେୟାର ଓ ୬ଟି ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା।

# ଜିଲ୍ଲାସ୍ତରୀୟ ଲୋକ ଅଦାଲତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜିଲ୍ଲାସ୍ତରୀୟ ଲୋକ ଅଦାଲତକୁ ଜିଲ୍ଲା ଜଜ୍ କୋର୍ଟ ପରିସରରେ ପ୍ରାଧିକରଣର ଅଧକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳ ଚନ୍ଦ୍ର ବେହେରା, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ହିମାଂଶୁ ଶେଖର ବିଶ୍ୱାଳ, ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ନାୟକ, ରେଜିଷ୍ଟ୍ରାର ସୁଚେତା କୃପାଳିନୀ, ଉପଖଣ୍ଡୀୟ ବିଚାରପତି ସୁମିତ୍ରା କୁମାରୀ ଦାସ, କନିଷ୍ଠ ପ୍ରଥମ ଶ୍ରେଣୀ ବିଚାରପତି ଅମ୍ବିକେଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିବାବେଳେ ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ କାର୍ଯ୍ୟଭାର ସମ୍ଭାଳି ଥିଲେ। ଏହି ଜିଲ୍ଲାସ୍ତରୀୟ ଲୋକ ଅଦାଲତରେ ସମୁଦାୟ ୨୫ଟି ଏନ୍.ଆଇ. ଆକ୍ଟ ମକଦ୍ଦମା ସମାଧାନ କରାଯାଇ ୧ କୋଟି ୪୪ ଲକ୍ଷ ୪୨ ହଜାର ୩୩୬ ଟଙ୍କା ଆଦାୟ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କୋର୍ଟ ପରିଚାଳକ ଅଚ୍ୟୁତାନନ୍ଦ ସାମନ୍ତରା, ନାଜିର ନିର୍ମଳ କୁମାର ନାଏକ, ଆଇନସେବା ପ୍ରାଧିକରଣର ପ୍ୟାନେଲ ଅଧିବକ୍ତା ସୁନିଲ କୁମାର ମହାନ୍ତ, ଶକ୍ତି ପ୍ରସାଦ ଶତପଥି, ପ୍ରାଧିକରଣ କର୍ମୀ ସତ୍ୟରଞ୍ଜନ ଦାସ, ସ୍ନେହଲତା ବାସ୍କେ, ଦେବବ୍ରତ କୁମାର ଦାସ, ମାନସ ରଞ୍ଜନ ନାଏକ, ଶିଶିର କୁମାର ସାହୁ ଉପସ୍ଥିତ ରହି ଲୋକ ଅଦାଲତରେ ସହଯୋଗ କରିଥିଲେ।

# ନୂତନ ଜିଲ୍ଲାପାଳ ଭାବେ ଆଶୁତୋଷ କୁଲକର୍ଣ୍ଣିଙ୍କ ଯୋଗଦାନ

ରାୟଗଡ଼, (ଭାସ୍କର ନ୍ୟୁଜ୍): ରାୟଗଡରେ ନୂତନ ଜିଲାପାଳ ଭାବେ ଆଶୁତୋଷ କୁଲକର୍ଣ୍ଣି, ସୋମବାର ପୂର୍ବାହ୍ନରେ ଯୋଗଦନ କରିଛନ୍ତି। ବିଦାୟୀ ଜିଲ୍ଲାପାଳ ପାରୁଲ ପଟାୱରୀଙ୍କ ଭୁବନେଶ୍ୱରକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶଶକ୍ତିକରଣ ବିଭାଗକୁ ନିର୍ଦ୍ଦେଶକ ଭାବରେ ବଦଳି ହେବା ପରେ ଆଜି ନୂତନ ଜିଲ୍ଲାପାଳ ଦାୟିତ୍ୱ ଗ୍ରହଣ କରିଥିଲେ। ଦାୟିତ୍ୱ ଗ୍ରହଣ କରିବାପରେ ନୂତନ ଜିଲ୍ଲାପାଳଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ ରାୟଗଡ଼ ରମେଶ କୁମାର ଜେନା, ଜିଲ୍ଲା କୋଷକ୍ଷ ଅଧିକାରୀ ମିତୁସ୍ମା ରାଉତ ସମେତ କାର୍ଯ୍ୟାଳୟର ବିଭିନ୍ନ ସେକ୍ସନ ଅଫିସର ମାନେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, କର୍ମଚାରୀ ସଂଘର କର୍ମକର୍ତ୍ତା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ସ୍ୱାଗତ କରିଥିଲେ। ନୂତନ ଜିଲ୍ଲାପାଳ କୁଲକର୍ଣ୍ଣି ଏହାପୂର୍ବରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ, ରାଉରକେଲା ମହାନଗର ନିଗମର କମିଶନର ତଥା ରାଉରକେଲା ସ୍ମାର୍ଟ ସିଟିର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବରେ ଗତ ୧୦ ଜାନୁଆରୀ ୨୦୨୪ରୁ ୨୫ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଜିଲ୍ଲାରେ ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରି ଜନସାଧାରଣଙ୍କ ପ୍ରିୟଭାଜନ ହୋଇପାରିଥିଲେ। ଜିଲ୍ଲାପାଳ କାର୍ଯ୍ୟରେ ଯୋଗଦେଲା ପରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀ ମାନଙ୍କ ସହିତ ଚିନ୍ତନ କକ୍ଷରେ ବୈଠକ କରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହାପରେ ଅପରାହ୍ନ ୩.୦୦ଘଟିକା ସମୟରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସମସ୍ତ ତହସିଲଦାର ମାନଙ୍କ ସହିତ ଆଲୋଚନା କରିଥିଲେ। ନିଜର ପ୍ରଥମ ବୈଠକରେ ସମସ୍ତ ଅଧିକାରୀମାନଙ୍କୁ କହିଲେ ଯେ ଆମେ ସମସ୍ତେ ଜିଲ୍ଲାର ସମସ୍ତ ଜନସାଧାରଣଙ୍କ ସେବା କରିବା ପାଇଁ ଆସିଛୁ। ଜିଲ୍ଲାର ଭାବମୂର୍ତ୍ତି ଅବକ୍ଷ ନକରି ସଜାଡ଼ିବା ଆମ ସମସ୍ତଙ୍କର ଦାୟିତ୍ୱ।

## ବଢୁଛି ଦେବୀ ନଦୀର ଜଳସ୍ତର

# ତଳିଆ ଅଞ୍ଚଳର ଅନେକ ଚାଷଜମି ଜଳମଗ୍ନ





ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ହୀରାକୁଦ ଗେଟ ଖୋଲିବା ପରେ ମହାନଦୀରେ ଜଳସ୍ତର ବୃଦ୍ଧି ପାଇବା ତାହାର ଶାଖା ନଦୀ ଦେବୀ ନଦୀରେ ଦ୍ୱିତୀୟ ପର୍ଯ୍ୟାୟରେ ଜଳସ୍ତର ବୃଦ୍ଧି ପାଇଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବନ୍ୟା ପାଣିରେ ତଳିଆ ଅଞ୍ଚଳର ଅନେକ ଚାଷଜମି ଜଳମଗ୍ନ ହୋଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଦେବୀ ନଦୀ ଉପକଣ୍ଠ ନଗର ପଞ୍ଚାୟତ ବିରୁଡି ପନ୍ତାଳ, ଦିନାଡିଆ, ବାଲିପନ୍ତାଳ, ତାଳଦା ପଂଚାୟତ ଏଡ଼ବାଂଶ, ଡିଆ, ସମେତ ଖଣ୍ଡାସାହି, ଓସିଆ, ବିନାୟକପୁର, ଝାଡ଼ଲିଙ୍ଗ, ସହନ ନିକଟ ତଳିଆ ଅଞ୍ଚଳରେ ଲହଡିମାରୁଛି ବନ୍ୟା ପାଣି। କିଛିଦିନ ଆଗରୁ ନଗର ପଞ୍ଚାୟତ ବିରୁଡି ପନ୍ତାଳ, ଦିନାଡିଆ, ପାଟସୁନ୍ଦରପୁର ଅଞ୍ଚଳର ନଦୀପଠା ରେ ହେଉ ଅବା ଚାଷ ଜମିରେ ଖିଲିଖିଲି ହସୁଥିଲା କଞ୍ଚା ପରିବା ଏବେ ବନ୍ୟା ଜଳରେ ବୁଡିଯାଇଛି। ପୋଟଳ, କଲରା, କଞ୍ଚା ଲଙ୍କା, ବାଇଗଣ ଉପରେ ବନ୍ୟା ପାଣି ମାଡି ଯାଇଛି। ଚାଷ ଜମିରେ ୩ ଫୁଟର ପାଣି। ନିଜ କଷ୍ଟ ଅର୍ଜିତ ଫସଲକୁ ନଦୀରେ ବନ୍ଧରେ ଠିଆ ହୋଇ ଦୁଃଖ କୋହ ଭରା ନୟନରେ ଚାହିଁ ରହିଛନ୍ତି ଚାଷୀ। ପାଣି ପ୍ରବେଶ କରିଥିବା ପନିପରିବା ଫସଲ ବନ୍ୟା ଜଳ ଛାଡିଲେ ନାଁ ଖାଇହେବ, ନାଁ ବିକ୍ରି କରିହେବ। ଅସ୍ତରଙ୍ଗ ଅଞ୍ଚଳର ସହ ଅନେକ ସ୍ଥାନରେ କ୍ଷେତରେ ବନ୍ୟା ପାଣି ପ୍ରବେଶ କରିଛି। କିଏ ୨ଏକର ଜମିରେ ବାଇଗଣ ଫଳାଇଥିଲା କିଏ ଏକର ଏକର ଜମିରେ ପୋଟଳ ଲଗାଇଥିଲେ। ଅନେକ ଗଛରେ ଫଳ ହୋଇଥିବା ବେଳେ ବନ୍ୟା ପାଣିରେ ସବୁ ବୁଡିଯାଇଛି। ବନ୍ୟା ପାଣିରେ ବୁଡ଼ିଯାଇଥିବା କ୍ଷେତ ଦେଖି ଚାଷୀ ଆଖିରେ ଲୁହ ଝରାଇ ଆସୁଛି। ମହାନଦୀରେ ବନ୍ୟା ଜଳ ଆସିବା ପରେ ଶାଖା ନଦୀରେ ଜଳ ସ୍ତର ବୃଦ୍ଧି ପାଇଁ ଦେବୀ ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି ଯାହାକି ତଳିଆ ଅଞ୍ଚଳ ଥିବା ଏକର ଏକର ଚାଷଜମିରେ ଲହଡି ମାଡୁଛି ବନ୍ୟା ଜଳ। ଚାଷୀକୁ ଦେବୀ ନଦୀର ବନ୍ୟା କରାଇଦେଲା ଅଭୁଲା କ୍ଷେତ।

# ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ବ୍ଲକ୍ ସମ୍ମିଳନୀ



ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ୧୪ ତମ ବ୍ଲକ ସମ୍ମିଳନୀ ଡେମୁରିଆରେ ଅନୁଷ୍ଠିତ ହୋଇଅଛି। ପ୍ରଥମେ ଜିଲ୍ଲା ସମ୍ପାଦିକା ମମି ପଣ୍ଡା ପତକା ଉତ୍ତୋଳନ କରି ସହୀଦ୍ ବେଦୀରେ ପୁଷ୍ପମାଲ୍ୟ ଅର୍ପଣ କଲା ପରେ ସମସ୍ତ ସଭ୍ୟା, ଦର୍ଶକ, ପ୍ରତିନିଧି ଆଦି ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ତତ୍‌ପରେ ବ୍ଲକ୍ ସଭାପତି ଆରତୀ ପଲାଇଙ୍କ ସଭାପତିରେ ଅନୁଷ୍ଠିତ ସମ୍ମିଳନୀରେ କେନ୍ଦ୍ରୀୟ ନେତ୍ରୀ ତାପସୀ ପ୍ରହରାଜ ଉଦ୍ଘାଟନ କରି ସାମ୍ପ୍ରତିକ ପରିସ୍ଥିତିରେ ନାରୀମାନଙ୍କ ପ୍ରତି ହେଉଥିବା ଅବହେଳା ଓ ସେଥିନେଇ ଆବଶ୍ୟକ ପଦକ୍ଷେପ ନେବା ବିଷୟରେ ବକ୍ତବ୍ୟ ରଖିଥିଲେ। ସମ୍ପାଦକୀୟ ରିପୋର୍ଟ ବ୍ଲକ୍ ସମ୍ପାଦିକା ମହୁଆ ବସୁ ଉପସ୍ଥାପନା କରିଥିଲେ। ୧୪ଟି ପଞ୍ଚାୟତ ଓ ମ୍ୟୁନିସିପାଲିଟିରୁ ଆସିଥିବା ୧୫ ଜଣ ପ୍ରତିନିଧି ରିପୋର୍ଟ ଉପରେ ଆଲୋଚନା କରିଥିଲେ। ଏହାପରେ ରିପୋର୍ଟ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ସାମ୍ପ୍ରତିକ ପରିସ୍ଥିତିରେ ମହିଳାମାନଙ୍କର ସାମାଜିକ ସୁରକ୍ଷା ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ସମସ୍ତଙ୍କୁ ଏକକାଳୀନ ସୁଭଦ୍ରା ଟଙ୍କା ଦେବା, ସମସ୍ତ ଭତ୍ତାଧାରୀଙ୍କୁ ୩୫ ଶହ ଟଙ୍କା ଭତ୍ତା ଦେବାରେ ସରକାର ଚାଞ୍ଚକତା କରିବା ନେଇ ସମାଲୋଚନା କରିବା ସହିତ ସମସ୍ତଙ୍କ ପାଇଁ ଶିକ୍ଷା, ଶିକ୍ଷା ଶେଷରେ ନିଯୁକ୍ତି, ମହିଳା ହିଂସା ରୋକିବା ପାଇଁ କାର୍ଯ୍ୟକାରୀ ଓ ପଦକ୍ଷେପ ନେବା, ସମସ୍ତ ବାହାଘରର ପଞ୍ଜିକରଣକୁ ବାଧ୍ୟତା ମୂଳକ କରିବା, ପ୍ରତି ପଞ୍ଚାୟତରେ ବିବାହ ପଞ୍ଜିକରଣ ଅଫିସ, ଓ ବିବାହ ଖର୍ଚ୍ଚ ଉପରେ ଟିକସ ଲାଗୁ ହେବା ଆଦି ବିଷୟ ନେଇ ନେତ୍ରୀମାନେ ବକ୍ତବ୍ୟ ରଖି ଥିବା ବେଳେ ସମସ୍ୟାର ଦାବୀ ନେଇ ଆଗାମୀ ଦିନରେ ଆନ୍ଦୋଳନ ଓ ଲଢ଼େଇ ଜାରି ରଖିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଆଜିର ସମ୍ମିଳନୀରେ ଦର୍ଶକ ଓ ପ୍ରତିନିଧି ମିଶି ୧୧୮ ଜଣ ଉପସ୍ଥିତ ଥିଲେ। ଓଷ୍ଟାର ରାଜ୍ୟ ସଭାପତି ଅକ୍ଷୟ ମିଶ୍ର, ସିଟୁର ବ୍ଲକ ସମ୍ପାଦକ ପଲଟୁ ଦାସ, କ୍ଷେତ ମଜଦୁରର ବ୍ଲକ ସହ ସମ୍ପାଦିକା ସସ୍ମିତା ପ୍ରମାଣିକ, କୃଷକ ସଭାର ନେତା ରବୀନ୍ଦ୍ର ବାରିକ ଉପସ୍ଥିତ ରହି ଶୁଭେଚ୍ଛା ବକ୍ତବ୍ୟ ରଖି ସମ୍ମିଳନୀର ଶୋଭକାମନା କରିବା ସହ ଆବଶ୍ୟକ ସ୍ଥଳେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଆଗାମୀ ୩ ବର୍ଷ ପାଇଁ ୧୪ ଜଣଙ୍କୁ ନେଇ ବ୍ଲକ କମିଟି ଗଠନ କରା ଯାଇଥିଲା। ୧୪ ଜଣିଆ କମିଟି ମଧ୍ୟରେ ସଭାପତି ସୁମତୀ ଦାସ, ଉପ ସଭାପତି ୨ ଜଣ ଆରତୀ ପଲାଇ, ଶାନ୍ତିଲତା ବାରିକ, ସମ୍ପାଦିକା ମହୁଆ ବସୁ, ଯୁଗ୍ମ ସମ୍ପାଦିକା ସ୍ୱର୍ଣ୍ଣଲତା ଦାସ, ସହ ସମ୍ପାଦିକା ସୁମିତ୍ରା ଦେ, କୋଷାଧକ୍ଷ ସବିତା ଭୂୟାଁ, ସଭ୍ୟା ବିମଳା ଦାସ, ଝରଣା ଘଡାଇ, ନିର୍ମଳା ମହାନ୍ତି, ମିନତୀ ବାରିକ, ମମତା ରାଜ, ସବିତା ସାହୁ, ନାଲି ବିବି, ସବେରା ବିବିଙ୍କୁ ମନୋନୀତ କରା ଯାଇଥିଲା।

# ଟ୍ୟାପ ଖୋଲିଲେ ପାଣି ବଦଳରେ ବାହାରୁଛି ପବନ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ପାନୀୟ ଜଳ ଲୋକମାନଙ୍କର ମୌଳିକ ଅଧିକାର। ଏହି ପାନୀୟ ଜଳର ମୌଳିକ ଅଧିକାର ଥିଲା ବେଳେ ଏଥିରୁ ବଞ୍ଚିତ ଅଛନ୍ତି ବୋଲଗଡ ବ୍ଲକ ବାସୀ। ସରକାର ଏହି ପାନୀୟ ଜଳର ବ୍ୟବସ୍ଥାର ପ୍ରକଳ୍ପ କରିଥିଲେ ମଧ ଏହା ନାମକୁ ମାତ୍ର ପଡ଼ିରହିଛି। ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳିଛି ବୋଲଗଡ ବ୍ଲକରେ। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ନିଜର ସାଂସଦ ପାଣ୍ଠିରୁ ଏକଲକ୍ଷ ଟଙ୍କା ବ୍ୟୟରେ ବୋଲଗଡ ଗୋପବନ୍ଧୁ ଛକ ଠାରେ ସାଧାରଣ ଲୋକମାନଙ୍କ ପାଇଁ ଏହି ପାନୀୟ ଜଳ ବ୍ୟବସ୍ଥା କରିଛନ୍ତି। କିନ୍ତୁ ଏହା ଗ୍ରୀଷ୍ମ ଦିନଠାରୁ ଆଜି ପର୍ଯ୍ୟନ୍ତ ଅଚଳ ଅବସ୍ଥାରେ ପଡି ରହିଛି। ଆକ୍ୱାଗାର୍ଡ ମେସିନ ଖରାପ କି ଏହି ଆକ୍ୱାଗାର୍ଡକୁ କୃଷି ଅଫିସ ଠାରୁ ଜଳ ଆସିଥିବାରୁ ତାହା ଏବେ ଆସୁନାହିଁ ବୋଲି କାରଣ ଅସ୍ପଷ୍ଟ ହୋଇଛି। ଖୋର୍ଦ୍ଧା - ବଲାଙ୍ଗୀର ଜାତୀୟ ରାଜପଥ ପାର୍ଶ୍ୱରେ ବୋଲଗଡ ତହସିଲ ଅଫିସ, କୃଷି ଅଫିସ ଏବଂ ସବରେଜିଷ୍ଟ୍ରାର ଅଫିସ ରହିଛି। ପ୍ରତିଦିନ ହଜାରହଜାର ଲୋକ ସମସ୍ତ ସରକାରୀ ଅଫିସକୁ ଆସୁଛନ୍ତି। ସାଂସଦଙ୍କ ଏହି ଆକୱାଗାର୍ଡ ମେସିନ ସବରେଜିଷ୍ଟ୍ରାର ଅଫିସ ଓ କୃଷି ଅଫିସକୁ ଲାଗି ସଂଲଗ୍ନ ହୋଇଥିବା ବେଳେ ତାହା ଏବେ ଅଚଳ ହୋଇ ପଡିଛି। ପ୍ରତିଦିନ ଲୋକମାନେ ନିଜର ଜମି ଜୁମା ରେଷ୍ଟି ପାଇଁ ଅଫିସ ଆସୁଛନ୍ତି। ଅନେକ ଚାଷୀ କୃଷି ଅଫିସ ଆସୁଛନ୍ତି ଓ ଜନସାଧାରଣ ମାନେ ତହସିଲ ଅଫିସ ଆସୁଛନ୍ତି। ପାଣି ଟିକେ ପାଇଁ ସେମାନେ ନାହିଁ ନଥିବା ହଇରାଣ ହେଉଛନ୍ତି। ଏହି ଆକ୍ୱାଗାର୍ଡ ମେସିନ ପାଖକୁ ଯାଇ ଟ୍ୟାପକୁ ମୋଡିଲେ ପାଣି ତ ଆସୁନାହିଁ ଖାଲି ପବନ ଆସୁଛି। ଲୋକମାନେ ଟ୍ୟାପ ମୁହଁରୁ ଲେଉଟି ଯାଉଛନ୍ତି। ସାଂସଦଙ୍କ ଏହି ବ୍ୟବସ୍ଥାକୁ ସେ ନିଜେ ଟିକେ ପରଖନ୍ତୁ ବୋଲି ସାଧାରଣ ଲୋକ ମାନେ କହିଛନ୍ତି। ଏଠି ପାଣି ବଦଳରେ ବାହାରୁଚି ଖାଲି ପବନ। ସାଂସଦଙ୍କ ଏହି ପାନୀୟ ଜଳ ପ୍ରକଳ୍ପକୁ ସାଧାରଣ ଲୋକ ନିନ୍ଦା କରିଛନ୍ତି। ପାନୀୟ ଜଳ ପ୍ରକଳ୍ପ ଲଗାଇ ଯଦି ପାଣି ଆସୁନାହିଁ କ'ଣ ପାଇଁ ଏହା ଲଗାଯାଉଛି ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି। ବୋଲଗଡ ବ୍ଲକରେ ୧୯ ଟି ପଞ୍ଚାୟତରୁ ଲୋକମାନେ ପ୍ରତିଦିନ ଆସୁଛନ୍ତି ସମସ୍ତ ଅଫିସ ଗୁଡିକୁ। ଏଥିପ୍ରତି ସାଂସଦ ଅପରାଜିତା ଷଡ଼ଙ୍ଗୀ ଦୃଷ୍ଟି ଦେଇ ପାନୀୟ ଜଳର ସୁବିଧା କରିବା ପାଇଁ ଜନସାଧାରଣ ମାନେ ଦାବି କରିଛନ୍ତି।

# ମାର୍ଶାଘାଇରେ ଜିଲ୍ଲାପାଳଙ୍କ ବନ୍ୟା ପ୍ରସ୍ତୁତି ସମୀକ୍ଷା



ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍ ଆୟାର ଆଜି ମାର୍ଶାଘାଇରେ ଲୁଣା ନଦୀବନ୍ଧର ସ୍ଥିତି ଅନୁଧ୍ୟାନ କରିବା ସହ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ୍, ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା,ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ. ଉମେଶ ଚନ୍ଦ୍ର ସେଠୀଙ୍କ ସହ ଆଲୋଚନା କରିଥିଲେ। ମାର୍ଶାଘାଇ ଜଳସମ୍ପଦ କାର୍ଯ୍ୟାଳୟ ନିକଟରେ ବନ୍ୟା ସୁରକ୍ଷା ନଦୀବନ୍ଧ ଯାଞ୍ଚ କରିଥିଲେ। ଜଳସମ୍ପଦ ବିଭାଗର ଏହି ବନ୍ଧକୁ ଜିରୋ ପଏଣ୍ଟ ଠାରୁ ଜମ୍ବୁ ପର୍ଯ୍ୟନ୍ତ ପ୍ରଶସ୍ତିକରଣ କାର୍ଯ୍ୟ ପୂର୍ତ୍ତ ବିଭାଗ ଅଧୀନରେ ହେଉଛି। ତେବେ ପୂର୍ତ୍ତ ବିଭାଗ ତତ୍ତ୍ୱାବଧାନରେ ଚାଲିଥିବା ଏହି ବନ୍ଧ ନିର୍ମାଣ କାର୍ଯ୍ୟ କରୁଥିବା ଠିକାଦାର ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ନିକଟରୁ କେନାଲ ବ୍ରିଜ ପର୍ଯ୍ୟନ୍ତ ନଦୀ ସୁରକ୍ଷା କେନାଲ ବନ୍ଧ ଖୋଲି ମୁକୁଳା କରିଦେଇଛନ୍ତି। ବର୍ତ୍ତମାନ ନଦୀରେ ବନ୍ୟା ଆସୁଥିବାରୁ ମୁକୁଳା ବନ୍ଧକୁ ନେଇ ମାର୍ଶାଘାଇ ସମେତ ଆଖପାଖ ଅଂଚଳ ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଗତ କିଛି ଦିନ ପୂର୍ବରୁ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ. ସେଠୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରବୀନ୍ଦ୍ର ଜେନା, ନିର୍ବାହୀ ଯନ୍ତ୍ରୀ ଦୈତାରୀ ଟୁଡୁ, କନିଷ୍ଠ ଯନ୍ତ୍ରୀ ଦେବାଶିଷ ସାମଲ ଘଟଣା ସ୍ଥଳ ପରିଦର୍ଶନ କରିବା ସହିତ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଠିକାସଂସ୍ଥାକୁ ତାଗିଦ୍ କରିଥିଲେ। ତୁରନ୍ତ ବନ୍ଧର ସୁରକ୍ଷା ପାଇଁ ଯତ୍ନବାନ ନହେଲେ ଠିକାଦାରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଟୁଡୁ ସୂଚନା ଦେଇଥିବା ବେଳେ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କାହିଁକି ହେଲା ସେ ନେଇ ଜିଲ୍ଲାପାଳ ଏହାର ତଦନ୍ତ କରି ଠିକା ସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବୀ ହେଉଛି। ପରେ ଜିଲ୍ଲାପାଳ ଅୟଟିପୁର ଏବଂ ଡିହବଳରାମପୁର ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରିଥିଲେ।



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ନିଜର ମନ କି ବାତ ମାଧ୍ୟମରେ ସାରା ବିଶ୍ୱକୁ ବାର୍ତ୍ତା ଦେବା ଅବସରରେ କେନ୍ଦୁଝର ଜିଲା ଘଟଗାଁ ଉପଖଣ୍ଡର ଏକ ଅଖ୍ୟାତ ପଲ୍ଲୀ ମୁର୍ଗାପାହାଡି ଗ୍ରାମର ମହିଳା ପ୍ରମିଳା ପ୍ରଧାନଙ୍କ ପ୍ରୟାସରେ ସଂକୀର୍ତ୍ତନ ମଣ୍ଡଳୀ ଜରିଆରେ କିଭଳି ପରିବେଶ ଓ ଜଙ୍ଗଲର ସୁରକ୍ଷା ସହିତ ଜଙ୍ଗଲ ନିଆଁ ରୋକିବା ପାଇଁ ସଚେତନ କରାଯାଉଛି ସେ ବିଷୟରେ ପ୍ରଶଂସା କରିଥିଲେ। ସାରା ବିଶ୍ୱ ପ୍ରମିଳାଙ୍କୁ ତାଙ୍କର କାର୍ଯ୍ୟ ପାଇଁ ଜାଣିବାର ସୁଯୋଗ ପାଇଥିଲା। ପ୍ରମିଳା ତାଙ୍କ ଗ୍ରାମରେ ବନବିଭାଗ ତରଫରୁ ପ୍ରୋତ୍ସାହନ ପାଇ ଏକ ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ଗଠନ କରି କେନ୍ଦୁଝରର ବିଭିନ୍ନ ଜଙ୍ଗଲରେ ନିଆଁ ନଲଗାଇବା ପାଇଁ ଗୀତ ନାଚ ମାଧ୍ୟମରେ ସଚେତନ କରି ପରିଚୟ ସୃଷ୍ଟି କରିଥିଲେ। ତାଙ୍କର ଏହି ଉଦ୍ୟମରେ ଅଟେଇ ସଂରକ୍ଷିତ ଜଙ୍ଗଲରେ ବହୁମାତ୍ରାରେ ଜଙ୍ଗଲ ନିଆଁ ରୋକିବାରେ ସକ୍ଷମ ହୋଇ ପରିଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି। ଏହା ସହିତ ପ୍ରମିଳା ଗ୍ରାମରେ ଭର୍ମି କମ୍ପୋଷ୍ଟ ତିଆରି କରିବାରେ ଗ୍ରାମର କିଛି ମହିଳାଙ୍କୁ ସ୍ୱାବଲମ୍ବୀ କରାଇ ପାରିଥିବା କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି କହିଛନ୍ତି। ଏହି ଭର୍ମିକମ୍ପୋଷ୍ଟ ଏବେ ଚାଷୀଙ୍କ ପ୍ରଥମ ପସନ୍ଦ ହୋଇଥିବା ବେଳେ ବନବିଭାଗ ମଧ୍ୟ ବହୁ ମାତ୍ରାରେ କିଣି ଗଛ ଲଗାଇବାରେ ବ୍ୟବହାର କରୁଥିବା ଜଣା ପଡ଼ିଛି।

# ବନ୍ୟା ଯୋଗୁ ୮ ହଜାର ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ




ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗରରେ ବନ୍ୟା ପରିସ୍ଥିତି ଧୀରେଧୀରେ ସୁଧୁରୁଚି। ବୈତରଣୀରେ ଜଳପତନ ହ୍ରାସପାଇବା ପରେ ଏବେ ବିପଦ ସଂକେତ ତଳେ ବନ୍ୟା ଜଳ ପ୍ରବାହିତ ହେଉଚି ହେଲେ ଧାମନଗର ର ତଳିଆ ଅଞ୍ଚଳ ସ୍ଥିତି ଧୀରେ ଧୀରେ କମୁଚି। ଏବେବି ଗାଁ ଦାଣ୍ଡରୁ ପାଣି ଶୁଖିନାହିଁ। ଗୋରୁ ଓ ଛେଳି ବନ୍ଧ ଉପରେ ଅସ୍ଥାଇ ପାଲ ଟାଙ୍ଗୀ ରଖାଯାଇଛି। ବୈତରଣୀର ଶାଖା ଗେଙ୍ଗୁଟି ନଦୀବନ୍ଧରେ ଥିବା ପାହାଡ଼ପୁର ଏସକେପ, ମଠମାହାରା ଓ କନକେଇ ଏସକେପ ବାଟେ ପାଣି ବାହାରି ବିଶେଷ ଭାବେ ଚାଷ ନଷ୍ଟ ହୋଇଛି। ଧାମନଗର ବ୍ଲକର ପାଖା ପାଖୀ ୨୫ଟି ବପାଞ୍ଚୟରେ ବର୍ଷା ଜଳରେ ଚାଷ ଜମିରେ ବର୍ଷା ଜଳଭରି ରହିଥିବା ବେଳେ ବନ୍ୟା ଜଳରେ ୬ ଟି ପଞ୍ଚାୟତ ରେ ଚାଷ ଜମିରେ ମଧ୍ୟ ବନ୍ୟା ଜଳରେ ଚାଷ ନଷ୍ଟ ହୋଇଚି ପ୍ରାୟ ୮ ହଜାର ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିବା ଅନୁମାନ କରାଯାଉଛି। ଅଧିକାଂଶ ଜମିରେ ଧାନ ଚାଷ ପାଇଁ ତଳି ଓ ରୁଆ ପୋତା ହୋଇଥିଲା। ହେଲେ ବନ୍ୟା ଓ ବର୍ଷା ପାଣିରେ ତାହା ବୁଡ଼ି ରହିଥିବାରୁ ଏଗୁଡ଼ିକ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ସେହିପରି ପଧାନି, ସୋହଡ଼ା, ଅର୍ଜୁନପୁର ଓ ହସନାବାଦ ରେ ବ୍ୟାପକ ପରିବା ଫସଲ ନଷ୍ଟ ହୋଇଛି। ଆନନ୍ଦପୁର ପଞ୍ଚାୟତର ମଲ୍ଲିମାହାରା ଓ ସୋହଡ଼ା ପଞ୍ଚାୟତର ଗୌରାଙ୍ଗପୁର ଏସକେପର ଦକ୍ଷିଣ ପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନିର୍ମାଣ ହୋଇଥିବାରୁ ବନ୍ୟା ନିୟନ୍ତ୍ରଣ କିଛି ପରିମାଣ ରେ ହୋଇପାରିଛି। ତେବେ ଚଳିତ ବନ୍ୟାରେ ପଧାନି, ସୋହଡା, ହସନାବାଦ, ଅର୍ଜୁନପୁର, ନଦୀଗାଁ, ଖଡ଼ିପଦା ପଞ୍ଚାୟତରେ ପ୍ରାୟ ୫ହଜାର ଲୋକ ବନ୍ୟା ଘେରରେ ରହିଥିଲେ। ସେମାନଙ୍କୁ ୨୦ଟି ସ୍ଥାନରେ ରନ୍ଧା ଖାଦ୍ୟ ଦିଆଯାଉଛି ବୋଲି ଧାମନଗର ବିଡ଼ିଓ ବନବିହାରୀ ଦିନ୍ଧା କହିଛନ୍ତି। ସୋମବାର ଦିନ ଧାମନଗର ତହସିଲଦାର ସାଇଶ୍ରୀ ଲୋକନାଥ ସେଠୀ ରାଜସ୍ୱ ଅଧିକାରୀଙ୍କ ସହାୟତାରେ ୭ଶହ ବନ୍ୟା ବିପନ୍ନଙ୍କୁ ପଲିଥିନ ପ୍ରଦାନ କରିଛନ୍ତି। ତେବେ ତଳିଆ ଅଞ୍ଚଳରେ ସ୍କୁଲରେ ପାଣି ପଶିଥିବା ସହିତ କିଛି ସ୍କୁଲ ରେ ବିପନ୍ନ ମାନେ ରହୁଥିବାରୁ ସେହି ସ୍କୁଲକୁ ଛୁଟି କରିଦିଆଯାଇଛି। ସୋମବାର ଦିନ ୧୧ଟା ବେଳେ ଧାମନଗର ବ୍ଲକ ବିଜୁ ଜନତା ଦଳର ଏକ ଟିମ୍ ଧାମନଗର ପଞ୍ଚାୟତ ସମିତି ର ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ବିଜେଡି ନିର୍ବାଚନ ମଣ୍ଡଳୀ ନେତା ସଂଜୟ ଦାସ, ବ୍ଲକ ବିଜେଡି ସଭାପତି ପ୍ରତାପ ସାମଲ, ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ ଓ ସାରଦା ପ୍ରସନ୍ନ ସାହୁ, ବିଜୁ ଯୁବ ଜନତା ଦଳର ବ୍ଲକ ସଭାପତି ଭାରତ ବିଜୟ ଦଳାଇ ପ୍ରମୁଖ ବନ୍ୟାଞ୍ଚଳ ବୁଲି ଲୋକଙ୍କ ସମସ୍ୟା ବୁଝିଥିଲେ। ହସନାବାଦ ଓ ଅର୍ଜୁନପୁର ପଞ୍ଚାୟତ ରେ ଯେଉ ବନ୍ୟା ପରିସ୍ଥିତି ସୃଷ୍ଟିହେଲା ତାହା ନିଶ୍ଚିତ ମନୁଷ୍ୟ କୃତ୍ୟ। ଯଦି ହସନାବାଦ ପଞ୍ଚାୟତ ର ତଳ ଅଞ୍ଚଳରେ ଘେରିବନ୍ଧ ହୋଇ ପାରନ୍ତା ତେବେ ଏପରି ବନ୍ୟା ପରିସ୍ଥିତି ସୃଷ୍ଟି ହୁଅନ୍ତା ନାହିଁ, ଏ ଦିଗରେ ରାଜ୍ୟ ସରକାରଙ୍କ ନିକଟରେ ଲୋକଙ୍କ ସମସ୍ୟା ନେଇ ବିଜେଡି ଦାବି କରିଛି।

## ଲଗାଣ ବର୍ଷାରେ ଭୁଶୁଡ଼ିଲା ଚାଳଘର

# ଆବାସ ଯୋଜନାରେ ସାମିଲ ପାଇଁ ଦାବି



ବୋଲଗଡ଼, (ଭାସ୍କର ନ୍ୟୁଜ୍): ଭାସ୍କର ଲଘଚାପ ଜନିତ ଲଗାଣ ବର୍ଷା କାରଣରୁ ବୋଲଗଡ଼ ତହସିଲ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତ ହରିପୁର ଗ୍ରାମର ନିତ୍ୟାନନ୍ଦ ନାୟକଙ୍କ ଚାଳଛପର ଘରଟି ରବିବାର ବିଳମ୍ବିତ ରାତିରେ ଭୁଶୁଡ଼ି ପଡ଼ିଛି। ଏଥିରେ ତାଙ୍କର ୩ ବଖରା ଘର କ୍ଷତିଗ୍ରସ୍ତ ହେବା ସହ ଏହା ମଧ୍ୟରେ ଥିବା ଅନେକ ଆସବାବପତ୍ର ଓ ଅନ୍ୟାନ୍ୟ ଜିନିଷ ପତ୍ର ନଷ୍ଟ ହୋଇଯାଇଛି। ୭୦ବର୍ଷ ବୟସ୍କ ନିତ୍ୟାନନ୍ଦ ବାର୍ଦ୍ଧକ୍ୟ ଭତ୍ତା ଟଙ୍କାରେ ନିଜ ଗୁଜୁରାଣ ମେଣ୍ଟାଉ ଥିବା ବେଳେ ଆର୍ଥିକ ଅନାଟନ କାରଣରୁ ଘରଛପର କରିବାକୁ ସକ୍ଷମ ହେଉନଥିଲେ। ଫଳରେ ଏଥିରେ ପାଣିଗଳି କାନ୍ଥ ବତୁରିଯାଇ ସେଣି ଭୁଶୁଡ଼ି ଯାଇଥିଲା। ସୌଭାଗ୍ୟକୁ ସେ, ତାଙ୍କ ପତ୍ନୀ ଓ ୮୮ ବର୍ଷୀୟ ବୃଦ୍ଧା ମାତା ସୋଇଥିବା ଘରେ ଏକ କାଠଖୁଣ୍ଟରେ ଛପର ଲାଗି ରହିଯିବାରୁ ଅଘଟଣରୁ ବର୍ତ୍ତୀ ଯାଇଥିଲେ। ତାଙ୍କର ଏକମାତ୍ର ପୁତ୍ର କୌଣସି ଗ୍ୟାରେଜରେ କାମକରି ବାହାରେ ରହୁଥିବା ବେଳେ ଏବେ ସେମାନେ ନିଜ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଛନ୍ତି। ସୋମବାର ତହସିଲଦାରଙ୍କୁ ଭେଟି ତୁରନ୍ତ ସହାୟତା ସହ ଆବାସ ଯୋଜନାରେ ଏକ ପକ୍କାଘରପାଇଁ ନିବେଦନ ପତ୍ର ପ୍ରଦାନ କରିଛନ୍ତି। ଏଥିନେଇ ସ୍ଥାନୀୟ ସମିତି ସଭ୍ୟ ବ୍ଲକ ଉପାଧ୍ୟକ୍ଷ ରମେଶଚନ୍ଦ୍ର ସାହୁ ନିତ୍ୟାନନ୍ଦଙ୍କ ଭଙ୍ଗାଘର ପରିଦର୍ଶନକରି ମୁଣ୍ଡ ଗୁଞ୍ଜିବାକୁ ତୁରନ୍ତ ସହାୟତା ସହ ଆବାସ ଯୋଜନାରେ ସାମିଲ ପାଇଁ ତହସିଲଦାରଙ୍କୁ ସାକ୍ଷାତ କରି ଅନୁରୋଧ କରିଥିବା ବେଳେ ସରପଞ୍ଚ ପ୍ରଦୀପ ବାରିକ ପିଚୁକୁଳି ରାଜସ୍ୱ ନିରୀକ୍ଷକଙ୍କୁ ଏ ସମ୍ପର୍କରେ ଜଣାଇବା ପରେ ସେ ପରିଦର୍ଶନ କରି ପଲିଥିନ ପ୍ରଦାନ ସହ ଅନ୍ୟାନ୍ୟ ସହଯୋଗ କରିବେ ବୋଲି କହିଛନ୍ତି।

# ସିଟିଜିର ପ୍ରତିଷ୍ଠାତା ଭଗବାନ ପଲେଇଙ୍କ ପରଲୋକ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାରେ ଶିକ୍ଷାର ଆଲୋକକୁ ପରିବ୍ୟାପ୍ତ କରିଥିବା ତଥା ବିଭିନ୍ନ ଧନ୍ଦାମୂଳକ ଶିକ୍ଷାକୁ ଆଗେଇ ନେଇଥିବା ସିଟିଜିର ପ୍ରତିଷ୍ଠାତା ଡ଼ଃ ରାଜେନ୍ଦ୍ର ପଲେଇଙ୍କ ପିତା ଭଗବାନ ପଲେଇଙ୍କର ପରଲୋକ ହୋଇଛି। ଶନିବାର ବିଳମ୍ବିତ ରାତିରେ କେନ୍ଦୁଝରର ଏକ ଘରୋଇ ଚିକିତ୍ସାଳୟରେ ତାଙ୍କର ପରଲୋକ ହୋଇଥିବା ବେଳେ ଗତ ଆଠଦିନ ହେବ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଅସୁସ୍ଥ ହୋଇପଡିଥିଲେ। ମୃତ୍ୟୁବେଳକୁ ତାଙ୍କୁ ୯୨ବର୍ଷ ହୋଇଥିଲା। ସେ ଜଣେ ପରୋପକାରୀ ମେଳାପୀ ଓ ଧର୍ମପରାୟଣ ବ୍ୟକ୍ତିତ୍ୱ ଥିଲେ। ସେ ୧୯୩୩ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। କେନ୍ଦୁଝଗଡ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁ, ଉପାଧ୍ୟକ୍ଷ ବରଦାପ୍ରସନ୍ନ ଦାସ, ରୋଟାରୀ କ୍ଲବର ପଦାଧିକାରୀ, ସଦସ୍ୟ, ସଦସ୍ୟା, ମା'ତାରିଣୀ ଓ୍ୱାର୍କସ କ୍ଲବର ସଦସ୍ୟ, ଶିକ୍ଷା କ୍ଷେତ୍ରରେ ବହୁ ପ୍ରତିଷ୍ଠିତ ବ୍ୟକ୍ତି, ଗଣମାଧ୍ୟମର ପ୍ରତିନିଧି, ବୁଦ୍ଧିଜୀବୀ, ଜନନେତା ଓ ସାଧାରଣ ଲୋକେ ତାଙ୍କୁ ଶ୍ରଦ୍ଧାସୁମନ ଜଣାଇଥିଲେ। ଏହାପରେ ତାଙ୍କ ପାର୍ଥିବ ଶରୀରକୁ ନିଯୁକଲୋନୀ ସ୍ଥିତ ସିଟିଜି ଶିକ୍ଷାନୁଷ୍ଠାନ, ବାଇଗଣପଶି ଡିପୋ ସ୍ଥିତ ଶିକ୍ଷା ନିକେତନପରିସରକୁ ନିଆଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ଥିଲା। ତାଙ୍କ ମୃତ୍ୟୁ ସମୟରେ ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ ଉପସ୍ଥିତ ଥିଲେ। ତାଙ୍କ ପାର୍ଥିବ ଶରୀରକୁ ଶେଷ ଦର୍ଶନ ପାଇଁ ତାଙ୍କ ନିଯୁକଲୋନୀ ସ୍ଥିତ ବାସ ଭବନରେ ଶହ ଶହ ଲୋକଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ସହିତ ବହୁ ରାଜନୈତିକ ଦଳର ନେତୃବୃନ୍ଦ, ଧାର୍ମିକ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂସ୍ଥାର କର୍ମକର୍ତ୍ତାମାନେ ସ୍ୱର୍ଗତ ପଲେଇ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଅମର ଆତ୍ମାର ସଦଗତି କାମନା କରିଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ଢାଙ୍ଗରପଡାସ୍ଥିତ ଆଦର୍ଶ ଶ୍ମଶାନରେ ସଂସ୍କାର କରାଯାଇଛି। ବଡପୁଅ ରୋହିତ ପଲେଇ ମୁଖାଗ୍ନି ଦେଇଥିଲେ।

## ବିପର୍ଯ୍ୟୟ ସୁରକ୍ଷା ସଚେତନତା

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିପର୍ଯ୍ୟୟ ସୁରକ୍ଷା ସଚେତନତା କୌଶଳ ଶିକ୍ଷା ସୋମବାର ଅନୁଷ୍ଠିତ ହୋଇଯାଇଛି। ବନ୍ୟା ମୁକାବିଲା ପାଇଁ ବିଦ୍ୟାଳୟରେ ଅବସ୍ଥାନ କରୁଥିବା ଜାତୀୟ ବିପର୍ଯ୍ୟୟ ସୁରକ୍ଷା ବଳ ପକ୍ଷରୁ ଅଧିକାରୀ ଅଭିଜିତ ସାହୁ ଓ ପଙ୍କଜ କୁଲବେ ଛାତ୍ରଛାତ୍ରୀମାନଙ୍କୁ ବନ୍ୟା, ବାତ୍ୟା, ଭୂମିକମ୍ପ, ଅଗ୍ନିବିପ୍ରାତ, ସର୍ପଦଂଶନ ଭଳି ବିପର୍ଯ୍ୟୟ ସମୟରେ ଛାତ୍ରଛାତ୍ରୀମାନେ କ୍ଷତିଗ୍ରସ୍ତମାନଙ୍କୁ ସୁରକ୍ଷା ପ୍ରଦାନ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସମ୍ଭାବ୍ୟ ବନ୍ୟା, ବାତ୍ୟା ପ୍ରଭାବିତ ଅଞ୍ଚଳର ଲୋକେ ଆଗୁଆ ସତର୍କ ସୂଚନା ପାଇବା ପରେ ସ୍ଥାନାନ୍ତରକରଣ ସମୟରେ ଜରୁରୀ ସାଧନ ଭାବେ ଔଷଧ, କାଗଜପତ୍ର, ଟର୍ଚ୍ଚ ଆଦି ସାଥିରେ ନେବା ଆବଶ୍ୟକ ବୋଲି ମତ ଦେଇଥିଲେ। ବନ୍ୟା ସମୟରେ ଭାସିଯାଉଥିବା ସାମଗ୍ରୀଗୁ ଲୋଭାସକ୍ତ ହୋଇ ଧରିବା ଉଦ୍ୟମ, ରିଲସ କିମ୍ବା ଭିଡିଓ କଲ କରିବା ପାଇଁ ନଦୀକୂଳକୁ ଯିବା ଘାତକ ହୋଇପାରେ ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ଗ୍ୟାସ ସିଲିଣ୍ଡରେ ଅଗ୍ନି ସଂଯୋଗ ହେଲେ ଏହାକୁ ସହଜ ନିର୍ବାପନ କୌଶଳ ଶିକ୍ଷା ଦେଇଥିଲେ। ଲାଇଫ ଜାକେଟର ଉପଯୋଗ ସହ ଅନ୍ୟର ସୁରକ୍ଷା ପାଇଁ ଆଗଭର ହେବା ଉଚିତ ବୋଲି କହିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଦ୍ୱାରା ଚାରିଟି ପୋଲିସ ବୁଥ୍ ସ୍ଥାପନ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ସଡ଼କ ସୁରକ୍ଷା ଏବଂ ଗୋଷ୍ଠୀ କଲ୍ୟାଣ ପ୍ରତି ପ୍ରତିବଦ୍ଧତାର ଅଂଶ ଭାବରେ ଭାରତର ସର୍ବବୃହତ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ, ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଭୁବନେଶ୍ୱରର କେତେକ ସର୍ବାଧିକ ବ୍ୟସ୍ତବହୁଳ ଜଙ୍କ୍ସନଗୁଡିକରେ ଚାରିଟି ପୂର୍ଣ୍ଣ ସୁସଜ୍ଜିତ ପୋଲିସ ବୁଥ୍ ସ୍ଥାପନ କରି ଭୁବନେଶ୍ୱର ଟ୍ରାଫିକ ପୋଲିସକୁ ନିଜର ସମର୍ଥନ ଯୋଗାଇ ଦେଇଛି। ଏହି ପ୍ରୟାସ ବ୍ୟାଙ୍କର ସିଏସ୍ଆର କାର୍ଯ୍ୟକ୍ରମ ଅଧୀନରେ ହାତକୁ ନିଆଯାଇଥିବା ବେଳେ ଏହାଦ୍ୱାରା ଟ୍ରାଫିକ ପରିଚାଳନାରେ ଉନ୍ନତି, ବାସ୍ତବ କ୍ଷେତ୍ରରେ ଟ୍ରାଫିକ ନିୟମର ପ୍ରବର୍ତ୍ତନ ଏବଂ ଜନସାଧାରଣଙ୍କ ନିମନ୍ତେ ନିରାପଦ ଗମନା ଗମନ ଅନୁଭୂତିକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ନୂଆକରି ଉଦ୍‌ଘାଟିତ ବୁଥ୍‌ଗୁଡିକ ପ୍ରତିଦିନ ବିପୁଳ ସଂଖ୍ୟାରେ ଯାନବାହନ ଚଳାଚଳ କରୁଥିବା କେଶୁରା ଛକ, ଗ୍ୟାରେଜ ଛକ, ପଳାଶୁଣି ଏବଂ ରାଜମହଲ ଛକରେ ରଣକୌଶଳାତ୍ମକ ଦୃଷ୍ଟିରୁ ଅବସ୍ଥିତ। ପ୍ରତ୍ୟେକ ବୁଥ୍‌ରେ ବସିବା ବ୍ୟବସ୍ଥା, ପଙ୍ଖା ଏବଂ ମାଇକ ବ୍ୟବସ୍ଥା ଭଳି ଅତ୍ୟାବଶ୍ୟକ ସୁବିଧା ଯୋଗାଇ ଦିଆଯାଇଛି। ଏହି ବୁଥ୍‌ଗୁଡିକ ଟ୍ରାଫିକ କର୍ମଚାରୀଙ୍କୁ ବାସ୍ତବ ସମୟ ଭିତ୍ତିକ ଟ୍ରାଫିକ ନିରୀକ୍ଷଣରେ ଉନ୍ନତି ଆଣିବା, ଟ୍ରାଫିକ ନିୟମ ଉଲ୍ଲଂଘନ ଏବଂ ଜରୁରୀ ପରିସ୍ଥିତିରେ ଅଧିକ ଦ୍ରୁତ ଭାବରେ ପଦକ୍ଷେପ ଗ୍ରହଣ ଏବଂ ସଡ଼କ ସୁରକ୍ଷା ଅଭ୍ୟାସକୁ ନେଇ ଜନସାଧାରଣଙ୍କ ମଧ୍ୟରେ ବାର୍ତ୍ତା ପ୍ରଚାର ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ସହାୟକ ହେବ। ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଉତ୍ତର ପ୍ରଦେଶରେ ଏୟୁ ଏସଏଫବି ଆଇନ ପ୍ରବର୍ତ୍ତନ ଏବଂ ନାଗରିକ ପ୍ରଶାସନ କ୍ଷେତ୍ରରେ ସହାୟତା କରିବାକୁ ମୌଳିକ ଭିତ୍ତିଭୂମିରେ ଉନ୍ନତି ଆଣିବା ନିମନ୍ତେ ଟ୍ରାଫିକ ପୋଲିସ ବିଭାଗ ସହିତ ସହଭାଗୀତା କରିବା ପରେ ଭୁବନେଶ୍ୱରରେ ଅନୁରୂପ ପଦକ୍ଷେପ ହାତକୁ ନିଆଯାଇଛି। ଏହି ପ୍ରୟାସ ଜରିଆରେ ଏୟୁ ଏସ୍ଏଫବି ସହରାଞ୍ଚଳ, ଅର୍ଦ୍ଧ-ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ନିରାପଦ ଏବଂ ଅଧିକ ସୁସଂହତ ସଡ଼କ ଗମନାଗମନ ବ୍ୟବସ୍ଥା ସୃଷ୍ଟି କରିବା ପ୍ରତିବଦ୍ଧତାକୁ ଦୋହରାଇଛି, ଯାହା ଏକ ଦାୟିତ୍ୱସମ୍ପନ୍ନ ଏବଂ ଗୋଷ୍ଠୀ-କୈନ୍ଦ୍ରିକ ସଂସ୍ଥା ଭାବରେ ପ୍ରତିଷ୍ଠିତ ହେବା ଦିଗରେ ନିଜର ବିଶ୍ୱାସକୁ ପୁନଃ ଦୃଢ଼ୀଭୂତ କରୁଛି। ଏହାର ସିଏସ୍ଆର ଶାଖା ଏୟୁ ଫାଉଣ୍ଡେସନ୍ ନିରନ୍ତର ଭାବରେ ତିନିଟି ପ୍ରମୁଖ କ୍ଷେତ୍ର ଉପରେ ଦୃଷ୍ଟିନିବଦ୍ଧ କରିଆସୁଛି। ସେଗୁଡିକ ହେଉଛି- ଦକ୍ଷତାର ବିକାଶ ଏବଂ ନିଯୁକ୍ତି ସହାୟତା, ତୃଣମୂଳ ସ୍ତରରେ କ୍ରୀଡାର ବିକାଶ ଏବଂ ମହିଳା ସଶକ୍ତିକରଣ। ଏୟୁ ଇଗ୍‌ନାଇଟ ୧୬ଟି ଏକାଡେମିରେ ୨୯,୫୦୦ରୁ ଅଧିକ ଯୁବଗୋଷ୍ଠୀଙ୍କୁ ତାଲିମ ପ୍ରଦାନ କରିଛି ଏବଂ ୨୨,୦୦୦ରୁ ଅଧିକ ଚାକିରୀରେ ନିଯୁକ୍ତି ପ୍ରଦାନ ସଫଳତା ହାସଲ କରିଛି। ବନୋ ଚାମ୍ପିଅନ୍ ପ୍ରୋଗ୍ରାମ ରାଜସ୍ଥାନରେ ୬୦ରୁ ଅଧିକ ସ୍ଥାନରେ ୯୦ ଜଣ କୋଚ୍‌ଙ୍କୁ ନେଇ ପିଲାମାନଙ୍କୁ କ୍ରୀଡା ତାଲିମ ପ୍ରଦାନ ଜରିଆରେ ୮,୦୦୦ରୁ ଅଧିକ ଗ୍ରାମୀଣ ପିଲାଙ୍କ ଜୀବନକୁ ପ୍ରଭାବିତ କରିଛି। ଏୟୁ ଉଦ୍ୟୋଗିନୀ ରାଜସ୍ଥାନ ଓ ମଧ୍ୟପ୍ରଦେଶର ୩୩ଟି ଜିଲ୍ଲାରେ ୪,୦୦୦ରୁ ଅଧିକ ମହିଳାଙ୍କୁ ସଶକ୍ତ କରିଛି। ଏଥିସହିତ ଏୟୁ କର୍ତ୍ତବ୍ୟ ସ୍ୱାସ୍ଥ୍ୟସେବା, ଶିକ୍ଷା, ପରିବେଶ ଏବଂ ଗୋଷ୍ଠୀ ବିକାଶ ସମେତ ବହୁବିଧ ସାମାଜିକ ଆବଶ୍ୟକତା ପ୍ରତି ଦୃଷ୍ଟି ଦେଉଛି।

# ଅସ୍ତରଙ୍ଗରେ ଶତାଧିକ କାଉଡିଆ କଲେ ଜଳଲାଗି



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ ଥିବା ଶୈବ ପୀଠରେ ଶ୍ରାବଣ ମାସର ତୃତୀୟ ସୋମବାର ରେ ଶତାଧିକ କାଉଡିଆ ଜଳଲାଗି କରିଛନ୍ତି। ଜଳଭିଷେକ ପାଇଁ ରବିବାର ଠାରୁ ବିଭିନ୍ନ ଗ୍ରାମରୁ କାଉଡିଆ ମାନେ ଆସି ପୀଠରେ ପହଂଚି ଥିଲେ। ବୋଲ ବମ୍ ହର ହର ବମ୍ ଡାକରେ ପ୍ରକମ୍ପିତ ହେଉଥିଲା ରାସ୍ତା ଘାଟ। କେହି ବାହୁଙ୍ଗିରେ ତ ଆଉ କେହି ଦୁଇ ହାତରେ କଳସୀ ଧରୀ ପାଣି ନେଇଆସିଥିଲେ। ସୋମବାର ଅପରାହ୍ନ ପର୍ଯ୍ୟନ୍ତ କାଉଡିଆ ମାନେ ଅସ୍ତରଙ୍ଗ ବ୍ଲକର ନଗର ଗ୍ରାମର ପର୍ଣ୍ଣିମେଶ୍ୱର, ଆଳସାହି ପଂଚାୟତ ଓଳିହା ଗ୍ରାମର ଐଶାନେଶ୍ୱର ସମେତ ବ୍ଲକ ଅଞ୍ଚଳର ଗ୍ରାମେଶ୍ୱର, ଶଙ୍କରେଶ୍ୱର, ଇଷାଣେଶ୍ୱର, ଶୀଧେଶ୍ୱର, ବୁଧେଶ୍ୱର ସମେତ ବିଭିନ୍ନ ମନ୍ଦିର ରେ ଶ୍ରଦ୍ଧାଳୁ ଜଳାଭିଷେକ କରିଥିଲେ। ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ବିଭିନ୍ନ ମନ୍ଦିର ରେ ବ୍ୟାରିକେଟ କରାଯାଇଥିଲା। ରବିବାର ରାତି ୩ଟାରୁ ବିଭିନ୍ନ ଶୈବ ପୀଠ ରେ ମନ୍ଦିର ସ୍ୱତନ୍ତ୍ର ନୀତି କରାଯାଇ ଠାକୁରଙ୍କ ମଙ୍ଗଳଆଳତୀ କରାଯିବା ପରେ ୧୦୮ଗରାରେ ବାବାଙ୍କ ସ୍ନାନ ନୀତି ସମ୍ପର୍ଣ୍ଣ କରାଯାଇଥିଲା। ପରେ ବଡ଼ ସିଂହାର ଭୋଗ ଲାଗି କରାଯାଇଥିଲା। ନୀତି ପାଳିଆ ସେବକ ସମସ୍ତ ନୀତିକାନ୍ତି ସମାପନ କରିଥିଲେ। ରାତି ୪ରୁ ଭକ୍ତ ମାନେ ଦର୍ଶନ ନିମନ୍ତେ ଦ୍ୱାର ଫିଟାଯାଇଥିଲା। ଏହା ପରେ ଶ୍ରଦ୍ଧାଳୁ ମାନେ ଜଳାଭିଷେକ କରିଥିଲେ। ଶୃଙ୍ଖଳିତ ଜଳ ଲାଗି ପାଇଁ ବିଭିନ୍ନ ଗ୍ରାମରେ ଥିବା ମନ୍ଦିର ପରିଚାଳନା କମିଟି ସହଯୋଗ କରିଥିଲେ।

## ଆକାଂକ୍ଷା ହାଟର ଶୁଭାରମ୍ଭ

ଢ଼େଙ୍କାନାଳ, (ଭାସ୍କର ନ୍ୟୁଜ୍): ଓରମାସ ପକ୍ଷରୁ ସୋମବାର ଅପରାହ୍ନରେ ସ୍ଥାନୀୟ ମିନି ଷ୍ଟାଡ଼ିୟମ ଠାରେ ଢେଙ୍କାନାଳ ଆକାଂକ୍ଷା ଜିଲ୍ଲାର ବିଭିନ୍ନ ଉତ୍ପାଦ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରି ନିମନ୍ତେ ଏକ ହାଟର ଶୁଭାରମ୍ଭ ହୋଇଛି। ଏହି ହାଟକୁ ନୂତନ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସ୍ୱୟଂସହାୟକ ଗୋଷ୍ଠୀ ମାନଙ୍କ ହସ୍ତଶିଳ୍ପ ଓ ସ୍ଥାନୀୟ ଉତ୍ପାଦ କ୍ରୟକରି ଉଦ୍ୟୋଗୀ ମାନଙ୍କୁ ଉତ୍ସାହିତ




କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏହି ହାଟ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାଯାଇଛି। ଶୁଭାରମ୍ଭ ସମୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତି ରଂଜନ ସେଠୀ, ଓରମାସର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବଳ କୁମାର ଜେନାମଣିଙ୍କ ସମେତ ଓରମାସର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ସ୍ୱର୍ଗତ ଦିଲ୍ଲୀପ ରାଉତଙ୍କ ଶ୍ରଦ୍ଧାଞ୍ଜଳି ସଭା

ବ୍ୟାସନଗର, (ଭାସ୍କର ନ୍ୟୁଜ୍): ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ସ୍ୱର୍ଗତ ଦିଲ୍ଲୀପ କୁମାର ରାଉତଙ୍କ ପ୍ରଥମ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ କୋପଣ୍ଡସ୍ଥିତ ବାସଭବନରେ ବ୍ୟାସନଗର ନାଗରିକ କମିଟିର ସଭାପତି ଡାକ୍ତର ହେମନ୍ତ କିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଓ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. କୁଶ ଚନ୍ଦ୍ର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ମାନ୍ୟବର କୋରେଇ ବିଧାୟକ ଆକାଶ ଦାସ ନାୟକ, ପ୍ରାକ୍ତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ଶିକ୍ଷାବିତ ଡ ଦୁଷ୍ମନ୍ତ କୁମାର ନାୟକ, ସୌରଭମୟ ଦାସ, ପ୍ରଫୁଲ୍ଲ କୁମାର ନାୟକ, ସୁଧାନିଧି ମହାପାତ୍ର, ବିଦ୍ୟାଧର ମହାନ୍ତି, ମଧୁସୂଦନ ମହାପାତ୍ର, ଶିବଚରଣ ମାଝୀ, ଦିଗନ୍ତ ରାଉତ, ବି ଏସ କେ ସାମଲ, ନିରଞ୍ଜନ ଘଡ଼ାଇ, ଅଶୋକ କୁମାର ରାଉତ, ବାବାଜୀ ଚରଣ ମଲ୍ଲିକ, ବିଭୀଷଣ ନାୟକ, ଜ୍ଞାନରଞ୍ଜନ ରାଉତ, ପ୍ରଶାନ୍ତ କୁମାର ରାଉତ, ପୁତୁରା ଶିବାନନ୍ଦ ରାଉତ, ପୁତ୍ର ଶୁଭଜିତ ରାଉତ, ରମେଶ ପାତ୍ର, ମନମୋହନ ନାୟକ, କିଶୋର କୁମାର ରାଉତ ପ୍ରଭୃତି ସ୍ୱର୍ଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ରାଉତ ତାଙ୍କ ଜୀବନ ଅବଧି ମଧ୍ୟରେ ଓ ବ୍ୟାସନଗର ମହା ବିଦ୍ୟାଳୟରେ ଚାକିରି ସମୟରେ ଛାଡିଯାଇଥିବା ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ବାଗ୍ମୀ ଶିକ୍ଷକତା, ତ୍ୟାଗ, ସ୍ପଷ୍ଟବାଦିତା, ରାଜକୀୟ ପରିଚାଳନା, ସାଲିସବିହୀନ ଜୀବନଶୈଳୀ ତାଙ୍କୁ ସବୁଦିନେ ଅମର କରି ରଖିବା ସହ ଅନ୍ୟମାନଙ୍କ ପାଇଁ ଜଣେ ପ୍ରେରଣା ଓ ଉଦାହରଣ ହୋଇ ରହିବେ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। ସଂଯୋଜକ ଡ ପ୍ରଧାନ ସ୍ୱର୍ଗତ ରାଉତଙ୍କ ସ୍ମୃତି ଉଦ୍ଦେଶ୍ୟରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କୁ ଇଂରାଜୀ ବିଷୟରେ ନିଃଶୁଳ୍କ ଶିକ୍ଷାଦାନ ଷ୍ଟାଡିଅମ ରୋଡ଼ସ୍ଥିତ କ୍ରିଷ୍ଣ ଇଣ୍ଟରନେଶନାଲ ସ୍କୁଲରେ ଆରମ୍ଭ କରିଛନ୍ତି ଓ ଇଂରାଜୀ ଭାଷା ଓ ସାହିତ୍ୟ ଉପରେ ବିଭିନ୍ନ ସମୟରେ ସମ୍ମାନ କରାଯିବ ବୋଲି ଘୋଷଣା ଓ ମତବ୍ୟକ୍ତ କରିଥିଲେ। ବ୍ୟାସନଗର ମହାବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଓ ବ୍ୟାସନଗର ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ମାନେ ସ୍ୱର୍ଗତ ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରତ୍ନାକର ରାଉତ ଓ ରାଉତ ପରିବାରର ସଦସ୍ୟମାନେ ସହଯୋଗ ପ୍ରଦାନ କରିଥିଲେ। ଶେଷରେ ବରିଷ୍ଠ ସାମ୍ବାଦିକ ସୁଜିତ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂତନ ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳର ନୂତନ ଜିଲ୍ଲାପାଳ ଭାବେ ଆଶିଷ ଈଶ୍ୱର ପାଟିଲ ନୂତନ ଜିଲ୍ଲାପାଳ ଭାବେ ଦାୟୀତ୍ୱ ଗ୍ରହଣ କରିଛନ୍ତି। ଏଥି ପୂର୍ବରୁ ସେ ମାଲକାନଗିରିର ଜିଲ୍ଲାପାଳ ଭାବେ କାର୍ଯ୍ୟ ନିର୍ବାହ କରୁଥିଲେ। ୨୦୧୭ ବ୍ୟାଚ୍‌ର ଭାରତୀୟ ପ୍ରଶାସନିକ ଅଧିକାରୀ ଭାବେ ନିଜର ଦାୟିତ୍ୱ ସୁଚାରୁ ଭାବରେ ନିର୍ବାହ କରି ବିଭିନ୍ନ ଜିଲ୍ଲାରେ ପ୍ରିୟ ପାତ୍ର ହୋଇପାରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ନିଜ ସରକାରୀ ଗାଡିରୁ ନାଲିବତୀ ଉଠାଇବା ସହ ଡୋର୍ କାଚରୁ କଳା ରଙ୍ଗର ଫିଲାମେଣ୍ଟ ଉଠାଇଦେଇ ନିଜକୁ ସଚ୍ଚୋଟ ଏବଂ ଜନସାଧାରଣଙ୍କ ନିକଟତର ହେବା ପାଇଁ ଏଭଳି ପଦକ୍ଷେପ ନେଇଥିବାରୁ ଢେଙ୍କାନାଳବାସୀ ତାଙ୍କୁ ପ୍ରଶଂସା କରିଛନ୍ତି।

# ରେଡ଼ିଓ ଭାବଗ୍ରାହୀ ପକ୍ଷରୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ଜିଲ୍ଲାର ଏକମାତ୍ର ଗୋଷ୍ଠୀ ବେତାର କେନ୍ଦ୍ର ରେଡ଼ିଓ ଭାବଗ୍ରାହୀ ଆନୁକୂଲ୍ୟରେ ନୋବେଲ ବିଜେତା ଭାରତ ରତ୍ନ ବିଶିଷ୍ଟ ବୈଜ୍ଞାନିକ ଡ. ସି.ଭି ରମଣଙ୍କ ଅମ୍ଳାନ ସ୍ମୃତି ଆଧାରିତ ଏକ ବିଶେଷ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଭବ୍ୟ ଅବସରରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଏବଂ ବିଶ୍ୱ ହେପାଟାଇଟିସ ଦିବସ ସମ୍ପର୍କୀତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରେଡ଼ିଓ ଭାବଗ୍ରାହୀର ବିଜ୍ଞାନ ଦିଗନ୍ତ, ଆମ ପରିବେଶ ଏବଂ ଶିଶୁ ରାଇଜ କାର୍ଯ୍ୟକ୍ରମ ପାଇଁ ପ୍ରସାରିତ ହୋଇଯାଇଛି। ରେଡ଼ିଓ ଭାବଗ୍ରାହୀର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମସ୍ତ କାର୍ଯ୍ୟକ୍ରମରେ ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଶ୍ରୀମତୀ ଧୀରାମଣି ପରିଡା, ଭାବଗ୍ରାହୀ କଳା ନିକେତନର ସହ ସମ୍ପାଦିକା ତଥା କଣ୍ଠଶିଳ୍ପୀ ନିରୁପମା ଜେନା,ପ୍ରସାରଣ ସହାୟକ ଗୌର କୁମାର ଦାସ, ରେଡ଼ିଓ ଜକି ସୁଶ୍ରୀ ପୂଜାଶ୍ରୀ, ରେକର୍ଡିଷ୍ଟ୍ ପ୍ରଭାତ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। କଳା ନିକେତନ ପରିସରରେ ପ୍ରକୃତି ସଂରକ୍ଷଣ ଦିବସ ଉପଲକ୍ଷେ ବିଭିନ୍ନ ଫୁଲ ଗଛ ଏବଂ ତୁଳସୀ ଗଛ ରୋପଣ କରାଯାଇ ଥିଲା। ଶିଶୁ ରାଇଜ କାର୍ଯ୍ୟକ୍ରମ ପାଇଁ ବିଦ୍ୟାଳୟ ପରିକ୍ରମାରେ ମହାକାଳପଡା ବ୍ଲକ ଅନ୍ତର୍ଗତ ବାଲିଆ ସ୍ଥିତ ଗଛ ମଙ୍ଗଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଶିଶୁ ଗୀତ ଓ ଗପ ଭିତ୍ତିକ କାର୍ଯ୍ୟକ୍ରମ ପ୍ରସାରିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପେନ୍ଦ୍ର ପାଢ଼ୀ, ରଞ୍ଜନ ବରାଳ, ଅଜୟ ଜେନା, ବଳରାମ ମଲିକ ସହଯୋଗ କରିଥିଲେ। ରେଡ଼ିଓ ଭାବଗ୍ରାହୀର ଲୋକାଭିମୁଖୀ କାର୍ଯ୍ୟକ୍ରମ ପ୍ରତି ଦିନ ସକାଳ ଏବଂ ସନ୍ଧ୍ୟା ଛଅଟାରୁ ୯ଟା ପର୍ଯ୍ୟନ୍ତ ଶୁଣିବାକୁ ସମସ୍ତ ଶ୍ରୋତାମାନଙ୍କୁ ରେଡ଼ିଓ ଭାବଗ୍ରାହୀ ତରଫରୁ ପ୍ରତିଷ୍ଠାତା ବିମଳ ପ୍ରସାଦ ପରିଡା ଅନୁରୋଧ କରିଛନ୍ତି।

# ବିଶ୍ୱ ହେପାଟାଇଟିସ୍ ଦିବସ ପାଳିତ

ଆଳି, (ଭାସ୍କର ନ୍ୟୁଜ୍):କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତି, କେନ୍ଦ୍ରାପଡା ତରଫରୁ ଆଜି ଅପରାହ୍ନରେ ଜିଲ୍ଲାସ୍ତରୀୟ ବିଶ୍ୱ ହେପାଟାଇଟିସ ଦିବସ ୨୦୨୫ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମିଶନ ନିର୍ଦ୍ଦେଶକ ଡ. ମନୋରଞ୍ଜନ ରାଉତ ପୌରହିତ୍ୟ କରିଥଲେ। ପାଞ୍ଚ ପ୍ରକାର ହେପାଟାଇଟିସ - ଏ, ବି, ସି, ଡି ଏବଂ ଇ ଉପରେ ଉପସ୍ଥିତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ଗୌରାଙ୍ଗ ଚରଣ ଗିରି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଶ୍ୟାମ ସୁନ୍ଦର ଟୁଡୁ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ - ଡ. ସଚ୍ଚିଦାନନ୍ଦ ମିଶ୍ର, ଏଡିଏମ ଓ ମେଡ଼ିକାଲ ଡ. ପ୍ରମୋଦ କୁମାର୍ ପ୍ରହରାଜ, ଡିପିଏମ ମନୋରଂଜନ ସାହୁ, ଏପିଡେମିଓ ଲୋଜିଷ୍ଟ ଡ. ଅଶୋକ କୁମାର ସାହୁ, ଆକାଉଣ୍ଟସ୍ ଅଫିସର ଆଶୁତୋଷ ତ୍ରିପାଠୀ, ମାଇକ୍ରୋ ବାୟୋଲୋଜିଷ୍ଟ ବିଜେତା ନନ୍ଦ ଓ ସତ୍ୟନାରାୟଣ ସିଂହ, ଡିପିଏଚସିଓ ସତ୍ୟ ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ଏଏନଏମ ଟ୍ରେନିଂ ସେଣ୍ଟର୍ ଛାତ୍ରୀମାନଙ୍କ ମଧ୍ୟରେ ରଚନା ପ୍ରତିଯୋଗିତା କରି ବିଜେତାମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଟାଟୋ କରିବା ଦ୍ୱାରା ହେପାଟାଇଟିସ ମଧ ବ୍ୟାପିଥାଏ। ସେଥିପାଇଁ ଯୁବ ସମାଜ ଟାଟୋ ନକରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଜନ୍ମ ସମୟରେ ହେପାଟାଇଟିସ ଟୀକା ପ୍ରଦାନ କରାଯାଉଛି। ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନଙ୍କୁ ମଧ୍ୟ ହେପାଟାଇଟିସ ଟିକା ପ୍ରଦାନ କରାଯାଉଛି। ସର୍ବୋପରି ସମସ୍ତେ ସଚେତନ ରହିଲେ ହେପାଟାଇଟିସକୁ ଆମେ ଦୂରେଇ ପାରିବା ବୋଲି ଆଲୋଚନକ୍ଷ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଆସିଷ୍ଟାଣ୍ଟ ମ୍ୟାନେଜର-ମମତା ଦାସ, ଶ୍ୟାମସୁନ୍ଦର ବରାଳ, ଜ୍ୟୋସ୍ନା ନାୟକ ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତିରଞ୍ଜନ ପରିଡ଼ା ଓ ଏ ଏନ ଏମ ଟ୍ରେନିଂ ସେଣ୍ଟରର ପ୍ରିନ୍ସିପାଲ ଭାରତୀ ସ୍ୱାଇଁ, ଟ୍ୟୁଟୋର, ସମସ୍ତ ଛାତ୍ରୀ ଓ ଆଶା କର୍ମୀ ଉପସ୍ଥିତ ଥିଲେ। ଡେପୁଟି ମ୍ୟାନେଜର, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ - ସୁକାନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପୁରୁଣା ମେଡିକାଲ କ୍ୟାମ୍ପସରେ ଉପସ୍ଥିତ ଅଂଶଗ୍ରହଣକାରୀ ମାନେ ବିଶ୍ୱ ହେପାଟାଇଟିସ ଉପରେ ରାଲି କରି ସ୍ଲୋଗାନ ଦେଇଥିଲେ।

## ମାଇଁ ଭାରତ ପକ୍ଷରୁ କାର୍ଗିଲ୍ ବିଜୟ ଦିବସ ପାଳିତ

# ସହିଦଙ୍କୁ ଶ୍ରଦ୍ଧାଞ୍ଜଳୀ ସହ ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଏଠାରୁ ପ୍ରାୟ ୫ କି.ମି. ଦୂରବର୍ତ୍ତୀ ମେଦିନୀପୁର ଉଚ୍ଚବିଦ୍ୟାଳୟ କ୍ରୀଡ଼ା ପ୍ରାଙ୍ଗଣରେ ଏକ ଗମ୍ଭୀର ବାତାବରଣ ମଧ୍ୟରେ ଭାରତ ସରକାରଙ୍କ ଯୁବ ବ୍ୟାପାର କ୍ରୀଡା ମନ୍ତ୍ରଣାଳୟ ପରିଚାଳିତ ମାଇଁ ଭାରତ, କଳାହାଣ୍ଡି ଓ ଜଓ୍ୱାନ୍ ଫିଜିକାଲ୍ ଏକାଡେମୀ, ଭବାନୀପାଟଣାର ମିଳିତ ଆନୁକୂଲ୍ୟରେ କାର୍ଗିଲ ବିଜୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଳାହାଣ୍ଡି ଜିଲ୍ଲା ମାଇ ଭାରତର ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ୍ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ମେଦିନିପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସୁଶିଲ କୁମାର ବିଶ୍ୱାଳ ଯୋଗଦେଇ ଦେଶର ସୁରକ୍ଷା ପାଇଁ ପ୍ରାଣ ବଳି ଦେଇଥିବା ସୈନିକ ମାନଙ୍କ ଦେଶପ୍ରେମ ଓ ଦେଶପାଇଁ ଆତ୍ମ ଉତ୍ସର୍ଗୀକୃତ ସେବା ସମ୍ପର୍କରେ ଆଲୋଚନା କରିବା ସହ ସେମାନଙ୍କୁ ଭକ୍ତି ପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଏକ ଦେଶପ୍ରେମମୟ ରାଲି ମଧ୍ୟ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ କି ଯୁବପିଢି ଦେଶ ପାଇଁ ସେମାନଙ୍କ ଦାୟିତ୍ୱ ବୁଝି ପାରୁଥିବା ଲକ୍ଷ୍ୟ କରା ଯାଇଥିଲା। ପରେ ଏକ ଅନୁଷ୍ଠାନିକ ସଭାର ଆୟୋଜନ କରାଯାଇଥିଲା ଅତିଥିମାନେ ଉପସ୍ଥିତ ହୋଇ ଦେଶପ୍ରେମ, ଭାରତୀୟ ସେନାଙ୍କ ତ୍ୟାଗ ଓ ତାଙ୍କର ଅଦ୍ୱିତୀୟ ସାହସ ବିଷୟରେ ଅଭିଭାଷଣ ରଖିଥିଲେ। ଏହି ଅବସରରେ ସମ୍ମାନିତ କରାଯାଇଥିଲା ଭୁପେନ୍ଦ୍ର ନାଏକ, ଅବସରପ୍ରାପ୍ତ ସେନା କର୍ମଚାରୀ, ହାବିଲଦାର ରାଜକିଶୋର ପତି, ସୁବେଦାର କେ. କେ. ବାଗ, ବିହାର ରେଜିମେଣ୍ଟ ଓ ବାହାଦୁର ସେନା ଯେଉଁମାନେ ଦେଶ ପାଇଁ ନିଜ ଜୀବନ ଓ ସ୍ୱପ୍ନ ବଳୀଦାନ କରିଛନ୍ତି, ସେମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଓ ଗର୍ବ ଭାବରେ ସମ୍ମାନିତ କରାଯାଇଥିଲା । ଏଥିରେ ଅତିଥିମାନେ କହିଥିଲେ ଏହିପରି କାର୍ଯ୍ୟକ୍ରମ ଯୁବପୀଢ଼ି ମାନଙ୍କୁ ମାନସିକ ଭାବେ ଦେଶ ପାଇଁ କିଛି କରିବାରେ ପ୍ରେରିତ କରିବ । ସେନାଙ୍କ ତ୍ୟାଗ ଓ ଆତ୍ମବଳିଦାନକୁ ଆମେ ଯେତେବେଳେ ମନେ ପକାଉଛୁ, ମନେ ପଡୁଛି ଆମେ ମଧ୍ୟ ଆଜି ଏହି ଦେଶ ପାଇଁ କିଛି କରିପାରିବା ଦାୟିତ୍ୱ ନେବା ଉଚିତ । ପରିଶେଷରେ ଧନ୍ୟବାଦ୍ ଦେଇ ଥିଲେ ପ୍ରକୃତିବନ୍ଧୁ ଶମ୍ଭୁ ବିଶି । ଅବସରରେ ବୃକ୍ଷରୋପଣ ଅଭିଯାନ ମଧ୍ୟ ଅନୁ ହୋଇଥିଲା । କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ଚୁଡାମଣି ମାଝି, ରାଜବୀର ବାଗ, ଦୀପକ ବେହେରା, ମନୀଷ ସାହୁ, ଅଭିଷେକ ମହାପାତ୍ର, ବନ୍ଦୀନୀ ମାଝି, ବୃନ୍ଦାବତୀ ନାଗ, ବିଷ୍ଣୁ ବାଗ ଓ ଅନ୍ୟାନ୍ୟ ସ୍ୱେଚ୍ଛାସେବୀମାନେ।

## ବିଶାଖାପାଟଣାରେ ଆୟୁଷ୍ମାନ କାର୍ଡ ଅକାମୀ ଘଟଣା ।।।।।।

# ରୋଗୀଙ୍କୁ ସାହାଯ୍ୟର ହାତ ବଢ଼ାଇଲା ‘ଆମେ ବିପଦର ବନ୍ଧୁ’



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବାତେଲିମା ଗାଁର ମିଥୁନ ହରିଜନ ନାମକ ଜଣେ ଯୁବକ ଅତ୍ୟନ୍ତ ଗୁରୁତର ଭାବେ ବିଶାଖାପାଟଣା ସ୍ଥିତ ସେଭେନ ହିଲ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଖବର ମିଳିଥିଲା। ତେବେ ସେଠାରେ ଆୟୁଷ୍ମାନ ଭାରତ କାର୍ଡ କାମ ନଦେବାରୁ ମିଥୁନଙ୍କ ପରିବାର ପାଇଁ ଅଡୁଆ ବଢିଥିଲା। ଏପରିକି ଆଇସିୟୁ ଭିତରେ ଥିବା ମିଥୁନଙ୍କ ଦୈନିକ ଚିକିତ୍ସା ଖର୍ଚ୍ଚ ୫୦ ହଜାର ହେଉଥିବାବେଳେ ତାଙ୍କ ବୃଦ୍ଧ ବାପ-ମାଆ ଟଙ୍କା ଯୋଗାଡ଼ କରି ପାରୁନଥିବା ଖବର ମିଳିଥିଲା। ଖବର ପାଇ ସହାୟତା ପାଇଁ ଆଗକୁ ଆଗେଇ ଆସିଥିଲେ ‘ଆମେ ବିପଦର ବନ୍ଧୁ’ ହ୍ୱାଟ୍ସଆପ ଗ୍ରୁପର ସଦସ୍ୟମାନେ। ବିଭିନ୍ନ ସମୟରେ ଗରିବ, ଦୁସ୍ଥ ଓ ଅସହାୟଙ୍କ ପାଇଁ କ୍ରାଉଡ଼ ଫଣ୍ଡିଂ ଜରିଆରେ ଅର୍ଥରାଶି ସଂଗ୍ରହ କରି ସେଇ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରିଆସୁଛନ୍ତି ଏହି ହ୍ୱାଟ୍ସଆପ ଗ୍ରୁପର ସଦସ୍ୟମାନେ। ମିଥୁନଙ୍କ ସମ୍ପର୍କରେ ଖବର ପାଇଁ ଗ୍ରୁପର ସଦସ୍ୟମାନେ ତତ୍ପରତା ପ୍ରକାଶ କରିବା ସହିତ ତାଙ୍କ ଚିକିତ୍ସା ପାଇଁ ଅର୍ଥ ସହାୟତା ପାଇଁ ନିବେଦନ କରିଥିଲେ। ସହାୟତା ପାଇଁ ନିବେଦନ କରିବାର ମାତ୍ର ତିନିଦିନ ମଧ୍ୟରେ ଗ୍ରୁପର ୨୫୩ ସଦସ୍ୟ ଓ ଅନ୍ୟମାନେ ସହଯୋଗର ହାତ ବଢାଇବା ଫଳରେ ୧୧୦ ଜଣଙ୍କଠାରୁ ୪୫ ହଜାର ୫୦୦ ଟଙ୍କା ସଂଗୃହୀତ ହୋଇଥିଲା। ଏହି ସଂଗୃହୀତ ଅର୍ଥରାଶିକୁ ମିଥୁନଙ୍କ ଜମାଖାତାକୁ ପଠାଇ ଦିଆଯାଇଛି। ଏହି ଅବସରରେ ମିଥୁନ ଓ ତାଙ୍କ ପରିବାର ଲୋକେ ସେଇ ଅଜଣା ଅଶୁଣା ଦାତା ଓ ସହାୟତାକାରୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ସେହିପରି ମିଥୁନଙ୍କ ଅବସ୍ଥା ମଧ୍ୟ ଧିରେ ଧିରେ ସୁଧୁରିଥିବା ଜଣାପଡ଼ିଛି। ଖୁବ୍ କମ୍ ଦିନ ମଧ୍ୟରେ ସେ ହସ୍ପିଟାଲରୁ ବାହାରିବେ ବୋଲି ସୂଚନା ମିଳିଛି।

# ‘ସଶକ୍ତ ନାରୀ, ସଶକ୍ତ ଦେଶ’ କାର୍ଯ୍ୟକ୍ରମ

ନର୍ଲା(ଭାସ୍କର ନ୍ୟୁଜ୍): ମହିଳା ସଶକ୍ତ ହେଲେ ଦେଶ ସଶକ୍ତ ହେବ ଏହି ନାରା ଚାରିଆଡ଼େ ଗୁଞ୍ଜରିତ ହେଉଛି। ସେହି ନାରାକୁ ଆଉ ଏକ ପାଦ ଆଗେଇ ନେବାରେ ସହାୟକ ସାଜିଛି କଳାହାଣ୍ଡି ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବିକାଶ ନର୍ସିଂ କଲେଜ୍। ଏହି କଲେଜର ଛାତ୍ରଛାତ୍ରୀ ମାନେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଗାଁକୁ ଯାଇ ପଥପ୍ରାନ୍ତ ନାଟକ ମାଧ୍ୟମରେ ଗ୍ରାମାଞ୍ଚଳର ମହିଳା ମାନଙ୍କୁ ବିଭିନ୍ନ ବିଷୟରେ ସଚେତନ କରୁଥିବା ଦେଖିବାକୁ ମିଳିଛି। ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ ଓ ସମାଜର କୁସଂସ୍କାରକୁ ନେଇ ସଚେତନ କରୁଥିବା ବେଳେ ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି ଜିଲ୍ଲାର ୧୦ ଗୋଟି ଗ୍ରାମ ପଞ୍ଚାୟତରେ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି। ନର୍ଲା ବ୍ଲକ୍ ଅନ୍ତର୍ଗତ ବାଗପୁର୍ ପଞ୍ଚାୟତର ବାଗପୁର୍ ଗାଁ ସହିତ ଲାଞ୍ଜିଗଡରୋଡ଼, ଶିରୋଲ୍, ସରଗୁଲ୍, ମାଲପଡା, ବଡ଼କୁଟରୁ, ଫୁପଗାଁ, ତାରାପୁର, ଖଅଗାଁ, ଖଲିଆକାନି ପ୍ରଭୃତି ସ୍ଥାନରେ ଏହି ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ସୂଚନା ଦେଇ ଛନ୍ତି କଲେଜର ଅଧ୍ୟାପକ ଓ ଛାତ୍ରଛାତ୍ରୀ। ବାଗପୁର୍ ଗାଁରେ ଅନୁଷ୍ଠିତ ଏହି ସଚେତନ କାର୍ଯ୍ୟକ୍ରମରେ ବାଗପୁର୍ ସରପଞ୍ଚଙ୍କ ସହିତ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ସଚେତନ ଭିତ୍ତିକ ପଥପ୍ରାନ୍ତ ନାଟକର ମଜା ନେଇ ଥିଲେ।




# ୧୫ ଦିନରେ ଧୋଇଗଲା ପୋଲ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସରକାର ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଅଧିବାସୀଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ତାହା ଅତି କମ୍ ଦିନ ମଧ୍ୟରେ ନଷ୍ଟ ହୋଇଯାଉଛି। ଟଙ୍କା ଆସୁଛି। କାମ ବି ହେଉଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଠିକାଦାର ପ୍ରୀତି ଯୋଗୁଁ ନିମ୍ନମାନର କାମ ଯୋଗୁଁ ତାହା କମ୍ ଦିନ ମଧ୍ୟରେ ନଷ୍ଟ ହୋଇଯାଉଛି। ଥୁଆମୂଳ ରାମପୁର ବ୍ଲକରେ ଏମିତି ଏକ ଘଟଣା ଘଟିଛି। ୧୦ ଲକ୍ଷ ଟଙ୍କାର ପୋଲ ନିମ୍ନମାନର କାମ ଯୋଗୁଁ ନିର୍ମାଣର ୧୫ ଦିନ ମଧ୍ୟରେ ଧୋଇ ଯାଇଛି। ବିରିକୋଟ ପଞ୍ଚାୟତର ବଳଙ୍ଗି ଓ ତେନ୍ତୁଳି ପଦର ଗାଁ ମଝିରେ ଏକ ନାଳ ଅଛି। ଏହି ନାଳ ଯୋଗୁଁ ବର୍ଷାଦିନେ ୨ଟି ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେଉଛି। ଲୋକ ଯିବା ଆସିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏଠାରେ ଏକ ପୋଲ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୋଲ ନିର୍ମାଣ କରାଯାଇଥିଲା। ହେଲେ ଲୋକେ ପୋଲ ଉପରେ ଯିବା ଆସିବା କରିବା ପୂର୍ବରୁ ପୋଲଟି ଧୋଇ ଯାଇଛି। ତେବେ ଏନେଇ ଥୁଆମୂଳ ରାମପୁର ବିଡିଓ ଧୃବଚରଣ ମୁଦୁଲିଙ୍କୁ ପଚାରିବାରୁ ଯଦି ଏମିତି ହୋଇଛି ତାହାହେଲେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସଫେଇ ଦେଇଛନ୍ତି। ଅନ୍ୟପକ୍ଷେ ଦୁର୍ଗମ ଅଞ୍ଚଳ ବୋଲି ସରଳ ଅଧିବାସୀଙ୍କୁ ଭକୁଆ ବନାଇ ସରକାରୀ ଅଧିକାରୀ ଦୁର୍ନୀତି କରୁଛନ୍ତି। ଏହାର ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ‘ମନ କୀ ବାତ’ରେ କାର୍ଯ୍ୟକ୍ରମରେ ସାମିଲ ହେଲେ ସାଧାରଣ ନାଗରିକ



ଜୁନାଗଡ଼ (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ତାଲବନ୍ଧ ପଡ଼ା ଠାରେ ରବିବାର ଦିବା ୧୧ ଘଣ୍ଟା ସମୟରେ ଟିଭି ମାଧ୍ୟମରେ ଲାଇଭରେ ଯଶସ୍ୱୀ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କର ମନ୍ କୀ ବାତ କାର୍ଯ୍ୟକ୍ରମରେ ଜୁନାଗଡ଼ ତାଲବନ୍ଧ ପଡା ତଥା ୱାର୍ଡ ନମ୍ବର ୮,୯,୧୦ର ସମସ୍ତ ଜନସାଧାରଣ ସାମିଲ ହୋଇଥିବା ଦେଖାଦେଇଛି । ଏଥିରେ କଳାହାଣ୍ଡି ଜିଲ୍ଲାର ବହୁଜନ ସଂଗ୍ରାମ ସମିତି ସଭାପତି ତଥା ବିଜେପିର ଜୁନାଗଡ଼ ନଗର ସଂପାଦକ ରଞ୍ଜନ କୁମାର ଜାଲଙ୍କ ନିଜ ବାସ ଭବନ ତାଲବନ୍ଧ ପଡା ଠାରେ ସମସ୍ତ କର୍ମୀ ତଥା ୱାର୍ଡର ସମସ୍ତ ନାଗରିକଙ୍କୁ ଏକଜୁଟ କରି ସମସ୍ତଙ୍କୁ ସଚେତନତାର ବାର୍ତ୍ତା ଜଣାଇବା ସକାଶେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମନ୍ କି ବାତ କାର୍ଯକ୍ରମରେ ସାମିଲ କରାଇଥିଲେ। ପ୍ରଧାନ ମନ୍ତ୍ରୀଙ୍କ ମନ୍ କି ବାତ କାର୍ଯ୍ୟକ୍ରମକୁ ଟିଭି ମାଧ୍ୟମରେ ଲାଇଭ କାର୍ଯ୍ୟକ୍ରମକୁ ଉପସ୍ଥିତ ଥିବା ସମସ୍ତ ସକ୍ରିୟ ସଦସ୍ୟ ସଦସ୍ୟା ଓ ୱାର୍ଡର୍ ଜନସାଧାରଣ ଦିର୍ଘ ୩୦ ମିନିଟ ଧରି ଧ୍ୟାନର ସହିତ ଦେଖିବା ପରେ ଆମେ ମୋଦୀଙ୍କ ସଚେତନତାର ବାର୍ତ୍ତା ପାଇଥିବାରୁ ଜୁନାଗଡ଼ ତାଲବନ୍ଧ ପଡା ବାସିନ୍ଦା ଯଶସ୍ୱୀ ପ୍ରଧାନ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ ଥିଲେ ଏବଂ ମୋଦୀଜୀଙ୍କ ଏଭଳି ପଦକ୍ଷେପକୁ ବହୁତ ପ୍ରଶଂସା କରିଥିଲେ। ଏହି ମନ୍ କି ବାତ କାର୍ଯ୍ୟକ୍ରମରେ ଜୁନାଗଡ଼ର ନଗର ସଂପାଦକ ରଞ୍ଜନ କୁମାର ଜାଲ, ଜୁନାଗଡ ନଗର ଉପସଭାପତି ବିଜୟ ଭୂଷଣ ଦଣ୍ଡସେନା, ବଂଶୀଧର ମଶ୍ରା, ପଙ୍କଜ ପୁଝାରୀ ତଥା ବିଜେପିର ସକ୍ରିୟ ସଦସ୍ୟ ସଦସ୍ୟା ମଳୟ ପୁଝାରୀ , ପୁସ୍ତମ୍ ଚଲାନ, ଆକାଶ ପାଟମାଝି, ମୋହନଲାଲ ନାଏକ, ରବି ଶଙ୍କର ସୁନାନୀ, ପ୍ରଶାନ୍ତ ପୁଝାରୀ, ରମା ଦେଇ, ତପସ୍ୟା ସୁନାନୀ ଏବଂ ହେମାଙ୍ଗିନି ଜାଲ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ମନ୍ କି ବାତ କାର୍ଯ୍ୟକ୍ରମରେ ଜୁନାଗଡ଼ ବ୍ଲକ ତଳମଲା ଗ୍ରାମର ପୂର୍ବତନ ନାଏବ ସରପଞ୍ଚ ଲିଙ୍ଗରାଜ ସେନାପତିଙ୍କ ସହିତ ତାଙ୍କର ସହକର୍ମୀ ମଧ୍ୟ ସାମିଲ ହୋଇଥିବା ଦେଖାଦେଇଛି । ସର୍ବ ଶେଷରେ ଜୁନାଗଡ଼ର ବିଜେପିର ନଗର ସମ୍ପାଦକ ରଞ୍ଜନ କୁମାର ଜାଲ ମନକି ବାତ କାର୍ଯ୍ୟକ୍ରମ ଶେଷ ହେବା ପରେ ସମସ୍ତଙ୍କୁ ମୋଦୀଜୀଙ୍କ ସଚେତନତାର ବାର୍ତ୍ତାକୁ ନେଇ ଏକ ସାଧାରଣ ସଭା ମାଧ୍ୟମରେ ସମସ୍ତ ସଭ୍ୟ ସଭ୍ୟାଙ୍କୁ ବୁଝାଇ ଅନେକ ପ୍ରକାରର ସଚେତନତାର ବାର୍ତ୍ତା ଦେଇଥିବା ଦେଖାଦେଇଥିଲା।


# କୃଷି ଅଧିକାରୀଙ୍କ ସାର ଗୋଦାମ ଯାଞ୍ଚ




ନର୍ଲା,(ଭାସ୍କର ନ୍ୟୁଜ୍) : କୃଷି ଜିଲ୍ଲା ଅଧିକାରୀ ନର୍ଲା ଶୁଭେନ୍ଦୁ କର ଓ ସହକାରୀ କୃଷି ଅଧିକାରୀ ପ୍ରବୀଣ କୁମାର ସାହୁ ଗୁରୁବାର ଦିନ ରୁପ୍ରା ସମେତ ରୁପ୍ରାରୋଡ୍, ପଲମ, ଗିଗିନା, ମୁସ୍କୁଟି, ଭୀମକେଲା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଥିବା ବୀଜ, ରସାୟନିକ ସାର, କୀଟନାଶକ ଦୋକାନ ଗୁଡିକ ପରିଦର୍ଶନ କରି ଷ୍ଟକ୍ ଯାଞ୍ଚ୍ କରିଥିଲେ। ଏହି ସମୟରେ ବିଭିନ୍ନ ଦୋକାନରେ ଦର ତାଲିକା ନଥିବା ବେଳେ ସାର ବିକ୍ରି ରେଜିଷ୍ଟରରେ ଚାଷୀ ମାନଙ୍କ ଦସ୍ତଖତ ନଥିବା ଦେଖିବାକୁ ପାଇଥିଲେ। ତେବେ ଏସମ୍ପର୍କରେ ସାର ରିଟେଲର ମାନଙ୍କୁ ତାଗିଦ୍ କରିଥିବା ଜଣାପଡିଛି। ସେହିପରି ରୁପ୍ରା ପେକ୍ସ୍‌କୁ ମଧ୍ୟ ଉକ୍ତ ଅଧିକାରୀ ପରିଦର୍ଶନ କରିବା ସହିତ ସାରର ବିକ୍ରି ରେଜିଷ୍ଟର୍ ଦେଖି ଠିକ୍ ଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ। ଉକ୍ତ ପରିଦର୍ଶନ ସମୟରେ ଗ୍ରାମ୍ୟ କୃଷି କର୍ମଚାରୀ ତିଳୋତମା ସାଗର, କୃଷି ଅଧିଦର୍ଶକ, ରୁପ୍ରା ପେକ୍ସ୍ କାର୍ଯ୍ୟ ନିର୍ବାହୀ କୁମୁଦ ଚନ୍ଦ୍ର ମହାନନ୍ଦ, ପେକ୍ସ୍ ଡାଇରେକ୍ଟର ଅଜୟ ସେନାପତିଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ।

# ।।। ରେଡ଼ିଓ ପ୍ରେମରେ ବନ୍ଧା ଶତାୟୁ ରାଏଚନ୍ଦ୍ର ।।।

## ୧୦୧ ବର୍ଷରେ ବି ରେଡ଼ିଓ ସାଜିଛି ଜୀବନ ଧନ






କୋକସରା, (ଭାସ୍କର ନ୍ୟୁଜ୍) : ୫୦ ବର୍ଷ ପୂର୍ବେ ଗ୍ରାମ୍ୟ ଜୀବନ ଭିନ୍ନ ପ୍ରକାରର ଥିଲା। ଶାନ୍ତ ସରଳ ପରିବେଶରେ ରେଡ଼ିଓ ଜନଜୀବନକୁ ସାମୟିକ ମନୋରଞ୍ଜନର ଖୋରାକ ଯୋଗାଉଥିଲା। ଲୋକେ ଦେଶ ବିଦେଶର ଖବର ସାଙ୍ଗକୁ ଚାଷବାସ ଓ ପାଣିପାଗ ବିଷୟରେ ବେତାର ଯନ୍ତ୍ରରୁ ଜାଣିବାକୁ ପାଉଥିଲେ। ବିଭିନ୍ନ ସ୍ୱାଦର ସଂଗୀତ ମଧ୍ୟ ରେଡ଼ିଓରେ ପରିବେଷିତ ହେଉଥିଲା। ଏବେ ଆଉ ସେହି ସମୟ ନାହିଁ। ଗାଁରେ ଆଉ ଶୁଭୁନାହିଁ ରେଡିଓର ସୁମଧୁର ଧ୍ୱନି। ପରିବର୍ତ୍ତନ ସହ ନିରବି ଯାଇଛି ବେତାର ଯନ୍ତ୍ର ରେଡ଼ିଓ। ଏକଦା ମନୋରଞ୍ଜନର ମୁଖ୍ୟ ମାଧ୍ୟମ ଥିବା ରେଡ଼ିଓ ଏବେ କାଁ ଭାଁ ଲୋକଙ୍କ ଘରେ ଦେଖିବାକୁ ମିଳୁଛି। ତାହା ବି କାହା ଡଷ୍ଟବିନରେ ପଡ଼ିଛି ତ' ଆଉ କାହା କାନ୍ଥରେ ସ୍ମୃତି ପାଇଁ ଟଙ୍ଗା ଯାଇଛି। ଟେଲିଭିଜନ, ମୋବାଇଲ ଓ ଇଣ୍ଟରନେଟ ଯୁଗରେ ପ୍ରାୟତଃ ରେଡ଼ିଓର ବ୍ୟବହାର ବନ୍ଦ ହୋଇ ସାରିଲାଣି। ତଥାପି ଆଜି ମଧ୍ୟ ଅନେକ ଲୋକ ଅଛନ୍ତି ଯିଏ ରେଡ଼ିଓକୁ ନିଜ ଜୀବନ ଧନ କରିଛନ୍ତି। ଏମିତି ଏକ ରେଡ଼ିଓ ପ୍ରେମୀ ହେଉଛନ୍ତି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତ ସିଉନୀ ଗ୍ରାମର ଶତାୟୁ ନାଗରିକ ରାଏଚନ୍ଦ୍ର ବାଗ। ଯାହାଙ୍କୁ ଅଞ୍ଚଳର ଲୋକେ ‘ରେଡ଼ିଓ ମ୍ୟାନ୍’ ବୋଲି ମଧ୍ୟ କହିଥାନ୍ତି। ରାଏଚନ୍ଦ୍ର ଯେତେବେଳେ ଯୁବକ ଥିଲେ ସେହି ସମୟରୁ ହିଁ ରେଡ଼ିଓ ପ୍ରେମରେ ପଡିଥିଲେ। ଏବେ ୧୦୧ ବର୍ଷ ବୟସରେ ମଧ୍ୟ ସେ ଛାଡିପାରି ନାହାଁନ୍ତି ରେଡିଓର ବନ୍ଧନ। ସେ' ଯୁଆଡ଼େ ଯାଆନ୍ତି ସାଙ୍ଗରେ ରେଡ଼ିଓକୁ ନେଇ ଯାଆନ୍ତି। ରେଡିଓ ତାଙ୍କ ପାଇଁ ମନୋରଞ୍ଜନର ଏକମାତ୍ର ମାଧ୍ୟମ। ଖବର ଠାରୁ ଆରମ୍ଭ କରି ଗୀତ, ସଂଗୀତ ସବୁ କିଛି ଏହି ରେଡିଓରୁ ଶୁଣନ୍ତି। ବିଶେଷ କରି ସେ' ଖେଳ ଖବର ଶୁଣିବାକୁ ପସନ୍ଦ କରନ୍ତି ବୋଲି କହିଛନ୍ତି। ସକାଳୁ ରାତି ପର୍ଯ୍ୟନ୍ତ ରାଏଚନ୍ଦ୍ରଙ୍କ ହାତରେ ଥାଏ ତାଙ୍କ ପ୍ରିୟ ରେଡିଓ। ଏବେ ଆଉ ଦେହରେ ବଳ ନାହିଁ, ଚମ ଧୁଡୁଧୁଡୁ ହେଲାଣି। ତଥାପି ଯୁଆଡ଼େ ଯାଆନ୍ତି କାନ୍ଧରେ ରେଡ଼ିଓ ଓହଳେଇ ଯାଆନ୍ତି। ବୟସ ଯେତେ ବଢୁଛି ରେଡ଼ିଓ ସହ ତାଙ୍କ ପ୍ରେମ ସେତେ ପ୍ରଗାଢ଼ ହୋଇ ଉଠୁଛି। ଏହି ବରିଷ୍ଠ ନାଗରିକଙ୍କୁ ସରକାରୀ ସହାୟତା ଭାବରେ ମିଳୁଛି ବାର୍ଦ୍ଧକ୍ୟ ଭତ୍ତା ଓ ରାସନ୍ କାର୍ଡର ଚାଉଳ। ସେହି ଭତ୍ତା ଟଙ୍କାକୁ ସେ ଔଷଧ ପାଇଁ ଖର୍ଚ୍ଚ କରନ୍ତି, ତଥାପି ରେଡିଓ ଶୁଣିବା ପାଇଁ ସେହି ଟଙ୍କାରୁ କିଛି ଖର୍ଚ୍ଚ କରି ବ୍ୟାଟେରୀ ପକାଇବାକୁ କେବେ ଭୁଲନ୍ତି ନାହିଁ। ଘରେ ଥିଲେ ରେଡିଓ, ଘରୁ ବାହିରିଲେ ବି ରେଡିଓ। ବିପର୍ଯ୍ୟୟ ସମୟରେ ଟେଲିଭିଜନ, ମୋବାଇଲ, ଇଣ୍ଟରନେଟ ସବୁ ବନ୍ଦ ହୋଇଗଲେ ରେଡ଼ିଓ ବନ୍ଦ ହେବନାହିଁ। ରେଡ଼ିଓ ହେଉଛି ବିପର୍ଯ୍ୟୟ ବେଳର ସାଥି। ଯେତେଦିନ ପର୍ଯ୍ୟନ୍ତ ବଞ୍ଚିଛି, ରେଡ଼ିଓ ହେଉଛି ମୋର ଏକ ମାତ୍ର ସାଥୀ ବୋଲି ରାଏଚନ୍ଦ୍ର କହିଛନ୍ତି। ରେଡ଼ିଓ ପୂର୍ବେ କିପରି ଶ୍ରୋତାମାନଙ୍କ ପ୍ରୀୟ ଥିଲା ତା'ର ଏକ ଜ୍ୱଳନ୍ତ ପ୍ରମାଣ ହେଉଛନ୍ତି ଏହି ଶତାୟୁ ନାଗରିକ ରାମଚନ୍ଦ୍ର ବାଗ।

# ରାଶିଫଳ

**ମଙ୍ଗଳବାର, ୨୯ ଜୁଲାଇ ୨୦୨୫**



**ମେଷ:** ଚାକିରି ବ୍ୟବସାୟ ଉଭୟ କ୍ଷେତ୍ରରେ ଶୁଭ ପରିବେଶ ମିଳିବ। ପିଲାମାନେ ମହିଳାମାନେ ଆଶା ଠାରୁ ଅଧିକ ଖୁସିରେ ରହିବେ। ଶିକ୍ଷାବିଭାଗ, ଠିକାଦାରି, କଳକବଜା, ପୁସ୍ତକ ମୁଦ୍ରଣ, ଆର୍ଥିକ କାରାବାର, ଜାଗାବାଡି ଗୃହନିର୍ମାଣ ଆଦି କର୍ମ ସହିତ ଜଡିତ ବ୍ୟକ୍ତିବିଶେଷ ଆଶାତିତ ଫଳ ପାଇବେ।




**ବୃଷ:** ମାନ ସମ୍ମାନ,ଧନ କ୍ଷେତ୍ରରେ ଶୁଭଫଳ ମିଳିବ, କୌଣସି ଦିଗରୁ ରୋଜଗାର ନିମନ୍ତେ ସୁଯୋଗ ମିଳିବ। ମୋଟରଯାନ ଏବଂ କଳକାରଖାନା ସମ୍ବନ୍ଧିୟ କ୍ଷେତ୍ରରେ ରୋଜଗାରର ବାଟ ଫିଟିବ। ପିଲାମାନେ ଆଶା ଠାରୁ ଅଧିକ ଶୁଭଫଳ ପାଇବେ।



**ମିଥୁନ:** କୌଣସି ପ୍ରକାର ଯୋଜନାରେ ସଫଳ ହେବେ। କୌଣସି ଅତିତର ଯୋଜନାରେ ସଫଳ ହେବେ। କପଡା ବ୍ୟବସାୟ, ଜଳ ଏବଂ ମୃଦୁପାନୀୟ ବ୍ୟବସାୟ, ଔଷଧ ବ୍ୟବସାୟରେ ଉନ୍ନତି ଅନୁଭୁତ ହେବ। ପିଲାମାନଙ୍କର ଭବିଷ୍ୟତର ପାଠପଢା ଚାକିରି କ୍ଷେତ୍ରରେ ଶୁଭ ଖବର ମିଳିବ।



**କର୍କଟ:** ଟଙ୍କା ପଇସାକୁ ନେଇ ଚିନ୍ତା କମିବ ଏବଂ କୌଣସି ଜାଗାରୁ ଅର୍ଥ ଓ କର୍ମ ପ୍ରାପ୍ତିର ସୂଚନା ମିଳିବ। ନୂଆ ଭୂମି କ୍ରୟ, ଗାଡି କ୍ରୟ, ରୋଜଗାର ପନ୍ଥା, ଔଷଧ ଏବଂ ଖେଳ ସାମଗ୍ରୀ ଜନିତ ବ୍ୟବସାୟ ଆଦି କ୍ଷେତ୍ରରେ ଶୁଭଫଳ ମିଳିବ।



**ସିଂହ:** ଆଜି ରିଷ୍ଟ ପୂର୍ଣ୍ଣ ଦିବସ ରହିବ। ତେଣୁ ମଥାରେ ରକ୍ତ ଚନ୍ଦନ ଲଗାନ୍ତୁ ରିଷ୍ଟ ଖଣ୍ଡନ ହେବା ସହିତ ମନ ସକରାତ୍ମକ ଓ ଶାନ୍ତ ରହିବ। ମନ ଦ୍ୱନ୍ଦ ମଧ୍ୟରେ ରହିବ, କାହା ସହିତ ମତାନ୍ତର ହେବ। ତେଣୁ ଦିନ ଭରି ନିରବ ରହିବେ ମାତ୍ର କିଛି ସମସ୍ୟାରୁ ମୁକ୍ତି ପାଇବେ। ମାତ୍ର ସନ୍ତାନ ମାନଙ୍କୁ ନେଇ ଚିନ୍ତିତ ରହିବେ।




**କନ୍ୟା:** ଅଚାନକ ଖୁସି ଖବର ମିଳିବ। ନୂତନ କର୍ମ ସଂସ୍ଥାନର ସୁଯୋଗ ସୃଷ୍ଟି ହେବ। ପିଲାଙ୍କର ଉଚ୍ଚଶିକ୍ଷା ପ୍ରତି ଆଗ୍ରହ ବଢିବ ମାତ୍ର ଚାକିରି ବ୍ୟବସାୟରେ ସତର୍କ ରହିଥିବେ। ନଚେତ କ୍ଷୟକ୍ଷତି ହେବ। ମହିଳାମାନେ ଦୁର୍ବଳତା ଅନୁଭବ କରିବେ।



**ତୁଳା:** ଜାଗାବାଡି ଏବଂ ଗୃହନିର୍ମାଣ ବ୍ୟବସାୟରେ ଲାଭ ହେବ। ଦୂରଯାତ୍ରା ସଫଳ ରହିବ। ଅର୍ଥ ଚିନ୍ତା ଦୂର ହେବ ଏବଂ ମାନସିକ ଶାନ୍ତି ବଢିବ। ଯାନ୍ତ୍ରିକ ବିଭାଗ ଜନିତ ଚାକିରି ବା ଆୟର ବାଟ ମିଳିବ, ମନ ଉଗ୍ରସ୍ୱଭାବ ଭରା ରହିବ। ତେଣୁ ଦିନର ଅଧିକାଂଶ ସମୟ ନିରବ ରହିବା ଶୁଭ।



**ବିଛା:** ମନର ଆଶା ପୁରଣ ହେବ। ଚେଷ୍ଟା କରୁଥିବା କାମ ଗୁଡିକରେ ସଫଳ ହେବେ ତେଣୁ ମାନସିକ ଶାନ୍ତି ପ୍ରାପ୍ତ ହେବ। ଚାକିରିରେ ଶୁଭତ୍ୱ ଏବଂ ବ୍ୟବସାୟରେ ଲାଭ ବଢିବ। ପୁରୁଣା ରୋଗରୁ ଉପସମ ମିଳିବ। ଶତୃଭୟ ଥିଲେ ପରିବର୍ତ୍ତନ ହେବ। ପିଲାମନଙ୍କର ଭବିଷ୍ୟତର ପାଠପଢା ଏବଂ କର୍ମ ନିଯୁକ୍ତିକୁ ନେଇ ନିଷ୍ପତି ନେବାରେ ମନ ବିଚଳିତ ରହିବ।



**ଧନୁ:** ପାରିବାରିକ ପରିବେଷରେ ଖୁସି ମିଳିବ। ପିଲାଙ୍କର ଚାକିରିର ସୁଯୋଗ ଆସିବ। କର୍ମ କ୍ଷେତ୍ର ସ୍ଥିତିରେ ସୁଧାର ଆସିବ। ସରକାରୀ ସହାୟତା ମିଳିବ। ପରିବାରରେ ଦାୟିତ୍ୱ ବୃଦ୍ଧି ହେବ। ପାରିବାରିକ ସମ୍ପର୍କରେ ଆନନ୍ଦ ମିଳିବ। ବିଷ୍ଣୁ ସହସ୍ରନାମ ଶୁଣନ୍ତୁ କଲ୍ୟାଣ ହେବ।



**ମକର:** କୌଣସି ପ୍ରକାରର ଧୋକା ମିଳିବ। ଚେଷ୍ଟା କରୁଥିବା କାର୍ଯ୍ୟ ବିଗିଡି ଯିବ। ଗଚ୍ଛିତ ଅର୍ଥବ୍ୟୟ ବଢିବା ଫଳରେ ମନ ଅଶାନ୍ତ ରହି ସଠିକ ନିଷ୍ପତି ନେଇ ନପାରି ମନ ଦୁଃଖ ହେବ। ହଳଦି ଅକ୍ଷତ ଓ ଚନ୍ଦନ ମଥାରେ ଟିକା ଲଗାନ୍ତୁ। ଗୁରୁଜନଙ୍କର ଆଶିର୍ବାଦ ନିଅନ୍ତୁ।



**କୁମ୍ଭ:** ଆଜି ଦିନଟି ଶୁଭରେ ଶୁଭରେ କଟିବ। ଆଶା ଜନକ ସମସ୍ତ ପରିବେଶ ପରିସ୍ଥିତି ରହିବ। ଆଜି ବାଧାବିଘ୍ନ ରହିବ ତେଣୁ କିଛି ଚାଉଳ ଏବଂ ଗହମ ପାରାଙ୍କୁ ଦିଅନ୍ତୁ ଅଟକିଥିବା କାମ ପୁରଣ ହେବ।



**ମୀନ:** ଚାକିରି ବ୍ୟବସାୟ ଉଭୟ କ୍ଷେତ୍ରରେ ଶୁଭ ପରିବେଶ ମିଳିବ। ପିଲାମାନେ ମହିଳାମାନେ ଆଶା ଠାରୁ ଅଧିକ ଖୁସିରେ ରହିବେ। ମନ ମୁତାବକ ଆୟ କରିବାର ସୁଯୋଗ ସୃଷ୍ଟି ହେବ। ଶିକ୍ଷାବିଭାଗ, ଠିକାଦାରି, କଳକବଜା, ପୁସ୍ତକ ମୁଦ୍ରଣ, ଆର୍ଥିକ କାରାବାର, ଜାଗାବାଡି ଗୃହନିର୍ମାଣ ଆଦି କର୍ମ ସହିତ ଜଡିତ ବ୍ୟକ୍ତିବିଶେଷ ଆଶାତିତ ଫଳ ପାଇବେ।




ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯